

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ମରିସସ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବିବୃତି | ୬

ଅଫରକୁ ମନା କରିବାର କାରଣ କହିଲେ ପ୍ରୀତି | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୩୪୧ Vol. 21 No-341 11 MARCH 2025 TUESDAY BHUBANESWAR ମଙ୍ଗଳବାର, ୧୧ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଦ୍ୱିତୀୟ ଦିନରେ ବି ଚାଲିପାରିଲାନି ବିଧାନସଭା

# ପ୍ରବଳ ହଙ୍ଗାମା, ଗୃହ ମୁଲତବୀ



- ବାଚସ୍ପତିଙ୍କ ପୋଡ଼ିୟମ ମାଇକ୍ ଭାଙ୍ଗିଲେ
- ପୋଷ୍ଟର, ବ୍ୟାନର ଫିଙ୍ଗିଲେ
- ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେଲେ
- ଅନନ୍ତ ଦାସଙ୍କ ବିୟୋଗରେ ଶୋକପ୍ରସ୍ତାବ ପାରିତ

ଭୁବନେଶ୍ୱର,୧୦।୩(ଭାସ୍କର ନ୍ୟୁଜ): ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନଙ୍କର ଭିନ୍ନ ଭିନ୍ନ ପ୍ରସଙ୍ଗରେ ହଙ୍ଗାମା ଓ ନାରାବାଜୀ କାରଣରୁ ସୋମବାର ବିଧାନସଭାରେ ପ୍ରଥମାର୍ଦ୍ଧ ବୈଠକରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସମେତ ଅନ୍ୟ କାର୍ଯ୍ୟକ୍ରମ ହୋଇ ପାରି ନାହିଁ । ବାଚସ୍ପତି ସୁରମା ପାଢୀ ବାରମ୍ବାର ବିରୋଧୀ ଦଳର ବିଧାୟକ ମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ନିବେଦନ କଲା ପରେ ମଧ୍ୟ ବିରୋଧୀ ବିଧାୟକ ମାନେ ହଙ୍ଗାମା କରି ଥିଲେ । ଏହି କାରଣରୁ ପ୍ରଥମାର୍ଦ୍ଧରେ ବାଚସ୍ପତି ଗୃହକୁ ତିନିଥର ମୁଲତବୀ ଘୋଷଣା କରିଛନ୍ତି । ସୋମବାର ଗୃହ କାର୍ଯ୍ୟ ନର୍ଦ୍ଧାରିତ ୧୦.୩୦ ମିନିଟରେ ଆରମ୍ଭ ହୋଇଥିଲା । ପ୍ରଥମେ ଦିବଙ୍ଗତ ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ପାଇଁ ଶୋକ ପ୍ରସ୍ତାବ ପାରିତ ହୋଇଥିଲା । ଶୋକ ପ୍ରସ୍ତାବ ପାରିତ ହେବା ପରେ ବାଚସ୍ପତି ସୁରମା ପାଢୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ତେବେ ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନେ ଭିନ୍ନ ଭିନ୍ନ ପ୍ରସଙ୍ଗରେ ଗୃହର ମଧ୍ୟ ଭାଗକୁ ଚାଲି ଆସି ନାରାବାଜୀ କରିଥିବା ଦେଖିବାକୁ ମିଳିଥିଲା । ବିରୋଧୀ ବିଧାୟକ ମାନଙ୍କ ହାତରେ ପ୍ଲାକାର୍ଡ ଥିଲା । ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ଦ୍ୱାରା ଦିଆଯାଇଥିବା ବକ୍ତବ୍ୟକୁ ବିରୋଧ କରି ବିଜେଡି ବିଧାୟକ ମାନେ ହାତରେ ପ୍ଲାକାର୍ଡ ଧରି ଗୃହର ମଧ୍ୟ ଭାଗକୁ ଆସି ନାରାବାଜୀ କରିଥିଲେ । ସେମାନେ ବିଭାଜନକାରୀ ଶକ୍ତି ମାନେ ସାବଧାନ ହୁଅ ପରି ଅନେକ ସ୍ଲୋଗାନ ପ୍ଲାକାର୍ଡରେ ଲେଖିଥିବା ଦେଖିବାକୁ ମିଳିଥିଲା । ସେହିପରି ରାଜ୍ୟରେ ମହିଳା ମାନଙ୍କର ସୁରକ୍ଷା ପ୍ରସଙ୍ଗରେ ହାତରେ ପ୍ଲାକାର୍ଡ ଧରି କଂଗ୍ରେସ ବିଧାୟକ ମାନେ ଗୃହର ମଧ୍ୟ ଭାଗକୁ ଆସି ନାରାବାଜୀ କରିଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କ ଜିଲ୍ଲାର ଆଦିବାସୀ ମହିଳା ମାନଙ୍କୁ ସୁରକ୍ଷା ଦେଇ ପାରିବେ ତ ଭଳି ଅନ୍ୟ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ କଂଗ୍ରେସ ବିଧାୟକ ମାନେ ଧରି ଥିଲେ । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ବାରମ୍ବାର ଚଢୁଥିବା ଓ ସୁରକ୍ଷା କର୍ମୀ ମାନେ ତାଙ୍କୁ ଅଟକାଉଥିବା ଦେଖିବାକୁ ମିଳିଥିଲା । ବାଚସ୍ପତି ସୁରମା ପାଢୀ ବାରମ୍ବାର ବିରୋଧୀ ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯରେ ସହଯୋଗ କରିବାକୁ ନିବେଦନ କରୁଥିଲେ । ହେଲେ ବିରୋଧୀ ବିଧାୟକ ମାନଙ୍କ ଉପରେ କୌଣସି ପ୍ରଭାବ ଦେଖା ଦେଇ ନ ଥିଲା । ଶେଷରେ ବାଧ୍ୟ ହୋଇ ବାଚସ୍ପତି • ପୃଷ୍ଠା ୫ ଦେଖନ୍ତୁ

## ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ସୂଚନା

# ବଢୁଛି ବାଂଲାଦେଶୀଙ୍କ ଅନୁପ୍ରବେଶ



ଭୁବନେଶ୍ୱର,୧୦।୩(ଭାସ୍କର ନ୍ୟୁଜ): ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏମାନେ ବିଭିନ୍ନ ବାଟଦେଇ ଓଡ଼ିଶା ଭିତରକୁ ପ୍ରବେଶ କରିବା ସହ ବିଭିନ୍ନ ସ୍ଥାନରେ ଆଡ୍ଡା ଜମାଇ ରହୁଛନ୍ତି । ଏପରିକି ବିଭିନ୍ନ ଅପରାଧରେ ମଧ୍ୟ ସେମାନେ ସଂପୃକ୍ତ ରହୁଥିବା ଅଭିଯୋଗ ହେଉଛି । ଏ ନେଇ ସୋମବାର ବିଧାନସଭାରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ସାରା ରାଜ୍ୟରେ ୩୭୮୩ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କୁ ଦେଶାନ୍ତର କରାଯିବା ବିଚାରାଧୀନ ରହିଛି ବୋଲି ଶ୍ରୀ ମାଝୀ କହିଥିଲେ । ବିଜେପି ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ୪ଟି ଜିଲ୍ଲାରେ ସର୍ବାଧିକ ବାଂଲାଦେଶୀ ରହୁଥିବା ଚିହ୍ନଟ କରାଯାଇଛି । ରାଜ୍ୟରେ ମୋଟ ୩୭୩୮ ବାଂଲାଦେଶୀ ନାଗରିକଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ କେନ୍ଦ୍ରାପଡ଼ାରେ ସର୍ବାଧିକ ୧୬୪୯ଜଣଙ୍କୁ ଚିହ୍ନଟ କରାଯାଇଛି । ସେହିପରି ଜଗତସିଂହପୁରରେ ୧୧୧୨, ମାଲକାନଗିରିରେ ୬୫୫ ଏବଂ ନବରଙ୍ଗପୁରରେ ୧୦୬ଜଣଙ୍କୁ ଚିହ୍ନଟ କରାଯାଇଛି । ବିଜେପି ବିଧାୟକ ଶ୍ରୀ ଦତ୍ତ ପ୍ରଶ୍ନ କରିଥିଲେ ଯେ ଓଡ଼ିଶା ସରକାର ଓଡ଼ିଶାରେ ଅବୈଧ ଭାବେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଦେଶାନ୍ତର କରିବା ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ? ତେବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ପାଇଁ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି । ଗତ ୧୦ବର୍ଷରେ ଓଡ଼ିଶାରେ ୪୧ଜଣ ବାଂଲାଦେଶୀ ନାଗରିକ ବିଭିନ୍ନ ଅପରାଧିକ ମାମଲାରେ ଜଡ଼ିତ ରହିଥିବା ଅଭିଯୋଗ ହୋଇଛି । ଏଥିନେଇ ସମସ୍ତ ଜିଲ୍ଲାପାଳ ଓ ପୋଲିସ ଏସ୍‌ପିଙ୍କୁ ସେମାନଙ୍କ କ୍ଷେତ୍ରରେ ଏହି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ମାଝୀ କହିଥିଲେ । ଅନ୍ୟପକ୍ଷରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶ ପାଇଁ ପଶ୍ଚିମବଙ୍ଗ ସରକାର ଦାୟୀ । ପଶ୍ଚିମବଙ୍ଗ ଦେଇ ଅନୁପ୍ରବେଶକାରୀ ଓଡ଼ିଶା ଭିତରକୁ ଆସୁଛନ୍ତି । ସୀମାରେ ସେମାନଙ୍କୁ ଚିହ୍ନଟ କରିବା ପଶ୍ଚିମବଙ୍ଗ ସରକାରଙ୍କ କାମ । କିନ୍ତୁ ପଶ୍ଚିମବଙ୍ଗ ସରକାର ସେ କାମ କରୁନାହାନ୍ତି । ଏପରିକି କେନ୍ଦ୍ର ସରକାରଙ୍କ ଆଇନ ଓ ପଦକ୍ଷେପକୁ ମଧ୍ୟ ପଶ୍ଚିମବଙ୍ଗ ସରକାର ଖାତିର କରୁନଥିବା ଶ୍ରୀ ପୂଜାରୀ ଅଭିଯୋଗ କରିଛନ୍ତି । ସେ ଆହୁରି କହିଥିଲେ ଯେ ତହସିଲଦାରମାନେ ରାଜ୍ୟରେ ଥିବା ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କୁ ଚିହ୍ନଟ କରିବାରେ ସହାୟତା କରୁଛନ୍ତି । ଆଇନ ଭାଙ୍ଗିବାରେ ଓଡ଼ିଶାବାସୀଙ୍କ ତୁଳନାରେ ଏହି ଅନୁପ୍ରବେଶକାରୀ ମାନେ ଅଧିକ ଦାୟୀ ବୋଲି ସେ କହିଥିଲେ ।

## ସଂକ୍ଷେପରେ...

### ୩ କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୦।୩(ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଗରିଆବନ୍ଧ ପୋଲିସ ମୁଖ୍ୟାଳୟରେ ୩ଜଣ କ୍ୟାଡର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏହି ୩ଜଣଙ୍କ ପାଇଁ ୧୫ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ଆତ୍ମ ସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଏସଡିକେ ଡେପୁଟି କମାଣ୍ଡାଣ୍ଟ ଦିଲ୍ଲୀପ ରହିଥିବାବେଳେ ଏସଡିକେ ଏରିଆ କମିଟି ସଦସ୍ୟ ମଞ୍ଜୁଳା ଓ ବରଗଡ଼ ଏରିଆ କମିଟି ସଦସ୍ୟ ସୁନୀତା ରହିଛନ୍ତି ।

### ବାଣ ବିସ୍ଫୋରଣରେ ୨ ଗୁରୁତର

ନୟାଗଡ଼,୧୦।୩(ଭାସ୍କର ନ୍ୟୁଜ): ନୟାଗଡ଼ ସଦରଥାନା ଅନ୍ତର୍ଗତ ହୀରାଦେଇପୁର ଗାଁରେ ବାଣ ବିସ୍ଫୋରଣ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି । ଏଥିରେ ୨ଜଣ ଗୁରୁତର ହୋଇଛନ୍ତି । ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତେବେ ବିସ୍ଫୋରଣ ସମୟରେ ବାଣ ତିଆରି ହେଉଥିଲା କି ନାହିଁ ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି ।

### ଗୋମାଂସ ବୋଝେଇ କଣ୍ଟେନର ଜବତ

ବାଲେଶ୍ୱର,୧୦।୩(ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ପଣପଣା ପଞ୍ଚାୟତ ହାଇୱେ ପେଟ୍ରୋଲ ପମ୍ପ ନିକଟରେ ଏକ ଗୋମାଂସ ବୋଝେଇ କଣ୍ଟେନରକୁ ପୋଲିସ ଅଟକ ରଖିଛି । ରବିବାର ବିଳମ୍ବିତ ରାତିରେ କୋଲକାତାରୁ ବେଙ୍ଗାଲୁରୁକୁ ଏହା ଚାଲାଣ ହେଉଥିଲା । ଯାଞ୍ଚବେଳେ କଣ୍ଟେନରରେ ପ୍ରବଳ କଞ୍ଚାମାଂସ ବୋଝେଇ ହୋଇଥିବା ଜଣାପଡ଼ିଥିଲା । ପୋଲିସ ତଦନ୍ତ ଜାରି ରଖିଛି ।

ସେନ୍‌ସେକ୍ସ: ୭୪,୧୧୫.୧୭

ସର୍ବାଧିକ: ୩୩.୮ ଡିଗ୍ରୀ
ସର୍ବନିମ୍ନ: ୨୧.୨ ଡିଗ୍ରୀ

### ୧୦।୩।୨୦୨୫ ର ମତାମତ

ଲଘୁ ଖଣିଜ ଚୋରି କରୁଥିବା ମାଫିଆଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଜରୁରି ନୁହେଁ କି ?




### ଆଜିର ପ୍ରସଙ୍ଗ

ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

# ଖୁବ୍‌ଶୀଘ୍ର ରାଜ୍ୟ ସଭାପତିଙ୍କ ନାମ ଘୋଷଣା



ଭୁବନେଶ୍ୱର,୧୦।୩(ଭାସ୍କର ନ୍ୟୁଜ): ଖୁବ୍‌ଶୀଘ୍ର ଘୋଷଣା ହେବ ରାଜ୍ୟ ବିଜେପି ସଭାପତିଙ୍କ ନାମ । ସୋମବାରବିଜେପିର ରାଜ୍ୟ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏହି ସୂଚନା ଦେଇଛନ୍ତି ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ । ଏହି ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବୈଠକରେ ଯୋଗ ଦେଇଛନ୍ତି । ଏମାନଙ୍କ ବ୍ୟତୀତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ ବୈଠକରେ ଉପସ୍ଥିତ ଥିବା ସୂଚନା ମିଳିଛି । ବୈଠକରେ ରାଜ୍ୟସଭାପତି ଚୟନ, ନିଗମ, ବୋର୍ଡ ଓ କମିଶନ ଭଳି ପଦ ପଦବୀ ନେଇ ମଧ୍ୟ ଆଲୋଚନା ହୋଇଛି । ଏପଟେ ବିଜେପି ରାଜ୍ୟସଭାପତି ଚୟନ ନିଷ୍ପତ୍ତିରେ ବିଳମ୍ବ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ପ୍ରଭାରୀ ଶ୍ରୀ ତୋମାର । ସେ କହିଛନ୍ତି, ଏ ନେଇ ବିଜେପି ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ କେ.ଲକ୍ଷ୍ମଣ ନିଷ୍ପତ୍ତି ନେବେ । ଚଳିତମାସରେ ବିଜେପି ରାଜ୍ୟ ସଭାପତିଙ୍କ ନାମ ଘୋଷଣା କରାଯିବ । ଅନ୍ୟପକ୍ଷରେ ନିଗମ ଓ ବୋର୍ଡ ଅଧ୍ୟକ୍ଷ ନିଯୁକ୍ତି ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି । ଦଳ ସରକାରକୁ ଆସିଥିବାରୁ ଆଶାୟୀଙ୍କ ସଂଖ୍ୟା ବଢ଼ିବା ସ୍ୱାଭାବିକ । ନିଗମ, ବୋର୍ଡ ଅଧକ୍ଷ ନିଯୁକ୍ତି ନେଇ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି । ନିଖୁଣ ଭାବେ ସବୁ କାମ ସାରିବାକୁ ପ୍ରୟାସ ଚାଲିଥିବାରୁ ଟିକେ ବିଳମ୍ବ ହେଉଛି । ନେତା ଓ କର୍ମୀଙ୍କ ଆଗ୍ରହ ଓ ବିଭିନ୍ନ କ୍ଷେତ୍ରରେ ଥିବା ସେମାନଙ୍କ ଅନୁଭୂତି, ଅଭିଜ୍ଞତାକୁ ଦୃଷ୍ଟିରେ ରଖି,



ସଙ୍ଗଠନ ଓ ସରକାର ମଧ୍ୟରେ ସମନ୍ୱୟ ରଖି ଦଳ ଏ ପଦବୀରେ ଯୋଗ୍ୟ ବ୍ୟକ୍ତିଙ୍କୁ ନିଯୁକ୍ତି ପାଇଁ ଚିନ୍ତା କରୁଛି । ଆମ ଦଳରେ ଜଣକିଆ ନିଷ୍ପତ୍ତି ହୁଏ ନାହିଁ । ସମସ୍ତଙ୍କ ସହ ବିଚାର ବିମର୍ଷ କରି ନିଷ୍ପତ୍ତି ହେବ । ମାର୍ଚ୍ଚ ଶେଷ ସୁଦ୍ଧା ନିଗମ ଓ ବୋର୍ଡ ଅଧକ୍ଷ ନିଯୁକ୍ତି ସରିବା ନେଇ ଆଶା ରଖାଯାଇଛି ବୋଲି ସେ କହିଛନ୍ତି । ଏହି ବୈଠକରେ ସଂଗଠନକୁ ଆଗକୁ ନେବାପାଇଁ ମଧ୍ୟ ମାନସମନ୍ଥନ କରାଯାଇଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ କାର୍ଯ୍ୟକାଳ ପୁରିଯିବା ପରେ ତାଙ୍କ ସ୍ଥାନରେ କାହାକୁ ସଭାପତି କରାଯିବ ତାକୁ ନେଇ ମାନସମନ୍ଥନ ଚାଲିଛି ।

## ତାତି କରୁଛି କଲବଲ

# ବଢ଼ିଲା ଦିନ ତାପମାତ୍ରା



ଭୁବନେଶ୍ୱର,୧୦।୩(ଭାସ୍କର ନ୍ୟୁଜ): ତାତି କରୁଛି କଲବଲ । ବଢ଼ିଲା ଦିନ ତାପମାତ୍ରା । ଉହ ଉହ ଖରା ସହ ପ୍ରଚଣ୍ଡ ଗରମ । ଗତ ୩ରୁ ୪ ଦିନ ହେବ ତାତିର ପ୍ରଭାବ ସାମାନ୍ୟ କମ୍ ରହିଥିବାବେଳେ ପୁଣିଥରେ ସୋମବାରଠାରୁ ଏହା ବୃଦ୍ଧି ପାଇଛି । ବିଶେଷକରି ଦିନ ତାପମାତ୍ରାରେ ବୃଦ୍ଧି ଘଟିଥିବାରୁ ପ୍ରଚଣ୍ଡ ଖରାସହ ଗରମ ଅନୁଭୂତ ହେଉଛି । ଏଥିନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ବିଶେଷକରି ଆସନ୍ତା ୧୩ ଓ ୧୪ ଦୁଇଦିନ ପାଇଁ ବିଭାଗ ପକ୍ଷରୁ ହିଟ୍ ୱେଭ୍ ନେଇ ସତର୍କ ସୂଚନା ଜାରି ହୋଇଛି । ଏହାସହ ପଶ୍ଚିମ ଓଡ଼ିଶା ତାତିର ତାଉରେ ଜଳିବ ବୋଲି ବିଭାଗ ପୂର୍ବାନୁମାନ କରିଛି । ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ଅସମ୍ଭାଳ ତାତି ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରି ପକାଇବା ନେଇ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି । ରାଜ୍ୟର ୬ ଜିଲ୍ଲା ସମ୍ବଲପୁର, କଳାହାଣ୍ଡି, ଝାରସୁଗୁଡ଼ା, ବଲାଙ୍ଗୀର, ବୌଦ୍ଧ ଓ ସୋନପୁର ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହିସବୁ ଜିଲ୍ଲାରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବ ବୋଲି ସୂଚନା ଦିଆଯାଇଛି । ସୋମବାରଠାରୁ ଦିନର ତାପମାତ୍ରା ଧିରେ ଧିରେ ବୃଦ୍ଧି ପାଉଥିବାବେଳେ • ପୃଷ୍ଠା ୫ ଦେଖନ୍ତୁ

- ୩୯.୨ ଡିଗ୍ରୀ ସହ ବୌଦ୍ଧ ସବୁଠୁ ଉତ୍ତପ୍ତ
- ଗ୍ରୀଷ୍ମ ପ୍ରବାହ ନେଇ ସତର୍କ କଲା ପାଣିପାଗ ବିଭାଗ
- ୧୩-୧୪ ଦୁଇଦିନ ପାଇଁ ୬ ଜିଲ୍ଲାକୁ ଆଲର୍ଟ ଜାରି
- ଆଭ୍ୟନ୍ତରୀଣ ଓଡ଼ିଶାରେ ହେବ ଅସମ୍ଭାଳ ସ୍ଥିତି

# ୫ ବର୍ଷରେ ୭୨ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୧୦।୩(ଭାସ୍କର ନ୍ୟୁଜ): ଗତ ୫ବର୍ଷ ମଧ୍ୟରେ ରାଜ୍ୟର ସ୍କୁଲ, କଲେଜରେ ଅଧ୍ୟୟନ କରୁଥିବା ୭୨ଜଣ ଛାତ୍ରଛାତ୍ରୀ ଜୀବନ ହାରିଛନ୍ତି । ଶିକ୍ଷାଗତ ଚାପ, ହଇରାଣ ଏବଂ ପାରିବାରିକ ବିବାଦ କାରଣରୁ ସେମାନେ ଜୀବନ ହାରିଥିବା ସୋମବାର ବିଧାନସଭାରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦୋସଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ୨୦୨୦ରୁ ୨୦୨୫ ଭିତରେ ଏହି ଦୁଃଖଦ ଘଟଣା ଘଟିଛି । ମାନସିକ ଚାପ, ଅଭିଯୁକ୍ତ ବ୍ୟକ୍ତିଙ୍କ ଦ୍ୱାରା ହଇରାଣ, ମାନସିକ ଅସନ୍ତୁଳନ, ସ୍କୁଲ ହଷ୍ଟେଲରେ ଫୋନ୍ ବ୍ୟବହାର ଉପରେ କଟକଣା, ବନ୍ଧୁମାନଙ୍କ ସହିତ ଭୁଲ ବୁଝାମଣା, ପ୍ରେମ ସମ୍ପର୍କ, ପରୀକ୍ଷା ସଂପର୍କିତ ଅବସାଦ ଭଳି ସମସ୍ୟାଗୁଡ଼ିକ ଏହି ମୃତ୍ୟୁର କାରଣ ବୋଲି କୁହାଯାଉଛି । ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ତଥ୍ୟ ନୀତିନିର୍ଦ୍ଧାରକ, ଶିକ୍ଷକ ଏବଂ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିଛି । ଭବିଷ୍ୟତରେ ଏପରି ଘଟଣାଗୁଡ଼ିକୁ ହ୍ରାସ କରିବା ପାଇଁ ଉନ୍ନତ ଛାତ୍ର ସହାୟତା ବ୍ୟବସ୍ଥା, ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଓ ନୀତିଗତ ହସ୍ତକ୍ଷେପର ଆବଶ୍ୟକତା ରହିଛି । ମାନସିକ ସୁସ୍ଥତା ଜଣେ ଛାତ୍ରର ଶୈକ୍ଷିକ ପ୍ରଦର୍ଶନ, ଭାବପ୍ରବଣ ସ୍ଥିରତା ଏବଂ ସାମଗ୍ରିକ ସୁସ୍ଥତା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଆଜିର ଦ୍ରୁତ ଏବଂ ପ୍ରତିଯୋଗିତାମୂଳକ ଦୁନିଆରେ ଛାତ୍ରଛାତ୍ରୀମାନେ ଶିକ୍ଷା, ସାମାଜିକ ଆଶା ଓ ବ୍ୟକ୍ତିଗତ ଚାଲେଞ୍ଜରୁ ପ୍ରଚୁର ଚାପର ସମ୍ମୁଖୀନ ହୋଇଥାନ୍ତି । ଉପଯୁକ୍ତ ମାନସିକ ସ୍ୱାସ୍ଥ୍ୟ ସହାୟତା ବିନା ସେମାନେ ଚିନ୍ତା, ଅବସାନ ଏବଂ ନିରାଶାର ଭାବନା ଅନୁଭବ କରିପାରନ୍ତି । ତେଣୁ ଯାହା ଜୀବନ ନେବାଭଳି ଚରମ ପରିଣାମ ସୃଷ୍ଟି କରୁଥିବା କୁହାଯାଉଛି । ଏଭଳି ଘଟଣାର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା ଏବଂ ଆଶ୍ୱାସନା ପ୍ରଦାନ କରିବାରେ ପିତାମାତାଙ୍କ ସଂପୃକ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଛାତ୍ରଛାତ୍ରୀମାନେ କ୍ଷତିକାରକ ନିଷ୍ପତ୍ତି ନ ନେଇ ଚାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ସଶକ୍ତ ଅନୁଭବ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ଭରତପୁର ଥାନା ପୋଲିସ-ସେନା ଅଧିକାରୀ ବିବାଦ ଘଟଣା

# ତଦନ୍ତ ରିପୋର୍ଟ ଦାଖଲ କଲେ କମିଶନ

ଭୁବନେଶ୍ୱର,୧୦।୩(ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ ତଥା ବହୁ ବିତର୍କିତ ଭୁବନେଶ୍ୱର ଭରତପୁର ଥାନା ପୋଲିସ ଓ ସେନା ଅଧିକାରୀ ବିବାଦ ମାମଲାର ତଦନ୍ତ କରୁଥିବା ତଦନ୍ତ କମିଶନ ସୋମବାର ତାଙ୍କ ରିପୋର୍ଟ ଦାଖଲ କରିଛନ୍ତି । ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କ କମିଶନ ଦୀର୍ଘ ୫ ମାସର ତଦନ୍ତ ଶେଷପରେ ତାଙ୍କ ସଚିବ ଗୃହ ସଚିବଙ୍କୁ ଏହି ରିପୋର୍ଟ ପ୍ରଦାନ କରିଛନ୍ତି । ୨୮୨ ପୃଷ୍ଠାର ଏହି ତଦନ୍ତ ରିପୋର୍ଟ ସରକାରଙ୍କ ହସ୍ତଗତ ହେବାପରେ ଏହା ଉପରେ କି ପଦକ୍ଷେପ ନିଆଯିବ, ତା ଉପରେ ସମସ୍ତଙ୍କ ନଜର । ସୂଚନାଯୋଗ୍ୟ ଯେ ଭରତପୁର ଥାନାରେ ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଦିଆଯିବା ନେଇ ଅଭିଯୋଗ ହୋଇଥିଲା । ଏହା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ଏହି ଘଟଣାରେ ଭରତପୁର ଥାନା ଅଧିକାରୀଙ୍କ ସମେତ ୫ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା । ଏପରିକି ସେମାନଙ୍କ ପଲିଗ୍ରାଫ ଟେଷ୍ଟ ମଧ୍ୟ କରାଯାଇଥିଲା । ପୂର୍ବତନ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ରଙ୍କର ପଲିଗ୍ରାଫ ଟେଷ୍ଟ ସହ ବ୍ରେନ ମ୍ୟାପିଂ ଓ ନାର୍କୋ ଆନାଲିଷ୍ଟିସ ଟେଷ୍ଟ




ମଧ୍ୟ କରାଯାଇଥିଲା । ପ୍ରାଥମିକ ଅବସ୍ଥାରେ ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଥିବାବେଳେ ଗତବର୍ଷ ସେପ୍ଟେମ୍ବର ୨୨ ତାରିଖରେ ରାଜ୍ୟ ସରକାର ତଦନ୍ତ କମିଶନ ଗଠନ ନେଇ ନିର୍ଦ୍ଦେଶ ଦେଇଥିଲେ । ଜଷ୍ଟିସ ଚିତ୍ତରଞ୍ଜନ ଦାସ କମିଶନ ଅକ୍ଟୋବରରୁ ତଦନ୍ତ ଆରମ୍ଭ କରିଥିଲେ । କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ • ପୃଷ୍ଠା ୫ ଦେଖନ୍ତୁ

## ବାପାର ଦ୍ୱିତୀୟ ବିବାହ ପ୍ରସ୍ତାବ ହେଲା କାଳ

# ଜୀବନ ହାରିଲେ ଦୁଇ ନାବାଳକ ପୁଅ

ନୟାଗଡ଼,୧୦।୩(ଭାସ୍କର ନ୍ୟୁଜ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ଧାନଚାଙ୍ଗଡ଼ା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ବାପାର ଦ୍ୱିତୀୟ ବିବାହ ପାଇଁ ପ୍ରସ୍ତାବ ଆସିବାରୁ ପ୍ରଥମ ପତ୍ନୀଙ୍କ ଦୁଇ ନାବାଳକ ପୁଅ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ଖବରପାଇ ଫତେଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଦ୍ୱିତୀୟ ବିବାହ ପାଇଁ ପ୍ରସ୍ତୁତ ହେଉଥିବା ବାପାକୁ ଅଟକ ରଖି ପଚରାଉଚୁରା କରୁଛି । ମିଳିଥିବା ସୂଚନା ଅନୁଯାୟୀ ଧାନଚାଙ୍ଗଡ଼ା ଗ୍ରାମର ଅଚ୍ୟୁତ ମହାନ୍ତିଙ୍କ ପୁଅ ପ୍ରକାଶ ମହାନ୍ତି ୧୫ବର୍ଷ ତଳେ ବିବାହ କରିଥିଲେ । ତାଙ୍କର ଦୁଇଟି ପୁଅ ଅଛନ୍ତି । ବଡ଼ ପୁଅକୁ ୧୪ବର୍ଷ ହୋଇଥିବାବେଳେ ସାନପୁଅକୁ ୧୧ବର୍ଷ । ପ୍ରକାଶଙ୍କ ସ୍ତ୍ରୀ ତିନିବର୍ଷ ତଳେ ମୃତ୍ୟୁବରଣ କରିଥିଲେ । ତେବେ ରବିବାର ପ୍ରକାଶଙ୍କ ପାଇଁ ଏକ ବିବାହ ପ୍ରସ୍ତାବ ଆସିବା ପରେ ଏହାକୁ ସହି ନପାରି ଦୁଇ ନାବାଳକ ପୁଅ ବେକରେ ଲୁଗା ବାନ୍ଧି ଝୁଲି ପଡ଼ିଥିବା ଜେଜେବାପା ଅଚ୍ୟୁତ ମହାନ୍ତି କହିଛନ୍ତି । ପୋଲିସ ଦୁଇଟିଯାକ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ଘଟଣାରେ ଅଭିଯୁକ୍ତ ବାପାକୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି । ତେବେ ଦୁଇ ନାବାଳକ ଆତ୍ମହତ୍ୟା କରିବା ଘଟଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି । କୁହାଯାଉଛି, ବାପା ଦୁଇ ପୁଅଙ୍କୁ ହତ୍ୟା କରିବା ପରେ ଟଙ୍ଗାଇ ଦେଇଛନ୍ତି ।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ




ଏତଲାକାରୀଙ୍କ ଲାଇନ୍ କ୍ଲିଅର
ପୁଲିସିଙ୍କୁ ନାହିଁ ଫିଅର,
ମୁଖ୍ୟମନ୍ତ୍ରୀଙ୍କର ପଦୁଟେ କଥାରେ
ଆଇଆଇସି ଡରିବା ସିଓର ।
ଲୋକଙ୍କୁ ନକଲେ କେଆର,
କଂପ୍ଲେନ ଯଦି କିଏ ଠୁକିଦେଲା
ସରିଯିବ ଜାଣ ବେପାର ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବୋଲଗଡ଼ (ଭାସ୍କର ନ୍ୟୁଜ): ମହିଳାମାନଙ୍କର ଅଧିକାର, ସମାନତା ଓ ସଶକ୍ତିକରଣ ଉପରେ ଗୁରୁତ୍ୱଦେବା ଅବଶ୍ୟକ ଓ ଏହା ହେଉଛି ଏ ବର୍ଷର ମହିଳା ଦିବସ ପାଳନର ଉଦ୍ଦେଶ୍ୟ । ଏହି ଉପଲକ୍ଷେ ରାଜ୍ୟର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ୍) ପକ୍ଷରୁ ବୋଲଗଡର ବିଭିନ୍ନ ଗ୍ରାମରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମହିଳାମାନଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଯଥା ସାଧାରଣ ସଭା, ସ୍ଥାନୀୟ ଖେଳ, ଶପଥ ପାଠ, ପଦଯାତ୍ରା, ନାଚ, ଗୀତ, ମାନବ ଶୃଙ୍ଖଳ ଇତ୍ୟାଦିର ଆୟୋଜନ କରଯାଇଥିଲା। ଏହି ଅବସରରେ ୭୦ରୁ ଉର୍ଦ୍ଧ୍ୱ ମହିଳା ଓ ଯୁବକ ଯୁବତୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତିଙ୍କ ପ୍ରୋତ୍ସାହନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପିକକ୍‌ର ବ୍ଲକ ସଂଯୋଜକ ବାମଦେବ ଜେନା ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ପିକକ୍‌ର ପୂଜା ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାମାନଙ୍କୁ ଆନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଓ ଶୁଭ କାମନା ପ୍ରଦାନ କରିଥିଲେ। ଅନୁରୂପ ଭାବେ ସାମାଜିକ କର୍ମୀ ମାନସ ବେହେରାଙ୍କ ଆବାହକତ୍ୱରେ ବେଗୁନିଆ ଠାରେ ମହିଳା ଦିବସ ପାଳନ କରାଯାଇ ଥିବାବେଳେ ଠଣାପଲ୍ଲୀ ଯୁବକ ସଂଘ ଓ ଭୁବନେଶ୍ୱର ପରିବେଶ ଶିକ୍ଷଣ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଏବଂ ଭାଗିରଥି ଦାସଙ୍କ ସଂଯୋଜନାରେ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଶତାଧିକ ମହିଳା ଯୋଗ ଦେଇଥିଲେ।

## ଦୁଇଟି ଅଙ୍ଗନୱାଡି କେନ୍ଦ୍ରରେ ତାଲା



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆଇସିଡ଼ିଏସ ଅଧିନସ୍ଥ ବଡଝରାର ଉପ୍ରା ସ୍କୁଲ ପରିସରରେ ଅବସ୍ଥିତ ଦୁଇଟି ଅଙ୍ଗନୱାଡି କେନ୍ଦ୍ର ଯଥା ୧ନଂ ଓ ୨ନଂରେ ପନ୍ଦର ଦିନ ହେଲାଣି ତାଲା ପଡ଼ିଥିବା ଜଣାପଡିଛି। ଯାହାଦ୍ୱାରା ଏକ ନଂ କେନ୍ଦ୍ରର ପନ୍ଦର ଜଣ ଓ ଦୁଇ ନଂ କେନ୍ଦ୍ରର ପଞ୍ଚତିରିଶ ଜଣଙ୍କ ବାଲ୍ୟବସ୍ଥାରେ କୋମଳମତି ଶିଶୁମାନଙ୍କ ପଢ଼ାରେ ବ୍ୟାଘାତ ଘଟିଛି। ସେଥିପାଇଁ ଦୁଇ ଅନୁଷ୍ଠାନର ଶିକ୍ଷାର୍ଥୀଙ୍କ ଅଭିଭାବକମାନେ କେନ୍ଦ୍ର ନିକଟରେ ପହଞ୍ଚି ଅସନ୍ତୋଷ ପ୍ରକାଶ କରି ବସି ରହିଥିଲେ । ସରକାର ଶିଶୁ ବାଟିକା ଓ ଶିକ୍ଷା ଉପରେ ଅନେକ ଗୁରୁତ୍ୱ ଦେଉଥିବାବେଳେ ଏଠାରେ ତା'ର ସମ୍ପୂର୍ଣ୍ଣ ଓଲଟା ଦେଖାଯାଇଛି ଏବଂ ଦୁଇଟି କେନ୍ଦ୍ରରେ ଜଣେ କର୍ମୀ ଦାୟିତ୍ୱରେ ରହି ପାଠ ପଢ଼ାଉଛନ୍ତି। ଅଣ୍ଡା, ଛତୁଆ ଏବଂ ଅଙ୍ଗନୱାଡିରେ ପିଲାଙ୍କ ପାଇଁ ଯେଉଁ ସୁବିଧା ମାନ ଉପଲବ୍ଧ, ସେଥିରୁ ସେମାନେ ବଞ୍ଚିତ ହେଉଥିବା କଥା ମା'ମାନେ ଅଭିଯୋଗ କରିଛନ୍ତି। ଗତ ଶନିବାର ଅଭିଭାବକ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ବୁଝାମଣା ନିମନ୍ତେ ଏକ ବୈଠକ ବସିଥିବା ବେଳେ ତାହା ସଫଳ ହୋଇ ପାରିନଥିଲା । ଏଥିରେ ଅଭିଭାବକ, କିଶୋରୀ ବାଳକ ବାଳିକା, ପ୍ରସୂତି ମା'ମାନେ, ବେନିଫିସିଆରିଙ୍କ ସମେତ ଗ୍ରାମର ବୁଦ୍ଧିଜୀବୀମାନେ ଦୁଃଖ ପ୍ରକାଶ କରିଛନ୍ତି, ତତ୍‌ସହିତ ଏହାର ସୁବିଚାର ପାଇଁ ବିଭାଗୀୟକୁ ନିବେଦନ ରଖିଥିଲା ବେଳେ, ଯଦି ଏହାର ପଦକ୍ଷେପ ନିଆନଯାଏ ତେବେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଇ ଆନ୍ଦୋଳନର ରୂପ ନେବ ବୋଲି ଅଭିଭାବକମାନେ ସୂଚନା ଦେଇଛନ୍ତି।

### ବାଦ୍ ପଡୁଛନ୍ତି ଯୋଗ୍ୟ ହିତାଧିକାରୀ

## ଅନ୍ତ୍ୟୋଦୟ ଗୃହ ଯୋଜନାରେ ଥିଲାବାଲାଙ୍କୁ ସାମିଲ




ଧାମନଗର (ଭାସ୍କର ନ୍ୟୁଜ) : ରାଜ୍ୟ ଠାରୁ କେନ୍ଦ୍ର ସରକାର ଲୋକଭିମୁଖୀ ଯୋଜନା କରି ସଧାରଣ ଲୋକ ଙ୍କ ପ୍ରିୟ ଭାଜନ ହେଉଥିବା ବେଳେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଏବେ ଲୁଟିବାରେ ବ୍ୟସ୍ତ। ରାଜ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି ଉନ୍ନୟନ କାର୍ଯ୍ୟରେ ଯିଏ ଦୁର୍ନୀତି କରିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ହେଲେ ସେହିଭଳି ଏକ ବଡ ଦୁର୍ନୀତି ଏବେ ଧାମନଗର ବ୍ଲକରେ ଦେଖିବାକୁ ମିଳିଛି। ପ୍ରକାଶ ଥାଉକି ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତରେ ସରକାରୀ ଆବାସ ବଣ୍ଟନ ପାଇଁ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଛି। ନିହାତି ଗରିବ ଓ ଦୁସ୍ଥଙ୍କ ପାଇଁ କରାଯାଇଥିବା ଏ ଯୋଜନାରେ ଧନୀ ଶ୍ରେଣୀର ବ୍ୟକ୍ତି ସାମିଲ ହୋଇଛନ୍ତି। ପଞ୍ଚାୟତର ୨୦ଜଣ ହିତାଧିକାରୀଙ୍କୁ ଘର ଆବଣ୍ଟନ କରାଯିବାକୁ ପଂଚାୟତ ନିର୍ବାହୀ ଅଧିକାରୀ ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ଏଥିରେ ତାଙ୍କ ଦସ୍ତଖତ ମାରି ଧାମନଗର ବିଡିଓଙ୍କୁ ସମ୍ମତି ପାଇଁ ପଠାଇଛନ୍ତି। ପଠାଯାଇଥିବା ତାଲିକାର ଅନେକ ଥିଲାବାଲାଙ୍କ ନାମ ରହିଛି। ଏପରିକି ସେମାନେ ଆୟକର ବି ଦେଉଛନ୍ତି। ଆଶ୍ଚର୍ଯ୍ୟ କଥା ଯେ, ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ ହେବା ପାଇଁ ଯେଉଁସବୁ ମାନଦଣ୍ଡ ରହିଛି, ଏହୀ ଚିଠା ରେତାହା ପୂରଣ କରୁନାହିଁ। ଯେଉଁମାନେ ସରକାରଙ୍କ ଦ୍ୱାରା ପ୍ରଚଳିତ କୌଣସି ଆବାସ ଯୋଜନାରେ ଏମାନେ ସାମିଲ ହୋଇନଥିବେ। ଦ୍ୱିତୀୟରେ ମାରାତ୍ମକ କର୍କଟ, ଫୁସଫୁସ ସଂକ୍ରମଣ, ବୃକକ ଜନିତ ରୋଗ, ଲିଭର ସିରୋସିସ, ଥାଲାସେମିଆ, ସିକିଲ ସେଲ ଓ ହେମୋଫିଲିଆ ଭଳି କୌଣସି ରୋଗରେ ପୀଡ଼ିତ ଥିବେ। ନହେଲେ ବିଧବା ହୋଇଥିବେ ଓ ନାବାଳକ ପିଲା ସହ ବାସ କରୁଥିବେ। ପ୍ରାକୃତିକ ବିପର୍ଯ୍ୟୟରେ ଘରଦ୍ୱାର ହରାଇଥିବେ। ଏହିସବୁ କ୍ଷେତ୍ରରେ ଜଣେ ବ୍ୟକ୍ତି ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ପାଇପାରିବେ। ହେଲେ ଏହି ଚିଠା ରେ କୌଣସି ମାନଦଣ୍ଡ ପୂରଣ କରୁନାହାନ୍ତି। ଖାଲି ଏତିକି ନୁହେଁ, ବାସହରା ହୋଇଥିବା ନେଇ ସ୍ଥାନୀୟ ତହସିଲଦାର ରିପୋର୍ଟ ଦେଇଥିବେ। ବିଧବା ହୋଇ ନାବାଳକ ପିଲାଙ୍କ ସହ ରହୁଥିବା ନେଇ ବିଡିଓଙ୍କ ରିପୋର୍ଟ ଥିବ ଓ ମାରାମକ୍ ରୋଗରେ ପୀଡ଼ିତ ଥିବା ନେଇ ଜଣେ ସ୍ପେଶାଲିଷ୍ଟ ଡାକ୍ତର ସାର୍ଟିଫିକେଟ ପ୍ରଦାନ କରିଥିବେ। ଏତକ ହେଲା ପରେ ଜଣେ ହିତାଧିକାରୀ ହୋଇପାରିବ। ମାତ୍ର ଉକ୍ତ ପଞ୍ଚାୟତରେ ଏହି ଚୟନରେ ବ୍ୟାପକ ଅନିୟମିତତା ହୋଇଛି। ଥିଲାବାଲାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯାଇଥିବା ଅଭିଯୋଗ ହୋଇଛି। ସେପଟେ ଏନେଇ ଧାମନଗର ବିଡିଓ ବନବିହାରୀ ଦିହାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏ ଯୋଜନାରେ ଘର ଦେବା ନେଇ ତାଲିକା ଚୂଡ଼ାନ୍ତ ହୋଇନାହିଁ। କେବଳ ପ୍ରସ୍ତାବ ଆସିଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଣୁ ଉକ୍ତ ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଚୟନ କରାଯାଇ ଘର ଦେବାକୁ ବ୍ଲକ କଂଗ୍ରେସ ନେତା ଅଭିଷେକ ରାଉତ ଦାବି କରିଛନ୍ତି।

## ଆମ୍ବୁଲାନ୍ସକୁ ଧକ୍କାଦେଲା ମାଲବାହୀ ଟ୍ରେନ୍



କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍ ) : ରାୟଗଡା ଠାରୁ କୋରାପୁଟ ଦେଇ ମାଲକାନଗିରି ଯାଉଥିବା କେଆର ରେଳ ଲାଇନରେ ଅନନ୍ତ ଚକ୍ଷୁ ଚିକିତ୍ସାଳୟର ଆମ୍ବୁଲାନ୍ସକୁ ମାଲବାହୀ ଟ୍ରେନ ଧକ୍କା ଦେଇଥିବା ଜଣାପଡ଼ିଛି। ଆଜି କିଛି ରୋଗୀଙ୍କ ଆଖି ଅପରେସନ କରିବା ପାଇଁ କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର କାଣିପାଇ, କଞ୍ଚାମ ଯୋଡି, ଝାକୁଡୁ, ବେତଲାଙ୍ଗ ଓ ଚକ୍ରକଲାଙ୍ଗ ଗ୍ରାମର ଲୋକଙ୍କୁ ଏକ ଅନନ୍ତ ଚକ୍ଷୁ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ଅଣାଯାଉଥିଲା। ଏହି ରାସ୍ତାର କାଣିପାଇ ନିକଟରେ ରେଳ ଲାଇନ ଦେଇ ଆସିବାକୁ ପଡିଥାଏ। ଶିକରପାଇ ଓ ଭାଲୁମସ୍କା ଷ୍ଟେସନ ମଝିରେ ଥିବା ରେଳ ଲାଇନ ଦେଇ ଚକ୍ଷୁ ଆମ୍ବୁଲାନ୍ସ ଆସୁଥିବା ବେଳେ ହଠାତ ଏକ ମାଲବାହୀ ଟ୍ରେନ ଆସି ଗାଡିକୁ ୧୦୦ମିଟର ପର୍ଯ୍ୟନ୍ତ ଘୋଷାରି ନେଇଯାଇଥିଲା କିନ୍ତୁ ଆମ୍ବୁଲାନ୍ସରେ ଥିବା ଚାଳକ ସମେତ ଜଣେ ଆଶା ଦିଦି ୮ଜଣ ରୋଗୀଙ୍କୁ କିଛି ହୋଇନଥିବା ଜଣାପଡିଛି। ମାଲବାହୀ ଟ୍ରେନଟି ବ୍ରେକ ମାରିବାରୁ ଆମ୍ବୁଲାନ୍ସରେ ଥିବା ଲୋକଙ୍କ ପ୍ରାଣ ଅଳ୍ପକେ ବଞ୍ଚି ଯାଇଛି। ପ୍ରକାଶ ଥାଉକି ଉକ୍ତ ସ୍ଥାନରେ ପ୍ରାୟ ୩ଥର ଦୁର୍ଘଟଣା ଘଟିଲାଣି। ଉକ୍ତ ରେଳ ଲାଇନ ଉପରେ ଓଭରବ୍ରିଜ ନଚେତ ତଳ ବ୍ରିଜ କରିବା ପାଇଁ ରେଳବାଇ, ସାଂସଦ ଓ ବିଧାୟକ, ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ବାରମ୍ବାର ଲିଖିତ ଭାବେ ଜଣାଇବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି।

## ବ୍ୟବସାୟୀଙ୍କ ପରଲୋକ

ଉମରକୋଟ, (ଭାସ୍କର ନ୍ୟୁଜ୍ ) : ଉମରକୋଟ ସହରର ବିଶିଷ୍ଟ ବ୍ୟବସାୟୀ ତଥା ଜଣେ ଅତି ସୁପରିଚିତ ବ୍ୟକ୍ତି ନିର ପଣ୍ଡାଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହେଇଥିଲା। ଶନିବାର ରାତି ପ୍ରାୟ ୧୧ଟା ସମୟରେ ଶ୍ରୀ ପଣ୍ଡା ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ୩ ପୁଅ-ବୋହୂଙ୍କ ସହ ସମସ୍ତ ନାତି ଓ ନାତୁଣୀମାନେ ଉପସ୍ଥିତ ଥିଲେ। ଶ୍ରୀ ପଣ୍ଡା ଜଣେ ଅତ୍ୟନ୍ତ ମେଳାପି, ଉତ୍ତମ ବ୍ୟବହାର ଓ ମିଷ୍ଟ ଭାଷୀ ବ୍ୟକ୍ତି ଭାବେ ସହରରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ସମଗ୍ର ଉମରକୋଟ ସହରରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ଅନ୍ତ୍ୟୋଷ୍ଟି କ୍ରିୟାରେ ସହରର ବହୁ ସଂଖ୍ୟାରେ ଲୋକେ ଉପସ୍ଥିତ ଥିଲେ। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବରିଷ୍ଠ ନେତା ଜୟ ଦେବ କୁମାର ପରିଡ଼ା, ପୂର୍ବତନ ନଗରପାଳ ଝାଡେଶ୍ୱର ମହାନ୍ତି, ରାଜ୍ୟ ବିଜେପି ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଅଶୋକ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶିଷ୍ଟ ଶ୍ରମିକନେତା ଅଶୋକ ତ୍ରିପାଠୀ ଗୁରୁତର

ଡେରାବିଶ (ଭାସ୍କର ନ୍ୟୁଜ) : ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ଯନ୍ତ୍ରଣା ବୃଦ୍ଧି ପାଇବାରୁ ସ୍ନାୟୁ ଶଲ୍ୟ ବିଭାଗର ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ତାଙ୍କର ଏକ ଜରୁରୀ ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାର ପରେ ଏବେ ଶ୍ରୀ ତ୍ରିପାଠୀ ଆଇସିୟୁରେ ଭର୍ତ୍ତି ହୋଇଥିବା ତାଙ୍କ ପରିବାର ସୂତ୍ରରୁ ଜଣାପଡ଼ିଛି।

## ଆଶାକର୍ମୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ




ଛତ୍ରପୁର, (ଭାସ୍କର ନ୍ୟୁଜ୍ ) : ଓଡିଶା ଆଶାକର୍ମୀ ସଙ୍ଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ସୋମବାର ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାଲି ଯାଇଥିଲା। ପରେ ସଙ୍ଘ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ଆଶାକର୍ମୀଙ୍କୁ ନ୍ୟୁନତମ ୧୮ ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ, ଇଏସଆଇରେ ଅନ୍ତର୍ଭୁକ୍ତ ସହ ସାମାଜିକ ସୁରକ୍ଷା ବାବଦରେ ପେନସନ ପ୍ରଦାନ, କାର୍ଯ୍ୟ କରୁଥିବା ବେଳେ ଦୁର୍ଘଟଣାରେ ଆଶାକର୍ମୀଙ୍କ ମୃତ୍ୟୁ ହେଲେ ୫ ଲକ୍ଷ ଟଙ୍କା କ୍ଷତିପୂରଣ, ଅଭିଜ୍ଞ ଆଶାକର୍ମୀଙ୍କୁ ଟିକାକାରଣ ପାଇଁ ପ୍ରଶିକ୍ଷଣ, ଯୋଗ୍ୟତା ଅନୁସାରେ ଆଶାକର୍ମୀଙ୍କୁ ଏନଏଏମ ଭାବେ ନିଯୁକ୍ତି, ବର୍ଷକ ମଧ୍ୟରେ ଆଶାକର୍ମୀଙ୍କୁ ୨ ଥର ୟୁନିଫର୍ମ ପ୍ରଦାନ, ଚିକିତ୍ସାଳୟରେ ବସିବା ପାଇଁ କକ୍ଷ ବ୍ୟବସ୍ଥା, ଯାତ୍ରା ଭତ୍ତା ଆଦି ଦାବି ରହିଛି। ଏହି କାର୍ଯ୍ୟକ୍ରମ ବେଳେ ଓଡିଶା ଆଶାକର୍ମୀ ସଙ୍ଘ ଗଞ୍ଜାମ ଜ଼ିଲ୍ଲା ସଭାନେତ୍ରୀ ରେଣୁବାଳା ସାହୁ, ସମ୍ପାଦିକା ବବିତା ରାଉଳ, ଜିଲ୍ଲା ପ୍ରଭାରୀ କୁମୁଦିନୀ ପ୍ରଧାନ, ରାଜ୍ୟ ବିଏମଏସ କାର୍ଯ୍ୟକାରୀ କମିଟି ସଭ୍ୟ ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ଥିଲେ।

## ରଘୁନାଥ ମନ୍ଦିରର ୩୧ତମ ବାର୍ଷିକୋତ୍ସବ

ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଆରାଧ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରର ୩୧ତମ ପ୍ରତିଷ୍ଠା ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ନରୁ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ପରେ ମନ୍ଦିର ପରିସରରେ ଚତୁର୍ଥ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ନାମଯଜ୍ଞରେ ସ୍ଥାନୀୟ ଅଞ୍ଚଳରୁ ବହୁ ସଂକୀର୍ତ୍ତନ ଦଳ ଯୋଗ ଦେଇଥିବାବେଳେ ହଜାର ହଜାର ଶ୍ରୀରାମ ପ୍ରେମୀ ମନ୍ଦିରରେ ପହଞ୍ଚି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସୂଚନାଯୋଗ୍ୟ ଗତ ତା ୨୦.୦୩.୧୯୯୪ ମସିହା ମାର୍ଚ୍ଚ ୨୦ ତାରିଖରେ ପୁରୀର ଠାକୁର ରାଜା ଗଜପତି ଦିବ୍ୟସିଂହଦେବ ମହାରାଜଙ୍କ କରକମଳରେ ଏହି ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ କରାଯାଇଥିଲା।

## ବାଲି ଚୋରା ଚାଲାଣ ସମୟରେ ମାଡି ବସିଲା ପୋଲିସ

ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ) : ଇନ୍ଦ୍ରାବତୀ ନଦୀରୁ ବହୁ ଦିନରୁ ଚୋରା ବାଲି ଚାଲାଣ ଚାଲି ଆସୁଥିବାର ଖବର ରହିଛି। ଏ ବାବଦରେ ଅନେକ ଥର ଗଣ ମାଧ୍ୟମରେ ମଧ ପ୍ରକାଶ ପାଇଥିଲା ତଥାପି କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଓଡ଼ିଶା ଖଣିଜ ସମ୍ପଦ ବିଭାଗ ତରଫରୁ ତାଗିଦ୍ ପରେ ପୁଲିସ ବିଭାଗ ଚୋରା ବାଲି ଚାଲାଣ ଉପରେ କଡ଼ା ନଜର ରଖିଥିବା ସୂଚନା । ଗତ ରବିବାର ଭୋର୍ ସକାଳେ ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ଅନ୍ତର୍ଗତ ଝେଡ଼ିଆ ଗୁଡା ନିକଟରେ ବାଲି ବୋଝେଇ ଚାରି ଗୋଟି ଟ୍ରାକ୍ଟରକୁ ପୁଲିସ ଜବତ କରିଛି। ସୂଚନା ଅନୁସାରେ ଇନ୍ଦ୍ରାବତୀ ନଦୀରୁ ନୂଆଁ ଗାଁ ବାଲି ଘାଟରୁ ତେନ୍ତୁଳିଖୁଣ୍ଟି ଅଞ୍ଚଳକୁ ଚାଲାଣ କରାଯାଉଥିଲା। ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ପ୍ରଣବ କୁମାର ଗୁଡୁ, ଏଏସଆଇ ଭରତ ମାଝୀ ଓ ଅନନ୍ତ କାଡ୍ରାକା ସମେତ ବିଭାଗର ଉମ୍ବରୁଧର ପାତ୍ର ଓ ଭଗବାନ ହରିଜନ ଟ୍ରାକ୍ଟର ଗୁଡ଼ିକୁ ଜବତ କରିଥିଲେ। ଜବତ ଟ୍ରାକ୍ଟର ଗୁଡ଼ିକର ନମ୍ବର ଓଡ଼ି୨୪ଜି୩୫୬୪, ଓଡ଼ି୨୪ଡି ୬୨୯୩, ଓଡ଼ି୨୪ବି ୭୨୩୧ ଓ ଓଡ଼ି୨୪- ୫୨୮୦। ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ ସୂଚନା ପାଇବା ସାଙ୍ଗେ ସାଙ୍ଗେ ଜବତ ସ୍ଥଳରେ ପହଞ୍ଚି ଥିଲେ। ଉକ୍ତ ସମସ୍ତ ଟ୍ରାକ୍ଟରକୁ ଜବତ କରି ଥାନାରେ ଅଟକ ରଖାଯାଇ ଓଡ଼ିଶା ଖଣିଜ ଆଇନ ଅନୁଯାୟୀ ଧାରା ୩୦୩(୨) ଓ ୧୨ ଆଧାରରେ କେସ ନମ୍ବର ୫୮.୫୯.୬୦ ଓ ୬୧ ମାମଲା ତା - ୦୯/୦୩/୨୫ରେ ଦାଏର କରାଯାଇଛି।

## ଝାଡବେଲଦା ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

କେନ୍ଦୁଝର (ଭାସ୍କର ନ୍ୟୁଜ) : ସଦର ବ୍ଲକ ନେଲୁଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝାଡବେଲଦା ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉମ୍ବରୁଧର ମହାନ୍ତଙ୍କ ସଭାପତିତ୍ୱରେ କନକ ରଣାଙ୍କ ସଂଯୋଜନାରେ ସଭାକାର୍ଯ୍ୟ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରମେଶ ଚନ୍ଦ୍ର ହୋତା ଏବଂ ମୁଖ୍ୟବକ୍ତା ଭାବେ ଅମୀୟ କୁମାର ସାମନ୍ତରା ଆସନ ଅଳଙ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆକାଶବାଣୀ, କେନ୍ଦୁଝରର ନିର୍ଦ୍ଦେଶକ ଆମ୍ରେଶ୍ୱର ଝା ଓ ଅବସରପ୍ରାପ୍ତ ନିର୍ଦ୍ଦେଶକ ସୁପାଇ ମୁର୍ମୁ,ସରପଂଚ ଚନ୍ଦ୍ରମଣି ସିଂ, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା ପ୍ରମୁଖ ଅନେକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରି ପିଲାଙ୍କୁ ଉଚିତ ମାର୍ଗରେ ଯିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଶିକ୍ଷୟିତ୍ରୀ ସୁମିତ୍ରା ଦାସ,ବାସନ୍ତୀ ସାହୁ,ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ-ସଭ୍ୟା ସଭା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଅଖିଳ ଭାରତ ମହିଳା ସମିତି ଆନୁକୂଲ୍ୟରେ ବିଶ୍ୱ ଆନ୍ତର୍ଜାତିକ ମହିଳା ଦିବସ ପାଳିତ




କୋଇଡ଼ା (ଭାସ୍କର ନ୍ୟୁଜ୍) : ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଖଣିଖାଦାନ ପ୍ରାଚୁର୍ଯ୍ୟ ଭରା କୋଇଡା ବ୍ଲକର ସଦର ମହକୁମା କୋଇଡା ସ୍ଥିତ ସିଆଇଟିୟୁ ସମ୍ମିଳନୀ ଗୃହରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଆନୁକୂଲ୍ୟରେ ବିଶ୍ୱ ଆନ୍ତର୍ଜାତିକ ମହିଳା ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସାରା ବିଶ୍ୱରେ ଲୀଙ୍ଗଗତ ସମାନତା ପାଇଁ କୋଣେ ଅନୁକୋଣେ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ, ବିଭିନ୍ନ କଳା କାରଖାନା, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ବିଶ୍ୱ ମହିଳା ଦିବସ ପାଳନ କରାଯାଉଛି। କୋଇଡାରେ ମହିଳା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶ୍ରମିକ ନେତା ପ୍ରଭାତ କୁମାର ପଣ୍ଡା, ମୁଖ୍ୟ ବକ୍ତା କୋଇଡା ସ୍ନାତକ ବିଦ୍ୟାଳୟର ଇତିହାସ ଅଧ୍ୟାପକ ପ୍ରଦୀପ କୁମାର ପଟ୍ଟନାୟକ, ସିଆରସିସି ପ୍ରଶାନ୍ତ କୁମାର ପରିଡ଼ା, ବାବୁଲି ମୁଣ୍ଡା, ଶିକ୍ଷୟତ୍ରୀ ରଞ୍ଜିତା ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ମଞ୍ଜୁଲତା ପଟ୍ଟନାୟକ, ଶିକ୍ଷୟତ୍ରୀ ସୁପ୍ରଭା ରାୟ,ସମାଜସେବୀ ଅଶୋକ ସାମଲ, ଜନ ତୁନତୁନ, ସମାଜସେବୀକା ରୀନାରାଣୀ ରାଉତ, ରଶ୍ମୀ ରଣା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ କୋଇଡା ମିନି ଷ୍ଟାଡିୟମରେ ବିଭିନ୍ନ ଖେଳ ପ୍ରତିଯୋଗୀତା ହୋଇଥିଲା। ଗାନ୍ଧୀଜୀ କହିଥିଲେ ଯେଉଁ ଦିନ ମଧ୍ୟ ରାତିରେ ଜଣେ ନାରୀ ଏକାକୀ ରାଜ ରାସ୍ତାରେ ନିର୍ଭୟରେ ଯାଇ ପାରିବ ସେଦିନ ମହିଳାମାନଙ୍କୁ ପ୍ରକୃତ ସ୍ୱାଧୀନତା ମିଳିଲା ବୋଲି କହି ପାରିବା। ଖଣି ଖାଦାନ, ବେସରକାରୀ କାର୍ଯ୍ୟାଳୟରେ ମହିଳା ମାନଙ୍କୁ ସମାନ କାମକୁ ସମାନ ଦରମା ଓ ସାମାଜିକ ସୁରକ୍ଷା ମିଳୁନାହିଁ । ବିଭିନ୍ନ କର୍ମ କ୍ଷେତ୍ର ତଥା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳାମାନେ ଅସୁରକ୍ଷିତ, ଶୋଷିତ ଓ ଯୌନ ଶୋଷଣରେ ଶିକାର ହେଉଛନ୍ତି । ଏବେବି ମହିଳା ମାନେ ସ୍ୱାସ୍ଥ୍ୟ, ଶିକ୍ଷାରୁ ଅବହେଳିତ । ତେଣୁ ସମୟ ଆସିଛି ମହିଳାମାନେ ନିଜର ମୌଳିକ ଅଧିକାର ଓ ସାମ୍ବିଧାନିକ ଅଧିକାରକୁ ନେଇ ସଂଗ୍ରାମ କରିବା ଉଚିତ । ମହିଳାମାନେ ଶିକ୍ଷିତ ହୋଇ ନିଜର ଅଧିକାର ଉପରେ ସଚେତନ ହେବା ଦରକାର । ମହିଳା ମାନଙ୍କୁ ସବୁ କ୍ଷେତ୍ରରେ ସମ୍ମାନ ଓ ମୂଲ୍ୟ ମିଳିବା ଉଚିତ ବୋଲି ଉପସ୍ଥିତ ଥିବା ଅତିଥି ବୃନ୍ଦ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଅତିଥି ଗଣ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୬୦୦ରୁ ଉର୍ଦ୍ଧ୍ୱ ମହିଳା, ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଆମ ଗାଁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

### ବନବିହାରୀଙ୍କୁ 'ଆମ ଗାଁ ପୁଅ' ଓ ସୁପ୍ରିୟାଙ୍କୁ 'ଆମ ଗାଁ ଝିଅ' ସମ୍ମାନ



ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ୍ ବାଲଂଶା ସ୍ଥିତ ପ୍ରଜ୍ଞାପୀଠ ଆଶ୍ରମ ପରିସରରେ 'ଆମ ଗାଁ ସାହିତ୍ୟ ସଂସଦ'ର ପଞ୍ଚଦଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଆସରରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ 'ସାମାଜିକ ଚେତନାରେ ସାହିତ୍ୟର ଅବଦାନ ଶୀର୍ଷକ ଆଲୋଚନାରେ ଭାଗନେଇଥିଲେ । ମଧ୍ୟମ ଆସରରେ ଆମ ଗାଁ ସାହିତ୍ୟ ସଂସଦର ସଭାପତି ପ୍ରଭାତ ନନ୍ଦ ପୌରୋହିତ୍ୟ କରିଥିବା ବେଳେ ସଂସଦର ପ୍ରତିଷ୍ଠାତା ସଂପାଦକ ଅଲେଖ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ ଗାଁରେ ଭାଷାକୁ ବଞ୍ଚାଅ ଓ ସଂସ୍କୃତି କିପରି ସମୃଦ୍ଧ ହେବ ସେଥିପ୍ରତି ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଓ ସ୍ତମ୍ଭକାର ଦାଶ ବେନହୁର ଯୋଗଦେଇ ସଭ୍ୟତାର ଭିତ୍ତିଭୂମି ହେଉଛି ସାହିତ୍ୟ। ଏହା କେବଳ ଇତିହାସର କଥା କହେନି କାଳ କାଳ ଭାବ ସଂଚାରୀ। ପ୍ରକୃତରେ ଗାଁ ଗହଳିରୁ ସୃଷ୍ଟି ହୋଇଛି ସାହିତ୍ୟ। ମଣିଷକୁ ମଣିଷ ସହ ଯୋଡ଼େ ସାହିତ୍ୟ ବୋଲି ମତବ୍ୟକ୍ତ କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଗାଁକୁ ନେଇ ଅଧିକରୁ ଅଧିକ କବିତା ଓ ଗଳ୍ପ ଲେଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବରିଷ୍ଠ ସାହିତ୍ୟିକ ବନବିହାରୀ ନାୟକଙ୍କୁ 'ଆମ ଗାଁ ପୁଅ' ସମ୍ମାନ ଓ ବରିଷ୍ଠ ସାହିତ୍ୟିକା ଡ଼ଃ ସୁପ୍ରିୟା ପାଲଙ୍କୁ 'ଆମ ଗାଁ ଝିଅ' ସମ୍ମାନରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାହିତ୍ୟରେ ଅଧିକ ନମ୍ବର ରଖିଥିବା ବିଭିନ୍ନ ବିଦ୍ୟାଳୟର ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସାହିତ୍ୟ ଉତ୍କର୍ଷ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାଧ୍ୟାପକ ଶାନ୍ତନୁ କୁମାର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶରତ କୁମାର ପଣ୍ଡା ଅତିଥି ପରିଚୟ ଓ ଶିକ୍ଷାବିତ ଶିଶିର କୁମାର ତ୍ରିପାଠୀ ବେଦ ପାଠ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ କବି ସୁବାସ ସେନାପତି ଓ ଅଳକାବତୀ ରଥଙ୍କ ସଂଯୋଜନାରେ ଆୟୋଜିତ କବିତ ଆସରରେ ଶତାଧିକ କବି କବୟିତ୍ରୀ ସ୍ୱରଚିତ କବିତାମାନ ପାଠ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବନମାଳି ମହାରଣା, ପ୍ରତିଭାରାଣୀ ରାୟ, ଗୀତା ରଥ, ପ୍ରେମଲତା ବାରିକ, ବିଜନ ମହାପାତ୍ର, ନଗେନ୍ଦ୍ର ସ୍ୱାଇଁ, ସନ୍ତୋଷ କୁମାର ସାହୁ, ରବି ମହାନ୍ତି, ସରୋଜ କୁମାର ଦ୍ୱିବେଦୀ, ସମୀର ଦାସଙ୍କ ସମେତ ଗୋପବନ୍ଧୁ ଯୁବକ ସଂଘର ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ। ଶେଷରେ ଉପେନ୍ଦ୍ର ପଟ୍ଟନାୟକ କଳା ନିକେତନ ପକ୍ଷରୁ ରାଜକିଶୋର ସାହୁଙ୍କ ନିର୍ଦ୍ଦେଶନାରେ ଗୀତିନାଟ୍ୟ କୃଷ୍ଣ ସୁଦାମା ପରିବେଷଣ କରାଯାଇଥିଲା।

## ଗୌରପୁର ପଞ୍ଚାୟତ ନୂତନ କଲ୍ୟାଣ ମଣ୍ଡପ ଗୃହ ଶୁଭ ଉଦଘାଟିତ




କୋରେଇ (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ଅନ୍ତର୍ଗତ ଗୌରପୁର ଗ୍ରାମପଞ୍ଚାୟତ ତୁଳସୀପୁର ଠାରେ ନୂତନ କରି ପଞ୍ଚାୟତ କଲ୍ୟାଣ ମଣ୍ଡପ ଗୃହ ଉଦ୍‌ଘାଟିତ ହୋଇଯାଇଛି। କୋରେଇ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ଥିବାବେଳେ ଗୌରପୁର ପଞ୍ଚାୟତରେ କଲ୍ୟାଣ ମଣ୍ଡପ ଗୃହ ନଥିଲା। ଏହି ପଞ୍ଚାୟତର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଲ୍ୟାଣ ମଣ୍ଡପ ଗୃହ କାର୍ଯ୍ୟ ଶେଷ ହୋଇଛି ଯାହା ଆଜି ଯଥା ରୀତି ନୀତିରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଶେଷ ହୋଇଛି। ଏହି କଲ୍ୟାଣ ମଣ୍ଡପ ଦ୍ୱାରା ଆଗମୀ ଦିନରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ୱଳ୍ପ ଖର୍ଚ୍ଚରେ ପଞ୍ଚାୟତର ସାଧାରଣ ଲୋକ କରିପାରିବେ ଓ ପଞ୍ଚାୟତର କିଛି ଆୟ ବଢିବ ବୋଲି ମତପ୍ରକାଶ ପାଇଛି। ଏହି ଶୁଭ କାର୍ଯ୍ୟକ୍ରମରେ ପଞ୍ଚାୟତର ବୃଦ୍ଧବୃଦ୍ଧାମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଭିରାମ ବାରିକ୍, ବରୁଣ୍ଡେଇ ପୂର୍ବତନ ସରପଞ୍ଚ ଉଦୟନାଥ ପରିଡ଼ା, ଯୁବନେତା ଗୋପୀନାଥ ମହାପାତ୍ର, ମନୋଜ ବିଶ୍ୱାଳ, ପ୍ରଦୀପ ଧଡା, ସୁରେନ୍ଦ୍ର ପଣ୍ଡା, ପୂଜକ ମନ୍ମଥ ମିଶ୍ର, ଜନ୍ମେଜୟ ସାହୁ, ଆଲୋକ ମଲ୍ଲିକ, ପୂର୍ବତନ ସମିତିସଭ୍ୟା ଜୟନ୍ତୀ ସାହୁ, ଅଶୋକ ବାରିକ୍, ବିଜୟ ଭୁଆଁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



କଟକ(ଭାସ୍କର ନ୍ୟୁଜ): ଶିକ୍ଷା ହେଉଛି ମଣିଷର ସର୍ବୋତ୍ତମ ବନ୍ଧୁ। ଜଣେ ଶିକ୍ଷିତ ବ୍ୟକ୍ତି ସର୍ବତ୍ର ସମ୍ମାନ ପାଆନ୍ତି । ସମାଜସେବୀ ତଥା ଶିକ୍ଷାକୁ ଅଗ୍ରାଧିକାର ଦେଉଥିବା, ଜଣେ ଦରଦୀ ମଣିଷ ହେଉଛନ୍ତି ଘନଶ୍ୟାମ ଶତପଥୀ । ଯିଏ କି ନିଜର ବାଲ୍ୟାବସ୍ଥାରୁ ଅଧ୍ୟୟନ କରୁଥିବା, ନିଜର ଅତି ପ୍ରିୟ ରେଭେନ୍ସା କଲିଜିଏଟ୍ ସ୍କୁଲକୁ ପାଞ୍ଚ ଲକ୍ଷ ଟଙ୍କା ଫିକ୍ସିଡ୍ ଡିପୋଜିଟ ଆକାରରେ ଦାନ ସ୍ୱରୂପ ପ୍ରଦାନ କରିଛନ୍ତି । ସେହି ଟଙ୍କାରୁ ବାର୍ଷିକ ମିଳୁଥିବା ସୁଧକୁ, ସେ ବିଦ୍ୟାଳୟରେ ପଢୁଥିବା ଅଷ୍ଟମ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ, କୃତି ଛାତ୍ରମାନଙ୍କୁ ମେଧାବୃତ୍ତି ସ୍ୱରୂପ ପ୍ରଦାନ କରାଯିବାର ଇଚ୍ଛା ବ୍ୟକ୍ତ କରିଛନ୍ତି । ବିଦ୍ୟାଳୟ ପରିସରରେ ଉପସ୍ଥିତ ରହି, ସେ ଏହି ଅର୍ଥରାଶିକୁ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକଙ୍କୁ ପ୍ରଦାନ କରିଥିଲେ । ଘନଶ୍ୟାମ ଶତପଥୀ ଏହି ବିଦ୍ୟାଳୟରୁ ୧୯୫୭ ମସିହାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ ।

## ୪୮ ଲକ୍ଷ ଟଙ୍କାର ଲୁଟ୍ ସୁନା ଘଟଣା
# ଜୁଏଲାରୀ କର୍ମଚାରୀ ଗିରଫ

କଟକ(ଭାସ୍କର ନ୍ୟୁଜ୍): କଟକର ଏକ ଜୁଏଲାରୀ ଦୋକାନରେ କାମ କରିବା ସମୟରେ ଭିନ୍ନ ଭିନ୍ନ ସମୟରେ ୪୮ ଲକ୍ଷ ଟଙ୍କାର ସୁନା ଚୋରି କରିଥିବା ଉକ୍ତ ଦୋକାନ କର୍ମଚାରୀକୁ ଆଜିତ ପୁଲିସ୍ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଲାଲବାଗ ଅଂଚଳର ସତ୍ୟନାରାୟଣ ସାହୁ। ଗିରଫ ସମୟରେ ପୁଲିସ୍ ଅଭିଯୁକ୍ତ ନିକଟରୁ ସୁନା ଜବତ କରିଛି। ସତ୍ୟ ନାରାୟଣ ଦୀର୍ଘ ବର୍ଷ ଧରି ନୟାସଡ଼କ ଅଞ୍ଚଳରେ ଥିବା ସୁରଜ୍ ଜୁଏଲାରୀରେ କାର୍ଯ୍ୟ କରୁଥିଲେ। ତେବେ ସେ ପ୍ରତିଦିନ ଦୋକାନରୁ ଅଳ୍ପ ଅଳ୍ପ ସୁନା ଚୋରି କରିବା ପରେ ତାକୁ ଭିନ୍ନ ଭିନ୍ନ ସ୍ଥାନରେ ଲୁଚାଇ ରଖିଥିଲା। ଦୋକାନୀ ମାଲିକ ସୁକୁମାର ବୋଇତାଳ ଏହା ଜାଣିବା ପରେ କଟକ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। କଟକ ପୁରୀଘାଟ ଥାନା ପୋଲିସ ଜଣକୁ ଗିରଫ କରିଛି। ଗିରଫ ପରେ ସତ୍ୟନାରାୟଣକୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ୍ ପକ୍ଷରୁ କୁହାଯାଇଛି ।

# ଇମ୍ଫାର ସିଏଫ୍ଓ ହେଲେ ସୌନିକ ଗୁପ୍ତା



ଭୁବନେଶ୍ୱର(ଭାସ୍କର ନୁଜ୍) : ଦେଶର ଅଗ୍ରଣୀ ଫେରୋଆଲଏଜ୍ ଉତ୍ପାଦକ କମ୍ପାନୀ ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋଆଲଏଜ ଲିମିଟେଡ୍ (ଇମ୍ଫା) ପକ୍ଷରୁ ସୋମବାର ସୌନକ ଗୁପ୍ତାଙ୍କୁ କମ୍ପାନୀର ମୁଖ୍ୟ ବିତ୍ତୀୟ ଅଧିକାରୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଦୁଇ ଦଶକ ଧରି ସିଏଫ୍ଓ ଏବଂ କମ୍ପାନୀ ସଚିବ ଭାବେ ଦାୟିତ୍ୱ ତୁଲାଉଥିବା ପ୍ରେମଖଣ୍ଡେଲ ବାଲଙ୍କ ଏକ ବିଶିଷ୍ଟ କାର୍ଯ୍ୟକାଳର ସମାପନ ପରେ କମ୍ପାନୀ ପକ୍ଷରୁଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶ୍ରୀ ଗୁପ୍ତା ଜଣେ ଯୋଗ୍ୟ ଚାର୍ଟାର୍ଡ ଆକଉଣ୍ଟାଣ୍ଟ, କମ୍ପାନୀ ସେକ୍ରେଟାରୀ ଓ କୋଷ୍ଟ ଆକାଉଣ୍ଟାଣ୍ଟ, ଯିଏକି ୨୬ବର୍ଷର ନିଜ କ୍ୟାରିୟରରେ ବ୍ଲୁଷ୍ଟାର, ୱିପ୍ରୋ, ବର୍ଜର ପେଣ୍ଟସ୍ ଓ ପିଡବ୍ଲୁସି ଭଳି ବିଭିନ୍ନ ବିବିଧ ଉଦ୍ୟୋଗରେ କାର୍ଯ୍ୟ କରିଛନ୍ତି। ଏହି ନିଯୁକ୍ତି ଅବସରରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତିଯେ, ସୌନକ ବହୁତ କମ ସମୟ ମଧ୍ୟରେ ବିତ୍ତୀୟ କାର୍ଯ୍ୟରେ ନିଜର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ସହିତ ଇମ୍ଫାର ରଣନୈତିକ ପ୍ରାଥମିକତାକୁ ଆକାର ଦେବାରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିଛନ୍ତି। ମୁଁ ଏହି ଅବସରରେ ପ୍ରେମ ଖଣ୍ଡେଲ ବାଲଙ୍କ ନେତୃତ୍ୱ କୌଶଳ ଓ କମ୍ପାନୀରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ପ୍ରଂଶସା କରୁଛି।

# ହୋଲି ପାଇଁ ପୂର୍ବତଟ ରେଳପଥରୁ ୩ ଯୋଡା ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ଟ୍ରେନ ରୁଟରେ ଚାଲୁଥିବା ନିୟମିତ ଟ୍ରେନରେ ଯାତ୍ରୀମାନଙ୍କ ଅତିରିକ୍ତ ଯାତ୍ରୀ ଭିଡକୁ ଦୂର କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ହୋଲି ଉତ୍ସବ ସମୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତି ନିଆଯାଇଛି । ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ତିନି ଯୋଡି ହୋଲି ସ୍ପେସିଆଲ୍ ଟ୍ରେନ୍ ଚେରଲାପାଲ୍ଲୀ (ହାଇଦ୍ରାବାଦ), କୋଲକାତା ଏବଂ ବେଙ୍ଗାଲୁରୁକୁ ଚଳାଚଳ କରାଇବା ପାଇଁ ଯୋଜନା କରାଯାଇଛି । ଏହାସହ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ପୂର୍ବରୁ ଚଳାଚଳ କରୁଥିବା କିଛି ସ୍ୱତନ୍ତ୍ର ଟ୍ରେନର ସେବାକୁ ମଧ୍ୟ ବର୍ଦ୍ଧିତ କରାଯାଇଛି ।

## କୃଷି ଓ କୃଷକ ସଶକ୍ତିକରଣ ବିଭାଗ ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ
# ଇ-କେଓ୍ୱାଇସି ଭେରିଫିକେସନ ଖିଲାପ କଲେ କଡ଼ା କାର୍ଯ୍ୟାନୁଷ୍ଠାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୋମବାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଦୁଇଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନରେ ଚାଲୁଥିବା ନିର୍ମାଣ କାର୍ଯ୍ୟ ଗୁଡ଼ିକର ସମୀକ୍ଷା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ କରିଥିଲେ । ଦ୍ୱିତୀୟରେ ସିଏମ୍-କିଷାନ, ପିଏମ୍-କିଷାନ ଓ ମାଣ୍ଡିଆର ସରକାରୀ ସ୍ତରରେ କ୍ରୟ ଆଦିର ସମୀକ୍ଷା କରାଯାଇଛି । କୃଷି ବିଭାଗ ଅଧୀନରେ ଚାଲୁଥିବା ନିର୍ମାଣ କାର୍ଯ୍ୟ ଯଥା ଇମେଜର ଭିତିଭୂମି ବିକାଶ, କୃଷି ଉଦ୍ୟୋଗ ଭବନ ନିର୍ମାଣ, ମିଲେଟ ଫାକ୍ଟ୍ରି, ମିଲେଟ କାଫେ, ଫୁଡ୍ କୋର୍ଟ ନିର୍ମାଣ ଇତ୍ୟାଦିର ଅଗ୍ରଗତିର ସମୀକ୍ଷା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କରିଛନ୍ତି । ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ସଂପୃକ୍ତ ସଂସ୍ଥାମାନଙ୍କୁ କୁହାଯାଇଛି। ସିଏମ୍-କିଷାନ ଯୋଜନା ଅନ୍ତର୍ଗତ ସମସ୍ତ ହିତାଧିକାରୀଙ୍କୁ ନିଜର ଇ-କେଓ୍ୱାଇସି ଓ ଆଧାର ତଥା ଜମି ସମ୍ବନ୍ଧୀୟ ସୂଚନା ଅପଡେଟ୍ କରିବାକୁ ପରାମର୍ଶ ଦିଆଯାଇଛି । ଏହି ଅପଡେଟ୍ ପ୍ରକ୍ରିୟା ଭିଏଲଡବ୍ଲୁ, ବିଏଓ ଏବଂ କୃଷିବିଭାଗର ଅଧିକାରୀମାନଙ୍କ ଦ୍ୱାରା କରାଯାଉଛି । ହିତାଧିକାରୀଙ୍କ ଏହି ଭେରିଫିକେସନ ପ୍ରକ୍ରିୟାକୁ ମାର୍ଚ୍ଚ ମାସ ୨୪ ତାରିଖ ସୁଦ୍ଧା ସାରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଖିଲାପ କରିଥିବା ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କ ଦରମା ବନ୍ଦ କରିବାକୁ ଡ଼ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଶ୍ରୀ ଅନ୍ନର ଉତ୍ପାଦନ କ୍ଷମତାରେ ବୃଦ୍ଧି ଘଟିଛି ଏବଂ ସରକାର ଏଫପିଓ ସହାୟତାରେ ମଣ୍ଡି ଦ୍ୱାରା ମାଣ୍ଡିଆ ଫସଲ କ୍ରୟ କରୁଛନ୍ତି । ବର୍ତ୍ତମାନ କ୍ୟୁଣ୍ଟାଲ ପିଛା ଶ୍ରୀ ଅନ୍ନର ସର୍ବନିମ୍ନ ମୂଲ୍ୟ ୪୨୯୦ ଟଙ୍କା ଥିବାବେଳେ, ଅଧିକ ୨୧୦ ଟଙ୍କା ଦେଇ ସରକାର କୁଇଣ୍ଟାଲ ପିଛା ୪୫୦୦ ଟଙ୍କାରେ ଆଜି ସୁଦ୍ଧା ୫.୫୧ ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ କରିଛନ୍ତି । ଏହି ସମୀକ୍ଷା ବୈଠକରେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦଙ୍କ ସମେତ ରାଜ୍ୟର ସମସ୍ତ ଜିଲ୍ଲାରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଆଭାସି ମାଧ୍ୟମରେ ଯୋଡ଼ି ହୋଇଥିଲେ



କଟକରେ ଦୋଳ ମେଳଣ ଅବସରରେ ୨୫ ଦିଗଭାଗ ସାଂସ୍କୃତିକ ମଣ୍ଡଳୀ ପକ୍ଷରୁ ତେଲେଙ୍ଗା ବଜାର ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ବିମାନ

# ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ'



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୯ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ' ସ୍ଥାନୀୟ ଉତ୍କଳ ମଣ୍ଡପରେ ସୋମବାର ଠାରୁ ୪ଦିନ ବ୍ୟାପି ପାଳନ କରାଯାଇଛି । ସନ୍ଧ୍ୟାରେ ଅତିଥି ଭାବେ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷକ ଡ଼ଃ. ଶାନ୍ତନୁ କୁମାର ରଥ, ସମ୍ମାନିତ ଅତିଥି ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି, ପ୍ରଫେସର ପ୍ରଫୁଲ ଚନ୍ଦ୍ର ମିଶ୍ର, ପ୍ରଶାନିକ ଅଧିକାରୀ ଗୁରୁ କେଳୁ ଚରଣ ମହାପାତ୍ର, ଅନୁଜା ତରଣୀ ମିଶ୍ର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଗୁରି ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ମହାବିଦ୍ୟାଳୟର କୃତି ଛାତ୍ରଛାତ୍ରୀ ଯେଉଁମାନେ ନିଜ ନିଜ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରି ଓଡ଼ିଶା ତଥା ଭାରତକୁ ଗର୍ବିତ କରିଛନ୍ତି ସେହି ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନିତ କରାଯାଇଛି । ଆରମ୍ଭରୁ ପ୍ରଥମ ଦିବସରେ ସଂସ୍କୃତିକ କାର୍ଯ୍ୟକମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ପ୍ରସ୍ତୁତ ବୃନ୍ଦ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ମୃତ୍ୟୁଞ୍ଜୟ ରଥ ।

## ରାଜ୍ୟପାଳଙ୍କୁ ଭେଟିଲେ ବିଏସ୍ଏଫ୍ ମୁଖ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଇଜି, ସୀମାନ୍ତ ହେଡ କ୍ୱାର୍ଟର (ସ୍ପେସିଆଲ ଅପରେସନ) ଏବଂ ଓଡ଼ିଶା ବିଏସଏଫ୍ ମୁଖ୍ୟ, ଚାରୁଧ୍ୱଜ୍ ଅଗ୍ରୱାଲ ଏକ ଦୁଇ ଜଣିଆ ପ୍ରତିନିଧି ଦଳ ସହ ସୋମବାର ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି। ଉଭୟେ ରାଜ ଭବନ ଆସି ରାଜ୍ୟପାଳ ହରିବାବୁ କୁମ୍ଭମପାଟିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

## ପାନ ମସଲା, ଗୁଟ୍‌ଖାରୁ ଟିକସ ଆଦାୟ ବଢ଼ିଛି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତ ୧୦ ବର୍ଷ ମଧ୍ୟରେ ପାନ ମସଲା, ଗୁଟ୍‌ଖା ଓ ତମ୍ବାଖୁ ଆଦି ମାଦକ ଦ୍ରବ୍ୟରୁ ୬୫୯୫.୫୫ କୋଟି ଟଙ୍କାର ଟିକସ ମିଳିଛି। କ୍ରମାଗତ ଭାବେ ବାର୍ଷିକ ଗୁଟଖା ଏବଂ ତମ୍ବାଖୁରୁ ଆଦାୟ ଟିକସ ବଢିଚାଲିଛି। ୨୦୨୪-୨୫ ବର୍ଷରେ ଆଦାୟ ଏକ ହଜାର ୪୭ କୋଟି ଟଙ୍କା ହୋଇଥିଲା। ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଏହି ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ବିରୋଧୀ ବିଧାନସଭା ଚଳାଇ ଦେଉନାହାନ୍ତି: ବାବୁ ସିଂ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଧାନସଭା ନ ଚଳେଇ ଦେବା ପାଇଁ ବିରୋଧୀ ପ୍ରସ୍ତୁତ ହୋଇ ଆସିଛନ୍ତି। ପ୍ରଶ୍ନକାଳରେ ବିରୋଧୀ ଉତ୍ତର ଚାହିଁଥାନ୍ତେ କିନ୍ତୁ ଦୁର୍ଭାଗ୍ୟର କଥା ବିରୋଧୀ ଏହାକୁ ଅଚଳ କରୁଛନ୍ତି ବୋଲି ବିଜେପି ବିଧାୟକ ବାବୁ ସିଂ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ବିଧାନସଭାରେ ବିଜୁବାବୁଙ୍କ ବିଷୟରେ ଆଲୋଚନା ହୋଇଥାନ୍ତା। ଆମେ ପ୍ରସ୍ତୁତ ଥିଲୁ। ବିଜୁ ବାବୁଙ୍କ ଜୀବଦ୍ଦଶାରେ ବିଜେଡି ବିଜୁ ବାବୁଙ୍କୁ ସମ୍ମାନ ଦେଉନାହଁ। ବିଜୁ ବାବୁଙ୍କୁ ନବୀନ ବାବୁ ଘୁଣା କରିଥିଲେ। ବିଜୁବାବୁଙ୍କ ହସ୍ପିଟାଲର ବିଲ୍ ୨୨ ଲକ୍ଷ ଟଙ୍କା ଦେବା ପାଇଁ ନବୀନ ବାବୁ ଲୁଚିଥିଲେ। ଦିଲ୍ଲୀପ ରାୟ ହସ୍ପିଟାଲ ରେ ବିଲ୍ ପେଣ୍ଟେଣ୍ଟ୍ କରିବା ପରେ ମରଶରୀର ବାହାରକୁ ଆସିଥିଲା।ବିଜୁ ବାବୁଙ୍କ ଦଶାହରେ ନବୀନ ବାବୁ ଲଣ୍ଡା ହେବାକୁ ରାଜି ହେଉନଥିଲେ। ତାଙ୍କ ଭଉଣୀ ଏବଂ କିଛି ନେତା ଅନୁରୋଧ କରିବା ପରେ ଲଣ୍ଡା ହୋଇଥିଲେ। ସେମାନେ ଆଜି ଅସ୍ମିତା କଥା ବିଜୁ ବାବୁଙ୍କ କଥା କହୁଛନ୍ତି। ସେହିପରି କଂଗ୍ରେସ ଆଜି ଆଇନ୍ ଶୃଙ୍ଖଳା କଥା କହୁଛି। ଛବିରାଣୀ ହତ୍ୟାକାଣ୍ଡ ସାରା ଓଡ଼ିଶା ଦେଖିଛି। କଂଗ୍ରେସ ମହିଳା ନିର୍ଯାତନା କଥା କହିବା ହାସ୍ୟାସ୍ପଦ। ସେହିପରି ଜୟନାରାୟଣ ମିଶ୍ରଙ୍କ ବିବାଦୀୟ ମନ୍ତବ୍ୟ ପ୍ରସଙ୍ଗରେ ବାବୁ ସିଂ କହିଛନ୍ତି ଜୟନାରାୟଣଙ୍କ ବକ୍ତବ୍ୟ ତାଙ୍କ ବ୍ୟକ୍ତିଗତ ମନ୍ତବ୍ୟ। ଓଡ଼ିଶାର ସ୍ୱାର୍ଥ ପାଇଁ ବିଜେପି ସବୁବେଳେ ଲଢେଇ କରିଆସିଛି। ଓଡ଼ିଶାର ସ୍ୱାର୍ଥ ପାଇଁ ବିଜେପି କାମ କରୁଛି।

# ରାଜ୍ୟରେ ୧ଲକ୍ଷ ୪୩,୬୯୨ଜଣ କୁଷ୍ଠ ରୋଗୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ କୁଷ୍ଠ ରୋଗୀଙ୍କ ସଂଖ୍ୟା ୧ ଲକ୍ଷ ୪୩ ହଜାର ୬୯୨ । ଗୃହରେ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ପ୍ରଶ୍ନରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଉତ୍ତର ରଖିଛନ୍ତି । ୨୦୦୬-୨୦୦୭ ରେ ୫୦୮୮ ଜଣ କୁଷ୍ଠ ରୋଗୀ ଥିବା ବେଳେ ୨୦୧୮-୨୦୧୯ରେ ସର୍ବାଧିକ ୧୦ ହଜାର ୭୮୬ ଜଣ ଥିଲେ କୁଷ୍ଠ ରୋଗୀ ଥିଲେ। ୨୦୨୩-୨୦୨୪ ରେ ୮୩୯୬ ଜଣ କୁଷ୍ଠ ରୋଗୀ ଅଛନ୍ତି । ୨୦୦୬-୦୭ ରେ ୩୯୦.୯୪ ଲକ୍ଷ ଖର୍ଚ୍ଚ ହୋଇଥିବା ବେଳେ ୨୦୧୯-୨୦ ରେ ୧୪୩୯.୭୭ ଲକ୍ଷ ଖର୍ଚ୍ଚ ହୋଇଛି।

## ଲକ୍ଷପତି ଦିଦି କାର୍ଯ୍ୟକ୍ରମକୁ ମିଶନ ମୋଡରେ ନେବା ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
# ଆଜିଠୁ ପ୍ରତି ଜିଲ୍ଲାରେ ଲକ୍ଷପତି ଦିଦି କର୍ମଶାଳା

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତାକାଲି ରାଜ୍ୟର ସବୁ ଜିଲ୍ଲାରେ ଆରମ୍ଭ ହେଉଛି ଲକ୍ଷପତି ଦିଦି କର୍ମଶାଳା। କେନ୍ଦ୍ର ସରକାରଙ୍କ ସହଭାଗିତାରେ ଓଡିଶା ଜୀବିକା ମିଶନ ମାଧ୍ୟମରେ ରାଜ୍ୟ ସରକାର ଏହି 'ଲକ୍ଷପତି ଦିଦି' ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି କର୍ମଶାଳାରେ ପ୍ରତ୍ୟେକ ଜିଲ୍ଲାର କମ୍ୟୁନିଟି ସପୋର୍ଟ ଷ୍ଟାଫ, ସମ୍ଭାବ୍ୟ ଲକ୍ଷପତି ଦିଦି ଓ ଲକ୍ଷପତି ଦିଦି ପ୍ରମୁଖ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମରେ କମ୍ୟୁନିଟି ସପୋର୍ଟ ଷ୍ଟାଫ ମାନେ ତୃଣମୂଳ ସ୍ତରରେ କେଉଁଭଳି ଅଧିକରୁ ଅଧିକ ସମ୍ଭାବ୍ୟ ଲକ୍ଷପତି ଦିଦି ମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଲକ୍ଷପତି ଦିଦି କରିପାରିବେ ସେ ନେଇ ବିସ୍ତୃତ ଆଲୋଚନା କରାଯିବ। ଏହି ଲକ୍ଷ୍ୟ ହାସଲ ଦିଗରେ ବିଭିନ୍ନ ସରକାରୀ ବିଭାଗଙ୍କ ସହଭାଗିତାରେ ସମ୍ଭାବ୍ୟ ଲକ୍ଷପତି ଦିଦିଙ୍କ କ୍ଷମତା ଓ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ, ବ୍ୟବସାୟ ବୃଦ୍ଧି ଆଦି ଉପରେ ସବିଶେଷ ଦୃଷ୍ଟି ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଏତଦବ୍ୟତୀତ ଯେଉଁ ମହିଳାମାନେ ଅଦ୍ୟାବଧି ଲକ୍ଷପତି ଦିଦି ହେଇସାରିଛନ୍ତି, ଏହି କାର୍ଯ୍ୟକ୍ରମରେ ସେମାନେ ତାଙ୍କର ପ୍ରେରଣାଦାୟୀ ଆଲୋଚନା ମାଧ୍ୟମରେ ଅନ୍ୟ ସମ୍ଭାବ୍ୟ ଲକ୍ଷପତି ଦିଦି ମାନଙ୍କୁ ଉତ୍ସାହିତ କରିବେ।

# ତୃତୀୟ କର୍ପୋରେଟ ସାମାଜିକ ଦାୟିତ୍ୱ ପରିଷଦ ବୈଠକ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ତୃତୀୟ କର୍ପୋରେଟ ସାମାଜିକ ଦାୟିତ୍ୱ ବୈଠକ ଲୋକସଭା ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ସିଏସ୍ଆର୍ ପାଣ୍ଠି ଉପଯୋଗ ସଂପର୍କରେ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା। ବିଗତ ୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ ୧୦ବର୍ଷ ମଧ୍ୟରେ ବିଭିନ୍ନ ଶିଳ୍ପସଂସ୍ଥା ପକ୍ଷରୁ କରାଯାଇଥିବା ସିଏସ୍ଆର୍ ପାଣ୍ଠି ଖର୍ଚ୍ଚ ସଂପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସିଏସ୍ଆର ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମର ସୂଚନା ପାଇଁ ବ୍ୟବହୃତ ଗୋ କେୟାର ପୋର୍ଟାଲରେ ସଦ୍ୟତମ ସ୍ଥିତି ଅନୁସାରେ ବିଗତ ଆର୍ଥିକ ୧୦ବର୍ଷରେ ବିଭିନ୍ନ ଶିଳ୍ପ ସଂସ୍ଥା ତରଫରୁ ୧୩,୫୯୯ଟି ପ୍ରକଳ୍ପ କାର୍ଯ୍ୟକାରି କରାଯାଇ ୪,୩୧୨.୨୨କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଛି। ଉନ୍ନୟନ କମିଶନର ଅନୁଗ ଗର୍ଗ ଯୋଗଦେଇ କହିଥିଲେ ଯେ, ରାଜ୍ୟର ପ୍ରଗତୀକୁ ଶକ୍ତି ଯୋଗାଇବାରେ ସିଏସ୍ଆର ପାଣ୍ଠିର ଉତ୍ତମ ବ୍ୟବହାର ଗୁରୁତ୍ୱ ବହନ କରୁଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ ଏବଂ ଏମ୍ଏସ୍ଏମ୍ଇ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

# ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଲେ କଂଗ୍ରେସ ବିଧାୟକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ନାରୀ ନିର୍ଯାତନା, ମହିଳା ସୁରକ୍ଷା ଓ ଅନେକ ଛାତ୍ରୀ ଗର୍ଭବତୀ ହେବା ମାମଲାରେ ମୁଖ୍ୟମନ୍ତ୍ରୀ ଚୁପ୍ ରହିବା ଓ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନହେବା ପ୍ରତିବାଦରେ ସୋମବାର କଂଗ୍ରେସ ବିଧାୟକ ମାନେ ଧାରଣା ଦେଇଛନ୍ତି। ପ୍ରଥମେ ବିଧାନସଭା ଗୃହରେ ଓ ପରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ କଂଗ୍ରେସ ବିଧାୟକ ମାନେ ଧାରଣା ଦେଇ ପ୍ରତିବାଦ ଜଣାଇଥିଲେ।

# ଏଆଇଡିଏସ୍ଓ ପକ୍ଷରୁ ଶିକ୍ଷା କନ୍‌ଭେନସନ




କଟକ(ଭାସ୍କର ନ୍ୟୁଜ୍): ରାଜ୍ୟରେ ବନ୍ଦ ହୋଇଥିବା ସରକାରୀ ସ୍କୁଲକୁ ତୁରନ୍ତ ଖୋଲିବା, ଛାତ୍ର ସଂସଦ ନିର୍ବାଚନ କରିବା, ୟୁଜିସି ଚିଠା ନିୟାମକ -୨୦୨୫ ତୁରନ୍ତ ବାତିଲ କରିବା ତଥା ଅନ୍ୟାନ୍ୟ ଶିକ୍ଷା ସମସ୍ୟା ସମାଧାନ ଦାବିରେ ଏଆଇଡିଏସଓ ପକ୍ଷରୁ ଶିକ୍ଷା କନଭେନସନ ଅନୁଷ୍ଠିତ ହୋଇଯାଇଛି । ସେହିପରି ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡିକରେ ଆବଶ୍ୟକୀୟ ଶିକ୍ଷକ, ଅଧ୍ୟାପକ ଏବଂ ଶିକ୍ଷା କର୍ମଚାରୀ ପଦବୀ ତୁରନ୍ତ ସ୍ଥାୟୀ ଭିତିରେ ପୂରଣ କରିବାକୁ ଏହି କନ୍‌ଭେନ୍‌ସନ୍‌ରେ ମତ ପ୍ରକାଶ ପାଇଛି । ବିଶେଷ କରି ଶିକ୍ଷାର ଘରୋଇକରଣ ଏବଂ ବ୍ୟବସାୟୀକରଣ ବନ୍ଦ କରିବା, ଛାତ୍ରଛାତ୍ରୀମାନଙ୍କ ନିରାପତାକୁ ସୁନିଶ୍ଚିତ କରିବା, ଅଶ୍ଳୀଳତା, ଅପସଂସ୍କୃତି ଓ ମଦ ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ କରିବା ଆଦି ୧୦ ଦଫା ଦାବି ନେଇ ଏଆଇଡିଏସଓ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଶିକ୍ଷା କନ୍‌ଭେନ୍ସନ ଅନୁଷ୍ଠିତ ହୋଇଯାଇଛି । ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ବିରେନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଏଆଇଡିଏସଓ କେନ୍ଦ୍ରୀୟ ପରିଷଦ କୋଷାଧ୍ୟକ୍ଷ ସାମସୁଲ ଆଲାମ, ଅନ୍ୟତମ ବକ୍ତା ଭାବେ ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ କମିଟିର ରାଜ୍ୟ ସମ୍ପାଦକ ସୁବାସ ନାୟକ ବକ୍ତବ୍ୟ ରଖିଥିଲେ । ରାଜ୍ୟ ଉପ-ସଭାପତି ନିରୁପମା ବେହେରା ଭିତିପତ୍ର ପାଠ କରିଥିଲେ । ଏହାର ସମର୍ଥନରେ ରାଜ୍ୟ ଉପ-ସଭାପତି ଭାଗ୍ୟରବି ଦାସଙ୍କ ସମେତ ୨୪ଜଣ ପ୍ରତିନିଧି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏଆଇଡିଏସଓ ରାଜ୍ୟ କୋଷାଧ୍ୟକ୍ଷା ସର୍ପୁର୍ଣ୍ଣିନୀ ରାଉଳଙ୍କ ଧନ୍ୟବାଦ ଅର୍ପଣ କରିଥିଲା ।

# ୯୧ବାଲି ବୋଝେଇ ଗାଡି ଜବତ, ୯୬ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଚୋରା ବାଲି ମାଫିଆଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ମଧ୍ୟ ରାଜ୍ୟ ତମାମ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ରାଜ୍ୟର ସମସ୍ତ ଜିଲ୍ଲା ପୋଲିସ ବାଲି ମାଫିଆଙ୍କ ବିରୋଧରେ ଚଢ଼ାଉ ଅଭିଯାନ ଜାରି ରଖିଛନ୍ତି। ଏହି କ୍ରମରେ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇଓ୍ୱା ଜବତ କରାଯାଇଛି। ରବିବାର ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାର ପୋଲିସର ସ୍ୱତନ୍ତ୍ର ଟିମ ବିଭିନ୍ନ ଚୋରା ବାଲିଘାଟ ଉପରେ ଚଢାଉ କରି ୯୧ଟି ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇଓ୍ୱା ଜବତ କରାଯାଇଛି। ଏହା ସହ ୮୭ ଟି ମାମଲା ରୁଜୁ କରାଯାଇଥିବା ବେଳେ ୯୬ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହି ଧରପଗଡ଼ ଲଗାତାର ଭାବେ ଚାଲିବ। ବାଲି, ମୋରମ ଚୋରା କାରବାର ସମ୍ପର୍କରେ ସ୍ଥାନୀୟ ବ୍ୟକ୍ତି ବିଶେଷ ପୋଲିସକୁ ସୂଚନା ମଧ୍ୟ ଦେଇପାରିବେ। ରାଜ୍ୟରେ ଚୋରା ବାଲି ଚାଲାଣ ରୋକିବାକୁ ଆଗାମୀ ଦିନରେ ମଧ୍ୟ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିବ।

# ନବାନୁରାଗ ନୃତ୍ୟସଙ୍ଗୀତ ମହୋତ୍ସବ ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ସାଂସ୍କୃତିକ ଅନୁଷ୍ଠାନ 'ନୃତ୍ୟଜା' ତରଫରୁ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ୩ୟ 'ନବାନୁରାଗ' ନୃତ୍ୟ ସଂଗୀତ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଦୁଇଦିନ ଧରି ହେବାକୁ ଥିବା ଏହି ଉତ୍ସବର ପ୍ରଥମ ସଂନ୍ଧ୍ୟାରେ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଶିଳ୍ପ ମନ୍ତ୍ରୀ ସଂପଦ ଚରଣ ସ୍ୱାଇଁ, ଅଧ୍ୟକ୍ଷ ଓ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଜେ.ଏସ୍.ଡ଼ବ୍ଲ୍ୟୁ ଅନିଲ୍ ସିଂ, ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଡକ୍ଟର ଅରୁଣା ମହାନ୍ତି ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥନୀତି ଅଧ୍ୟାପିକା କଣ୍ଠଶିଳ୍ପୀ ଡଃ ମିତାଲି ଚିନାରା ଅତିଥି ଭାବେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରଥମ ସଂନ୍ଧ୍ୟାରେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ମଧୁସ୍ମିତା ମହାନ୍ତିଙ୍କ ଦ୍ୱାରା 'ଶୂନ୍ୟସ୍ୱରୂପ' ପରିବେଷଣ କରାଯାଇଥିଲା ଯାହାର ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଅରୁଣା ମହାନ୍ତି । ପରବର୍ତ୍ତୀ ପ୍ରସ୍ତୁତିରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶନାରେ 'ସୃଜନ' ଅନୁଷ୍ଠାନର ଓଡ଼ିଶୀ ନୃତ୍ୟଶିଳ୍ପୀ ଐଶ୍ୱରୀୟା ସିଂଦେଓ, ସୁଶ୍ରୀ ପ୍ରତିଶା ମହାପାତ୍ର, 'ଶାନ୍ତାକାରଂ ଭୂଜଗ ଶୟନଂ ଓ ରାଗ ଶୁଦ୍ଧ ଧୈବତ୍ ବିଭାସ ପଲ୍ଲବୀ' ପରିବେଶଣ କରିଥିଲେ । ସଂନ୍ଧ୍ୟାରେ ଏହି ମନୋଜ୍ଞ କାର୍ଯ୍ୟକ୍ରମ 'ନୃତ୍ୟଜା' ଅନୁଷ୍ଠାନର ସଂପାଦିକା ଓଡ଼ିଶୀ ନୃତ୍ୟଶିଳ୍ପୀ ପୂଜା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ନୃତ୍ୟ ଗବେଷକ ଡଃ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ସରକାର ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସଂପୂର୍ଣ୍ଣ ବିଫଳ: କଂଗ୍ରେସ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ମହିଳାମାନେ ପ୍ରତି ଅତ୍ୟାଚାର, ଅସଦାଚରଣ, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ବହୁମାତ୍ରାରେ ଦିନକୁ ଦିନ ବଢ଼ି ବଢ଼ିଚାଲିଛି । ଏହାର ପ୍ରତିବାଦରେ ଓ ନିରାକରଣ ପାଇଁ ସୋମବାର ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଙ୍କ ଆହ୍ୱାନକ୍ରମେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ ଓ ପ୍ରତିବାଦ ସଭା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତିଙ୍କ ପୌରହିତରେ ଆୟୋଜନ ହୋଇଥିଲା। ରାଜ୍ୟରେ ମହିଳାମାନେ ଆଜି ସଂପୂର୍ଣ ରୂପେ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଜନସଂଖ୍ୟାର ୫୦ ପ୍ରତିଶତ ମହିଳା ଏବଂ ଏହି ବର୍ଗଙ୍କୁ ରାଜ୍ୟ ସରକାର ସୁରକ୍ଷା ପ୍ରଦାନ କରୁନାହାନ୍ତି ବା କରିପାରୁନାହାନ୍ତି, ତାହାଲେ କିଭଳି ଏକ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖୁଛନ୍ତି ଓ ଦେଖାଉଛନ୍ତି । ତାହା ଆଜି ବଡ଼ ପ୍ରଶ୍ନବାଚୀ ହୋଇଛି ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଏହି ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେଇ କହିଛନ୍ତି ଆସନ୍ତା ଦିନରେ ରାଜ୍ୟ କଂଗ୍ରେସ ଏ ସରକାରଙ୍କୁ ତିଳେମାତ୍ର ସହ୍ୟ କରିବ ନାହିଁ, ଯେପର୍ଯ୍ୟନ୍ତ ମହିଳାମାନଙ୍କୁ ସଂପୂର୍ଣରୂପେ ସୁରକ୍ଷା ପ୍ରଦାନ କରାଯାଇନାହିଁ । ରାଜ୍ୟରେ ଏହି ୮ ମାସର ସରକାର ସମୟରେ ୫୪ଟି ଗଣଧର୍ଷଣ, ଧର୍ଷଣ ଓ ଧର୍ଷଣଜନିତ ମୃତ୍ୟୁ ଘଟିଛି । ମହାମହିମ ରାଷ୍ଟ୍ରପତି ଏ ସମସ୍ତ ଘଟଣା ତାଙ୍କ ଜ୍ଞାତସାରରେ ଥିବ। କିନ୍ତୁ ଅନ୍ୟରାଜ୍ୟରେ ଘଟୁଥିବା ଘଟଣାକୁ ନିନ୍ଦାକରୁଥିଲାବେଳେ ନିଜ ରାଜ୍ୟରେ ଏଭଳି ସ୍ଥିତି ପ୍ରତି ସାମାନ୍ୟ କର୍ଣ୍ଣପାତ ନ କରିବା ଅତ୍ୟନ୍ତ ଚିନ୍ତାର ବିଷୟ । ମହିଳାମାନଙ୍କୁ ନ୍ୟାୟ ଓ ସୁରକ୍ଷା ଦେବା, ରାଜ୍ୟ କଂଗ୍ରେସର ଏକମାତ୍ର ଦାବି ବୋଲି ସେ ରୋକ୍ ଠୋକ ଶୁଣାଇଛନ୍ତି । ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଅତିକ୍ଷୋଭ ଓ ଦୁଃଖର ସହିତ କହିଲେ ଯେ, ଗୋଟେ ପଟେ ଏକକୋଟି ସୁଭଦ୍ରାଙ୍କୁ ୫ ହଜାର ଟଙ୍କା ଦେଇ ନିଜକୁ ଭଗବାନ ବୋଲି ଭାବୁଥିବା ଡବଲ ଇଞ୍ଜିନ ସରକାର ଦୟାକରି କହିବେ କି ଆଜି ଶହ ଶହ ସୁଭଦ୍ରାଙ୍କ ପ୍ରତି ପାଶବିକ ଅତ୍ୟାଚାର, ଧର୍ଷଣ ଓ ଗଣଧର୍ଷଣ ଘଟୁଥିଲାବେଳେ ଏ ସରକାର ଚୁପ୍ କାହିଁକି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଥିଲେ ଯେ ଆଇନର ତରାଜୁ ଜଣେ ମହିଳାଙ୍କ ହାତରେ । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ ତାଙ୍କ ନିଜ ବକ୍ତବ୍ୟରେ କହିଥିଲେ ଯେ ଯେପର୍ଯ୍ୟନ୍ତ ମହିଳାମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କରାଯାଇପାରିବ ନାହିଁ, ସେ ପର୍ଯ୍ୟନ୍ତ ରାଜ୍ୟ କେବେହେଲେ ଏକ ବିକଶିତ ରାଜ୍ୟ ହୋଇପାରିବ ନାହିଁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ତରଫରୁ ସୁବ୍ରତ ମହାପାତ୍ର, ଶୁଭେନ୍ଦୁ ମହାନ୍ତି, ମାନସ ଆଚାର୍ଯ୍ୟ, ମିହିର ଆଚାର୍ଯ୍ୟ, ମାନସୀ ଦାସ ପଟ୍ଟନାୟକ, ଗୀତାଞ୍ଜଳି ମହାନ୍ତି, ସ୍ନେହା ଜେନା, ଅଶୋକ ଦାସ, ପ୍ରଶାନ୍ତ ଚମ୍ପତି, ଆଶିଷ ମଲ୍ଲିକ, ରଜନୀ ମହାନ୍ତି ଓ ଅନ୍ୟମାନେ ପରିଚାଳନା କରିଥିଲେ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



## ହିନ୍ଦୁ ମନ୍ଦିର ଉପରେ ପୁଣି ଆକ୍ରମଣ

# ଆମେରିକାରେ ଧର୍ମୀୟ ଅସହିଷ୍ଣୁତା କାହିଁକି ?

ନିଜକୁ ଏକ ଆଦର୍ଶ ଗଣତନ୍ତ୍ରର ପ୍ରତୀକ ରୂପେ ଦାବି କରୁଥିବା ଯୁକ୍ତରାଷ୍ଟ୍ର ଆମେରିକାରେ ସବୁ ଧର୍ମକୁ ସମାନ ଅଧିକାର ପ୍ରଦାନ କରାଯାଇଛି। ହିନ୍ଦୁ, ମୁସଲିମ୍, ଶିଖ୍ ଓ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ନାଗରିକଙ୍କ ପାଇଁ ଏହି ଦେଶରେ ଉପାସନା ପୀଠ ବା ପୂଜାର୍ଚ୍ଚନା ସ୍ଥଳୀ ନିର୍ମିତ ହୋଇଛି। ମାତ୍ର ଦୁର୍ଭାଗ୍ୟର ବିଷୟ ଆମେରିକାରେ ଗତ କିଛିମାସ ହେଲା ବିଭିନ୍ନ ସ୍ଥାନରେ ହିନ୍ଦୁମାନଙ୍କ ଦେବପୀଠ ମନ୍ଦିର ଉପରେ କ୍ରମାଗତ ଭାବରେ ଆକ୍ରମଣ କରାଯାଇ ସେସବୁକୁ ଭଙ୍ଗାରୁଜା କରାଯିବା ଖବର ନଜରକୁ ଆସୁଛି। ଆଜିକୁ ସାତ ମାସ ପୂର୍ବେ ଗତବର୍ଷ ସେପ୍ଟେମ୍ବର ମାସରେ କାଲିଫର୍ଣ୍ଣିଆ ରାଜ୍ୟର ସେକ୍ରାମେଣ୍ଟୋସ୍ଥିତ ଶ୍ରୀ ସ୍ୱାମୀ ନାରାୟଣ ମନ୍ଦିର ଉପରେ ଆକ୍ରମଣ କରାଯାଇ ବ୍ୟାପକ ଭଙ୍ଗାରୁଜା ହୋଇଥିଲା। ସେହି ସମୟରେ ମନ୍ଦିର କାନ୍ଥରେ 'ହିନ୍ଦୁ ଗୋ ବ୍ୟାକ୍' ଅର୍ଥାତ୍ ହିନ୍ଦୁ ଫେରିଯାଅ ଧ୍ୱନି ଲେଖାଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ହିନ୍ଦୁମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ନ୍ୟୁୟର୍କରେ ଥିବା ଅନ୍ୟ ଏକ ମନ୍ଦିରରେ ମଧ୍ୟ ଭଙ୍ଗାରୁଜା ହୋଇଥିଲା। ଏହି ଦୁଇଟି ଦୁଃଖଦ ସ୍ମୃତି ମନରୁ ପାଶୋରି ନଯାଉଣୁ ଶନିବାର କାଲିଫର୍ଣ୍ଣିଆର ଚିନୋ ହିଲ୍ ସ୍ଥିତ ଏକ ମନ୍ଦିର ଉପରେ ଆକ୍ରମଣ ହୋଇଛି। ମନ୍ଦିର କାନ୍ଥରେ ଆପତ୍ତିଜନକ ସ୍ଲୋଗାନ୍ ଲେଖାଯିବା ସଙ୍ଗେ ସଙ୍ଗେ ଭାରତ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ଅଶାଳୀନ ଟିପ୍ପଣୀ ଲେଖାଥିବାର ଦେଖିବାକୁ ମିଳିଛି। ଏବେ ସୋସିଆଲ୍ ମିଡିଆରେ ଏହାର ଫଟୋ ଭାଇରାଲ୍ ହେବାରେ ଲାଗିଛି। ଆନ୍ତର୍ଜାତୀୟ ହିନ୍ଦୁ ସଂଗଠନଗୁଡ଼ିକ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିବା ସହିତ ମନ୍ଦିରଗୁଡ଼ିକୁ ସୁରକ୍ଷା ଦେବାରେ ଆମେରିକୀୟ ପୋଲିସର ବିଫଳତା ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି। ହିନ୍ଦୁ ସଂପ୍ରଦାୟ ଘୃଣା ଓ ବିଦ୍ୱେଷ ବିରୋଧରେ ସଦା ସର୍ବଦା ଦୃଢ଼ ଭାବରେ ଠିଆ ହୋଇଛି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଭାରତ ସରକାର ମଧ୍ୟ ଶନିବାର ମନ୍ଦିର ଉପରେ ହୋଇଥିବା ଆକ୍ରମଣର ଖୋଲାଖୋଲି ବିରୋଧ କରିଛନ୍ତି। ଆମ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରବିବାର ଏହି 'ଘୃଣ୍ୟ କାର୍ଯ୍ୟ'କୁ ଦୃଢ଼ ନିନ୍ଦା କରିଛନ୍ତି। ସ୍ଥାନୀୟ ଆଇନ୍ ପ୍ରଶାସନ ଏହି କାଣ୍ଡ ଘଟାଇଥିବା ଦୁର୍ବୃତ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ପୂଜାସ୍ଥଳୀଗୁଡ଼ିକରେ ପର୍ଯ୍ୟାପ୍ତ ସୁରକ୍ଷା ସୁନିଶ୍ଚିତ କରିବାକୁ ଭାରତ ଦାବି କରିଛି। ଉତ୍ତର ଆମେରିକାରେ ହିନ୍ଦୁ ଧର୍ମ ପାଇଁ କାର୍ଯ୍ୟ କରୁଥିବା ସଂଗଠନ 'କୋୟାଲିସନ୍ ଅଫ୍ ହିନ୍ଦୁଜ୍ ଅଫ୍ ନର୍ଥ ଆମେରିକା' ପୂର୍ବରୁ ଘଟିଥିବା ସମାନ ଘଟଣା ପ୍ରତି ଦୃଷ୍ଟି ଆକର୍ଷଣ କରିବା ସହିତ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ନିମନ୍ତେ ଦାବି କରିଛି। ମିଳିଥିବା ସର୍ବଶେଷ ତଥ୍ୟ ଅନୁଯାୟୀ କାଲିଫର୍ଣ୍ଣିଆ ରାଜ୍ୟର ଲସ୍‌ଏଞ୍ଜେଲ୍‌ସରେ ଖଲିସ୍ତାନୀ ଜନମତ ସଂଗ୍ରହ ଆନ୍ଦୋଳନ ଏବେ ବାର୍ଷିକ ଉତ୍ସବ ପାଳନ କରିବାକୁ ଯାଉଛି। ଏହି ଉତ୍ସବ ପାଖେଇ ଆସୁଥିବାରୁ ହିନ୍ଦୁ ମନ୍ଦିର ଉପରେ ଏଭଳି ଆକ୍ରମଣ ଓ ଭଙ୍ଗାରୁଜା ହୋଇଥିବାର ଅନୁମାନ କରାଯାଉଛି। ଆଗକୁ ଏଭଳି ଘଟଣାର ଯେ ପୁନରାବୃତ୍ତି ନଘଟିବ, ତାହା କହି ହେଉନାହିଁ। ଯେତେଦୂର ମନେ ହେଉଛି ହିନ୍ଦୁ ବିରୋଧୀ ଦୁର୍ବୃତ୍ତମାନେ ଆମେରିକା ପ୍ରଶାସନର ପ୍ରୋତ୍ସାହନରେ ଏଭଳି ଜଘନ୍ୟକାଣ୍ଡ ଘଟାଇବାକୁ ସାହସ ପାଉଛନ୍ତି। ବର୍ତ୍ତମାନ ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ନାରା ଦେଉଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ଦେଶରେ ଧର୍ମୀୟ ସ୍ୱାଧୀନତାର ସୁରକ୍ଷା ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାର ଜରୁରି ଆବଶ୍ୟକତା ରହିଛି। ପାକିସ୍ତାନ ବା ବାଂଲାଦେଶ ଭଳି ଇସ୍‌ଲାମୀୟ ରାଷ୍ଟ୍ରରେ ହିନ୍ଦୁ ମନ୍ଦିର ଭଙ୍ଗାଯିବାରେ କିଛି ଅସ୍ୱାଭାବିକତା ରହିନପାରେ। ମାତ୍ର ଆମେରିକା ଭଳି ଏକ ସଭ୍ୟ, ଶିକ୍ଷିତ ଓ ସମୃଦ୍ଧ ରାଷ୍ଟ୍ରରେ ଏଭଳି ବର୍ବରତା ଆଶା କରାଯାଇ ନପାରେ।

## ନୀତିବାଣୀ



**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।**
**ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।**

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ଧର୍ମ ଆଧ୍ୟାତ୍ମିକତା ଓ ସାମ୍ପ୍ରତିକ ସମାଜ



ଡ. ବାସନ୍ତୀ ମହାନ୍ତି
ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ
ବ୍ଲକ୍ ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୭୦୩୩୦୭୪

କୁହାଯାଏ ଧର୍ମ ସେତିକିବେଳେ ସୃଷ୍ଟି ହୋଇଥିଲା ଯେତେବେଳେ ପୃଥିବୀର ସବୁଠାରୁ ଚତୁର ବ୍ୟକ୍ତିଟିଏ ଗୋଟିଏ ନିରୀହ ବୋକା ମଣିଷକୁ ଭେଟିଥିଲା। ତା' ପରଠାରୁ ଆମେ ଦେଖିଆସିଛେ ଏହି ଧର୍ମ ନାମରେ କେତେ ନିରୀହ ଲୋକ ସର୍ବସ୍ୱାନ୍ତ ହୋଇଛନ୍ତି ତ କେତେ ସ୍ୱାର୍ଥାନ୍ଧ ଚତୁରମାନେ ଧରାକୁ ସରାଜ୍ଞାନ କରିଛନ୍ତି। ସମସ୍ତଙ୍କୁ କରଗତ କରିବାକୁ ଋହିଁଛନ୍ତି। ଅବଶ୍ୟ କାଳର କରାଳ ପ୍ରବାହରେ ସେମାନେ ସମସ୍ତେ ହୀନପ୍ରଭ ହୋଇଯାଇଛନ୍ତି। କେତେବେଳେ ଧର୍ମାନ୍ଧ, ଅତ୍ୟାଚାରୀ କାଳ ବକ୍ଷରେ ବିସ୍ମୃତ ହୋଇଯାଇଛନ୍ତି ତ ଧର୍ମାନ୍ଧତାରେ ପୀଡ଼ିତ ନିରୀହ ମଣିଷକୁ କାଳ ରୂପାନ୍ତରିତ କରି ମାନବ ସମାଜକୁ ଉପହାର ଦେଇଛି। ସେମାନେ ଆତ୍ମଶକ୍ତିରେ ନିଜେ ଶକ୍ତିମାନ ହେବା ସହ ସମାଜ କଲ୍ୟାଣ ଉଦ୍ଦେଶ୍ୟରେ ନିଜକୁ ନିଃଶେଷ କରି ଋଲିଛନ୍ତି।

ପୃଥିବୀରେ ଏମିତି ଏକ ସମୟ ନିଶ୍ଚୟ ଥିଲା ଯେତେବେଳେ ମଣିଷ ଧର୍ମ କ'ଣ ଜାଣି ନଥିଲା। ପ୍ରକୃତିର କୃପା ଓ କୋପ ମଣିଷକୁ ସେହି ଶକ୍ତି ଉଦ୍ଦେଶ୍ୟରେ କୃତଜ୍ଞ ଓ ସମର୍ପଣ କରି ରଖିଥିଲା। ଏହି କୃତଜ୍ଞପଣରୁ ହିଁ ଆଧ୍ୟାତ୍ମିକତାର ସୃଷ୍ଟି। ମଣିଷର ଚେତନାକୁ ଭୂମିରୁ ଭୂମା ପର୍ଯ୍ୟନ୍ତ ବିସ୍ତାରିତ କରିଦିଏ ଆଧ୍ୟାତ୍ମିକତା। ଜୀବାତ୍ମା ଓ ପରମାତ୍ମାର ମିଳନ ପିପାସା ଆଧ୍ୟାତ୍ମିକତାର ଲକ୍ଷ୍ୟ। ସମର୍ପିତ ଚେତନାରେ ପରମାତ୍ମାଙ୍କୁ ସନ୍ତୁଷ୍ଟ କରିବା ପାଇଁ ବ୍ୟାକୁଳ ହେବା ଜୀବାତ୍ମାର ସ୍ୱଭାବ ସୁଲଭ ପ୍ରବୃତ୍ତି। ସସୀମରୁ ଅସୀମ ଆଡ଼କୁ ତା'ର ଚେତନା ବିସ୍ତାରିତ ହୋଇଥାଏ। ସେତେବେଳେ ସେହି ଅଦୃଶ୍ୟ ଶକ୍ତି ହିଁ ମଣିଷର ଧ୍ୟାନଧ୍ୟେୟ ହୁଏ। କୌଣସି ବାହ୍ୟ ଉପଋରର ଆବଶ୍ୟକ ହୁଏ ନାହିଁ। ମନ୍ଦିର, ମସଜିଦ୍ ଗୀର୍ଜାଗୃହ ଗୁରୁଦ୍ୱାର କିମ୍ବା ଯଜ୍ଞକର୍ମ ବ୍ରତ ଉପାସନା ଠାରୁ ଯଥେଷ୍ଟ ଊର୍ଦ୍ଧ୍ୱରେ ଆଧ୍ୟାତ୍ମିକତା। ଏସବୁ ଅନୁଭବର କଥା। ଉପଲବ୍ଧିର କଥା। କିନ୍ତୁ ଧର୍ମକୁ ଆମେ କହୁ ଧାରୟିତି ଇତି ଧର୍ମଃ। ଯାହା ଧାରଣ କରିଥାଏ ତାହା ଧର୍ମ। ପୃଥିବୀ ଯେଉଁ ଆଧାରରେ ତିଷ୍ଠି ରହିଛି ତାହା ଧର୍ମ। କିନ୍ତୁ କାଳକ୍ରମେ ଏବେ ଧର୍ମ କେବଳ ବାହ୍ୟ ଉପଋର ମଧ୍ୟରେ ବଞ୍ଚି ରହିଛି। ରୀତିନୀତି ବ୍ରତ ମହୋତ୍ସବ ଧର୍ମକୁ ଆମେ ବିସ୍ତାରିତ ଚେତନା ଭିତରୁ ଟାଣି ଆଣି ସଂକୀର୍ଣ୍ଣ ଗଣ୍ଡି ମଧ୍ୟରେ ଆବଦ୍ଧ କରିଦେଉଛୁ। ଈଶ୍ୱରଙ୍କୁ ଆମେ ଆଉ ହୃଦୟ ସିଂହାସନରେ ଅଭିଷିକ୍ତ କରିପାରୁ ନାହୁଁ। ଆମେ ତାଙ୍କୁ ଖୋଜୁ ମନ୍ଦିର, ମସଜିଦ୍, ଗୀର୍ଜାଗୃହ ମାନଙ୍କରେ। ନୀତି ନିୟମ, ପୂଜା ଉପାସନା, ଯଜ୍ଞଯାତ୍ରା ଆଦି ମହୋତ୍ସବମାନଙ୍କରେ। ଈଶ୍ୱର ଆମକୁ ସୃଷ୍ଟି କରିଛନ୍ତି କି ଆମେ ଈଶ୍ୱରଙ୍କୁ ସୃଷ୍ଟି କରିଛୁ ସେ ତତ୍ତ୍ୱ ଜିଜ୍ଞାସାର ଆବଶ୍ୟକତା ପଡ଼େ ନାହିଁ। ଆମେ ସେହି ଅଦୃଶ୍ୟ ଶକ୍ତିକୁ ଆମ ସ୍ୱାର୍ଥ ଅନୁସାରେ ବିଭାଗୀକରଣ କରିନେଉ। କୃଷ୍ଣ, ଯୀଶୁ, ଆଲ୍ଲା ଆଦି ଏହି ବିଭାଗମାନଙ୍କର ଉପାସ୍ୟ ଦେବତା ହୁଅନ୍ତି। ନିଜ ଈଶ୍ୱରଙ୍କୁ ଅନ୍ୟମାନଙ୍କ ପାଖରେ ବଡ଼ କରି ଦେଖାଇବା ଓ ଅନ୍ୟର ଈଶ୍ୱରଙ୍କୁ ନିଚ୍ଚା ଦେଖାଇବା ହୁଏ ଧର୍ମର ମୂଳମନ୍ତ୍ର। ପ୍ରକୃତରେ ଧର୍ମଠାରୁ ଈଶ୍ୱରଙ୍କୁ ଅଲଗା କରି କେବଳ ଈଶ୍ୱରବିଶ୍ୱାସୀଙ୍କ ବିଶ୍ୱାସକୁ ଧର୍ମ ବୋଲି ଗ୍ରହଣ କରାଗଲା। କଥା କେବଳ ସେତିକିରେ ରହିଲାନି। ଗୋଟିଏ ଧର୍ମ ସମ୍ପ୍ରଦାୟର ଲୋକେ ଅନ୍ୟ ଧର୍ମକୁ ତୁଚ୍ଛ ତାଚ୍ଛଲ୍ୟ କରି ନିଜ ଧର୍ମକୁ ସେମାନଙ୍କ ଉପରେ ଲଦିବା ପାଇଁ ପ୍ରୟାସ କଲେ। ଉଦ୍ଦେଶ୍ୟ ସାଧନ ନହେଲେ ଈର୍ଷା ଅସୂୟା ବଢ଼ିଲା। ପରସ୍ପର ହିଂସା, ଦ୍ୱେଷ ସହ ଯୁଦ୍ଧଂ ଦେହି ଡାକରା। ଏହା କେବଳ ବ୍ୟକ୍ତି ବ୍ୟକ୍ତି କିମ୍ବା ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ସୀମିତ ରହିଲା ନାହିଁ। ଦେଶ ଦେଶ ଭିତରେ ବ୍ୟାପିଗଲା। ଧର୍ମାନ୍ତରୀକରଣ ଶବ୍ଦର ଉତ୍ପନ୍ନ ହେଲା। ବ୍ୟକ୍ତିଟିର ଚେତନାଗତ ସ୍ତରରେ ଆନ୍ଦୋଳିତ ହେଲେ ଗୋଟିଏ ବିଋରବୋଧରୁ ଆଉ ଗୋଟିଏ ବିଋରବୋଧକୁ ଗ୍ରହଣ କରିବା ଗର୍ହିତ ଅପରାଧ ନୁହେଁ। କିନ୍ତୁ ଦେଖାଗଲା ବିଭିନ୍ନ ପ୍ରଲୋଭନ ଓ ଋପ ପକାଇ ଧର୍ମାନ୍ତରୀକରଣ କରାଗଲା। ଏପରିକି ଗୋଟିଏ ଦେଶର ରାଜଧର୍ମ ରହିଲା ଧର୍ମ ବିସ୍ତାର। ମନ୍ଦିର, ମସଜିଦ୍, ଗୀର୍ଜା ଗୃହ ତ ନିର୍ମାଣ ହେଲା, ତା' ସଙ୍ଗେ ସଙ୍ଗେ ଧର୍ମାନ୍ତରୀକରଣ ପାଇଁ କ୍ଷେତ୍ର ପ୍ରସ୍ତୁତି କରାଗଲା। ଧର୍ମନାମରେ ବିଭିନ୍ନ ଉପାୟରେ ଶୋଷଣ କଷଣ ବେଠି ବେଗାରୀ ଋଲିଲା। ଗୋଟିଏ ଦେଶର ଧର୍ମନୀତି ସହ ସହମତ ନହେଲେ ବିଭିନ୍ନ ଆଳରେ ଯୁଦ୍ଧ ଡାକରା ଦିଆଗଲା। ଏହି ଯୁଦ୍ଧକୁ ଧର୍ମଯୁଦ୍ଧ ନାଁରେ ପୂଣ୍ୟକର୍ମ ରୂପେ ପରିଗଣିତ କରାଗଲା।

ଦ୍ୱାଦଶ ଶତାବ୍ଦୀରେ ଏହିଭଳି ଏକ ବିଶ୍ୱବ୍ୟାପୀ ଯୁଦ୍ଧ ହୋଇଥିଲା। ଅବଶ୍ୟ ସନାତନୀ ଧର୍ମ ଏ ଯୁଦ୍ଧରୁ ଦୂରରେ ଥିଲା। କ୍ରୁସେଡ୍ ନାମରେ ଖ୍ୟାତ ବିଭିନ୍ନ ଧର୍ମଗୁରୁମାନଙ୍କ ଆହ୍ୱାନରେ ଦ୍ୱାଦଶ ଶତାବ୍ଦୀରେ ୧୦୦ ବର୍ଷ ବ୍ୟାପୀ ଏହି ଧର୍ମଯୁଦ୍ଧ ବା ଜେହାଦ୍ ସଂଘଟିତ ହୋଇଥିଲା। ଲକ୍ଷ ଲକ୍ଷ ଖ୍ରୀଷ୍ଟିୟାନ୍ ଓ ମୁସଲ୍‌ମାନ ଏଥିରେ ପ୍ରାଣାହୁତି ଦେଇଥିଲେ, ଯେଉଁମାନଙ୍କୁ ସହିଦ୍ ତାଲିକାଭୁକ୍ତ କରାଗଲା।

ପୃଥିବୀରେ ଯେତେ ଯୁଦ୍ଧ ହେଇଛି ସବୁଠାରେ ବେଶି ସଂଖ୍ୟକ ଯୁଦ୍ଧ ହୋଇଛି ଧର୍ମ ପାଇଁ। ପ୍ରକୃତରେ ଧର୍ମ ହେଉଛି ଏକାନ୍ତ ବ୍ୟକ୍ତିଗତ ବ୍ୟାପାର। ନିଜର ଖାଦ୍ୟପେୟ ପରିଧାନ ପରି ଧର୍ମ ମଧ୍ୟ ବ୍ୟକ୍ତିର ଏକାନ୍ତ ନିଜସ୍ୱ ବିଋର। ସେ କାହାକୁ ଉପାସନା କରିବ, କେଉଁ ତତ୍ତ୍ୱରେ ବିଶ୍ୱାସ କରିବ, ସେଥିରେ ତା'ର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି। ସେ ନିଜେ ଯେଉଁ ଧର୍ମର ପିତାମାତାଙ୍କ ଔରସରୁ ଜନ୍ମଗ୍ରହଣ କରିଛି ସେହି ଧର୍ମରେ ପରିଚିତ ହେଲେ ସୁଦ୍ଧା ତା'ର ବିଋର ପରିପକ୍ୱ ହେବାପରେ ସେ ଯେକୌଣସି ଧର୍ମଗ୍ରହଣ କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ଗୋଟିଏ ଧର୍ମ ଗ୍ରହଣ କଲାପରେ ଆଉ ଗୋଟିଏ ଧର୍ମ ପ୍ରତି ଅସହିଷ୍ଣୁତା ପ୍ରଦର୍ଶନ କରିବା ଆଦୌ କୌଣସି ଈଶ୍ୱର କହିନାହାନ୍ତି କିମ୍ବା ଏହା ଶାସ୍ତ୍ରସିଦ୍ଧ ନାହିଁ। ପୂର୍ବ କାଳରେ ଧାର୍ମିକ ଅନୁଷ୍ଠାନର ବିଶୃଙ୍ଖଳା ସୃଷ୍ଟି କରୁଥିବା ଅପଶକ୍ତିମାନଙ୍କୁ କୁହାଯାଉଥିଲା ଅସୁର କିମ୍ବା ରାକ୍ଷସ। ରାମାୟଣ ଯୁଗରେ ଦଣ୍ଡକାରଣ୍ୟରେ ଯଜ୍ଞ ଉପାସନା କରୁଥିବା ତପସ୍ୟାରତ ମୁନିଋଷିଙ୍କ ପୂଜା ଉପାସନାରେ ବିଘ୍ନ ଘଟାଇବା ପାଇଁ ଅସୁରମାନଙ୍କୁ ରାବଣର ନିର୍ଦ୍ଦେଶ ଥିଲା। ଅନ୍ୟ ପକ୍ଷରେ ମୁନିଋଷିମାନଙ୍କୁ ସୁରକ୍ଷା ଦେବା ମଧ୍ୟ ରାଜଧର୍ମ ଥିଲା। ସ୍ୱୟଂ ରାମଚନ୍ଦ୍ରଙ୍କୁ ଏଥିପାଇଁ ଦାୟିତ୍ୱ ନେବା ଆମ ଶାସ୍ତ୍ର ପୁରାଣରେ ଉଦାହରଣ ରହିଛି।

ଏବେ ଆମ ସାମାଜିକ ଅନୁଷ୍ଠାନମାନଙ୍କରେ କେବଳ ଧର୍ମର ଧ୍ୱଜା ଉଡୁଛି। ସେହି ଧ୍ୱଜାଧାରୀମାନଙ୍କ କବଳରେ ଈଶ୍ୱର ଅଣନିଃଶ୍ୱାସୀ। ଏକଥା ସତ ଯେ ଧର୍ମୀୟ ଅନୁଶାସନ ଅନେକାଂଶରେ ସାମାଜିକ ଜୀବନକୁ ଶୃଙ୍ଖଳିତ କରେ। ସଂସ୍କାରିତ କରେ। ଆନନ୍ଦ ଉଲ୍ଲାସମୟ କରିଥାଏ। ତା'ସହ ସାମାଜିକ ରୀତିନୀତି ନାମରେ ଗୁଡ଼ାଏ ଅନ୍ଧବିଶ୍ୱାସ, କୁସଂସ୍କାରକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଧର୍ମ ନାମରେ ଧର୍ମାନ୍ଧତା ସାମାଜିକ ଜୀବନକୁ କବଳିତ କରିଥାଏ। ଧର୍ମଗୁରୁମାନଙ୍କୁ କେନ୍ଦ୍ରକରି ଗୁରୁବାଦ ସୃଷ୍ଟି ହୁଏ। ବିଋରଧାରାରେ ବ୍ୟତିକ୍ରମ ହେଲେ ଧର୍ମଗୁରୁମାନଙ୍କ ମତକୁ ନେଇ ମତାନ୍ତର ହୁଏ। ଶିଷ୍ୟମାନଙ୍କ ମଧ୍ୟରେ ସାମାଜିକ ବିଭେଦ ସୃଷ୍ଟି ହୁଏ। ଭ୍ରଷ୍ଟ ଧର୍ମଗୁରୁଙ୍କ ବ୍ୟଭିଋର ତ ଅନେକ ସମୟରେ ସାମାଜିକ ଜୀବନକୁ ଦୁର୍ବିସହ କରିଦିଏ। କିନ୍ତୁ ଆଧ୍ୟାତ୍ମିକତା କ୍ଷେତ୍ରରେ ଏସବୁ ହୁଏ ନାହିଁ। ଚିନ୍ତନ ମନନ ନିଦିଧ୍ୟାସନ ଆଦି ଆଧ୍ୟାତ୍ମିକତାର ମୂଳମନ୍ତ୍ର। ଆତ୍ମଶକ୍ତିର ବିକାଶ, ଚେତନାର ଉତ୍ତରଣ ଓ ବାହ୍ୟ ଜଗତର ପ୍ରତିଟି ସ୍ତରରେ ଭଗବତ୍ ସତ୍ତାର ଅନ୍ୱେଷଣ ଅନନ୍ତ ଜିଜ୍ଞାସା ଆଧ୍ୟାତ୍ମିକତାର ମୂଳମନ୍ତ୍ର। ଥରେ ଆଧ୍ୟାତ୍ମିକତାର ଉପଲବ୍ଧି ହୋଇଗଲେ ସ୍ଥୂଳ ଓ ସୂକ୍ଷ୍ମ ଜଗତ ମଧ୍ୟରେ ଆଉ କିଛି ପ୍ରଭେଦ ବାରି ହୁଏ ନାହିଁ। ଏସବୁ ଅନୁଭବର କଥା, ସବୁକିଛି ସତ୍‌ଚିତ୍ ଆନନ୍ଦରେ ତଲ୍ଲୀନ ହୋଇଥାଏ। ଏଥିପାଇଁ ଶିକ୍ଷାଗତ ଯୋଗ୍ୟତା ଲୋଡ଼ା ନାହିଁ। ମନ୍ଦିର, ମସଜିଦ୍ ଲୋଡ଼ା ନାହିଁ। କେବଳ ଆତ୍ମ ଉପଲବ୍ଧି ଦ୍ୱାରା ହିଁ ଏହିପରି ଜୀବନଟିଏ ବଞ୍ଚିହେବ। କିନ୍ତୁ ସାମ୍ପ୍ରତିକ ମଣିଷ ଏସବୁ ସ୍ଥାୟୀ ସତ୍ୟ ପାଇଁ ଆଗ୍ରହ ପ୍ରକାଶ କରୁ ନାହିଁ। ସେ ବାହ୍ୟ ଆଡ଼ମ୍ବର ମଧ୍ୟରେ ଧର୍ମ ତୃଷ୍ଣା ଚରିତାର୍ଥ କରିବାକୁ ଋହୁଁଛି। ଧର୍ମ ଅନୁଷ୍ଠାନ ଅନେକ କ୍ଷେତ୍ରରେ କେବଳ ମନୋରଞ୍ଜନର ମାଧ୍ୟମ ମଧ୍ୟ ହୋଇ ପଡୁଛି। ପୂଜା ଆରାଧନା ଉପାସ ବ୍ରତ ଆଳରେ ଯେଉଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ସେଥିରେ ମେଳା ମହୋତ୍ସବ ହିଁ ମୁଖ୍ୟ ହେଉଛି। ଲାଭଖୋର ବ୍ୟବସାୟୀ ମାନେ ଏହାର ଫାଇଦା ଉଠାଉଛନ୍ତି। କେତେକ ପୂଜା ସମ୍ପୂର୍ଣ୍ଣ ସୌଖୀନ୍ ବିଳାସ ଭାବରେ କରାଯାଉଛି। ଏହା ନିଃସନ୍ଦେହ ଯେ ଏଇ ଗତ ଦୁଇ ଦଶନ୍ଧି ଧରି ଧାର୍ମିକ ଅନୁଷ୍ଠାନମାନ ଖୁବ୍ ଅଧିକ ପରିମାଣରେ ବଢ଼ି ଯାଇଛି। ପୂର୍ବାପେକ୍ଷା ଅକୁଣ୍ଠିତ ଚିତ୍ତରେ ଦାନ ଖଇରାତ ଚାଲିଛି। ମଠ ମନ୍ଦିରମାନଙ୍କରେ ମସଜିଦ୍, ଗୀର୍ଜା ଆଦି ପାଇଁ ବିପୁଳ ଧନରାଶି ବ୍ୟୟ ହେଉଛି। ଏବେ ତ ଧର୍ମପୀଠଗୁଡ଼ିକୁ ପର୍ଯ୍ୟଟନ ଶିଳ୍ପ ରୂପେ ଗ୍ରହଣ କରାଗଲାଣି। ଧାର୍ମିକ ମହୋତ୍ସବ ମାନଙ୍କରେ ଧାର୍ମିକ ଅନୁଷ୍ଠାନ ଯେତିକି ହେଉନାହିଁ ତତୋଽଧିକ ବ୍ୟବସାୟ ବାଣିଜ୍ୟ ହେଉଛି। ମନୋରଞ୍ଜନ କାର୍ଯ୍ୟକ୍ରମ ଏହି ଅନୁଷ୍ଠାନମାନଙ୍କର ମୁଖ୍ୟ ଭୂମିକା ନେଉଛି। ଗଣେଶ ପୂଜା, ଦୁର୍ଗାପୂଜା, ଶୀତଳ ଷଷ୍ଠୀ, ଶିବରାତ୍ରୀ ଏପରିକି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମଣ୍ଡେଇ ବାଲିଯାତ୍ରା ଆଦିମାନଙ୍କରେ ସୁଦ୍ଧା ମନୋରଞ୍ଜନର ମହାମେଳା। ସବୁଠାରୁ ବିଡ଼ମ୍ବନାର କଥା ଧାର୍ମିକ ଅନୁଷ୍ଠାନ ମାନଙ୍କର ନୃତ୍ୟ ଗୀତ ମେଲୋଡ଼ି, ଅପେରା ଓ ଭଜନ ସନ୍ଧ୍ୟା ଆଦିରେ ଯେଉଁ ଦ୍ୱୈତ ଅର୍ଥକ ଅଶ୍ଳୀଳ ସଙ୍ଗୀତ ଗାନ କରାଯାଏ, ଅହୋରାତ୍ର ଡିଜେ ବଜାଇ ଶବ୍ଦ ପ୍ରଦୂଷିତ କରାଯାଏ, ଦେବଦେବୀଙ୍କ ମେଢ଼ ବିସର୍ଜନ ସମୟରେ ମଦ୍ୟପାନ ଜନିତ ଯେଉଁ ଅଶ୍ଳୀଳ ଉଦଣ୍ଡ ନୃତ୍ୟ କରାଯାଏ ନିମ୍ନତମ ଆଧ୍ୟାତ୍ମିକ ଚିନ୍ତନ ଥିବା ମଣିଷ ଆଦୌ ସହ୍ୟ କରିବ ନାହିଁ। ବିସର୍ଜନ ବିଷାଦର ମୁହୂର୍ତ୍ତ। ମହାଉଲ୍ଲାସର ମୁହୂର୍ତ୍ତ ନୁହେଁ।

ସ୍ୱାଧୀନତା ପୂର୍ବରୁ ସଂଗ୍ରାମୀମାନଙ୍କୁ ପ୍ରାର୍ଥନା ସଭାରେ ମହାତ୍ମାଗାନ୍ଧୀ ସର୍ବଧର୍ମ ପ୍ରାର୍ଥନା ଗାନ କରାଉଥିଲେ। ସେମାନଙ୍କ ଭିତରେ ଆଧ୍ୟାତ୍ମିକତାର ଭାବ ଜାଗରୁକ ହେଉଥିଲା। ଧର୍ମଠାରୁ ରାଜନୀତିକୁ ସମ୍ପୂର୍ଣ୍ଣ ଅଲଗା ରଖିବାକୁ ସେ ପରାମର୍ଶ ଦେଉଥିଲେ। କିନ୍ତୁ ବିଡ଼ମ୍ବନା ବିଷୟ ସ୍ୱାଧୀନତା ପରେ ଆମ ଦେଶରେ ଧର୍ମ ହିଁ ହୋଇଛି ରାଜନୀତି ପଶାପାଲିର ଅସଲଗୋଟି। ସେଥିରୁ ମୁକୁଳିବା ପାଇଁ ଆମକୁ ଆହୁରି କେତେ ବର୍ଷ ଲାଗିଯିବ ତା'ର ଇୟତ୍ତା ନାହିଁ।

ଋଞ୍ଚଲ୍ୟକାରୀ ତଥ୍ୟ ହେଉଛି ଆମ ଦେଶରୁ ଡାକ୍ତର, ଇଞ୍ଜିନିୟର ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାର୍ଥୀ ବିଦେଶ ଭୂଇଁକୁ ଯିବା ପରି ଭାରତରୁ ନନ୍‌ମାନେ ମଧ୍ୟ ରପ୍ତାନୀ ହେଉଛନ୍ତି। ସେ ଦେଶର ଯୁବ ଶକ୍ତିଙ୍କୁ ଧର୍ମ ସଂସ୍ଥାମାନେ ଆକୃଷ୍ଟ କରିପାରୁ ନାହାନ୍ତି। ସେମାନେ ଅନ୍ୟାନ୍ୟ ଗଠନମୂଳକ କାର୍ଯ୍ୟରେ ନିଜକୁ ନିୟୋଗ କରି ରଖୁଛନ୍ତି। ଅପରପକ୍ଷେ ଆମ ଦେଶର ଯୁବଶକ୍ତି ଏବେ ଧାର୍ମିକ ଆବରଣ ଭିତରେ ଆତ୍ମଗୋପନ କରୁଛି, ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ଶ୍ରାବଣ ମାସର ବୋଲବମ୍ ଯାତ୍ରାର ଯୁବକମାନଙ୍କୁ ଦେଖିଲେ ସ୍ପଷ୍ଟ ଅନୁମିତ ହୁଏ। ଏବେ ଇସ୍କନ୍‌ରେ ଯେଉଁ ମାତ୍ରାରେ ଲଣ୍ଡିତ ମସ୍ତକ ଚିତାଚୈତନ୍ୟ କାଟି ଯୁବ ଇଞ୍ଜିନିୟରମାନେ ଭକ୍ତ ସାଜି ଭଜନ କୀର୍ତ୍ତନ କରୁଛନ୍ତି; ଅହରହ ମାଳା ଗଡ଼ାଇ ଋଲିଛନ୍ତି ତାହା ପ୍ରକୃତରେ ଖୁବ୍ ଉଦ୍‌ବେଗର କଥା। ଏବେ ବିଶ୍ୱର ସର୍ବବୃହତ ଯୁବସାମର୍ଥ୍ୟ ଥିବା ଆମ ଦେଶର ଯୁବଶକ୍ତିର ଏହି ବିଭ୍ରାନ୍ତି ଆଦୌ ଦେଶ ଓ ଜାତି ପାଇଁ ଶୁଭ ନୁହେଁ।

ଧର୍ମ ଧର୍ମ ଜାଗାରେ ଥାଉ। ସାମ୍ପ୍ରତିକ ସମାଜକୁ ମୂଲ୍ୟବୋଧ ଜନିତ ଅଧଃପତନରୁ ରକ୍ଷା କରିବା ପାଇଁ ଧର୍ମ ନୁହେଁ ଆଧ୍ୟାତ୍ମିକତା ଏକମାତ୍ର ମହୌଷଧି। ଆସନ୍ତୁ ଧର୍ମର ସଂକୀର୍ଣ୍ଣ ଗଣ୍ଡି ଭିତରୁ ବାହାରି ଆମେ ଆଧ୍ୟାତ୍ମିକତାର ଅମୃତ ସାଗରରେ ଅବଗାହନ କରି ସମାଜରୁ ସବୁ ବିଷକୁ ବିସର୍ଜନ ଦେବା। ସୁନ୍ଦର ସମାଜଟିଏ ଗଢ଼ିବା।

# ଫଗୁ ଫୁଆର



ବିପିନ ବିହାରୀ ରାଉତ
ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ
ମୋ: ୯୪୩୭୬୬୬୪୫୩

ଫୁଲଭରା ଫଗୁଣରେ ଚାରିଆଡ଼େ ଯେତେବେଳେ ରଙ୍ଗୀନ ଦିଶେ, ହେମାଳରୁ ବାହାରି ମନଟିକେ କଡ଼ ଲେଉଟାଏ, ସେତିକିବେଳେ ଜୀବନକୁ ଆହୁରି ରଙ୍ଗମୟ କରିଦେବା ଲାଗି ଇନ୍ଦ୍ରଧନୁ ରଙ୍ଗନେଇ ଆସେ ହୋଲି - ସବୁ ପର୍ବଠୁ ଏକଦମ୍ ନିଆରା। ପ୍ରକୃତିର ନିରୋଳା ସ୍ପର୍ଶରେ ଶିହରିତ ଏଇ ପର୍ବଟି। କୌଣସି ଦ୍ୱନ୍ଦ୍ୱ ନାହିଁ, କାମନା ପୂରଣର ଆତୁରତା ବି ନାହିଁ। କେବଳ ଖୁସି, ଉଲ୍ଲାସ। ଜୀବନକୁ ରଙ୍ଗରେ ଭରିଦେବାର ଏକ ନିଚ୍ଛକ ପ୍ରୟାସ। ବସନ୍ତର ପରିବେଶ ଯେତେବେଳେ ପ୍ରେମମୟ କରିଥାଏ ପ୍ରକୃତିକୁ ହୋଲିର ହିଲ୍ଲୋଳ ପ୍ରତି ପ୍ରାଣରେ ଜାଗ୍ରତ କରେ ପ୍ରୀତିର ଝଙ୍କାର। ଶୀତରେ କୁଙ୍କୁରି କାଙ୍କୁରି ହୋଇ ଶୋଇଥିବା ମନକୁ ଟାଣିଆଣି ଫିଙ୍ଗିଦିଏ ଫଗୁଣର ଫୁଲଗଦାରେ। ପ୍ରିୟତମ କୃଷ୍ଣଙ୍କ ସହ ରାଧାରାଣୀଙ୍କୁ ସଜାଇବା ବେଳେ ପ୍ରେମିକ ବି ବିଭୋର ହୁଏ ପ୍ରୀତିର ବାସ୍ନାରେ। ମାର୍କସ ଠିକ୍ ଚିହ୍ନି ଥିଲେ, ପଦାର୍ଥରୁ ହିଁ ଚେତନାର ସୃଷ୍ଟି। ତେବେ ପଦାର୍ଥଟି ଅଚେତନ କିପରି ହୋଇପାରେ ? ପ୍ରକୃତିର ଏହି ସଚେତନତା ସାଥୀରେ ନେଇଆସେ ବସନ୍ତ।

ରଙ୍ଗର ପର୍ବ ହୋଲି। ଫଗୁଣର ରଙ୍ଗ ନେଇ ଆସିଥାଏ ଏହି ହୋଲି। ପୁରପଲ୍ଲୀ, ସହର ବଜାର ସବୁ ହୋଲିର ରଙ୍ଗରେ ରଙ୍ଗୀନ ହୋଇଯାଏ। ଆବାଳବୃଦ୍ଧବନିତାଙ୍କ ସାରାଶରୀର ରଙ୍ଗରେ ଜୁବୁବୁବୁ ହୋଇଯାଏ। ସଙ୍ଗୀତ, କବିତାର ଆସର ସାଙ୍ଗକୁ ପିଠାପଣା ଓ ସୁସ୍ୱାଦୁ ଖାଦ୍ୟ ପର୍ବର ଆନନ୍ଦକୁ ଦ୍ୱିଗୁଣ କରିଦିଏ। ଏହି ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଚାଚେରୀ ବେଶ କରାଯାଇଥାଏ। ହୋଲି ପର୍ବକୁ ଆଣି ଆସେ ଦୋଳଯାତ୍ରା। ଦୋଳ ଯାତ୍ରା ନାମରେ ମଧ୍ୟ ଏହି ଯାତ୍ରା ପ୍ରସିଦ୍ଧ। ଦୋଳ ଯାତ୍ରାର ଶେଷ ଦିନ ପାଳିତ ହୋଇଥାଏ ହୋଲି। ହୋଲିକା ରାକ୍ଷସୀର ନିଧନ ସ୍ମୃତିରେ ହୋଲି ପାଳିତ ହୋଇଥାଏ ବୋଲି ପୁରାଣ କହେ। ଦୋଳ ଯାତ୍ରାରେ ଠାକୁରେ ବି ଫଗୁ ଖେଳିଥାନ୍ତି। ଗ୍ରାମ ଗ୍ରାମରେ ଠାକୁରଙ୍କୁ ବିମାନରେ ବସାଇ ପରିକ୍ରମା କରାଯାଏ। ନୂଆକରି ଫଳିଥିବା ଆମ୍ବ ପେନ୍ଥା ଓ ଅନ୍ୟ ସାଜସଜ୍ଜା ସାମଗ୍ରୀରେ ବିମାନ ସଜ୍ଜିତ ହୋଇଥାଏ। ହୋଲିରେ ଅବିର ଖେଳିବା ପରମ୍ପରା ବହୁ ପ୍ରାଚୀନ। ଦୋଳ ବିମାନ, ଦୋଳ ବେଦୀରେ ଏହି ଅବିର ଛାପ ପଡ଼ିଥାଏ। ଏହା ମଧ୍ୟ ଶରୀର ପାଇଁ ଭଲ। ଏହାର ସ୍ପର୍ଶରେ ଚର୍ମ ରୋଗ ହୁଏ ନାହିଁ। ଏବେ କିନ୍ତୁ ଅବିରରେ ଅନ୍ୟ ରାସାୟନିକ ରଙ୍ଗ ବ୍ୟବହାର କରାଯାଉଛି। ତେଣୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ଏଥିପାଇଁ ସତର୍କ ରହିବା ଦରକାର। ତେବେ ଗୋଟିଏ କଥା କହିହେବ, ହୋଲିର ମୂଳମନ୍ତ୍ର ସଦ୍‌ଭାବ। ଏହା ସଂହତି ଓ ଭାଇଚାରାର ବାର୍ତ୍ତା ପ୍ରଚାର କରିଥାଏ।

ଫାଲ୍‌ଗୁନ ଶୁକ୍ଳ ତିଥି ଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ ଏହି ପର୍ବର ମୁଖ୍ୟ ଆରାଧ୍ୟ ପ୍ରେମମୟ ରାଧା ଓ କୃଷ୍ଣଙ୍କ ନିକଟରେ ଭକ୍ତି ନୈବେଦ୍ୟ ପୂର୍ବକ ଅଭିର ଅର୍ପଣ କରାଯାଇଥାଏ । ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ରାଧାକୃଷ୍ଣ ମନ୍ଦିରରେ ଦୋଳଯାତ୍ରା ଉତ୍ସବ ମୁଖରିତ ହୋଇଉଠିଥାଏ । ଭକ୍ତର ପ୍ରେମରେ ବନ୍ଧା ପ୍ରେମମୟ କୃଷ୍ଣ ରାଧାଙ୍କ ସହିତ ଭଗବାନ ଯେ ସବୁବେଳେ ଭକ୍ତଙ୍କର ଏହାକୁ ପ୍ରତିପାଦିତ କରିବା ପାଇଁ ତାଙ୍କରି ଅଗଣିତ ଭକ୍ତଙ୍କ ଦ୍ୱାରରେ ପହଞ୍ଚି ଯାଆନ୍ତି । ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ନିଜ ସିଂହାସନ ବାହାରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇ ତାଙ୍କୁ କୋଳେଇ ନେବାର ଯେଉଁ ଅପୂର୍ବ ଭକ୍ତପ୍ରତି ପ୍ରେମଭାବନା ପ୍ରତିପାଦିତ କରିଥାନ୍ତି ଠିକ୍ ସେହିପରି ପ୍ରେମମୟ ଶ୍ରୀକୃଷ୍ଣ ଭକ୍ତମାନଙ୍କ ଠାରୁ ଭୋଗ ନେବା ପାଇଁ ଦୋଳଉତ୍ସବ ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭକ୍ତମାନଙ୍କ ନିକଟକୁ ଯାଆନ୍ତି ଓ ଜଣେ ଅତିଥି ପରି ନୈବେଦ୍ୟ ଗ୍ରହଣ କରି କୃପା ପ୍ରଦାନ କରିଥାନ୍ତି । ଦୋଳଯାତ୍ରା ବା ହୋଲି ଏକ ଭାରତୀୟ ପର୍ବ ଏବଂ ଅଇଘରା ବା ଦେବଅଗ୍ନି ପ୍ରଥା ମଧ୍ୟ ଭାରତର ସର୍ବତ୍ର ପ୍ରଚଳିତ। ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କ ମନ୍ଦିରର ଦକ୍ଷିଣ ପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ ଯାହାର ନାମ ଥାଏ ଦୋଳମଣ୍ଡପ। ସେଠାରେ ପ୍ରେମମୟ କୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ଭକ୍ତମାନେ ଭକ୍ତିନୈବେଦ୍ୟ ସ୍ୱରୂପ ଦୋଳି ଖେଳାଇ ନାଲି ଅଭିର ଅର୍ପଣ କରିଥାନ୍ତି । ସପ୍ତଖଣ୍ଡ ହରିବଂଶ (ତୃତୀୟ ଖଣ୍ଡରେ)ତଥ୍ୟ ଅନୁଯାୟୀ 'ପରିମାଣ ଅଟେ ତାର ଶହେ ହାତସ୍ଥଳୀ, ସାତତାଳ ଉଚ୍ଚ ସେ ଯେ ନୁହଇ ତା କଳି ।'

ଅନ୍ୟ ସମସ୍ତ ଋତୁରେ କିଛି ନା କିଛି ଦ୍ୱନ୍ଦ୍ୱ ରହିପାରେ। ଖରା, ବର୍ଷା, ଶୀତ-ପ୍ରାଣୀଜଗତ ତିଷ୍ଠି ରହିବା ଲାଗି ସମସ୍ତେ ଆବଶ୍ୟକ। ହେଲେ ଏହି ଋତୁମାନଙ୍କର ଅତିରିକ୍ତତା। କ୍ଷତିକାରକ ହୋଇଥାଏ। ପ୍ରଚଣ୍ଡ ଖରା ଯେମିତି ଜୀବନ ପ୍ରତି କ୍ଷତିକାରକ ସେମିତି ପ୍ରବଳ ବର୍ଷା ଏବଂ ଶୀତ ମଧ୍ୟ ସୃଷ୍ଟି ପାଇଁ ବିପଦ। ତେବେ ବସନ୍ତର ଅତିରିକ୍ତତା ହିଁ ନଥାଏ। କାରଣ, ଏହା ଉତ୍କୃଷ୍ଟ ମାସ ଏବଂ ଉତ୍କର୍ଷର ଉତ୍କର୍ଷ ବା କ'ଣ ହୋଇପାରେ। ଭଗବାନ ଶ୍ରୀକୃଷ୍ଣ ଗୀତାରେ ନିଜ ସ୍ୱରୂପ ବର୍ଣ୍ଣନାରେ କହିଛନ୍ତି ଯେ ସେ ଋତୁନାଂ କୁସୁମାକର ଅର୍ଥାତ୍ ଋତୁମାନଙ୍କ ମଧ୍ୟରେ ବସନ୍ତ। ଯିଏ ଈଶ୍ୱରୀୟ ସ୍ୱରୂପ, ତା'ଠାରୁ ଆଉ ସୌନ୍ଦର୍ଯ୍ୟ କେଉଁଠି ବା ରହିଛି। ଏହି ଋତୁଟି ପାଇଁ ପୁରା ବର୍ଷ ପ୍ରସ୍ତୁତି ଚାଲିଥାଏ ପ୍ରକୃତି। ଯେମିତି ଯୌବନକୁ ଆଣିବା ଲାଗି ଷୋହଳ ବର୍ଷ ପର୍ଯ୍ୟନ୍ତ ମାନବୀୟ ଶରୀର ସାଧନା କରୁଥାଏ, ମା' ନଅ ମାସ କାଳ ବିଭିନ୍ନ ବର୍ଗର ପର୍ଯ୍ୟାୟ ଅତିକ୍ରମ କରିବା ପରେ ନବାଗତଟିଏ ଭୂମିସ୍ପର୍ଶ କରେ ଏବଂ ଉଲ୍ଲାସ ଭରିଦିଏ। ବସନ୍ତ ପ୍ରକୃତିର ଯୌବନ ଏବଂ ରଚନାତ୍ମକତା ଚରମ ପର୍ଯ୍ୟାୟ। ଷୋଳକଳାରେ ସଜେଇ ହୁଏ ପ୍ରକୃତି। ମଣିଷ ସମେତ ପୁରା ପ୍ରାଣୀଜଗତ ପାଇଁ ଅନୁକୂଳ ଏହି ଋତୁ। ରଙ୍ଗର ଋତୁ ବସନ୍ତ। ଆଶା ଏବଂ ସିଦ୍ଧିର ସୁନ୍ଦର ସଂଯୋଗ, କଳ୍ପନା ଓ ବାସ୍ତବିକତାର ସୁଭଗ ସମନ୍ୱୟ। ନିରାଶା ଉପରେ ଆଶା ଏବଂ ଅମଙ୍ଗଳ ଉପରେ ମଙ୍ଗଳର ବିଜୟ। ରଙ୍ଗ ସତ୍ୟ, ରଙ୍ଗ ହିଁ ଆନନ୍ଦ, ରଙ୍ଗ ସୌନ୍ଦର୍ଯ୍ୟ। ରଙ୍ଗ ପ୍ରତି ବିମୁଖତା ଅନ୍ଧକାର ନିଶ୍ଚୟ। ଦେବଦେବ ମହାଦେବ ନିଜ ଶରୀରକୁ ଶ୍ମଶାନ ଧୂଳିରେ ରଙ୍ଗାଇଛନ୍ତି। ପରିତ୍ୟକ୍ତ ରଙ୍ଗ ତ୍ରିପୁଣ୍ଡରେ ପରିଣତ ହୋଇଛି। ଭଗବାନ ବିଷ୍ଣୁ ପ୍ରଜାଙ୍କ ଅନନ୍ତ କାମନା ସଂରକ୍ଷଣର ଭାବନାକୁ ଧରି ଅନନ୍ତର ନୀଳରଙ୍ଗ ନିଜ ରୂପ ଅନୁକୂଳ କରିଛନ୍ତି। ରଙ୍ଗ ନାମ ହୋଇଛି ପୁଣି ପରିଚୟ ବି ପାଲଟିଯାଇଛି। ସଂସାରରେ ଅନେକ ଭାଷାରେ ଏପରି ଶବ୍ଦ ରହିଛି ଯାହା ରଙ୍ଗ ଆଧାରିତ। ରଙ୍ଗର ମିଳନ ହିଁ ରଙ୍ଗୋତ୍ସବ ହୋଲି। ଇଚ୍ଛା-ଅନିଚ୍ଛାରେ ହେଉ କି ଜାଣତ-ଅଜାଣତରେ ପ୍ରତ୍ୟେକେ ରଙ୍ଗରେ ଭିଜିଯାନ୍ତି। ଶରୀର ଏମିତି ରଙ୍ଗୀନ ହୋଇଯାଏ ଯେ, ବୟସ, ବର୍ଗ, ଜାତି, ଧର୍ମ ସବୁ ପରିଚୟ ଉଭେଇ ଯାଏ। କେବଳ ରଙ୍ଗର ରାଜୁତି ଚାଲେ। ବିଷାଦ ଜଳି ଭସ୍ମୀଭୂତ ହୋଇଯାଏ। ବସନ୍ତ ପ୍ରେମର ରାସ ଆଣେ। କେବଳ ଏକଇ ରଙ୍ଗ ଦୃଷ୍ଟିକୁ ଆସେ ହାସ୍ୟଉଲ୍ଲାସର, ଦର୍ପଣ-ତର୍ପଣରେ।

# ମଣିପୁରରେ ସ୍ଥିରତାର ବାତାବରଣ ପୁନଃସ୍ଥାପିତ ହୋଇପାରିବ କି ?



ମାନସ କୁମାର କର
କୋଟାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ମଣିପୁର ମୁଖ୍ୟମନ୍ତ୍ରୀ ଏନ. ବୀରେନ ସିଂହଙ୍କ ଇସ୍ତଫା ଏବଂ ପରବର୍ତ୍ତୀ ସମୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ବିଳମ୍ବରେ ହୋଇଥିଲେ ମଧ୍ୟ ବହୁତ କମ୍ ଆଶା ସୃଷ୍ଟି କରିଥିଲା। ରାଜନୈତିକ ଚାପ ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ହୋଇଛି। କେନ୍ଦ୍ରରେ ଏନଡିଏ ସହଯୋଗୀଙ୍କ ସହିତ ଅସନ୍ତୁଷ୍ଟ ବିଧାୟକ ଏବଂ ଶାସକ ଦଳର ସହଯୋଗୀ ଏନ୍‌ପିପି ଏବଂ ଏନ୍‌ପିଏଫ୍‌ର ଚାପର ସମ୍ମୁଖୀନ ହୋଇଥିଲା ବିଜେପି। ତଥାପି, ମଣିପୁରର ରାଜନୈତିକ ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ କେବଳ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଏବଂ ପରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ଦ୍ୱାରା ରାଜ୍ୟର ପରିସ୍ଥିତିରେ କୌଣସି ପରିବର୍ତ୍ତନ ଆସିବ ନାହିଁ। ଯଦି ଗତ ୨୧ ମାସ ଧରି ରାଜ୍ୟରେ ଚାଲିଥିବା ଅଶାନ୍ତି ଏବଂ ହିଂସାର ଦାୟିତ୍ୱ ସ୍ଥିର କରାଯାଏ, ତେବେ ଆଶା ସୃଷ୍ଟି ହୋଇପାରେ। ବୀରେନ ସିଂହଙ୍କ ବିରୋଧରେ ବିଜେପି ବିଧାୟକମାନଙ୍କ ମଧ୍ୟରେ ଅସନ୍ତୋଷ ସ୍ପଷ୍ଟ ଏବଂ ସମ୍ପ୍ରତି ସେମାନଙ୍କ ମଧ୍ୟରେ ବିଦ୍ରୋହର ସଙ୍କେତ ଦେଖିବାକୁ ମିଳିଛି। ଏହା ବ୍ୟତୀତ, ଏନ୍‌ପିପି, ଏନ୍‌ପିଏଫ୍ ଏବଂ ଜେଡି(ୟୁ) ଭଳି ମେଣ୍ଟ ଦଳଗୁଡ଼ିକ ମଧ୍ୟ ସିଂହଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ବିଜେପି ବିଧାୟକମାନେ ଜନସାଧାରଣଙ୍କ କ୍ରୋଧର ସମ୍ମୁଖୀନ ହେଉଥିଲେ ଏବଂ ଶେଷରେ ଦଳକୁ ନିଜର ଭାବମୂର୍ତ୍ତି ବଞ୍ଚାଇବା ପାଇଁ ଏହି ପଦକ୍ଷେପ ନେବାକୁ ପଡିଥିଲା।

ଜାନୁଆରୀ ୨୪ ତାରିଖରେ, ସମସ୍ତ ମୈତେଇ ବିଧାୟକ ଏବଂ ସାଂସଦମାନଙ୍କୁ ଆରାମ୍ବାଇ ଟଙ୍ଗୋଲେ ଇମ୍ଫାଲର କାଙ୍ଗଲା ଦୁର୍ଗକୁ ଡକାଇଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୀରେନ ସିଂହଙ୍କୁ ଛାଡ଼ି ସମସ୍ତ ୩୮ଜଣ ବିଧାୟକ ଏବଂ ୨ଜଣ ସାଂସଦ ବୈଠକରେ ଯୋଗ ଦେଇଥିଲେ। ସମସ୍ତେ ମଣିପୁରର ରାଜନୈତିକ ଅଖଣ୍ଡତା ଏବଂ ମୈତେଇ ସମ୍ପ୍ରଦାୟର ଏକତା ବଜାୟ ରଖିବା ପାଇଁ ଶପଥ ନେଇଥିଲେ। ଏହି ବୈଠକ ସମୟରେ, ବୀରେନ ସିଂହଙ୍କ ଇସ୍ତଫା ଏବଂ ରାଜ୍ୟର ଭବିଷ୍ୟତ ରାଜନୈତିକ ରଣନୀତି ପାଇଁ ସ୍କ୍ରିପ୍ଟ ପ୍ରସ୍ତୁତ ହୋଇଥିଲା। କାଙ୍ଗଲା ଫୋର୍ଟରେ ଅନୁଷ୍ଠିତ ବୈଠକ ସମୟରେ, ବୀରେନ ସିଂହଙ୍କ ଇସ୍ତଫା ସମ୍ପର୍କରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ଯାହା ମୈତେଇ ବିଧାୟକ ଏବଂ ସାଂସଦମାନଙ୍କ ମଧ୍ୟରେ ରାଜନୈତିକ ଏକତାକୁ ମଜବୁତ କରିଥିଲା ଏବଂ ସମ୍ପ୍ରଦାୟ ମଧ୍ୟରେ ବିଭିନ୍ନ ସଂଗଠନ ମଧ୍ୟରେ ଏକ ସହମତି ସୃଷ୍ଟି କରିଥିଲା। ୧୦ ଫେବୃଆରୀରେ ବିଧାନସଭାର ଅଧିବେଶନ ଡାକିବା ସାମ୍ବିଧାନିକ ଭାବରେ ଆବଶ୍ୟକ ଥିଲା। ଯେତେବେଳେ ମୁଖ୍ୟମନ୍ତ୍ରୀ, ଯିଏ ପୂର୍ବରୁ ଦଳୀୟ ସଦସ୍ୟଙ୍କ ବିଶ୍ୱାସ ହରାଇ ସାରିଥିଲେ, ବିଧାନସଭାର ସାମ୍ନା କରିପାରିଲେ ନାହିଁ। ସମ୍ପ୍ରଦାୟର ଚାପ ଯୋଗୁଁ ବୀରେନ ସିଂହ ଇସ୍ତଫା ଦେଇଥିଲେ, କିନ୍ତୁ ଜାନୁଆରୀ ୨୪ରୁ ରାଷ୍ଟ୍ରପତି ଶାସନ ଲାଗୁ ହେବା ପର୍ଯ୍ୟନ୍ତ ଦଳର ୩୮ଜଣ ବିଧାୟକ ନୂତନ ମୁଖ୍ୟମନ୍ତ୍ରୀଙ୍କ ନାମ ଉପରେ ସହମତ ହୋଇପାରି ନଥିବାରୁ ରାଷ୍ଟ୍ରପତି ଶାସନ ଲାଗୁ ହେବା ଏକ ଜରୁରି ହୋଇପଡ଼ିଥିଲା।

ଏହା ପୂର୍ବରୁ, ଗତ ବର୍ଷ ଡିସେମ୍ବର ୧୦ ତାରିଖରେ, ମଣିପୁରର ୭ଜଣ ବିଜେପି ବିଧାୟକ (କୁକି ସମ୍ପ୍ରଦାୟର) ନୂଆଦିଲ୍ଲୀର ଜନ୍ତର ମନ୍ତରରେ କଳା ମୁଖା ପିନ୍ଧି ନୀରବ ପ୍ରତିବାଦ କରିଥିଲେ। ଡିସେମ୍ବର ୨୦୨୪ରେ (ଏନଡିଏ)ସହଯୋଗୀ ଦଳଗୁଡ଼ିକ ମଧ୍ୟ ବୀରେନ ସିଂହଙ୍କ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିଲେ। ନାଗା ସଂଗଠନଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଏକ ଚରମବାଣୀ ଦେଇଥିଲେ ଏବଂ ଦାବି କରିଥିଲେ ଯେ ୨୦୧୫ର ନାଗା ଶାନ୍ତି ଚୁକ୍ତିକୁ ଜାନୁଆରୀ ୨୬ ପୂର୍ବରୁ ସାର୍ବଜନୀନ କରାଯାଉ ଏବଂ ସେମାନେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟର ବିଜେପି ସରକାରଙ୍କ ଉପରେ ନିରନ୍ତର ଚାପ ପ୍ରୟୋଗ କରୁଥିଲେ। ଅଭିଯୋଗ ହେଉଛି ଯେ ରାଜ୍ୟ ସରକାର ସଶସ୍ତ୍ର ସଂଗଠନଗୁଡ଼ିକ ବିରୁଦ୍ଧରେ କେବଳ ଉପରସ୍ତରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ, ଯାହା ହିଂସା ଏବଂ ଅଶାନ୍ତିରେ କୌଣସି ପରିବର୍ତ୍ତନ ଆଣିନଥିଲା।

କେନ୍ଦ୍ରୀୟ ସୁରକ୍ଷା ବାହିନୀ ମଧ୍ୟ ମୈତେଇ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ପାଇଁ ସଂଘର୍ଷ କରିଥିଲେ, ଯାହାଫଳରେ ସେମାନଙ୍କ ନିୟୋଜନ ଏବଂ କାର୍ଯ୍ୟରେ ପକ୍ଷପାତିତାର ଧାରଣା ସୃଷ୍ଟି ହୋଇଥିଲା। ଉଭୟ ସମ୍ପ୍ରଦାୟର ଯୁବ ସଂଗଠନଗୁଡ଼ିକ ସଶସ୍ତ୍ର ଏବଂ ସାମ୍ପ୍ରଦାୟିକ ହୋଇ ଗଲିଲା ଶୈଳୀର ସଂଘର୍ଷରେ ଲିପ୍ତ ହେଲେ। ମଣିପୁରରେ ବର୍ତ୍ତମାନ ସଶସ୍ତ୍ର ଯୁବ ସଂଗଠନଗୁଡ଼ିକର ଏକ ସମାନ୍ତରାଳ ପ୍ରଶାସନ ଚାଲିଛି। କୁକି ସମ୍ପ୍ରଦାୟ ଏହାକୁ ଏକ ସ୍ଥାୟୀ ସମାଧାନ ବୋଲି ବିଶ୍ୱାସ କରି ପୃଥକ ପ୍ରଶାସନ ପାଇଁ ନିଜର ବ୍ୟବସ୍ଥା ପ୍ରତିଷ୍ଠା କରିଛନ୍ତି। ବିପରୀତରେ, ମୈତେଇ ସମ୍ପ୍ରଦାୟ ପାହାଡ଼ିଆ ଅଞ୍ଚଳରେ ବେଆଇନ ଭାବରେ ବସତି ସ୍ଥାପନ କରିଥିବା କୁକି ସମ୍ପ୍ରଦାୟକୁ ବହିଷ୍କାର ଏବଂ ସୀମାରେ ପାଚେରୀ ନିର୍ମାଣ ପାଇଁ ଦାବି କରୁଛନ୍ତି। ଯେତେବେଳେ କୁକି ସମ୍ପ୍ରଦାୟ ଏକ ପୃଥକ ପ୍ରଶାସନିକ ବ୍ୟବସ୍ଥା ଚାହାଁନ୍ତି। ହିଂସା ଯୋଗୁଁ ବିସ୍ଥାପିତ ବ୍ୟକ୍ତିମାନଙ୍କୁ ଏପର୍ଯ୍ୟନ୍ତ ପୁନର୍ବାସ କରାଯାଇ ନାହିଁ ଏବଂ କୁକି ଅଞ୍ଚଳରେ ରାଜ୍ୟ ପ୍ରଶାସନ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରୁନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ସେବା, ସରକାରୀ ପରିବହନ ଏବଂ ଅନ୍ୟାନ୍ୟ ସାର୍ବଜନୀନ ସେବା ସୁରୁଖୁରୁରେ ଚାଲୁନାହିଁ। ଚୁରାଚାନ୍ଦପୁର ଏବଂ ଇମ୍ଫାଲ ମଧ୍ୟରେ ନେପାଳୀ କିମ୍ବା ନାଗା ଅଧିକାରୀଙ୍କ ମାଧ୍ୟମରେ ହେଲିକପ୍ଟରରେ ସରକାରୀ ଫାଇଲଗୁଡ଼ିକର ଆଦାନପ୍ରଦାନ କରାଯାଏ। ଅଣଆନୁଷ୍ଠାନିକ ଭାବରେ, କୁକି ଅଞ୍ଚଳରେ ଏକ ପୃଥକ ପ୍ରଶାସନ କାର୍ଯ୍ୟ କରେ, ଯେଉଁଠାରେ କୁକି ଲୋକମାନେ ଇମ୍ଫାଲ ସହିତ ନିଜକୁ ସମନ୍ୱିତ କରିବା ପରିବର୍ତ୍ତେ ସ୍ଥାନୀୟ ପ୍ରଶାସନିକ ସେବା ଉପରେ ନିର୍ଭର କରିବାକୁ ପସନ୍ଦ କରନ୍ତି।

ଗତ ୫୦ବର୍ଷ ଧରି ମଣିପୁର ଏକ ରାଜନୈତିକ ସଂଗଠନ ଭାବରେ ବିଭିନ୍ନ ଜାତିଗତ ସମ୍ପ୍ରଦାୟ ସହିତ ଏକ ରାଜ୍ୟ ଭାବରେ ସହାବସ୍ଥାନ କରି ଯେଉଁ ପରିଚୟ ସୃଷ୍ଟି କରିଥିଲା, ତାହା ଗତ ୨୧ ମାସର ହିଂସା ଏବଂ ଅଶାନ୍ତି ଦ୍ୱାରା ଭାଙ୍ଗି ଯାଇଛି। ଏହି ବିଶୃଙ୍ଖଳାର ଦାୟିତ୍ୱ ନେବାକୁ କୌଣସି ସରକାରୀ ସଂସ୍ଥା, ସମ୍ପ୍ରଦାୟ କିମ୍ବା ରାଜନୈତିକ ନେତା ପ୍ରସ୍ତୁତ ନୁହଁନ୍ତି। ବର୍ତ୍ତମାନର ପରିସ୍ଥିତି ଯୋଗୁଁ ଅନେକ ବାସିନ୍ଦା ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ବାଧ୍ୟ ହେଉଛନ୍ତି। ଯେଉଁମାନେ ପ୍ରବାସ କରୁନାହାଁନ୍ତି ସେମାନେ ନିଜ ଭବିଷ୍ୟତ ବିଷୟରେ ଚିନ୍ତିତ। ଜାତିଗତ ବିଭାଜନ ରାଜ୍ୟର ସାମାଜିକ, ଭୌଗୋଳିକ ଏବଂ ରାଜନୈତିକ ଏକତାକୁ କ୍ଷୁର୍ଣ୍ଣ କରିଛି, ଯାହାଫଳରେ ଏହା ସାଂସ୍କୃତିକ ଏବଂ ରାଜନୈତିକ ଦୃଷ୍ଟିରୁ ଦୁର୍ବଳ ହୋଇଯାଇଛି। ମଣିପୁର କେବଳ ଏକ ରାଜ୍ୟ ନୁହେଁ ବରଂ ମୈତେଇ, ନାଗା, କୁକି, ମିଜୋ, ନେପାଳୀ ଏବଂ ମୁସଲିମ ସମ୍ପ୍ରଦାୟକୁ ନେଇ ଗଠିତ ଏକ ଭୂ-ସାଂସ୍କୃତିକ ପରିବାର, ଯେଉଁମାନେ ଏହାର ଭୂ-ସାଂସ୍କୃତିକ ପରିଚୟର ଏକ ଅବିଚ୍ଛେଦ୍ୟ ଅଂଶ। ୧୩ ଫେବୃଆରୀରେ ବୀରେନ ସିଂହଙ୍କ ଇସ୍ତଫା ଏବଂ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ପରେ, ବଡ଼ ପ୍ରଶ୍ନ ହେଉଛି କି ୩ ମଇ, ୨୦୨୩ ପୂର୍ବରୁ ଯେପରି ଥିଲା ଠିକ୍ ସେହିପରି ମଣିପୁରରେ ଶାନ୍ତି ଏବଂ ସ୍ଥିରତାର ବାତାବରଣ ପୁନଃସ୍ଥାପିତ ହୋଇପାରିବ କି ?

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ମାଟିଆସାହି ସ୍ଥିତ ନିଶ୍ଚିନ୍ତପୁର ଜେବି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରୀଗଣେଶଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଏଥି ସହିତ ସ୍କୁଲ ପରିସର ମଧ୍ୟରେ ଏକ ମଣ୍ଡପ ମଧ୍ୟ ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ୧୦୮ ମହିଳା ଶୋଭାଯାତ୍ରାରେ ଯାଇ କଳସ ବୁଡ଼ାଇଥିଲେ। ପଣ୍ଡିତ କଳ୍ପତରୁ ଉଦ୍‌ଗାତା, ବିଶ୍ୱରଂଜନ ପଣ୍ଡା, କୃପାସିନ୍ଧୁ ପଣ୍ଡା ପୂଜାକାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଭାବେ ମୁକ୍ତିକାନ୍ତ ମାଝୀ, ମଲ୍ଲୀ ମାଝୀ କାର୍ଯ୍ୟ ସମାପନ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀଧର ମହାନ୍ତି, ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପରିଚାଳନା କମିଟି ସଭାପତି ଗଣେଶ ପରିଡ଼ା, କେଶବ ଚନ୍ଦ୍ର ପୃଷ୍ଟି, ରଂଜିତ ନାୟକ, ମହେଶ୍ୱର ପରିଡ଼ା, ନରେନ୍ଦ୍ର ପୃଷ୍ଟି, ଦେବୀ ପରିଡ଼ା, କବିତା ପରିଡ଼ା, ତୁଳସୀ ପୃଷ୍ଟି, ଝୁନୁ ପରିଡ଼ା, ଖୁଲଣା ମାଝୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଉତ୍ସବରେ ଆଖାପଖ ଗ୍ରାମର ବହୁ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।

## 'ଓରାୟନ୍-୨୫' କହିଲା ଯୁବପିଢ଼ିର ମନକଥା

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଭବ୍ୟ ଓ ଦିବ୍ୟ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ



କଟକ,(ଭାସ୍କର ନ୍ୟୁଜ୍): ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟରେ ବାର୍ଷିକ ଉତ୍ସବ 'ଓରାୟନ୍-୨୫' ସଫଳତାର ସହ ସମ୍ପନ୍ନ ହୋଇଛି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏହି ଦୁଇଦିନିଆ ଭବ୍ୟ ଓ ଦିବ୍ୟ ଉତ୍ସବ ଥିଲା ବାସ୍ତବିକ ବ୍ୟବସାୟିକ, ବୈଷୟିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଏକ ଯୁଗଳବନ୍ଦୀ। ଏହା ଶିକ୍ଷାର୍ଥୀଙ୍କ ପାଇଁ ଉପଯୁକ୍ତ ପ୍ରତିଯୋଗିତା ଉପଲବ୍ଧ କରାଇଥିବା ବେଳେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଯୋଗାଇ ଦେଇଥିଲା ଏକ ଉପଯୁକ୍ତ ମଞ୍ଚ। ଏଥିସହ ପ୍ରଦାନ କରିଥିଲା ସୃଜନଶୀଳତା ଏବଂ ମନୋରଞ୍ଜନରେ ଭରା ଏକ ଅପାସୋରା ଅନୁଭୂତି। ଓରାୟନ୍-୨୫ର ଏହି ନିଆରାପଣ ହିଁ ଏହାକୁ ଚଳିତ ବର୍ଷର ପ୍ରତୀକ୍ଷିତ ଇଭେଣ୍ଟରେ ପରିଣତ କରିଥିଲା। 'ଉମଙ୍ଗ', 'ତକ୍ଷକ'ଓ 'ନିଷ୍କର୍ଷ'ଏହି ତିନି ଭାଗରେ ବିଭକ୍ତ ହୋଇଥିଲା ବିଶ୍ୱବିଦ୍ୟାଳୟର ସାଂସ୍କୃତିକ, ବ୍ୟବସାୟିକ ଓ ବୈଷୟିକ ଜ୍ଞାନକୌଶଳ ଉପରେ ପର୍ଯ୍ୟବସିତ ସମସ୍ତ ପ୍ରତିଯୋଗିତା। ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ଓରାୟନ୍-୨୫'ଉଦଘାଟିତ ହୋଇଥିବା ବେଳେ ରବିବାର ଉଦ୍‌ଯାପନୀ ଉତ୍ସବର ସନ୍ଧ୍ୟାକୁ ମୁଖରିତ କରିଥିଲେ ବଲିଉଡ୍ ଜଗତ ତଥା ୟୁଟ୍ୟୁବରେ ଧମାଲ୍ ମଚାଇଥିବା ଷ୍ଟାଣ୍ଡ ଅପ୍ କମେଡିଆନ୍ ସାହିଲ ଦତ୍ତ ଏବଂ ସିଦ୍ଧାର୍ଥ ଗୁପ୍ତା। ପୂର୍ବାହ୍ନରେ ଅନୁଷ୍ଠିତ ଆନ୍ତଃ ମହାବିଦ୍ୟାଳୟ ଷ୍ଟାଣ୍ଡ ଅପ୍ କମେଡିରେ ଓଡ଼ିଆ କମେଡିଆନ୍ ବର୍ଷା ଜୁରୀ ଭାବରେ ଯୋଗ ଦେଇଥିଲେ। ପ୍ରାୟ ଦୁଇଘଣ୍ଟା ଧରି ରକ୍ ବ୍ୟାଣ୍ଡ ଶୋ' ଚାଲିଥିବା ବେଳେ ରାତି ପ୍ରାୟ ସାଢ଼େ ନଅଟା ପରଠାରୁ ମଞ୍ଚରେ ଚାଲିଥିଲା ବଲିଉଡ୍ ଗାୟକ ଓ ସଂଗୀତକାର ତୁଷାର ଯୋଶୀଙ୍କ ଜଲୱା। ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମର ମଜା ଉଠାଇଥିଲେ। ଏଥିସହ ଦୁଇଦିନରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ତଥା ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ମିଶି 'ଓରାୟନ୍-୨୫' କାର୍ଯ୍ୟକ୍ରମରେ ପ୍ରାୟ ୧୫ ହଜାର ପ୍ରତିଯୋଗୀ ଓ ଦର୍ଶକଙ୍କ ସମାଗମ ହୋଇଥିଲା। ଏହାର ସଫଳତା ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଉପସ୍ଥିତ ଦର୍ଶକ, ଗଣମାଧ୍ୟମ ଏବଂ ଶିକ୍ଷାବିତମାନଙ୍କୁ ଧନ୍ୟବାଦ ଦେଇଥିଲେ।

## ଟିପିଏସ୍‌ଓଡିଏଲ ପକ୍ଷରୁ ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତିକରଣ ପାଇଁ ବ୍ୟାପକ ପଦକ୍ଷେପ

- ରାଇଘରରେ ନୂତନ ଗ୍ରୀଡ୍ ସବଷ୍ଟେସନ ନିର୍ମାଣ ଏବଂ ପ୍ରାଇମେରୀ ସବଷ୍ଟେସନର ଉନ୍ନତିକରଣ
- ଧୋଡ୍ରା, ଯୋଡ଼ିଙ୍ଗା ଓ ଡୁମୁରିମୁଣ୍ଡାରେ ସବଷ୍ଟେସନ ନିର୍ମାଣ
- ଭୋଲଟେଜ ସ୍ଥିରତା ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ 'ଅଟୋମେଟିକ୍ ଭୋଲଟେଜ୍ ରେଗୁଲେଟର' ସ୍ଥାପନ
- ଉମରକୋଟ ଓ ରାଇଘର ଅଞ୍ଚଳର ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦା ପୂରଣ ପାଇଁ ନୂତନ ଯୋଜନା କାର୍ଯ୍ୟକ୍ଷମ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ତଥା ଗୁଣାତ୍ମକ ବିଜୁଳି ସେବା ଯୋଗାଇବାରେ ଟାଟା ପାୱାର୍ ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ-ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପ୍ରତିବଦ୍ଧ ରହିଛି। କୃଷି ପାଇଁ ଆବଶ୍ୟକୀୟ ବିଦ୍ୟୁତ ସମେତ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦାକୁ ପୂରଣ କରିବା ପାଇଁ କମ୍ପାନୀ ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ରାଇଘର, ଉମରକୋଟ ଓ ଏହାର ଆଖପାଖ ଅଞ୍ଚଳରେ ଏକ ବ୍ୟାପକ ଭିତ୍ତିଭୂମି ଉନ୍ନତିକରଣ ପଦକ୍ଷେପ ନିଆଯାଉଛି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଭୋଲଟ୍ଟେଜ ସ୍ଥିରତା ବୃଦ୍ଧି ପାଇବ ଏବଂ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ ହେବ। ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟ ନେଇ ଟିପିଏସ୍‌ଓଡିଏଲ୍ ପକ୍ଷରୁ ରାଇଘର ପ୍ରାଇମେରୀ ସବଷ୍ଟେସନ (ପିଏସ୍‌ଏସ୍)ର ଉନ୍ନତିକରଣ କରାଯାଇଛି। ତିନୋଟି ପାୱାର ଟ୍ରାନ୍ସଫର୍ମର (ପିଟିଆର)କୁ ୫ ଏମଭିଏ ଏବଂ ଗୋଟିଏ ଟ୍ରାନ୍ସଫର୍ମରକୁ ୭.୫ ଏମଭିଏକୁ ଉନ୍ନତ ହେବା ଦ୍ୱାରା ସବଷ୍ଟେସନର କ୍ଷମତା ବୃଦ୍ଧି ପାଇଛି। ଯାହା ଫଳରେ ବଢୁଥିବା ବିଜୁଳି ଚାହିଦାକୁ ଏହା ପୂରଣ କରିପାରିବ। ଏହାବ୍ୟତୀତ, ସର୍ବୋତ୍ତମ ଭୋଲଟେଜ ସ୍ତର ବଜାୟ ରଖିବା ପାଇଁ ପିଟିଆରଗୁଡ଼ିକର ଅପ୍ଟିମାଇଜେସନ କରାଯାଇଛି, ଯାହା ବିଦ୍ୟୁତ୍ ବିତରଣ ସାମର୍ଥ୍ୟକୁ ଆହୁରି ସୁଦୃଢ଼ କରିବ। ୧୧ କେଭି ଫିଡରରେ କାପାସିଟର ବ୍ୟାଙ୍କ ସ୍ଥାପନ ହେବା ଫଳରେ ସ୍ଥିରତା ବୃଦ୍ଧି ହୋଇଛି ଏବଂ ଏହା ଯୋଗୁଁ ଭୋଲଟେଜ ସମସ୍ୟା ଦୂର ହେବା ସହ ସାମଗ୍ରିକ ଭାବେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ଉନ୍ନତ ହେବ। ବିଦ୍ୟୁତ ନେଟୱାର୍କକୁ ସୁଦୃଢ଼ କରିବା ସକାଶେ ଏକ ଦୀର୍ଘକାଳୀନ ସମାଧାନ ଭାବରେ ଓପିଟିସିଏଲର ତତ୍ତ୍ୱାବଧାନରେ ରାଇଘରରେ ଏକ ଗ୍ରୀଡ ସବଷ୍ଟେସନ (ଜିଏସ୍‌ଏସ୍) ନିର୍ମାଣ ଚାଲିଛି। ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏହି ଉନ୍ନତ ଭିତ୍ତିଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯାହା ଦ୍ୱାରା ସୁବିଧାରେ ଏବଂ ପ୍ରଭାବଶାଳୀ ଢଙ୍ଗରେ ବିଦ୍ୟୁତ ଯୋଗାଣ ହୋଇପାରିବ। ଭିତ୍ତିଭୂମି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା (ଏମ୍‌ଏମ୍‌ଏସବିଜେ) ଅଧୀନରେ ଟିପିଏସଓଡିଏଲ୍ ପ୍ରାଇମେରୀ ସବଷ୍ଟେସନ ନିର୍ମାଣ କରୁଅଛି। ଧୋଡ୍ରା, ଯୋଡ଼ିଙ୍ଗା ଏବଂ ଡୁମୁରିମୁଣ୍ଡା ଠାରେ ୨୫ ଏମଭିଏ ଟ୍ରାନ୍ସଫର୍ମର ଥିବା ସବଷ୍ଟେସନ ନିର୍ମାଣ କାମ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ଅଛି। ଚଳିତ ମାସ ଶେଷ ସୁଦ୍ଧା ଏହି ସବଷ୍ଟେସନଗୁଡ଼ିକ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଯାହାଫଳରେ ସ୍ଥାନୀୟ ଅଞ୍ଚଳରେ ଏକ ସ୍ଥାୟୀ ଭୋଲଟ୍ଟେଜ ସୁନିଶ୍ଚିତ ହେବା ସହ ବିଦ୍ୟୁତ ଯୋଗାଣରେ ବିଶ୍ୱସନୀୟତା ବୃଦ୍ଧି ପାଇବ। ଏହିସବୁ ଭିତ୍ତିଭୂମି ବିକାଶ ପଦକ୍ଷେପ ସମେତ ସଞ୍ଚାରଣ ସାମର୍ଥ୍ୟ ଉନ୍ନତ କରିବା ପାଇଁ ଟିପିଏସ୍‌ଓଡିଏଲ୍ ୩୩ କେଭି ଏବଂ ୧୧ କେଭି ଲାଇନର ଉନ୍ନତିକରଣ ଦିଗରେ କାମ କରୁଅଛି। ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ୧୧ କେଭି ଫିଡରଗୁଡ଼ିକରେ ଅଟୋମେଟିକ ଭୋଲଟ୍ଟେଜ ରେଗୁଲେଟର (ଏଭିଆର) ମଧ୍ୟ ସ୍ଥାପିତ ହୋଇଛି। ଏସବୁ ପ୍ରୟାସ ଭରସାଯୋଗ୍ୟ ବିଜୁଳି ସେବା ପ୍ରଦାନ କରି ଉପଭୋକ୍ତାଙ୍କ ସନ୍ତୁଷ୍ଟିକୁ ବଢ଼ାଇବା ଦିଗରେ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଟିପିଏସ୍‌ଓଡିଏଲରେ ଆମେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରି ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ପ୍ରତିବଦ୍ଧ ଅଛୁ। ରାଇଘର, ଉମରକୋଟ ଏବଂ ଏହାର ଆଖପାଖ ଅଞ୍ଚଳରେ ଚାଲିଥିବା ନେଟୱାର୍କ ଉନ୍ନତିକରଣ ପଦକ୍ଷେପ ଦ୍ୱାରା ଭୋଲଟେଜ ସ୍ଥିରତା ବଜାୟ ରହିବ, ଏବଂ ସ୍ଥାନୀୟ ଅଞ୍ଚଳରେ ସାମାଜିକ-ଅର୍ଥନୈତିକ ବିକାଶରେ ଏହା ସହାୟକ ହେବ। ଭବିଷ୍ୟତ ପାଇଁ ଏକ ସୁଦୃଢ଼ ଏବଂ ସ୍ଥାୟୀ ବିଦ୍ୟୁତ ବିତରଣ ବ୍ୟବସ୍ଥା ଗଠନ କରିବାରେ ଅଭିନବତା ଓ ଦକ୍ଷତା ଉପରେ ଆମେ ଗୁରୁତ୍ୱ ଦେଉଅଛୁ।' ଏହିସବୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ରାଇଘର ଏବଂ ଅନ୍ୟାନ୍ୟ ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ ଉପରେ ପ୍ରାଧାନ୍ୟ ଦେଉଅଛି। ଅଭିନବ ସମାଧାନ ଏବଂ ଦୀର୍ଘମିଆଦି ଉନ୍ନତିକରଣ ଉପରେ ଗୁରୁତ୍ୱ ଦେଇ ଟିପିଏସ୍‌ଓଡିଏଲ୍ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରୁଅଛି।

## ଦୁଇ ଚୋରା ବାଲି ହାଇୱା ଜବତ, ଦୁଇ ଗିରଫ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଂଚଳରେ ପ୍ରତ୍ୟେକ ଦିନ ଶହଶହ ହାଇୱାରେ ବାଲି ଚୋରା ଚାଲାଣ ହେଉଥିବା ବେଳେ କୁଶଭଦ୍ରା, ଭାର୍ଗବୀ, କୋଣାର୍କ ଅଭୟାରଣ୍ୟ ସମୁଦ୍ର କୂଳରୁ ପ୍ରତ୍ୟେକ ଦିନ ଜେସିବିରେ ବାଲି ଚୋରାଚାଲାଣ କରାଯାଉଛି। ଯାହାକୁ ନେଇ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ କ୍ଷତି ଘଟୁଛି। ଖଣିବିଭାଗ କାଁ ଭାଁ ଚକ୍କର କାଟୁଥିବା ବେଳେ ନିମାପଡ଼ା ଥାନା ପୋଲିସ ଏକ ବାଲି ବୋଝେଇ ହାଇୱାକୁ ଜବତ କରିବା ତା' ନାମରେ ମାମଲା ରୁଜୁ କରି ହାଇୱାକୁ ସିଜ୍ କରିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଭିଲ୍ଲିଗ୍ରାମ ପଂଚାୟତ ଗୋଲେଇ ଛକ ଠାରେ ଏକ ବାଲି ବୋଝେଇ ହାଇୱା ଯାଉଥିବା ବେଳେ ରାତ୍ର ପେଟ୍ରୋଲିଂରେ ଥିବା ନିମାପଡ଼ା ଥାନା ସବ୍-ଇନ୍ସପେକ୍ଟର ଶୁଭଲକ୍ଷ୍ମୀ ପଟ୍ଟନାୟକ ହାବିଲଦାର ଏକାଦଶୀ ବରାଳ, ଅନ୍ୟ ଏକ କନେଷ୍ଟବଳ ଗାଡ଼ିକୁ ଅଟକାଇ ଜାଣିବାକୁ ପାଇଲେ ବୋଲି ଚୋରା ଚାଲାଣ ହେଉଛି। ହାଇୱାକୁ ଥାନାକୁ ଆଣି ସିଜ୍ କରିବା ସହ ସବ୍-ଇନ୍ସପେକ୍ଟର ଶୁଭଲକ୍ଷ୍ମୀ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୩୦୩(୨)ରେ ମାମଲା ରୁଜୁ ହୋଇଛି। ସେହିପରି ସୋମବାର ଗୋଲେଇ ଛକ ନିକଟରେ ନିମାପଡ଼ା ଥାନା ସବ୍-ଇନ୍ସପେକ୍ଟର ଦିଲ୍ଲୀପ କୁମାର ପଣ୍ଡା ପେଟ୍ରୋଲିଂ କରିଥିବା ବେଳେ ଏକ ଚୋରା ବାଲି ହାଇୱା ଯାଉଥିବା ବେଳେ ହାଇୱାକୁ ରୋକି କାଗଜ ପତ୍ର ମାଗିବାରେ କାଗଜ ପତ୍ର ନଥିବାରୁ ତା' ନାମରେ ପୋଲିସ ଏକ ମାମଲା ରୁଜୁ କରି ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରିବା ସହିତ ହାଇୱାକୁ ଅଟକ ରଖି ତଦନ୍ତ ଜାରି ରଖିଛି। ଅନେକ ହାଇୱା ବିଳମ୍ବିତ ରାତ୍ରରେ ଚୋରା ବାଲି, ଚୋରା ପଥର ଚାଲାଣ କରୁଥିବା ବେଳେ ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାରେ ଯାତାୟତ କରୁଛନ୍ତି। ଖଣି ବିଭାଗ ସବୁ ଜାଣି ମଧ୍ୟ ନୀରବ ରହିବା ପଛରେ କି ଉଦ୍ଦେଶ୍ୟ ରହିଛି ତାହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ଦେଖାଦେଇଛି।

## ମାଟିଆଖାତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




ଗୋପ, (ଭାସ୍କର ନ୍ୟୁଜ୍): ଗୋପ ସ୍ଥିତ ମାଟିଆଖାତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଊନବିଂଶ ବାର୍ଷିକ ଉତ୍ସବ ସୋମବାର ଆୟୋଜିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ଯୋଗ ଦେଇଥିଲେ। ବିଦ୍ୟାଳୟର ସଂପାଦକ ଅଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ ଯୋଗଦେଇ କହିଥିଲେ ବିଦ୍ୟାଳୟ ହେଉଛି ଏକ ମଣିଷ ତିଆରି କାରଖାନା। ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ଶିକ୍ଷା, ଚରିତ୍ର ଗଠନ ଏବଂ ଭଲ ମଣିଷ ଭାବେ ଗଢି ତୋଳିବାକୁ ଗୁରୁମା ଗୁରୁଜୀମାନଙ୍କର ଭୂମିକା ଅତୁଳନୀୟ। ଏହି ମଣିଷ ତିଆରି କାରଖାନାର ଜଣେ ଜଣେ ସୁଦକ୍ଷ ବିନ୍ଧାଣୀ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଗୋପ ବ୍ଲକ ଉପାଧକ୍ଷ ବନ ରଞ୍ଜନ ପଟ୍ଟନାୟକ କହିଛନ୍ତି, 'ଆଜି ଆମ ଶିକ୍ଷା ବ୍ୟବସ୍ଥା ରୋଜଗାର କୈନ୍ଦ୍ରିକ ପାଲଟିଛି। ବିଦ୍ୟାର୍ଥୀଙ୍କ ମଧ୍ୟରେ ନୈତିକତା, ସହନଶୀଳତା ଏବଂ ଅନ୍ତର୍ଭୁକ୍ତିର ଅଭାବ ସ୍ପଷ୍ଟ ଭାବେ ପ୍ରତୀୟମାନ ହେଉଛି। ଆଧୁନିକ ଶିକ୍ଷା ବ୍ୟବସ୍ଥା ବିଦ୍ୟାର୍ଥୀଙ୍କୁ ବାହିକ ଜ୍ଞାନ ଠାରୁ ଦୂରରେ ରଖୁଛି ଏବଂ ସେମାନଙ୍କୁ ଯନ୍ତ୍ରର ଏକ ଅଂଶ କରିନେଇଛି। ସରକାର ବାଧ୍ୟତାମୂଳକ ଶିକ୍ଷାଧିକାର ଆଇନ୍ କାର୍ଯ୍ୟକାରୀ କରିଥିଲେ ମଧ୍ୟ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଆଶାନୁରୂପେ ହୋଇପାରିନି, ଯଦ୍ୱାରା ପିଲାମାନେ ସରକାରୀ ବିଦ୍ୟାଳୟ ପରିବର୍ତ୍ତେ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସେହିପରି ସମ୍ମାନୀତ ଅତିଥି ଭାବେ ଗୋପ ବ୍ଲକ ମହିଳା ମହାସଂଘର ସଭାନେତ୍ରୀ ମିନାକ୍ଷି ପୃଷ୍ଟି, ଶିକ୍ଷାବିତ୍ ରାମକୃଷ୍ଣ ସେନାପତି, ବିନୟ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ବାରିକ୍ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଂପାଦକ ଅଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଗୁରୁମା ରୀନାବାଳା ସାହୁ, ଜୟଶ୍ରୀ ଦାଶ, ଅନିତା ମିଶ୍ର, ଅନୁସୟା ବିଶ୍ୱାଳ, ଦୀପିକା ବେହେରା, ସସ୍ମିତା ପାତ୍ର, ପୁଷ୍ପାଞ୍ଜଳି ମିଶ୍ର, ଚାନ୍ଦିନୀ ମହାନ୍ତି,ଗୁରୁଜୀ ଦେବାଶିଷ ଭଞ୍ଜ, ଶିବ ପ୍ରସାଦ ଦାସଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ପରିଚାଳନା କରିଥିଲେ।

## ୨୨ରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ ତମ ଜନ୍ମ ମହୋତ୍ସବ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ-ଚନ୍ଦ୍ରଙ୍କର ୧୩୭ତମ ଜନ୍ମ ମହୋତ୍ସବ ଉପଲକ୍ଷେ ଏକ ବାର୍ଷିକ ସତ୍‌ସଙ୍ଗ୍ ଅଧିବେଶନ ଚଳିତ ମାସ ୨୨ ଓ ୨୩ ତାରିଖରେ ପୋଖରୀପୁଟ କାରଗିଲ ପଡ଼ିଆରେ ଅନୁଷ୍ଠିତ ହେବ। ମାଉସୀମା ସତ୍‌ସଙ୍ଗ୍ ଭାଇ ଓ ମା ମାନଙ୍କ ମିଳିତ ସହଯୋଗରେ ଦୁଇ ଦିନ ଧରି ହେବାକୁଥିବା ଏହି ଅଧିବେଶନରେ ଉଷାକୀର୍ତ୍ତନ, ଉଷାବିନତୀ ପ୍ରାର୍ଥନା, ସାମୂହିକ ଧ୍ୟାନ ଓ ବାଣୀପାଠ, ଗୀତାପାଠ, ନିଃଶୁଳ୍କ ଡାକ୍ତରୀ ପରୀକ୍ଷା କରାଯିବ। ସେହିପରି ଅପରାହ୍ନ ୩ଟାରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ, ମାତୃ ସମ୍ମିଳନୀ, ସନ୍ଧ୍ୟା ବିନତୀ ପ୍ରାର୍ଥନା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି କହିଛନ୍ତି ସଂଯୋଜକ ଦେବରାଜ ପାତ୍ର।

## ବାରୁଣୀ ସ୍ଥଳ ପରିଦର୍ଶନ କଲେ ସାଂସଦ ରବୀନ୍ଦ୍ର ବେହେରା



ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁରର ବାରୁଣୀ ଇତିହାସ ବହୁ ପୁରାତନ। ବାରୁଣୀ ବୁଡ ସମୟରେ ଅସମ୍ଭବ ଭିଡ ଦେଖିବାକୁ ମିଳେ ଯାଜପୁର ଅଂଚଳରେ। ଯାଜପୁରର ବୈତରଣୀ ନଦୀ କୂଳ ଦଶ୍ୱାସମେଧ ଘାଟରେ ଏବେକାର ବାରୁଣୀ ବୁଡ ଓ ବାରୁଣୀ ମେଳା ଅନୁଷ୍ଠିତ ହୋଇ ଆସୁଅଛି। କିନ୍ତୁ କିମ୍ବଦନ୍ତୀ ଅନୁଯାୟୀ ପ୍ରଥମେ ବାରୁଣୀ ହର ଓ ମୁକୁନ୍ଦ ମଧ୍ୟସ୍ଥଳୀ ବୈତରଣୀ ନଦୀ କୁଳେ (ଏବେକାର ଆଙ୍କୁଲା ଗ୍ରାମର ହରମୁକୁନ୍ଦ ବାରୁଣୀ ତିର୍ଥ ସ୍ଥଳୀ) ହେଉଥିଲା। କାଳକ୍ରମେ ଏହା ଘୁଞ୍ଚି ଘୁଞ୍ଚି ବା ସମୟର ଚକ୍ରରେ ନଦୀର ଗତି ପରିବର୍ତନ ହେତୁ ଆଧୁନିକ ବାରୁଣୀର ଉଥାନ ହୋଇଥାଇ ପାରେ ବୋଲି ଗବେଷକ ମାନେ ମତ ଦିଅନ୍ତି। ତେଣୁ ଏହି ହଜାର ବର୍ଷର ଇତିହାସକୁ ପୂର୍ଣ୍ଣଜୀବିତ କରିବା ନିମନ୍ତେ ଆଙ୍କୁଲା ଗ୍ରାମର ସମାଜ ସେବୀ ଦେବେନ୍ଦ୍ର ନନ୍ଦଙ୍କ ଆବାହକରେ ଦିର୍ଘ ୧୦ ବର୍ଷ ହେଲା ଏଠାରେ ବାରୁଣୀ ବୁଡ ସମୟରେ ଭକ୍ତ ମାନଙ୍କ ବୁଡ ପକାଇବା ନିମନ୍ତେ ବିଭିନ୍ନ ସୁବିଧା ସୁଯୋଗ, ରାସ୍ତା ମରାମତି ଓ ଆଲୋକିକରଣ, ତିନିଦିନ ବ୍ୟାପି ବାରୁଣୀ ଯଜ୍ଞ, ପ୍ରତ୍ୟେକ ଦିନ ପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏଥିରେ ପଣସା ପଂଚାୟତର ଆଙ୍କୁଲା, ବିନ୍ଧାଣ, ପଣସା, ମୋଚରଙ୍ଗାପାଳ, କୁଞ୍ଜବିହାରୀପୁର, ଲାଲବାଗ ପଭୃତି ଗ୍ରାମବାସି ମାନେ ସ୍ୱତଃସ୍ଫୁତ ଭାବେ ଅଂଶଗ୍ରହଣ କରିଥାଆନ୍ତି। ତେଣୁ ଏହି ଧାର୍ମିକ ସ୍ଥଳିର ଗୁରୁତ୍ୱ ଉପଲବ୍ଧି କରି ସାଂସଦ ରବୀନ୍ଦ୍ର ବେହେରା ଉକ୍ତ ସର୍ବ ପୁରାତନ ତୀର୍ଥ ସ୍ଥଳିକୁ ଗତ ଶୁକ୍ରବାର ଦିନ ପରିଦର୍ସନରେ ଆସିଥିଲେ। ସେହି ସମୟରେ ବେହେରାଙ୍କୁ ହରମୁକୁନ୍ଦ ବାରୁଣୀ ତୀର୍ଥ କମିଟିର ଆବାହାକ ଦେବେନ୍ଦ୍ର ନନ୍ଦ, ବରିଷ୍ଠ ପୂଜକ ଅନାଦି ମିଶ୍ର, ଗବେଷକ ଇଶ୍ୱର ପ୍ରଧାନ, ସ୍ଥାନୀୟ ସରପଂଚ କୁଳମଣୀ ପରିଡା, ବିଜେପି ମଣ୍ଡଳ ସଭାପତି କେଶବ ମିଶ୍ର, ରବିନ୍ଦ୍ର ପଣ୍ଡା, ଅରୁଣ ନନ୍ଦ, ବରିଷ୍ଠ ସାମ୍ବାଦିକ ତପନ ମହାରଣ୍ୟ ଶର୍ମା, ଦିବାକର ମିଶ୍ର, ଆଦିତ୍ୟ ନନ୍ଦ, ପୁତୁଲା ମିଶ୍ର, ଟୁଲୁ ନନ୍ଦ, ସୁରେଶ ମିଶ୍ର, ସିପୁ ନନ୍ଦ ପ୍ରଭୃତି ଉପସ୍ଥିତ ରହି ସାଂସଦ ବେହେରାଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ପିଠର ବିଭିନ୍ନ ସମସ୍ୟାକୁ ନେଇ ଆଲୋକ ପାତ କରିଥିଲେ। ବେହେରା ମଧ୍ୟ ସମସ୍ୟାଗୁଡିକର ଗୁରୁତ୍ୱକୁ ଉପଲବ୍ଧୀ କରି ପିଠର ସ୍ଥଳି ନିକଟରେ ଏକ ମୂଳ ବୈତରଣୀ ନଦୀ (ଏବେର ନାଳ) ଉପରେ ଏକ ପୋଲ, ଯଜ୍ଞ ମଣ୍ଡପ, ଆଲୋକିକରଣ, ପାହାଚ ନିର୍ମାଣ, ରାସ୍ତା ଘାଟର ଉନ୍ନତି ଓ ସନ୍ନିକଟ ସ୍ମସାନର ବିକାଶ ଉପରେ ଆଲୋକପାତ କରି ଖୁବ୍‌ଶିଘ୍ର ଏହା ଉପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ତେଣୁ ହରମୁକୁନ୍ଦ ବାରୁଣୀ ତୀର୍ଥ କମିଟିର ସମସ୍ତ ସଦସ୍ୟ, ପଣସା ପଂଚାୟତ ବାସି ସାଂସଦ ଶ୍ରୀଯୁକ୍ତ ରବୀନ୍ଦ୍ର ବେହେରାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଯୁବ ଶିଳ୍ପପତି ଅଜିତ ବିହାରୀ ସମ୍ବର୍ଦ୍ଧିତ



ଭୁବନ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳର ଜଣାଶୁଣା ଯୁବ ଶିଳ୍ପପତି ଭାରତ ଷ୍ଟିଲ ଇଣ୍ଡଷ୍ଟ୍ରିଜ ପାର୍ଟନର ଅଜିତ୍ କୁମାର ବିହାରୀ ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ମତ୍ସ୍ୟ, ପଶୁ ସମ୍ପଦ ଓ କ୍ଷୁଦ୍ର, ମଧ୍ୟମ ଶିଳ୍ପ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ରବିବାର ଢେଙ୍କାନାଳ ଜିଲ୍ଲା ବିଜେପି ତରଫରୁ ଜିଲ୍ଲା ବିଜେପି ସଭାପତି ରାସ ବିହାରୀ ବେହେରା ଯୁବ ଶିଳ୍ପପତି ବିହାରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା, ପୂର୍ବତନ ଜିଲ୍ଲା ବିଜେପି ସଭାପତି ତଥା ବରିଷ୍ଠ ନେତା ପ୍ରେମାନନ୍ଦ ଜେନା ଉପସ୍ଥିତ ଥିଲେ।

## ବର୍ଦ୍ଧିତ ଭତ୍ତା ପାଇନାହାନ୍ତି ୭୩୪ ହିତାଧିକାରୀ

ତିହିଡ଼ି, (ଭାସ୍କର ନ୍ୟୁଜ୍): ସରକାର ୮୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ୩୫୦୦ଟଙ୍କା ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ୩୫୦୦ଟଙ୍କା ଭତ୍ତା ଦେବେ ବୋଲି ଘୋଷଣା କରିଥିଲେ। ସେହି ଅନୁସାରେ ତିହିଡ଼ି ବ୍ଲକରେ ୮୦ବର୍ଷରୁ ଊର୍ଦ୍ଧ୍ୱ ୫୬୦ଜଣ ବାର୍ଦ୍ଧକ୍ୟ ଭତ୍ତା ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ୧୭୪ଜଣ ଦିବ୍ୟାଙ୍ଗଙ୍କୁ ମିଶାଇ ମୋଟ ୭୩୪ଜଣ ବର୍ଦ୍ଧିତ ଭତ୍ତା ପାଇପାରି ନାହାନ୍ତି। ଏହି ବର୍ଦ୍ଧିତ ଭତ୍ତା ହିତାଧିକାରୀଙ୍କୁ ମିଳିବାରେ ବିଳମ୍ବ ଘଟିଛି। ଯାହାଫଳରେ ହିତାଧିକାରୀମାନେ ହତୋତ୍ସାହ ହୋଇପଡ଼ିଛନ୍ତି। ଗତ ଜାନୁଆରୀ ୧୫ତାରିଖରେ ବ୍ଲକ କାର୍ଯ୍ୟାଳୟ ପରିସରରେ ହିତାଧିକାରୀମାନଙ୍କୁ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତର ୧୨୯୦ ହିତାଧିକାରୀଙ୍କ ମଧ୍ୟରୁ ୭୩୦ଜଣଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା। ସେହିପରି ମୋଟ ୨୪୮ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ୭୪ଜଣଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଥିଲା। ସରକାର ବର୍ଦ୍ଧିତ ଭତ୍ତା ଘୋଷଣା କଲା ପରେ ହିତାଧିକାରୀଙ୍କ ମନରେ ଆଶା ସଞ୍ଚାର ହୋଇଥିଲା। ସେମାନେ ବର୍ଦ୍ଧିତ ଭତ୍ତା ପାଇଲେ ନିଜର ଗୁଜୁରାଣ ମେଣ୍ଟାଇ ପାରିବେ ବୋଲି ଆଶା ରଖିଥିଲେ। ମାତ୍ର ବର୍ଦ୍ଧିତ ଭତ୍ତା ମିଳିବାରେ ବିଳମ୍ବ ହେବାରୁ ସେମାନେ ନିରାଶ ହୋଇ ପଡ଼ିଛନ୍ତି। ପ୍ରତିଦିନ ବ୍ଲକ କାର୍ଯ୍ୟାଳୟକୁ ଆସି କେବେ ବର୍ଦ୍ଧିତ ଭତ୍ତା ମିଳିବ ବୋଲି ବିଭାଗୀୟ ଅଧିକାରୀଙ୍କୁ ପଚାରି ଚାଲିଛନ୍ତି। ବିଭାଗୀୟ ଅଧିକାରୀ କୌଣସି ସଠିକ୍ ଉତ୍ତର ଦେଇ ନ ପାରିବାରୁ ହିତାଧିକାରୀମାନେ ନିରାଶ ହୋଇ ଘରକୁ ଫେରୁଥିବା ଜଣାପଡ଼ିଛି। ତେବେ ତୁରନ୍ତ ବାକିଥିବା ହିତାଧିକାରୀମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବାକୁ ସେମାନେ ଦାବି କରିଛନ୍ତି।

## କଂଗ୍ରେସ କମିଟି ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



ଆସିକା, (ଭାସ୍କର ନ୍ୟୁଜ୍): ମହିଳା ଓ ଶିଶୁ ନର୍ଯ୍ୟାତନାକୁ କେନ୍ଦ୍ର କରି ପଶ୍ଚିମ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ଦଳ ପକ୍ଷରୁ ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଓ ଦାବୀ ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ପଶ୍ଚିମ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ଦଳ ସଭାପତି ରବିନ୍ଦ୍ର ନାଥ ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା, ଗଞ୍ଜାମ ଜିଲ୍ଲା ପ୍ରଦେଶ କଂଗ୍ରେସ କମିଟି ଦଳ ପ୍ରଭାରୀ ବିଜୟ କୁମାର ପ୍ରଧାନ, ଆସିକା କଂଗ୍ରେସ ବିଧାୟିକା ପ୍ରାର୍ଥୀ ସୁରଭି ବିଷୋୟୀ, ଆସିକା କଂଗ୍ରେସ ମହିଳା ନେତ୍ରୀ ସୁଦିପ୍ତା ଦାଶ, ଭଞ୍ଜନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ମଣ୍ଡଳ, ପୋଲସରା ବିଧାୟକ ପ୍ରାର୍ଥୀ ଅଗସ୍ତି ବରାଡ, ସୋରଡା ବିଧାୟକ ପ୍ରାର୍ଥୀ ହରିକୃଷ୍ଣ ରଥ, ଖଲ୍ଲିକୋଟ ବିଧାୟକ ପ୍ରାର୍ଥୀ ଚିତ୍ରସେନ ବେହେରା, ହିଞ୍ଜିଳୀକାଟୁ ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ପାଢୀ, କଂଗ୍ରେସ ନେତୃବୃନ୍ଦ ମନୋରଞ୍ଜନ ଦାସ, ବିକ୍ରମ ପଣ୍ଡା, ପିସିସି ସଦସ୍ୟ ବୁଲା ଜେନା, ସୁବାଷ ଜେନା, ବିଜୟ କୁମାର ସାହୁ, ପଦ୍ମଚରଣ ସାହୁ, ସୁନାରାମ ସାବତ,ବେଗୁନିଆପଡା ବ୍ଲକ କୁମ୍ଭାର ଗାଁ ପଚାଂୟତ ଚନ୍ଦ୍ରମଣି ପ୍ରଧାନ ସମେତ ବହୁ କଂଗ୍ରେସ କର୍ମୀ ଓ ନେତା ଯୋଗ ଦେଇଥିଲେ। ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରା ଭଞ୍ଜନଗର ଭେଜିପୁଟ ସ୍ଥିତ ଶିବ ମନ୍ଦିର ଠାରୁ ବାହାରି ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଁଚି ଥିଲେ। ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗନ ଦେବା ସହ ହାତରେ ପ୍ଲାକାର୍ଡ ଧରି ଓଡିଶାରେ ମହିଳା ମାନଙ୍କର ଦୟନୀୟ ପରିସ୍ଥିତି ଓ ଅସନ୍ତୋଷକୁ ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା। ଏଠି ନରେନ୍ଦ୍ର ମୋଦି ଓ ମୋହନ ସରକାରରେ ମହିଳା ଅତ୍ୟାଚାର ସୀମାଲଂଘନ କଲାଣି। ମାତ୍ର ସରକାର ନିଷ୍କ୍ରିୟ ଓ ନିର୍ଦ୍ଦୟ ହୋଇ ବସିଛି। ପୂର୍ବ ସରକାର ସମୟରେ ବିଜେପି ଦଳ ପକ୍ଷରୁ ମହିଳା ଅତ୍ୟାଚାର ପ୍ରସଙ୍ଗରେ ରାଜ ରାସ୍ତାରେ ଚିତ୍କାର କରାଯାଉଥିଲା। କିନ୍ତୁ କ୍ଷମତାସୀନ ହେଲା ପରେ ମହିଳା ମାନଙ୍କର ନିର୍ଯ୍ୟାତନା ପ୍ରସଙ୍ଗକୁ ବିଜେପି ଅଣଦେଖା କରୁଛି କାହିଁକି ବୋଲି ପଶ୍ଚିମ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ଦଳ ସଭାପତି ରବିନ୍ଦ୍ର ନାଥ ଶର୍ମା ପ୍ରଶ୍ନ ରଖିଥିଲେ।

## ଛାତ୍ରଛାତ୍ରୀଙ୍କୁ ନେଇ ଆସୁଥିବା ବନବିଭାଗ ଗାଡି ଦୁର୍ଘଟଣାଗ୍ରସ୍ତ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ବନବିଭାଗର ଗୋଟିଏ ଗାଡ଼ିକୁ ପଛ ପଟୁ ଆଉ ଗୋଟିଏ ଗାଡ଼ିକୁ ଧକ୍କାରେ ୭ ଜଣ ଛାତ୍ରୀ ଆହତ ହୋଇଛନ୍ତି। ଏଭଳି ଏକ ଦୁର୍ଘଟଣା ଘଟିଛି ଯଶିପୁର -ରରୁଆଁ ରୋଡ ପୁରୁଣିଆ ଛକ ନିକଟରେ। ସୋମବାର ଅପରାହ୍ନ ସମୟରେ ବନ ବିଭାଗର ତିନୋଟି ଗାଡି ଏକ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମରେ ଶିମିଳିପାଳ ଅଭୟାରଣ୍ୟକୁ ଯାଇଥିବା ଅଙ୍ଗାରପଦା ମହାବିଦ୍ୟାଳୟର ୪୬ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ରରୁଆଁ ଫେରିବା ସମୟରେ ଗୋଟିଏ ଗାଡ଼ିକୁ ପଛପଟୁ ଧକ୍କା ଦେଇଥିଲା ଆଉ ଏକ ଗାଡ଼ି। ଦୁର୍ଘଟଣାରେ ୭ଜଣ ଛାତ୍ରୀ ଆହତ ହୋଇଥିବା ବେଳେ ଅଳ୍ପକେ ବର୍ତ୍ତିଲେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ। ସମସ୍ତ ୭ଜଣ ଆହତଙ୍କୁ ରରୁଆଁ ଡାକ୍ତରଖାନାରେ ଚିକିତ୍ସିତ କରାଯାଇଛି ଓ ସେମାନେ ସମସ୍ତେ ସୁସ୍ଥ ଥିବା ନେଇ ଚିକିତ୍ସା କରିଥିବା ରରୁଆଁ ଡାକ୍ତରଖାନାର ଯୁଗ୍ମ ନିର୍ଦ୍ଦେଶକ ଡ. ଦକ୍ଷିଣା ରଞ୍ଜନ ଟୁଡୁ କହିଛନ୍ତି। ତେବେ ଏହି ଦୁର୍ଘଟଣା କେମିତି ଓ କାହିଁକି ଘଟିଲା ତାହା ଏବେ ତଦନ୍ତ ସାପେକ୍ଷ।

## ଛବିଳ ମଧୁ ବର୍ଣ୍ଣବୋଧ ବଣ୍ଟନ

କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଗ୍ରିନ ଇଣ୍ଡିଆ ଗ୍ରୁପ ତରଫରୁ ଆଜି ପଡୋଶି ନାରାୟଣ ପାଟଣା ବ୍ଲକର ତେନ୍ତୁଳିପଦର ଓ ବିଜାଘାଟି ପଞ୍ଚାୟତର ଇଚ୍ଛାପୁର ୨୮, ବିଜାଘାଟି ୫୮, କଲୋମଗୁଡା ୩୮, ପିଲାପଣସ ୨୬, କୋରାପୁଟ ସଦର ବ୍ଲକର ଡୁମୁରି ପଦର ୪୩ ଓ ଡ଼େଙ୍ଗାଗୁଡ଼ା ରେ ୩୬ ଜଣ ଗରିବ ଛାତ୍ର ଛାତ୍ରୀଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ବହି, ପେନସିଲ ଓ ଖାତା ବଣ୍ଟନ କରାଯାଇଛି। ଗ୍ରୁପର ମୁଖ୍ୟ ଗୋପେଶ୍ୱର ଗରଡା ଏହି କାର୍ଯ୍ୟ ଦିର୍ଘ ତିନିବର୍ଷ ଧରି ଜାରି ରଖିଥିବା ବେଳେ ତାଙ୍କୁ ସବୁ କ୍ଷେତ୍ରରେ ହେମନ୍ତ ମହା ନନ୍ଦିଆ, ସୁବାସ ମାଝି ଓ ଲିଙ୍ଗରାଜ ଗରଡ଼ା ସବୁ କ୍ଷେତ୍ରରେ ସାହାଯ୍ୟ କରି ଆସୁଛନ୍ତି। ଏଇଭଳି କାର୍ଯ୍ୟ ଜାରି ରଖି ଥିବାରୁ ସବୁ ମହଲେ ଗରଡାଙ୍କୁ ପ୍ରଶଂସା କରାଯାଉଛି।

## ପ୍ରଧାନଶିକ୍ଷକଙ୍କ ମାସିକ ଆଲୋଚନାଚକ୍ର

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୨୨ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ପଞ୍ଚଦଶ ମାସିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଆର୍ତ୍ତତ୍ରାଣ ବିଦ୍ୟାପୀଠ ବରାଙ୍ଗ-ଅନନ୍ତା ବିଦ୍ୟାପୀଠରେ ଅନୁଷ୍ଠିତ ବୈଠକରେ ବ୍ଲକ ଶିକ୍ଷାଅଧିକାରୀ ଶ୍ରୀକାନ୍ତ ଜେନା ପୌରୋହିତ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ପଢିୟାରୀ ବିଦ୍ୟାପୀଠ ପ୍ରଧାନଶିକ୍ଷକ ସୁଧୀର ପ୍ରଧାନ, ଐଶାନେଶ୍ୱର ବିଦ୍ୟାପୀଠ ଅଠତିରା ପ୍ରଧାନଶିକ୍ଷକ ଦିଲ୍ଲୀପ ବିଶ୍ୱାଳ, ଜିଲ୍ଲା ନୋଡାଲ ଅଧିକାରୀ ଲିଙ୍ଗରାଜ ପରିଡା, ଆର୍ତ୍ତତ୍ରାଣ ବିଦ୍ୟାଳୟ ସଭାପତି ପଞ୍ଚାନନ ସ୍ୱାଇଁ ଉପସ୍ଥିତ ଥିବା ବେଳେ ସଭାପତିତ୍ୱ କରିଥିଲେ ଆର୍ତ୍ତତ୍ରାଣ ବିଦ୍ୟାପୀଠର ପ୍ରଧାନଶିକ୍ଷୟତ୍ରୀ ଲଳିତା ପାତ୍ର। ବିଦ୍ୟାଳୟକୁ ପ୍ରଦାନ କରାଯାଉଥିବା ୟୁନିଫର୍ମ, ସମସ୍ତ ବିଦ୍ୟାଳୟ ଗୁଡ଼ିକୁ ଏକପ୍ରକାର ରଙ୍ଗ ଦେବା, ପଞ୍ଚଶଖା ଶିକ୍ଷାସେତୁ ପରିଚାଳନାରେ ପୁରାତନ ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟ ଉର୍ନ୍ନତିରେ ସାମିଲ କରିବା, ଉତ୍କର୍ଷ ମୂଲ୍ୟାୟନ ଡାଟା ଅପଲୋଡ଼ କରିବା, ପିଲାଙ୍କ ଗଣିତ ଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ନେବା, ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିବା ଆଦି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପ୍ରଧାନଶିକ୍ଷକ ମାନଙ୍କ ମଧ୍ୟରେ ତରୁଣ ନାୟକ, ସନ୍ତୋଷ ଦାସ, ପବିତ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ତ୍ତିଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିମାପଡ଼ା କୋର୍ଟରେ ସରପଞ୍ଚଙ୍କ ସଭ୍ୟପଦ ରଦ୍ଦ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଭୁଲ୍ ତଥ୍ୟ ଦେଇ ନିର୍ବାଚନ ଲଢ଼ିବା ସରପଂଚଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ସରପଂଚ ପଦ କୋର୍ଟ ରଦ୍ଦ କରିବା ସହ ପୁନଃ ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଏବେ ରାଜନୈତିକ ହଟ ଚମଟ ଦେଖା ଦେଇଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଦେୱାନୀ ଅଦାଲତ ଜୁନିୟର ଡ଼ିଭିଜନଙ୍କ କୋର୍ଟରେ ମିଥ୍ୟା ସତ୍ୟପାଠ ମାମଲାରେ ଜଣେ ସରପଂଚ ଆଜି ଅଯୋଗ୍ୟ ଘୋଷିତ ହୋଇଛନ୍ତି। ୨୦୨୨ ମସିହାରେ ଅନୁଷ୍ଠିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଶିକ୍ଷାଗତ ଯୋଗ୍ୟତାକୁ ନେଇ ନିର୍ବାଚନ ଲଢ଼ିବା ସମୟରେ ସରପଂଚ ମିଥ୍ୟା ସତ୍ୟପାଠ କରିଥିଲେ। ସୋମବାର କୋର୍ଟରେ ପ୍ରମାଣିତ ହୋଇଛି। ମାନ୍ୟବର ସିଭିଲ୍ ଜଜ୍ ଜୁନିୟର ଡ଼ିଭିଜନ୍ ସୌମ୍ୟ ରାଓ ରାୟ ଶୁଣାଇଛନ୍ତି। କାକଟପୁର ନିର୍ବାଚନ ମଣ୍ଡଳୀ କାକଟପୁର ବ୍ଲକ୍ ସୁହାଗପୁରର ସରପଂଚ ସେକ୍ ଅବୁତାହାରଙ୍କ ସରପଂଚ ପଦ ରଦ୍ଦ କରିବା ସହିତ ପଦବୀକୁ ଅସିଦ୍ଧ ଘୋଷଣା କରିଛନ୍ତି। ୨୦୨୨ ମସିହାରେ ପଂଚାୟତ ନିର୍ବାଚନ ହୋଇଥିବା ବେଳେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀନି ଶାନ୍ତିଲତା ମିଶ୍ର ତିନିବର୍ଷ ତଳେ ଏକ ମାମଲା ନିମାପଡ଼ା ଜୁନିୟର ଡ଼ିଭିଜନ୍ କୋର୍ଟରେ ଆଗତ କରିଥିଲେ। ଏହି ମାମଲାର କୋର୍ଟ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଦସ୍ତାବିଜ୍‌କୁ ବିଚାର କରି ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। କୋର୍ଟ ସେକ୍ ଅବୁତାହାରଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବା ସହିତ ପୁନର୍ବାର ନିର୍ବାଚନ ପାଇଁ ଆଦେଶ ଦେଇଛନ୍ତି। ଏହି ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ସୁହାଗପୁର ପଂଚାୟତରେ ପୁନର୍ବାର ପଂଚାୟତ ନିର୍ବାଚନ ବିଗୁଲ ବାଜିବ ବୋଲି ଜଣାପଡ଼ିଛି।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍ ) : ପ୍ରାୟ ୧୦ ବର୍ଷ ପରେ କୋଷଗୁମୁଡା ଠାରେ ଦ୍ୱିତୀୟଥର ପାଇଁ ଏହି ହରେକୃଷ୍ଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମଦନ ପ୍ରଭୁ, ଭୁବନେଶ୍ୱର ଇସ୍କନଙ୍କ ନେତୃତ୍ୱରେ କୋଷାଗୁମୁଡ଼ା ସଦର ଲକ୍ଷ୍ମଣ ନାୟକ ଖେଳପଡିଆ ଠାରେ ହରେକୃଷ୍ଣ ଉତ୍ସବ ୨୦୨୫ ଶନିବାର ଦିନ ଠାରୁ ଆରମ୍ଭ ହୋଇ ରବିବାର ଦିନ ରାତିରେ ଶେଷ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀପାଦ ଅକ୍ଷୟ ହରି ଦାସ ପ୍ରଭୁଙ୍କ ଦ୍ୱାରା ଶ୍ରୀମଦ ଭାଗବତ କଥା ପ୍ରବଚନ ହୋଇଥିଲା । ଇସ୍କନ ଭକ୍ତ ମାନଙ୍କ ଦ୍ୱାରା ନାଟକ ସାକ୍ଷୀ ଗୋପାଳ ଏବଂ ଠାକୁର ହରିଦାସ ନାଟକ ପରିବେଷଣ କରାଯାଇଥିଲା। ଏହିପରିପ୍ରେକ୍ଷୀରେ କୋଷଗୁମୁଡା ଶ୍ରୀ ଶ୍ରୀ ରାଧା ଗୋବିନ୍ଦ ଭାଗବତ ଟୁଙ୍ଗୀର ସଭାପତି ପିତାମ୍ବର ଗୋବିନ୍ଦ ଦାସ, ସମ୍ପାଦକ ବିନାୟକ ଷଡ଼ଙ୍ଗୀ, ଉପ ସଭାପତି ରବୀନ୍ଦ୍ର ନାଥ ନାୟକ, କୋଷାଧକ୍ଷ ସୀମାଞ୍ଚଳ ପଟ୍ଟନାୟକ, ନିତାଇ ପଦ କମଳ ଦାସ, ଚରଣ ସରୋଜ ଦାସ ପ୍ରମୁଖଙ୍କ ସହ ଭାଗବତ ଟୁଙ୍ଗୀର ଅନ୍ୟାନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ନଗର କୀର୍ତ୍ତନ, ଭୋଜନ, ପ୍ରସାଦ ସେବନ ସହ ଇସ୍କନ ପକ୍ଷରୁ ବିଭିନ୍ନ ପୂଜା ଷ୍ଟଲ ଗୁଡିକ ପଡିଆ ଠାରେ ପଡିଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରାୟ ଦୁଇ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।



# ବନବାସୀମାନଙ୍କୁ ରୋଜଗାର ଦେଉଛି "ଗିଲିରି" ଫୁଲ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଏକ ବଣପାହଡ ଘେରା ଜିଲ୍ଲା ଅଟେ । ଏଠାକାର ବଣ ପାଡରେ ଅନେକ ପ୍ରକୃତିଦତ୍ତ ଫୁଲଫଳ ମିଳିଥାଏ। ସେଥିମଧ୍ୟରୁ ସ୍ୱାସ୍ଥ୍ୟ ପାଇଁ ଉପକାରୀ ଗିଲିରି ଫୁଲ ଏବେ ସମସ୍ତଙ୍କର ଆଦରର ଖାଦ୍ୟ ପାଲଟିଛି। କେବଳ ଲୋକେ ଏହାକୁ ଖାଇବାକୁ ପସନ୍ଦ କରୁଛନ୍ତି ତାହା ନୁହେଁ ବହୁ ବନବାସୀଙ୍କୁ ଏହା ରୋଜଗାରର ସୁଯୋଗ ଦେଇଛି । ବହୁ ଆଦିବାସୀ ଲୋକ ଏହି ଫୁଲକୁ ଜଙ୍ଗଲକୁ ସଂଗ୍ରହ କରି ଆଖପାଖ ବଜାରରେ ବିକ୍ରି କରି ବେଶ ରୋଜଗାର କରନ୍ତି । ପ୍ରକୃତିଦତ୍ତ ଏହି ଫୁଲର ଚାହିଦା ଥିବାବେଳେ ବେଶ ସୁସ୍ୱାଦୁ ମଧ୍ୟ । ବାହାରୁ ଆସିଥିବା ପର୍ଯ୍ୟଟକ ଫେବୃଆରୀ ଏବଂ ମାର୍ଚ୍ଚ ମାସରେ ଏହି ଫୁଲକୁ କ୍ରୟ କରିଥାନ୍ତି । କେତେକ ବେପାରୀ ଆଦିବାସୀମାନଙ୍କ ଠାରୁ କମ ଦରରେ କ୍ରୟ କରି ବାହାର ଜିଲ୍ଲାରେ ଏହାକୁ ଅଧିକ ଦରରେ ବିକ୍ରି କରିଥାନ୍ତି । କେନ୍ଦୁଝର ସହରରେ ଗୋଟିଏ ଚଉତିର ମୂଲ୍ୟ ୨୦ଟଙ୍କା ଦରରେ ବିକ୍ରି ହୋଇଥାଏ । ଜଙ୍ଗଲରୁ ସଂଗ୍ରହ କରି କେନ୍ଦୁଝରରେ ବିକ୍ରି କରିବାକୁ ଆସିଲେ ଗାଡି ଭଡା ବାବଦ ଖର୍ଚ୍ଚ ଯାଇ ଦୈନିକ ୧୦୦ରୁ ୨୦୦ଟଙ୍କା ଆୟ ହୋଇଥାଏ ବୋଲି ବାଂଶପାଳ ଅଞ୍ଚଳର ସୁନିତା ନାୟକ କହିଛନ୍ତି। କେନ୍ଦୁଝର ଜିଲ୍ଲାର କ୍ଷେତ୍ରଫଳ ୮୩୦୩ ବର୍ଗ କିଲୋମିଟର । ଜିଲ୍ଲାଟି ଉତ୍ତରରୁ ଦକ୍ଷିଣକୁ ୧୫୦ କିମି ଓ ପୂର୍ବରୁ ପଶ୍ଚିମକୁ ୬୬ କିମି ପରିବେଷ୍ଟିତ। ଜିଲ୍ଲାର ପରିବ୍ୟାପ୍ତ ଅଞ୍ଚଳ ମଧ୍ୟରୁ ବହୁ ଅଞ୍ଚଳ ବଣଜଙ୍ଗଲ ଓ ପାହାଡ ଘେରା। ଜଙ୍ଗଲ ଯେପରି ପ୍ରକୃତିର ଦାନ ସେହିଭଳି ଭାବେ ପ୍ରକୃତି ଦେଇଛି ଅନେକ ପ୍ରକାରର ବୃକ୍ଷଲତା । ଶହଶହ ପ୍ରକାର ଔଷଧୀୟ ବୃକ୍ଷଲତା ମଧ୍ୟରୁ ଆରଣ୍ୟକ "ଗିଲିରି ଫୁଲ" ଅନ୍ୟତମ ଅଟେ । ଗିଲିରି ଫୁଲ ଜିଲ୍ଲାର ଏକ ଚିର ପରିଚିତ ନାମ । କେହି କେହି ଏହାକୁ ଗିଲିରି ଶାଗ ବୋଲି ମଧ୍ୟ କହିଥାନ୍ତି । ବସନ୍ତ ଋତୁରେ ଫୁଟୁଥିବା ଏହି ଫୁଲର ଲାଟିନ୍ ନାମ ଇଣ୍ଡିଗୋଫେରା କାଶିଓଡେସ୍ । ଏହା ଲତାଜାତୀୟ ଗଛରେ ଫୁଟି ଥାଏ । ପାର୍ବତୀୟ ଜିନିଷ ଭାବେ ବିବେଚିତ ବନବାସୀ ମାନଙ୍କର ପ୍ରିୟ ଗିଲିରି ଫୁଲ ଏବେ ପରିବ୍ୟାପ୍ତ । ଗିଲିରି ଏବେ ଆଉ କେବଳ ଜଙ୍ଗଲୀ ମଣିଷ ମାନଙ୍କର ଖାଦ୍ୟ ହୋଇ ରହି ନାହିଁ । ତାହା ଏବେ ସଭିଙ୍କର ଆଦର ପାଲଟିଛି । ଗିଲିରି ଫୁଲ ଗଣ୍ଡାଏ ପାଇବା ପାଇଁ ଲୋକେ ଏବେ ବ୍ୟାକୁଳ। ଜିଲ୍ଲାର କି ଗାଁ କି ସହର ଜିଲ୍ଲାର ସମସ୍ତ ସ୍ଥାନରେ ଗିଲିରି ଫୁଲକୁ ଖୋଜା ପଡିଛି। ଦିନ ଥିଲା ଏହି ଫୁଲ ବା ଶାଗକୁ ଗରିବ ଲୋକର ପଖାଳ ବେଳାର ସାଥୀ ବୋଲି କୁହାଯାଉଥିଲା । ଏବେ ଆଉ ସେ ସଂଜ୍ଞା ନାହିଁ । ଏହାକୁ କେବଳ ଶାଗ ଭାବି ଲୋକେ ବ୍ୟବହାର କରୁ ନାହାନ୍ତି । ତାର ଔଷଧୀୟ ଗୁଣ ପାଇଁ ଚାହିଦା ବୃଦ୍ଧି ପାଇଛି। ଗିଲିରି ଫୁଲ ଦେଖିବାକୁ ସୁନ୍ଦର। ଏଥିରେ ପ୍ରଚୁର ପରିମାଣର ଭିଟାମିନ ସହିତ ଧାତୁସାର ଥାଏ ବୋଲି କୁହାଯାଏ । ଏହାର ସ୍ୱାଦ ଅନ୍ୟ ଖାଦ୍ୟ ଠାରୁ ସମ୍ପୂର୍ଣ୍ଣ ଅଲଗା । ଗିଲିରି ଶାଗ ଯେ କେବଳ ସ୍ୱାଦିଷ୍ଟ ତାହା ନୁହଁ ଏହାକୁ ଖାଇଲେ ଏହାର ଔଷଧୀୟ ଉପକାରିତା ମଧ୍ୟ ମିଳିଥାଏ । କୋଷ୍ଠକାଠିନ୍ୟ ଦୂର ହେବା ସହିତ କାଛୁ କୁଣ୍ଡିଆ ଏବଂ ପେଟର କୃମିରୁ ମୁକ୍ତି ମିଳିଥାଏ ବୋଲି ଲୋକେ କୁହନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଗିଲିରି ଫୁଲ ମିଳୁଥିଲେ ମଧ୍ୟ ବାଂଶପାଳ ବ୍ଲକ ଅଞ୍ଚଳର ଝରଣା କୂଳ ଏବଂ ପାହାଡର ଓଦାଳିଆ ସ୍ଥାନରେ ଗିଲିରି ଲତା ଅଧିକା ଦୃଷ୍ଟିଗୋଚର ହୋଇଥାଏ । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗିଲିରି ଲତା ଧ୍ୱଂସ ମୁଖରେ। ବ୍ୟାପକ ଜଙ୍ଗଲ ଧ୍ୱଂସ ଖଣି କାର୍ଯ୍ୟ ପାଇଁ ଜଙ୍ଗଲ ଜମି ଅଣ ଜଙ୍ଗଲ କାର୍ଯ୍ୟରେ ବ୍ୟବହାର ହେଉଥିବାରୁ ଏହି ଗଛ କ୍ରମଶଃ କମିବାରେ ଲାଗିଛି। ଆଦିବାସୀଙ୍କ ଜୀବନ ଜିବୀକା ଏବଂ ପରିବେଶର ସୁରକ୍ଷା ପାଇଁ ଏହି ଗିଲିରି ଲତା ସୁରକ୍ଷା ଜରୁରୀ ।

# ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ




ଛତ୍ରପୁର, (ଭାସ୍କର ନ୍ୟୁଜ୍ ): ରାଜ୍ୟରେ ଦିନକୁ ଦିନ ବଢୁଥିବା ନାରୀ ନିର୍ଯାତନାର ପ୍ରତିବାଦରେ ସୋମବାର ଗଞ୍ଜାମ ଜିଲ୍ଲା କଂଗ୍ରେସ ପକ୍ଷରୁ ଛତ୍ରପୁର ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ରାଜ୍ୟରେ ମହିଳା ସୁରକ୍ଷା ଏବଂ ବିକାଶର କଥା ସ୍ଲୋଗାନ ଦେଇ ଶାସନକୁ ଆସିଥିବା ଭାଜପା ସରକାରର ୮ ମାସର ଶାସନ କାଳରେ ମହିଳା ହିଂସା ଘଟଣା ସୀମା ଟପିଛି। ରାଜ୍ୟରେ ୨୪ ବର୍ଷର କୁଶାସନ ଯିବା ପରେ ଏବେ ଦୁଃଶାସନ ଯୋଗୁଁ ମହିଳାମାନେ ଅସୁରକ୍ଷିତ ଅବସ୍ଥାରେ ଦିନ କାଟୁଛନ୍ତି। ଡବଲ ଇଞ୍ଜିନ ସରକାରରେ ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଘଟଣା ସହ ୨ ଛାତ୍ରୀ ମା' ହେବା ଘଟଣା ସରକାରଙ୍କ ଆଇନ ଶୃଙ୍ଖଳାର ବିଫଳତାକୁ ପଦାରେ ପକାଇଛି ବୋଲି କଂଗ୍ରେସ କହିଛି। ସୁଭଦ୍ରା ଯୋଜନାରେ ଟଙ୍କା ବାଣ୍ଟି ମହିଳାଙ୍କ ବିକାଶ କଥା ପ୍ରଚାର କରୁଥିବା ମୋହନ ସରକାର ନାରୀ ସୁରକ୍ଷା ଦିଗରେ ମୌନ ରହଛନ୍ତି, ରାଜ୍ୟରେ ମହିଳାମାନେ ଅସୁରକ୍ଷିତ, ଛାତ୍ରୀମାନେ କୁଆଁରୀ ମା' ହେବା ସାମଗ୍ରିକ ପ୍ରଶାସନିକ ବ୍ୟବସ୍ଥାକୁ ଲଜ୍ଜିତ କରିଛି, ଏହି ସମସ୍ତ ମାମଲାରେ ଅଧିକ ଘଟଣାର ଯାଞ୍ଚ ତଥା ପୀଡିତାଙ୍କ ସୁରକ୍ଷା ପାଇଁ ଅପରାଧୀଙ୍କ ବିରୋଧରେ କୌଣସି କଠୋର ତଥା ପ୍ରତିରୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଗତ ୫ ବର୍ଷ ମଧ୍ୟରେ ଓଡିଶାରେ ୩୬,୪୨୦ ମହିଳା ଏବଂ ୮୪୦୩ ଶିଶୁ ନିଖୋଜ ହୋଇଯାଇଛନ୍ତି ଏବଂ ୪୨୧ ଜଣ ମହିଳା ଭାରତର ବିଭିନ୍ନ ରାଜ୍ୟକୁ ଚାଲାଣ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି । ଏହି ବିକ୍ଷୋଭ ବେଳେ ଗଞ୍ଜାମ ଜିଲ୍ଲା କଂଗ୍ରେସ ମହିଳା କମିଟି ସଭାପତି ସୁବାସିନୀ ପଟ୍ଟନାୟକ, ପୂର୍ବତନ ଏମପି ନକୁଳ ନାୟକ, ରାମଚନ୍ଦ୍ର ବେହେରା, କ୍ରିଷ୍ଣା ରେଡି, ଅଶୋକ ପଟ୍ଟନାୟକ, ରଞ୍ଜନ ପଟନାୟକ, ଗଣପତି ବାରିକ, ସକ୍ଷକା ସୁଜିତଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ସାମିଲ ଥିଲେ।

# ରାଜନୀତି ବିଜ୍ଞାନ ବିଭାଗରେ ବାହ୍ୟ ବିଷୟ ବିଚାର




ଡେରାବିଶ, (ଭାସ୍କର ନ୍ୟୁଜ୍ ) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟ ସଭାକକ୍ଷରେ 'ସମାନତାରୁ ସମତା:ସମସ୍ତଙ୍କ ପାଇଁ ନ୍ୟାୟର ପୁର୍ନକଳ୍ପନା' ଶୀର୍ଷକ ଏକ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ରାଜନୀତି ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି ଅଧକ୍ଷତା କରିଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ଚନ୍ଦ୍ର ଶେଖର ନାୟକ ମୁଖ୍ୟ ଅତିଥି, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପିକା ଡକ୍ଟର ନିବେଦିତା ସ୍ୱାଇଁ ବିଷୟ ବିଶେଷଜ୍ଞ ଏବଂ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ବିଶ୍ୱଜିତ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସମାଜରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ କେବଳ ସମାନତାର ସୁଯୋଗ ପ୍ରଦାନ କଲେ ତାର ବ୍ୟକ୍ତିତ୍ୱର ବିକାଶ ହେବ ନାହିଁ ବରଂ ଅବସ୍ଥାକୁ ଦେଖି ତାକୁ ବିଶେଷ ସୁବିଧା ପ୍ରଦାନ କଲେ ସମତା ବଳରେ ସେ ନ୍ୟାୟ ପ୍ରାପ୍ତ ହେବ । ଏହାଦ୍ୱାରା ବିଶ୍ୱରେ ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ବଂଚିବାର ସୁଯୋଗ ପାଇବେ । ଏବଂ ସମାଜ ଓ ରାଷ୍ଟ୍ର ସର୍ବାଙ୍ଗ ସୁନ୍ଦର ହୋଇପାରିବ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବୃନ୍ଦାବନ ଦାସ ଅତିଥି ପରିଚୟ ଓ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଅଧ୍ୟାପକ ଡକ୍ଟର ସନ୍ଦୀପ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଇଶ୍ୱରୀ ଦାସ, ବିକାଶ ରଞ୍ଜନ ନାଥ, ତୁଷାର ପ୍ରଧାନ ଆଦି ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଶୈକ୍ଷିକ ଭ୍ରମଣ କାର୍ଯ୍ୟକ୍ରମ




ବରଗଡ଼, (ଭାସ୍କର ନ୍ୟୁଜ୍ ) : ବରଗଡ଼ ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ରବିବାର ବ୍ଲକ ଶିକ୍ଷା ଅଧିକାରୀ ଡ଼ ସୁରେନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଜ୍ଞାନ ଆହରଣ ପାଇଁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଶୈକ୍ଷିକ ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୩୬ ଜଣ ଗାଇଡ ଶିକ୍ଷକଙ୍କ ନେତୃତ୍ୱରେ ୪୧୪ ଜଣ ଛାତ୍ରଛାତ୍ରୀ ୯ଟି ବସରେ ଝାରସୁଗୁଡ଼ା ଜିଲ୍ଲା ସେମ୍ଲିଆ ଶିବ ପୀଠ, ବାଇଲୋଜିକାଲ ଗାଡେନ, ଆମ୍ଭୋନା ଆଦର୍ଶ ବିଦ୍ୟାଳୟ, ଟୁକୁରଲା ବିଜ୍ଞାନ କେନ୍ଦ୍ର ଆଦି ପରିଦର୍ଶନ କରି ବିଭିନ୍ନ ଶୈକ୍ଷିକ ଜ୍ଞାନ ଆହରଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ଆୟୋଜନ ପାଇଁ ବିଭିନ୍ନ କମିଟି ଗଠନ ହୋଇ ଥିବା ବେଳେ କମିଟି ମୁଖ୍ୟ ଭାବେ ବରଗଡ଼ ଏବିଇଓ ରଞ୍ଜନ ଦଣ୍ଡସେନା ଏବିଓ ଦିଲ୍ଲୀପ ମେହେର ଏବିଇଓ ଘାସିରାମ ମେହେର ପ୍ରମୁଖ ରହିଥିବା ବେଳେ ସିଆରସିସି ବାବଲୁ ଶତପଥି ବୀର କିଶୋର ପ୍ରଧାନ, ନିବେଦିତା ପୁରୋହିତଙ୍କ ସମେତ ବ୍ଲକର ସମସ୍ତ କ୍ଲଷ୍ଟରର ସିଆରସିସି ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଆମ୍ଭୋନା ଆଦର୍ଶ ବିଦ୍ୟାଳୟ ପରିସରରେ ଅଭିଜ୍ଞ ବୈଜ୍ଞାନିକଙ୍କ ଦ୍ୱାରା ପରିଭ୍ରମଣରେ ଯାଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ବିଜ୍ଞାନ ଆଧାରିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀ ବିଭିନ୍ନ ସ୍ଥାନ ପରିଭ୍ରମଣ କରିବା ସହିତ ବିଜ୍ଞାନ ଜ୍ଞାନ ଆହରଣ କରିଥିଲେ ।

# ପ୍ରାଥମିକ ବୃତ୍ତି ପରୀକ୍ଷାରେ ଭାଲୁଡୁଙ୍ଗୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତିନି ଛାତ୍ରଛାତ୍ରୀଙ୍କ କୃତିତ୍ୱ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍) : କିଛି ଦିନ ତଳେ ପ୍ରାଥମିକ ବୃତ୍ତି ପରୀକ୍ଷାର ଫଳାଫଳ ପ୍ରକାଶ ପାଇଥିବା ବେଳେ ଖପ୍ରାଖୋଲ ବ୍ଲକ ଓଡିଆପାଲି ପଞ୍ଚାୟତ ଭାଲୁଡୁଙ୍ଗୁରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଦୁଇ ଜଣ ଛାତ୍ରୀ ଐଶ୍ୱର୍ଯ୍ୟା ସାହୁ ଓ ପରିମିତା ସାହୁ କୃତିତ୍ୱ ହାସଲ କରିଥିବାବେଳେ ପଞ୍ଚମ ଶ୍ରେଣୀର ଜଣେ ଛାତ୍ର ରୋଜାଲ ବିଶ୍ୱାଳ ସଫଳତା ଲାଭ କରିଥିବା ଜଣାଯାଇଛି। ସେହିପରି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଦ୍ୱାରା ଅନୁଷ୍ଠିତ ପରୀକ୍ଷାରେ ମଧ୍ୟ ଚଳିତ ବର୍ଷ ସପ୍ତମ ଶ୍ରେଣୀ ଛାତ୍ର ଛନ୍ଦା ଚରଣ ସାହୁ ମନୋନୀତ ହୋଇଥିବା ଜଣାଯାଇଛି। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ତିନିବର୍ଷ ହେବ ପ୍ରତିବର୍ଷ ପ୍ରାଥମିକ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆସୁଛନ୍ତି। ଏହି ସଫଳତା ପାଇଁ ଅବିଭାବକ ପ୍ରଧାନ ଶିକ୍ଷକ ଜୀତେନ୍ଦ୍ର ପ୍ରସାଦ ପଣ୍ଡା ସହ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି । ପ୍ରଧାନ ଶିକ୍ଷକ ପଣ୍ଡା ଯୋଗଦେଲା ପରେ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବାରେ ସକ୍ଷମ ହୋଇଛନ୍ତି। ସୂଚନା ଯୋଗ୍ୟ ପ୍ରଧାନ ଶିକ୍ଷକ ପଣ୍ଡା ପୂର୍ବରୁ ଥିବା କୁଲୁତାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମଧ୍ୟ ବୃତ୍ତି ପରୀକ୍ଷାରେ ସଫଳ ହୋଇଥିବା ବେଳେ ନବୋଦୟ ପରୀକ୍ଷାରେ ମଧ୍ୟ ଉତୀର୍ଣ୍ଣ ହେଇଥିଲେ। ସେହିପରି ୨୦୧୯ରେ ରାଜ୍ୟସରକାରଙ୍କ ଦ୍ୱାରା ଗାରିମା ଆୱାର୍ଡ ପାଇଥିଲେ। ଏହି ସଫଳତା ପାଇଁ ଛାତ୍ରଛାତ୍ରୀଙ୍କ ଇଚ୍ଛାଶକ୍ତି, ଅବିଭାବକଙ୍କ ସହଯୋଗ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପ୍ରଚେଷ୍ଟା ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି।

# ଗର୍ଭବତୀ ମହିଳାଙ୍କ ପ୍ରାପ୍ୟକୁ ଲୁଟ କରୁଥିବା ଅଭିଯୋଗ

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଯୋଜନାର ଅର୍ଥ ବାଟମାରଣା କରୁଛନ୍ତି ଅଧିକାରୀ। ଗର୍ଭବତୀ ମହିଳାଙ୍କୁ ରୁଟି, ଅଣ୍ଡା ଓ କ୍ଷୀର ଦେବା ନାଁରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାଲିଛି ପ୍ରତି ମାସରେ ଲୁଟର କାର୍ଯ୍ୟକ୍ରମ। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିରୋଧରେ ଆସିଛି ଏଭଳି ଅଭିଯୋଗ। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଯୋଜନାରେ ପ୍ରତି ମାସ ଭଳି ସୋମବାର ଗର୍ଭବତୀ ମହିଳାଙ୍କ ମାଗଣା ପରୀକ୍ଷା ଏବଂ ଚିକିତ୍ସା କରାଯାଇଛି। ଯେଉଁଥିରେ ୬୦ରୁ ଉର୍ଦ୍ଧ୍ୱ ଗର୍ଭବତୀ ମହିଳାଙ୍କ ପରୀକ୍ଷା ଏବଂ ଚିକିତ୍ସା କରାଯାଇଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସେମାନଙ୍କୁ ଗୋଟିଏ ଗ୍ଲାସ କ୍ଷୀର, ଦୁଇଟି ରୁଟି ଓ ଗୋଟିଏ ଶିଝା ଅଣ୍ଡା ଖାଦ୍ୟ ଭାବେ ପ୍ରଦାନ କରାଯାଇଛି। ଯାହାର ମୂଲ୍ୟ ଅତ୍ୟାଧିକ ହେଲେ କେବଳ ଯେ ୩୦ରୁ ୪୦ ଟଙ୍କା ମଧ୍ୟରେ ହେବ। ହେଲେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୋଟିଏ ଗର୍ଭବତୀ ମହିଳାଙ୍କ ପାଇଁ ୧୧୦ ଟଙ୍କା ଆସୁଥିବା ବେଳେ ବଳକା ଅର୍ଥ ଏଠି ଯାଉଛି କୁଆଡ଼େ ବୋଲି ପ୍ରଶ୍ନ ଉଠିଛି ? ନା ଦାୟିତ୍ୱରେ ଥିବା ଅଧିକାରୀମାନେ ଏ ସବୁ ଲୁଟ କରୁଛନ୍ତି ! ତେବେ ଏ ନେଇଁ ଦାରିଙ୍ଗବାଡ଼ି ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଜାକେଶ ସାମନ୍ତରାୟ କହିଛନ୍ତି ଯେ ଏନେଇଁ ସେ କୌଣସି ଗର୍ଭବତୀ ମହିଳାଙ୍କ ପକ୍ଷରୁ ଅଭିଯୋଗ ପାଇନାହାନ୍ତି। ଗର୍ଭବତୀଙ୍କୁ କ୍ଷୀର, ଅଣ୍ଡା ଓ ରୁଟି ଦିଆଯିବା ସହ ସାଥିରେ ଆସିଥିବା ଆଶା କର୍ମୀ ମାନଙ୍କୁ ମଧ କ୍ଷୀର ଓ ରୁଟି ଦିଆଯାଉଛି। ତେଣୁ ବଳକା କିଛି ରହୁନାହିଁ। ଅନ୍ୟପକ୍ଷେ ଆଶା କର୍ମୀମାନଙ୍କ କହିବା



କଥା ଯେ ପୂର୍ବରୁ ଏହି ଯୋଜନାରେ ୫୦ ଟଙ୍କା ଆସୁଥିବା ବେଳେ ଯେଉଁ ସବୁ ଖାଦ୍ୟ ଗର୍ଭବତୀ ମହିଳାଙ୍କୁ ଖାଇବାକୁ ଦିଆଯାଉଥିଲା । ଆଜି କା ଦିନରେ ମଧ ତାହା ୧୧୦ ଟଙ୍କାକୁ ବୃଦ୍ଧି ପାଇଁଥିଲେ ମଧ୍ୟ ସେଥିରେ କୌଣସି ପରିବର୍ତ୍ତନ ହେଉନାହିଁ। ଏମିତିରେ ଅଧିକାରୀ ମଧ୍ୟ ସବୁ ଜାଣି ସେ ନିରବ ରହୁଥିବାରୁ କାହାକୁ ବା ଅଭିଯୋଗ କଲେ କଣ ହେବ ବୋଲି ଆଶା କର୍ମୀ ମାନଙ୍କ ପକ୍ଷରୁ କୁହାଯାଉଛି। ଏଭଳି ସ୍ଥିତିରେ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେବା ଅତ୍ୟନ୍ତ ଆବଶ୍ୟକ ବୋଲି ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# କନ୍ୟା ଶିଶୁର କିଡ୍ନୀ ଖରାପ ଘଟଣା: ଘରେ ପହଞ୍ଚିଲା ସ୍ୱାସ୍ଥ୍ୟ ଟିମ

ଛତ୍ରପୁର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଚମାଖଣ୍ଡି ଗ୍ରାମପଞ୍ଚାୟତର ଲକ୍ଷ୍ମଣନଗର ଅଞ୍ଚଳର ଏନ.କ୍ରିଷ୍ଣା ରେଡ୍ଡୀ ଓ ଉର୍ମିଳା ରେଡ୍ଡୀଙ୍କ ୩ ବର୍ଷର କନ୍ୟା ଅନୁଷ୍କାଙ୍କ ଦୁଇଟି କିଡନୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କଟକ ଶିଶୁ ଭବନରେ ଡାଏଲିସିସ କରାଯାଉଛି। ତେବେ ତୁରନ୍ତ କିଡନୀ ପ୍ରତିରୋପଣ କରିବାକୁ ପଡ଼ିବ, ନଚେତ ଛୁଆର ଜୀବନ ବିପଦ ରହିଛି। ଏଥି ନିମନ୍ତେ ଅନୁମାନିକ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ, ତାହା ମଧ ଓଡିଶାରେ ହେବନି ସୁଦୁର ବାଙ୍ଗାଲୋରରେ ଚିକିତ୍ସା ହେବ। ମାଁ ତାଙ୍କ ଝିଅକୁ କିଡ଼ନୀ ଦେବେ ବୋଲି ମନସ୍ଥ କରିଥିଲେ। କିନ୍ତୁ ଅର୍ଥ ବାଧକ ସାଜିଥିଲା, ଏ ସମ୍ପର୍କରେ ଖବର ପାଇ ଛତ୍ରପୁର ବ୍ଲକ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡାକ୍ତର ସ୍ୱାଧୀନ ରଥ ସୋମବାର ଏକ ସ୍ୱାସ୍ଥ୍ୟ ଟିମ ନେଇ ଅନୁଷ୍କାଙ୍କ ଘରକୁ ଯାଇଥିଲେ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ କିଡ଼ନୀ ରୋଗୀଙ୍କ ସ୍ୱାସ୍ଥ୍ୟ ବିଭାଗ ଚିକିତ୍ସା କରୁଛି ବୋଲି ସୁପରିଟେଣ୍ଡେଣ୍ଟ କହିଛନ୍ତି। ଡିଇଆଇସିରେ ଅନ୍ତର୍ଭୁକ୍ତ କରାଯିବ ଭଲ ରେଫରାଲ ୟୁନିଟକୁ ପଠାଇ କିଭଳି ଶିଶୁଟିର କିଡ଼ନୀ ପ୍ରତ୍ୟାରୋପଣ କରାଯିବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ଡାକ୍ତର କହିଥିଲେ। ଉକ୍ତ ସ୍ୱାସ୍ଥ୍ୟ ଟିମରେ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଡାକ୍ତର ସ୍ମୃତି ସାଗର ନାୟକ ଓ ଡାକ୍ତର ମଧୁସ୍ମିତା ବେହେରା ଏବଂ ତାଙ୍କ ଟିମ ଓ ଚମାଖଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର କିରଣ ପଣ୍ଡା, ଏଏନଏମ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ସାମିଲ ଥିଲେ।

# ଦିବଙ୍ଗତ ବନ୍ଧୁ ଉତ୍ତମଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ତାଙ୍କ ବନ୍ଧୁମାନେ

ବାରିପଦା, (ଭାସ୍କର ନ୍ୟୁଜ) : ସ୍ଥାନୀୟ ଜୁବୁଲି ଲାଇବ୍ରେରୀ ପରିସରରେ ବାରିପଦା ଏମ୍ପିସିଆନ ୧୯୬୯-୭୩ ବ୍ୟାଚ ପରିବାରର ବନ୍ଧୁମାନଙ୍କ ଦ୍ୱାରା ଦିବଙ୍ଗତ ସଦସ୍ୟ ଉତ୍ତମ ମହାନ୍ତି (କୁନିଆ) ଭାଇଙ୍କ ଏକାଦଶାହ ଓ ଅନ୍ୟତମ ସଦସ୍ୟ ସରୋଜ ମହାପାତ୍ରଙ୍କ ବିୟୋଗର ନବମ ଦିବସରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ବନ୍ଧୁମାନଙ୍କ ଦ୍ୱାରା ସ୍ୱର୍ଗତଃ ଆତ୍ମା ମାନଙ୍କର ସଦଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ଓ ତତ୍‌ପରେ ଫୋଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ଓ ସ୍ମୃତିଚାରଣ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ପ୍ରୟାତଃ ବନ୍ଧୁଙ୍କ ପରିବାରର ସଦସ୍ୟଙ୍କୁ ସମବେଦନା ଜ୍ଞାପନ କରିବା ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ଶୋକ ସଭାରେ ଧୀର ବସା, ଅଶୋକ ବେହେରା, ସୁଶାନ୍ତ କର, ଯୋଗେନ୍ଦ୍ର ପଣ୍ଡା, ସନ୍ତୋଷ ପଟ୍ଟନାୟକ, ସୁଶାନ୍ତଦାସ, ଭିକାରି ବସା,ଦୀପକ ଭଞ୍ଜ, ମଞ୍ଜୁଳା ଦାଶ, ବୁଲବୁଲ ପାଣି ଓ ସବିତା ଦ୍ୱାରି ପ୍ରମୁଖ ବନ୍ଧୁମାନେ ଯୋଗଦାନ କରିଥିଲେ ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଉମରକୋଟ/ରାଇଘର, (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଖୁଟୁଗାଁ ଆଦିବାସୀ କଲୋନୀ ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷୟତ୍ରୀ ମନୋରମା ମହାପାତ୍ରଙ୍କ ଅବସର କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଶ୍ରୀମତୀ ମହାପାତ୍ର ଯୋଗ ଦେଇଥିଲେ। ଶିକ୍ଷକ ରାଜେଶ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଏବିଓ ସୋନା ମାଝୀ, ସିଆରସିସି ଦିଲ୍ଲୀପ ବସନ୍ତିଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବଲାଲ୍ ଗଣ୍ଡ, ସହକାରୀ ଶିକ୍ଷକ ହୀରା ସିଂ ଗଣ୍ଡ , ଧନ ସିଂ ଗଣ୍ଡ, କୁମ୍ଭାର ପାରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବଶର୍ମା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହିତ କମିଟି ସଦସ୍ୟ ରାମଚନ୍ଦ୍ର ଗଣ୍ଡ ଆଦି ଗ୍ରାମ ଯୁବକ ସଂଘର ସଦସ୍ୟ ବୃନ୍ଦ, ତଥା ସମସ୍ତ ଅଭିଭାବକ ବୁଦ୍ଧିଜୀବୀ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିତ୍ୱ ବୃନ୍ଦ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ଶିକ୍ଷୟତ୍ରୀ ଶ୍ରୀମତୀ ମହାପାତ୍ରଙ୍କ ବିଦ୍ୟାଳୟ ଉନ୍ନତି ତଥା ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନରେ ନିଜର ଅବଦାନକୁ ପ୍ରଶଂସା କରିଥିଲେ। ମା ଦୁର୍ଗା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ମଧ ଶ୍ରୀମତୀ ମହାପାତ୍ରଙ୍କୁ ସମ୍ମାନିତ କରିଥିଲେ। ୧୯୮୯ ମସିହାରେ ସ୍ଥାନୀୟ ବ୍ଲକର ମାରଙ୍ଗପାଲି ପ୍ରାଥମିକ ବିଦ୍ୟାଳୟରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ଶିକ୍ଷକତା ସହିତ ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ବିଭିନ୍ନ ସାହିତ୍ୟ ସଂସଦରେ ସେ ସକ୍ରୀୟ ଭୂମିକା ଗ୍ରହଣ କରି ଆସୁଛନ୍ତି। ମୁଖତଃ ସେ ରାଇଘର ସମ୍ବାଦ ସାହିତ୍ୟଘର ସମ୍ପାଦିକା ଭାବେ ଦୀର୍ଘ ଦିନ ଧରି କାର୍ଯ୍ୟରତ ଅଛନ୍ତି। ରାଜ୍ୟ ସ୍ତରରେ କଟକ, ଜଗତସିଂହପୁର, ଭୁବନେଶ୍ୱର, ବାଲେଶ୍ୱର, ବଡ଼ମ୍ବା ଇତ୍ୟାଦି ବହୁ ଅନୁଷ୍ଠାନ ସହ ଶ୍ରୀମତୀ ମହାପାତ୍ର ସଂଯୋଜିତ ଓ ସମ୍ବର୍ଦ୍ଧିତ ହୋଇଆସିଛନ୍ତି। ସରଗୁଲି ଅନାଥ ଆଶ୍ରମ, ସ୍ୱାମୀ ବିବେକାନ୍ଦ ଲୋକ ସଂସଦର ସେ ଜଣେ ସକ୍ରୀୟ ସଦସ୍ୟା ଏଥିସହ ବିଭିନ୍ନ ଆଧ୍ୟାତ୍ମିକ ଅନୁଷ୍ଠାନ ସହ ଜଡିତ ଓ ସନାତନ ସଂସ୍କୃତିର ପ୍ରଚାର ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣ କରି ଆସୁଛନ୍ତି ।

# ଯାଜପୁର ଯୁବ ମହୋତ୍ସବର ୩ୟ ସନ୍ଧ୍ୟା

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଯାଜପୁର ଜିଲ୍ଲା ଯୁବ ମହୋତ୍ସବର ୩ୟ ସନ୍ଧ୍ୟା ସ୍ଥାନୀୟ ଏନ୍‌ସି ହାଇସ୍କୁଲ ପଡ଼ିଆରେ ଡ଼ଃ ଅକ୍ଷୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ସାଂସଦ ତଥା ଆଇଏନ୍‌ଟିୟୁସିର ସର୍ବଭାରତୀୟ ନେତା ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଫାଉଣ୍ଡେସନର ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହା ଭାଇଚାରା ସୃଷ୍ଟି କରିବା ସହ ଆମ ଜିଲ୍ଲାର କଳା ସାହିତ୍ୟ ସଂସ୍କୃତିକୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବରେ ରାଜ୍ୟ ମହିଳା କଂଗ୍ରେସର ପ୍ରାକ୍ତନ ସଭାନେତ୍ରୀ ବନ୍ଦିତା ପରିଡ଼ା, ସମ୍ମାନିତ ଅତିଥି ଭାବେ ଅନନ୍ୟା ସାହିତ୍ୟ ସଂସଦର ସମ୍ପାଦକ ସନ୍ତାନ ନନ୍ଦ, ଫାଉଣ୍ଡେସନର କର୍ମକର୍ତ୍ତା ମୋହନ ଚରଣ ମଲ୍ଲିକ, ସୁଧାନିଧି ମହାପାତ୍ର, ଅଯୋଧ୍ୟା ଜେନା, ନିରଞ୍ଜନ ଘଡାଇ ପ୍ରମୁଖ ଯୋଗଦେଇ ଯୁବ ମହୋତ୍ସବର କାର୍ଯ୍ୟଧାରା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ଦିଲ୍ଲୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ଯାଜପୁର ଜିଲ୍ଲା ବ୍ଲକ୍ ଓ ମ୍ୟୁନିସିପାଲିଟି ସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଥିଲା। ଏହାକୁ ସମାଜସେବୀ ନରେଶ ମସକରା ଉଦ୍ଘାଟନ କରିଥିଲେ। ଦାନଗଦି ବ୍ଲକ୍ ଫୁଟବଲ କ୍ଲବ୍ ବରୀ ବ୍ଲକକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ସୁକିନ୍ଦାର ଶିବ ସୁନ୍ଦର ଫୁଟବଲ କ୍ଲବ୍ ରସୁଲପୁର ବ୍ଲକର ମହାଲକ୍ଷ୍ମୀ ଫୁଟବଲ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ସଂଧାରେ ରସୁଲପୁର ବ୍ଲକର ପିତାମ୍ବର ତରାଇ ଓ ସାଥିମାନଙ୍କ ଘୋଡ଼ା ନାଚ, ପ୍ରଶାନ୍ତ ମହାକୁଡ଼ ଓ ସାଥୀମାନଙ୍କ ଘୁମୁରା ନାଚ, ରଞ୍ଜନ କୁମାର ଦାସ ଓ ସାଥିମାନଙ୍କ ଲଉଡ଼ି ଖେଳ ଏବଂ ସୁକିନ୍ଦା ବ୍ଲକର କଳାବିକାଶ କେନ୍ଦ୍ରର ମୁଖ୍ୟ ମନୋରଞ୍ଜନ ଦାଶଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳୀ ଦାସଙ୍କ ଓଡିଶୀ, ଗ୍ରୁପ୍ ଡ୍ୟାନ୍ସ, ଜୟଶ୍ରୀ ମହାନ୍ତଙ୍କ ସମ୍ବଲପୁରୀ, ଗ୍ରୁପ୍ ଡ୍ୟାନ୍ସର ବାରମାସୀ ତେରପର୍ବ ଓ ମୋ ଓଡିଶା ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ଦେଓ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଶ୍ୱିନୀ ଦାସ, ବିଭୁତି



ଭୁଷଣ ପାଳ, ହେମନ୍ତ ଧୀର,ପ୍ରଶାନ୍ତ ରଥ, ଜ୍ଞାନରଞ୍ଜନ ରାଉତ, ବ୍ରଜେଶ୍ୱରୀ ସିଂ,ସରୋଜ ଦେ, ମଧୁସୂଦନ ମହାପାତ୍ର, ବିକାଶ ଦାସ, ଶ୍ୟାମଳେନ୍ଦୁ ପାତ୍ର, ଦାମୋଦର ପଣ୍ଡା, କୈଳାସ ରାଉତ, ପଦ୍ମନାଭ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାଣିଓଲା ସ୍ଥିତ ଜଗତଗୁରୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଶ୍ରମ ପରିସରରେ ତିନିଦିନ ଧରି ଅନୁଷ୍ଠିତ ହୋଇଆସୁଥିବା ବ୍ରହ୍ମ ସନାତନ ଯଜ୍ଞ ଆଜି ରାତିରେ ଶେଷ ହୋଇଛି। ଭକ୍ତ ସମିତି ପକ୍ଷରୁ ଆୟୋଜିତ ୧୯ତମ ବାର୍ଷିକ ଉତ୍ସବରେ ଆୟୋଜିତ ଏହି ଯଜ୍ଞର ଅଙ୍କୁରାରୋପଣ ଗତ ଶୁକ୍ରବାର ଦିନ ହୋଇଥିବା ବେଳେ ଶନିବାର ନାମଯଜ୍ଞର ଶୁଭଦିବସ, ରବିବାର ନାମଯଜ୍ଞ ଅନୁଷ୍ଠିତ ହୋଇ ଆଜିର ରାତିରେ ପୂର୍ଣ୍ଣାହୁତି ପରେ ଶେଷ ହୋଇଛି। ପ୍ରତ୍ୟେହ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଆଜି ଯଜ୍ଞର ପୂର୍ଣ୍ଣାହୁତି ପରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଚରୁଅନ୍ନ ବିତରଣ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ଭକ୍ତ ସମିତିର ବାର୍ଷିକ ଭକ୍ତ ଗୋଷ୍ଠୀ ସଭା ଅନୁଷ୍ଠିତ ହେବ ବୋଲି ଭକ୍ତ ଗୋଷ୍ଠୀ ସମିତି ପକ୍ଷରୁ ଦେବୀ ପ୍ରସାଦ ମହାନ୍ତି ପ୍ରକାଶ କରିଛନ୍ତି। ଏହି ଯଜ୍ଞ କାର୍ଯ୍ୟକ୍ରମକୁ ଭକ୍ତ ସମିତିର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।

# ମା' ବାସନ୍ତୀଙ୍କ ମୃଣ୍ମୟ ମୂର୍ତ୍ତି ନିମନ୍ତେ ଶୁଭ ମାଟି ଉଠାଣ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇ ଗ୍ରାମର ନାଲୁବାବା ମଠ ପରିସରରେ ଅନୁଷ୍ଠିତ ହେବାକୁଥିବା ମା' ବାସନ୍ତୀଙ୍କ ପୂଜା ପାଇଁ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ନିମନ୍ତେ ଆଜି ଶୁଭ ମାଟି ଉଠାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଶ୍ରମ ପରିସରରୁ ସଂକୀର୍ତ୍ତନ ପଟୁଆରରେ ଭକ୍ତମାନେ ପଞ୍ଚାୟତ ନିକଟସ୍ଥ ପୋଖରୀ ନିକଟରେ ପହଞ୍ଚିଥିଲେ। ସେଠାରେ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା ପୂର୍ବକ ଶୁଭ ମାଟି ଉଠାଣ କାର୍ଯ୍ୟ କରାଯାଇଥିଲା। ପରେ ଏହି ଶୁଭମାଟିକୁ ପୁନର୍ବାର ଘଣ୍ଟଘଣ୍ଟା ସଂକୀର୍ତ୍ତନ ପୂର୍ବକ ମଠପରିସରକୁ ନିଆଯାଇଥିଲା। ଆଜି ଠାରୁ ମା'ଙ୍କ ମୃଣ୍ମୟମୂର୍ତ୍ତି ନିର୍ମାଣର କାର୍ଯ୍ୟ ଶୁଭାରମ୍ଭ କରାଯାଇଛି। ବାସନ୍ତୀ ପୂଜା ଅବସରରେ ୭ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ ବୋଲି ମଠାଧିଶ ନାଲୁବାବା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସୌଦାଗର ନାଥ, ପ୍ରମୋଦ ନାଥ, ମନୋଜ ସାହୁ, ଉମେଶ ଚନ୍ଦ୍ର ନାଥ, ଶୈଳେନ୍ଦ୍ର ମହନ୍ତ, ସତ୍ୟାନନ୍ଦ ମହନ୍ତ ପ୍ରମୁଖ ପରିଚାଳନା କରିଥିଲେ।

## ମା' ବୁଢ଼ୀ ଜାଗୁଳାଇଙ୍କ ପୀଠରେ ନବରାତ୍ର ନାମଯଜ୍ଞ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ଅନୁଆପଡ଼ା ଓ ହରିପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ୪୦ତମ ବାର୍ଷିକ ବିଶ୍ୱଶାନ୍ତି ଓ ନବରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ନବଦିନ ବ୍ୟାପୀ ଏହି ନାମଯଜ୍ଞର ଶୁଭାଧିବାସ ଗତ ଫେବୃୟାରୀ ୨୭ ତାରିଖରେ ଆରମ୍ଭ ହୋଇ ଆଜି ନଗର ଭ୍ରମଣ ପରେ ଉତ୍ସବର ସମାପ୍ତି ଘଟିଛି। ଏହି ନାମଯଜ୍ଞରେ ଜିଲ୍ଲା ଓ ଜିଲ୍ଲା ବାହାରର ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିବା ବେଳ ନାମ ଶ୍ରବଣ ପାଇଁ ବହୁ ନାମପ୍ରେମୀ ଭକ୍ତମାନେ ଏହି କାର୍ଯ୍ୟକ୍ରମରେ ଦିବାରାତ୍ରି ଉପସ୍ଥିତ ରହିଥିଲେ।

# ଜିଲ୍ଲାପାଳଙ୍କ ଅଫିସ୍ ଘେରିଲା କଂଗ୍ରେସ




ବାରିପଦା (ଭାସ୍କର ନ୍ୟୁଜ୍) : ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନା ଓ ସ୍କୁଲ ଛାତ୍ରୀଙ୍କ ଉପରେ ଯୌନ ଶୋଷଣ ବିରୁଦ୍ଧରେ ଆଜି ମୟୂରଭଞ୍ଜ ଜିଲ୍ଲାପାଳ ଅଫିସ ଘେରାଉ କରିବା ସହିତ ଗର୍ଜିଛି ଜିଲ୍ଲା କଂଗ୍ରେସ। ପ୍ରଦେଶ କଂଗ୍ରେସ ପକ୍ଷରୁ ନିଯୁକ୍ତ ପ୍ରଭାରୀ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଆଜି ସହସ୍ରାଧିକ କଂଗ୍ରେସ କର୍ମୀ ଜିଲ୍ଲା ମହକୁମାରେ ଶକ୍ତି ପ୍ରଦର୍ଶନ କରିଛି। ଜିଲ୍ଲାର ସମସ୍ତ ପୁରୁଖା ନେତା, ବିଧାୟକ ପ୍ରାର୍ଥୀ, ଛାମୁଆ ସଂଗଠନର ନେତାମାନେ ଆଜି ଏକାଠି ହୋଇ ବିଜେପି ବିରୁଦ୍ଧରେ ଶାଣିତ ସ୍ୱର ଉଠାଇଥିଲେ। ଏହି ଅବସରରେ ଏକ ସୁଶୋଭିତ ପଟୁଆର ଅମ୍ବିକା ମନ୍ଦିର ପାଖରୁ ବାହାରି ବଡ଼ ବଜାର ଦେଇ ଆସି ଜିଲ୍ଲାପାଳ ଅଫିସ ପହଞ୍ଚିଥିଲା। ସେଠାରେ ଜିଲ୍ଲାପାଳ ଅଫିସକୁ ୨ ଘଣ୍ଟା ଧରି ଘେରାଉ କରି ରଖିବା ସହିତ ଏକ ପ୍ରତିବାଦ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସାଂସଦ ସୁଶ୍ରୀ ସୁଶୀଳା ତିରୀୟା, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ବିଧାୟକ ପ୍ରାର୍ଥୀ କ୍ଷୀରୋଦ ପାତ୍ର, ଲମ୍ବୋଦର ସିଂ, ପ୍ରଭାସ କରମହାପାତ୍ର, ପ୍ରମୋଦ ହେମ୍ବ୍ରମ, ମୁରଲୀ ନାୟକ, ଗୌରୀ ନାୟକ, ଯୋଗେଶ ଅଗ୍ରୱାଲ, ମହିଳା କଂଗ୍ରେସ ନେତ୍ରୀ ସସ୍ମିତା ଗୋଷାଲ, ଶାନ୍ତନୁ ପାଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ସଭାରେ ଜିଲ୍ଲା ପ୍ରଭାରୀ ଶ୍ରୀ ଦାସ ମୁଖ୍ୟ ଅତିଥି ଭାବରେ ବକ୍ତବ୍ୟ ଦେଇ ୮ ମାସର ବିଜେପି ଶାସନ ସମୟରେ ୧୬୦୦ ନାରୀ ଓ ସ୍କୁଲ ଛାତ୍ରୀଙ୍କ ଉପରେ ନିର୍ଯାତନା ଘଟଣା ଓଡ଼ିଶାବାସୀଙ୍କୁ ଲଜ୍ଜିତ କରିଛି ବୋଲି କହିଥିଲେ। ନାରୀମାନଙ୍କ ଉପରେ ହିଂସା, ଧର୍ଷଣ, ପାଶବିକ ଅତ୍ୟାଚାର ଇତ୍ୟାଦି ଘଟଣା ଓଡ଼ିଶାବାସୀଙ୍କୁ ବ୍ୟଥିତ କରୁଛି ଏବଂ ତାହା ବିରୁଦ୍ଧରେ ତଥା ନାରୀମାନଙ୍କ ସୁରକ୍ଷା ପାଇଁ କଂଗ୍ରେସ ରାଜ୍ୟ ତମାମ ଆନ୍ଦୋଳନକୁ ଓହ୍ଲାଇଛି ବୋଲି କହିଥିଲେ। ଯେଉଁ ଜିଲ୍ଲାରୁ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି ହୋଇଛନ୍ତି ସେହି ଜିଲ୍ଲାରେ ମଧ୍ୟ ସ୍କୁଲ ଛାତ୍ରୀ ଯୌନ ଶୋଷଣର ଶିକାର ହେଉଛନ୍ତି। ରାଜ୍ୟରେ ସବୁ ଜିଲ୍ଲା ମାନଙ୍କରେ ଆଦିବାସୀ, ଦଳିତ ଓ ପଛୁଆ ବର୍ଗଙ୍କ ଉପରେ ଅତ୍ୟାଚାର ବଢ଼ିଛି। କଂଗ୍ରେସ ଏହାର ଜବାବ ମାଗୁଛି ବୋଲି ଶ୍ରୀ ଦାସ ଦାବି କରିଥିଲେ। ସଭା ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଗଲାବେଳେ ଜିଲ୍ଲାପାଳଙ୍କ ଅନୁପସ୍ଥିତି ପାଇଁ ବିକ୍ଷୋଭକାରୀମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ତାଙ୍କ ଅନୁପସ୍ଥିତି ପାଇଁ ନିନ୍ଦା ପ୍ରସ୍ତାବ ଆଣିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଆସି ଦାବିପତ୍ର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଜ୍ୟ ଉପାଧ୍ୟକ୍ଷ ଜବା ଟୁଡୁ, ସମ୍ପାଦକ ମୀନକେତନ ବେହେରା, କିଶାନ କଂଗ୍ରେସର ଦୀପକ ଦାଶ, ଚୈତନ୍ୟ ହାଁସଦା, ଚନ୍ଦନ ସିଂ, ତୁଷାର ବେହେରା, ନିର୍ମଳପ୍ରଧାନ, ଶିବାନନ୍ଦ ଦାସ, ପ୍ରଦୀପ ଦାସ, ବିକ୍ରମ ବର୍ମା, ଛୋଟୁରାମବିନ୍ଧାଣି, ରଶ୍ମିତା ମିଶ୍ର, ଇତିଶ୍ରୀ ମିଶ୍ର, ରବି ନାରାୟଣ ପରିଡା ପ୍ରମୁଖ ନେତୃତ୍ୱ ନେଇଥିଲେ। ଶେଷରେ ଟାଉନ କଂଗ୍ରେସର ପୂର୍ବତନ ସଭାପତି ଶାନ୍ତନୁ ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାନ୍ଦବାଲି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଚାନ୍ଦବାଲି (ଭାସ୍କର ନ୍ୟୁଜ୍) : ଚାନ୍ଦବାଲି ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କନ୍‌ଫରେନ୍ସ ହଲ୍ ପରିସରରେ ଜିଲ୍ଲାପାଳଙ୍କ ଅଭିଯୋଗ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣିରେ ଭଦ୍ରକ ଜିଲ୍ଲା ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଏସ୍‌ପି ସନ୍ଦୀପ ସମ୍ପଦ, ଉପଜିଲ୍ଲାପାଳ ସୌରବ ଚକ୍ରବର୍ତ୍ତି, ସିଡ଼ିଏମ ସୁଧାଂଶୁ ଶେଖର ବଳ, ପିଡି ସରୋଜ କୁମାର ଦତ୍ତ, ତହସିଲଦାର ଭବତୋଷ ମଲ୍ଲିକ ବିଡ଼ିଓ ସଂଜୀବ କୁମାର ମହାପାତ୍ର ଓ ବ୍ଲକ ଅଧ୍ୟକ୍ଷା ମିନତୀ ସୁତାର ପ୍ରମୁଖଙ୍କ ସହ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇ ଜନ ଅଭିଯୋଗର ଶୁଣାଣି କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, ପିଡ଼ିଏସ୍, ମହିଳା ଶିଶୁ ବିକାଶ ବିଭାଗ, ବିଜୁଳି, ରାସ୍ତା ଓ ପାନୀୟ ଜଳ ସମସ୍ୟା ସହ ଆଇନ ଶୃଙ୍ଖଳା ଉପରେ ଅଭିଯୋଗ ହୋଇଥିଲା। ସମସ୍ତ ବିଭାଗରୁ ମୋଟ ୧୨୧ ଅଭିଯୋଗ ହୋଇଥିଲା। ଚାନ୍ଦବାଲିରେ ପ୍ରମୁଖ ସମସ୍ୟା ଥାନା ଅଧିକାରୀ ଓ ଏସ୍‌ଡିପିଓଙ୍କୁ ତୁରନ୍ତ ଯୋଗଦାନ ସହ ସ୍ଥାନୀୟ ସମସ୍ୟା ମଧ୍ୟରେ ସର୍ବଜାନୀନ ମା' ଦୁର୍ଗା ପଡିଆକୁକୁ ଷ୍ଟାଡିୟମ ନିର୍ମାଣ ନକରି ପୂର୍ବପରି ମହୋତ୍ସବ ପଡିଆ ନିର୍ମାଣ କରିବା ପାଇଁ ଜିଲ୍ଲାପାଳଙ୍କ ଶୁଣାଣି ଦାବି ଜୋର ଧରିଥିଲା। ଅନ୍ୟପଟେ ସେହି ମା' ଦୁର୍ଗା ପଡିଆକୁ ଷ୍ଟାଡିୟମ ନିର୍ମାଣ ପାଇଁ କିଛି ହାତ ଗଣତି ଯୁବନେତାମାନେ ମଧ୍ୟ ପାଲଟା ଅଭିଯୋଗ କରିଥିଲେ।

# ଇଫ୍‌କୋରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ




ପାରାଦୀପ (ଭାସ୍କର ନ୍ୟୁଜ୍) : ଇଫ୍‌କୋ ପାରାଦ୍ୱୀପ ୟୁନିଟରେ ୫୪ତମ ଜାତୀୟ ସୁରକ୍ଷା ସପ୍ତାହ ମହା ସମାରୋହରେ ସୋମବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସମାରୋହରେ ଇଫ୍‌କୋ ପାରାଦ୍ୱୀପ ୟୁନିଟ ମୁଖ୍ୟ ପି. କେ. ମହାପାତ୍ର ଓ ଅଗ୍ନି ସୁରକ୍ଷା ବିଭାଗ ମୁଖ୍ୟ ଆର୍. କେ. ସ୍ୱାଇଁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଉଦ୍‌ଯାପନୀ ସମାରୋହରେ ପ୍ଲାଣ୍ଟ ଓ ଟାଉନସିପ୍‌ରେ ସପ୍ତାହ ବ୍ୟାପି ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକଳାପର ପ୍ରତିଫଳନ ହୋଇଥିଲା। ଏଥିରେ ପ୍ଲାଣ୍ଟ ଓ ଟାଉନସିପ୍‌ରେ ବିଭିନ୍ନ ପ୍ରେରଣାଦାୟୀ ସଚେତନତା କାର୍ଯ୍ୟକ୍ରମ ସମେତ ସୁରକ୍ଷା ସମ୍ବନ୍ଧୀୟ ଚିତ୍ରାଙ୍କନ, ସ୍ଲୋଗାନ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ନେଇ ଇଫ୍‌କୋ ପାରାଦ୍ୱୀପ ୟୁନିଟ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରାଙ୍କ ଠାରୁ ପ୍ରକାଶ।

# କୁଡୁମୁଲୁଗୁମ୍ମାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ମାଲକାନଗିରି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସ୍ଥିତ ତହସିଲ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ତରଫରୁ ଏକ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମାଲକାନଗିରି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟ ପ୍ରାଶାସନିକ ଅଧିକାରୀମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦିନେଶ ପାଟିଲ୍ , ଉପ ଜିଲ୍ଲାପାଳ ଦୁର୍ଯୋଧନ ଭୋଇ, ଜିଲ୍ଲା ଗ୍ରାମୀଣ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶକ ନରେଶ ଚନ୍ଦ୍ର ଶବର ଓ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର ପ୍ରମୁଖ ଉପସ୍ଥିତ ରହି ପାଖାପାଖି ୭୧ଗୋଟି ଅଭିଯୋଗର ଶୁଣାଣି କରିଥିଲେ। ଉକ୍ତ ଅଭିଯୋଗ ଗୁଡ଼ିକ ମଧ୍ୟରେ ପ୍ରମୁଖ ହେଲା- ଆବସିକ ଗୃହ ଯୋଗାଇବା, ରାସ୍ତାଘାଟର ମରାମତି/ ନିର୍ମାଣ ସମ୍ବନ୍ଧୀୟ, ପାଇପ୍‌ଲାଇନ ଜଳ ଯୋଗାଣ ସମ୍ବନ୍ଧରେ, ଓରିଙ୍ଗି ଘାଟି ରାସ୍ତା କାର୍ଯ୍ୟ ପ୍ରଶସ୍ତିକରଣ ସମ୍ବନ୍ଧୀୟ, କୁଡୁମୁଲୁଗୁମ୍ମା ଠାରୁ ବିଙ୍ଗୁଗୁଡା ଆରଡ଼ି ରାସ୍ତା ନିର୍ମାଣ ସମ୍ବନ୍ଧୀୟ, ନୃସିଂହ ମନ୍ଦିର ରାସ୍ତାକୁ ପକ୍କା କଂକ୍ରିଟ ରାସ୍ତା କରିବା ଓ ଦୁଇ ଜଣ ୮୦%ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ସରକାରୀ ସହାୟତା ପ୍ରଦାନ ସମ୍ବନ୍ଧରେ ଅଭିଯୋଗ ପ୍ରମୁଖ ହୋଇଥିଲା। ଜିଲ୍ଲାପାଳ ଉକ୍ତ ଅଭିଯୋଗ ଗୁଡିକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଶେଷରେ ଦୁଇଜଣ ଭିନ୍ନକ୍ଷମଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଦୁଇଟି ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା। ଉକ୍ତ ଶିବିରକୁ କୁଡୁମୁଲୁଗୁମ୍ମା ତହସିଲଦାର କ୍ରିଷ୍ଣା ଚନ୍ଦ୍ର ଦାସ ଆୟୋଜିତ କରିଥିଲେ, ଯେଉଁଥିରେ ପ୍ରାୟ ସବୁ ବିଭାଗର ଜିଲ୍ଲା ଅଧିକାରୀ ଓ ବ୍ଲକ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଏହି ଅଭିଯୋଗ ଶୁଣାଣୀ ଶିବିରରେ କୁଡୁମୁଲୁଗୁମ୍ମା ଓ ପରକନମାଳା ପଞ୍ଚାୟତର ପାଖାପାଖି ୨୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ।

## ପରକୀୟା ପ୍ରୀତିରୁ ହତ୍ୟାକାଣ୍ଡ

# ମୁଖ୍ୟ ଅଭିଯୁକ୍ତ ଗିରଫ

**କୂଅରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା**



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାର ଶୁକ୍ରୁଳି ବ୍ଲକ୍ ଅନ୍ତର୍ଗତ ନୂଆବେଡ଼ା ଗ୍ରାମର ବିଲ ମଝିରେ ଥିବା ଏକ ପରିତ୍ୟକ୍ତ କୂଅରୁ ଗତ ୬ ତାରିଖ ବୁଧବାର ଦିନ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା। ଯୁବକଙ୍କ ମୃତ୍ୟୁକୁ ନେଇ ନାନା କଳ୍ପନାଜଳ୍ପନା ଚାଲିଥିବାବେଳେ ପରକୀୟା ପ୍ରୀତି ଯୋଗୁଁ ଯୁବକଙ୍କୁ ହତ୍ୟା କରାଯାଇଥିବା ପୁଲିସ ପର୍ଦ୍ଦାଫାସ କରିଛି। ସୂଚନା ଅନୁଯାୟୀ, ମୃତବ୍ୟକ୍ତି ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅଞ୍ଚଳର ତ୍ରିଭିନ୍ଦା ଗ୍ରାମର ସଦାଶିବ ନାଏକଙ୍କ ପୁଅ ନିରଞ୍ଜନ ନାଏକ(ନାଣ୍ଡୁ)୩୪ ଫେବ୍ରୁଆରି ୨୮ତାରିଖ ରାତିରେ ସେ ଶୁକ୍ରୁଳିସ୍ଥିତ ପାଣ୍ଡରଶୀଳ ଗ୍ରାମର କନ୍ଦର୍ପ ପୁଅ ବିଶ୍ୱନାଥ ବେହେରା(୩୨)ଙ୍କ ଘରକୁ ଆସିଥିଲେ। ବିଶ୍ୱନାଥ ବେହେରାଙ୍କ ସ୍ତ୍ରୀ ରଶ୍ମିତା ବେହେରା(୨୯)ଙ୍କ ସହ ନିରଞ୍ଜନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଅବସ୍ଥାରେ ବିଶ୍ୱନାଥ ଦେଖି ରାଗ ସମ୍ଭାଳି ପାରିନଥିଲେ। ବିଶ୍ୱନାଥ ନିରଞ୍ଜନକୁ ଏକ ବାଡ଼ିରେ ମାରିବା ସହ ପଥରରେ ଛେଚି ଦେଇଥିଲା। ଘଟଣାସ୍ଥଳରେ ନିରଞ୍ଜନର ମୃତ୍ୟୁ ଘଟିଥିଲା। ସ୍ତ୍ରୀ ରଶ୍ମିତାଙ୍କ ସହାୟତାରେ ସେ ନିରଞ୍ଜନକୁ ବାନ୍ଧି ଅଖାରେ ପୂରାଇ ନିକଟସ୍ଥ ନୂଆବେଡ଼ା ଗ୍ରାମ ବିଲ ମଝିରେ ଥିବା ଏକ ପରିତ୍ୟକ୍ତ କୂଅରେ ନିରଞ୍ଜନକୁ ଫିଙ୍ଗି ଦେଇଥିଲେ। ପୁଲିସ ଘଟଣାର ତଦନ୍ତ ଚଳାଇଥିବାବେଳେ ଆଜି ଅଭିଯୁକ୍ତ ବିଶ୍ୱନାଥ ଓ ସ୍ତ୍ରୀ ରଶ୍ମିତାକୁ ଗିରଫ କରି ୨୮/୨୫ କେସ୍ ଆଧାରରେ କୋର୍ଟ ଚାଲାଣ କରିଛି। ମୃତ ବ୍ୟକ୍ତିଙ୍କ ସହ ରଶ୍ମିତାଙ୍କ ପୂର୍ବରୁ ଅନୈତିକ ସମ୍ପର୍କ ଥିବା ନେଇ ହତ୍ୟାକାଣ୍ଡ ଘଟିଥିବା ଜଣାଯାଇଛି। ରାଇରଙ୍ଗପୁର ଏଡିସନାଲ ଏସ୍‌ପି ଯଦୁନାଥ ଜେନା, କରଞ୍ଜିଆ ଏସ୍‌ଡିପିଓ ନବ କୁମାର ନାୟକ ଓ ରରୁଆଁ ଥାନାଧିକାରୀ ସୁମନ୍ତ ସେଠୀଙ୍କ ମିଳିତ ତଦନ୍ତରେ ଏହି ହତ୍ୟାକାଣ୍ଡର ପର୍ଦ୍ଦାଫାସ ହୋଇଛି।

## ଖଲ୍ଲିକୋଟ ବିଧାୟକଙ୍କ ପ୍ରତିନିଧି ନିଯୁକ୍ତ

ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ପୁରୁଷୋତ୍ତମପୁର ବ୍ଲକ ଓ ଏନ୍‌ଏସି ପାଇଁ ଖଲ୍ଲିକୋଟ ବିଧାୟକଙ୍କ ପ୍ରତିନିଧି ଭାବେ ନିଯୁକ୍ତି ହେଲେ କୋରାନାଥ ସ୍ୱାଇଁ ଓ ସୁଦର୍ଶନ ବେହେରା। ଖଲ୍ଲିକୋଟ ବିଧାୟକଙ୍କ ଲେଟର ପେଡ୍ ଏମ୍‌ସି ନମ୍ବର ୨୦୨୫୧୯ ସମ୍ବଳିତ ପତ୍ର ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି ଜିଲ୍ଲାପାଳଙ୍କୁ ଅନୁମୋଦନ ପାଇଁ ପ୍ରେରଣ କରିଛନ୍ତି। ସରକାରୀସ୍ତରରେ ଘୋଷଣା ହୋଇନଥିଲେ ମଧ୍ୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଧାୟକଙ୍କ ବ୍ଲକ ପ୍ରତିନିଧି କୋରାନାଥ ସ୍ୱାଇଁ ବର୍ତ୍ତମାନ ଭାଟକୁମରଡ଼ା ପଞ୍ଚାୟତର ସମିତିସଭ୍ୟ ସହ ବିଧାୟକଙ୍କ ବ୍ଲକ ପ୍ରତିନିଧି ଭାବେ ଦାୟିତ୍ୱ ତୁଲାଇବେ। ସେହିଭଳି ପୁରୁଷୋତ୍ତମପୁର ଏନ୍‌ଏସି ପାଇଁ ଯୁବ ନେତା ତଥା ପୂର୍ବତନ କାଉନସିଲର ସୁଦର୍ଶନ ବେହେରା ବିଧାୟକଙ୍କ ପ୍ରତିନିଧି ଭାବେ ନିଯୁକ୍ତି ହୋଇଛନ୍ତି। ଖବର ପ୍ରକାଶିତ ହେଉ ହେଉ ସହରରେ ବିଜେପି କର୍ମୀଙ୍କ ମନରେ ଉତ୍ସାହ ଖେଳିଯାଇଛି।

# ବାଲି ମାଫିଆଙ୍କ ଚରାଭୂଇଁ ସାଜିଛି ବୈତରଣୀ ନଦୀପଠା



ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ରେ ବୈତରଣୀ ନଦୀ ପଠା ବାଲି ମାଫିଆଙ୍କ ଚରା ଭୂଇଁ ସାଜିଛି। ବେଧଡକ ଭାବେ ବାଲି ଚୋରା ଚାଲାଣ ଚାଲିଛି। ଧାମନଗର ବ୍ଲକ ଦିହୁଡି ଆନନ୍ଦପୁର ଠାରୁ ଧୁଶୁରି ଥାନାର ବାଲିପାଟଣା, ଅଷ୍ଟକ, ହସନାବାଦ ଯାଏ ସବୁଠି ଚାଲିଛି ବାଲି ଚୋରାଚାଲାଣ। ପ୍ରଶାସନ ଆଖିରେ ଧୂଳି ଦେଇ ମାଫିଆମାନେ ବେଧଡ଼କ ବାଲି ଚୋରା ଚାଲାଣ ଚଲାଇଛନ୍ତି। ବୈତରଣୀ ନଦୀର ବିଭିନ୍ନ ନଦୀ ଘାଟରୁ ପ୍ରତ୍ୟେକ ଦିନ ବିପୁଳ ପରିମାଣରେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ମାଫିଆମାନେ ବାଲି ଚାଲାଣ କରି ମାଲାମାଲ ହେଉଥିବା ବେଳେ ଏଥିରେ ରାଜନେତାଙ୍କ ଠାରୁ ଆରମ୍ଭ କରି ପୁଲିସ, ପ୍ରଶାସନର କିଛି ଅସାଧୁ କର୍ମଚାରୀ ସାମିଲ ରହୁଥିବା ମଧ କୁହାଯାଉଛି। ନିକଟର ଚୋରା ବାଲି ରୋକିବା ପାଇଁ ଖଣି ବିଭାଗ ପକ୍ଷରୁ ବାଲି ମାଫିଆଙ୍କ ସହଯୋଗରେ ସଚେତନତା କରିଥିଲେ। କେବଳ ସଭା ଓ ସୂଚନା ଫଳକରେ ସୀମିତ ରହିଯାଇଛି ଉକ୍ତ ସଚେତନତା କାର୍ଯ୍ୟକ୍ରମ। କିଛି ଅଧିକାରୀ ଓ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କ ଆସ୍ଥାଭାଜନ ପାଇଁ ବୋର୍ଡ ଲଗାଇ ସଚେତନ କରାଇଛନ୍ତି। କିନ୍ତୁ ବାସ୍ତବରେ ବାଲି ଚାଲାଣ ଚୋକିବା ଦିଗରେ ନା ପୁଲିସ ନା ଖଣି ବିଭାଗ କେହି ବି ସେଭଳି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତେବେ ଚୋରା ବାଲି ରୋକିବା ପାଇଁ ପ୍ରଶାସନ ପକ୍ଷରୁ ସୁରକ୍ଷା ଅଭିଯାନ (ବାସା) ଆରମ୍ଭ କରିଛି। ସରକାରଙ୍କ ଠାରୁ ଅନୁମୋଦନ ମିଳିନଥିବା ବାଲି ଖାଦାନ ମାନଙ୍କରୁ ଅବୈଧ ଭାବେ ବାଲି ଉତ୍ତୋଳନ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲୁକା ଅଞ୍ଚଳ ସୁରକ୍ଷା ଅଭିଯାନର ଆରମ୍ଭ କରାଯାଇଛି। କିନ୍ତୁ ତାହା ବେଆଇନ ବାଲି ଉତ୍ତୋଳନ ବନ୍ଦ କରିବା ଦିଗରେ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଲୋଡ଼ାଯାଇଥିଲା। ସରକାର 'ବାସା' ଆରମ୍ଭ କରିବା ପରେ ବି ବାଲି ଚୋରା ଚାଲାଣ ଥମୁନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବୈତରଣୀ ନଦୀରେ ଆନନ୍ଦପୁର, ଅର୍ଜୁନପୁର ଓ ହସନାବାଦ ପଞ୍ଚାୟତ ନିକଟର ବିଭିନ୍ନ ଘାଟ ନଦୀରୁ ବାଲି ଚାଲାଣ ହେଉଛି। ତେବେ ଏହି ବାଲି ଚୋରାଚାଲାଣକୁ ରୋକିବା ପାଇଁ ଉପ ଜିଲ୍ଲାପାଳ, ତହସିଲଦାର, ଫରେଷ୍ଟର, ଥାନା, ଏସ୍‌ଡିପିଓ ଓ ଖଣି ବିଭାଗ କମିଟିରେ ରହିବେ ଏବଂ ସେମାନେ ଏହି ବେଆଇନି ବାଲି ଚୋରାଚାଲାଣକୁ ରୋକିବେ। ହେଲେ ଏହି କମିଟି ହେଲା ପରେ ଉପରୋକ୍ତ କମିଟିର କାର୍ଯ୍ୟକର୍ତ୍ତା କେହି ବି ଚୋରା ବାଲି ଉପରେ ନଜର ଦେଉ ନାହାଁନ୍ତି। ଫଳରେ ବାଲି ମାଫିଆମାନେ ଏହାର ସୁଯୋଗରେ ଅହରହ ବାଲି ଉଠାଇ ବିକ୍ରି କରି ଚାଲିଛନ୍ତି। ଏପଟେ ବାଲିଘାଟ ନିଲାମ ପାଇଁ ଖଣି ବିଭାଗର ଆନ୍ତରିକ ଅଭାବ ଯୋଗୁଁ ବାଲି ମାଫିଆମାନେ ବାଲି ଚୋରି କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହୋଇଛି।

# ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ଜଟାଧାର ଥାନା ଅଧିକାରିଣୀଙ୍କ ଉଦ୍ୟମକୁ ସାଧାରଣରେ ପ୍ରଶଂସା



ପାରାଦୀପ (ଭାସ୍କର ନ୍ୟୁଜ୍) : ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଓ ଲୋକଙ୍କ ମଧ୍ୟରେ ପୋଲିସ ପ୍ରତି ରହିଥିବା ଭୟକୁ ଦୂର କରିବା ପାଇଁ ପାରାଦୀପ ଜଟାଧାର ମୁହାଣ ସାମୁଦ୍ରିକ ଥାନା ତରଫରୁ ଆରମ୍ଭ ହୋଇଛି ନିଆରା ପ୍ରୟାସ। ପାରାଦୀପ ଷଣ୍ଢକୁଦ ବସ୍ତିରେ କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲ କାର୍ଯ୍ୟକ୍ରମରେ ତିନିଗୋଟି ଓ୍ୱାର୍ଡର ମହିଳା, ଛୋଟ ଛୋଟ ପିଲା ଓ ବୟସ୍କ ଲୋକମାନଙ୍କୁ ଏକାଠି କରି ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ଛୋଟଛୋଟ ପିଲାମାନଙ୍କ ମଧ୍ୟରେ ନୃତ୍ୟ, ଗୀତ ପ୍ରତିଯୋଗିତା କରି ବସ୍ତି ବାସିନ୍ଦାଙ୍କ ପ୍ରିୟପାତ୍ର ପାଲଟିଛନ୍ତି ନୂତନ ଥାନା ଅଧିକାରିଣୀ କଲ୍ୟାଣୀ ମୟୀ କ୍ଷେଣ୍ଟ। ବସ୍ତିରେ ବସବାସ କରୁଥିବା ସାଧାରଣ ଜନତାଙ୍କ ମଧ୍ୟରେ କିପରି ପୋଲିସ ପ୍ରତି ଭୟ ଦୂର କରିବା, କମ୍ ବୟସର ଯୁବକମାନେ ଯେଭଳି ଅପରାଧ କାର୍ଯ୍ୟକଳାପରୁ ନିବୃତ୍ତ ରହିବେ ଏବଂ ବିଶେଷକରି ଯୁବଗୋଷ୍ଠୀମାନେ ନିଶା ସେବନରୁ ଦୂରେଇ ରହିବା ଏହି କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଛନ୍ତି ଥାନା ଅଧିକାରିଣୀ। ତେବେ ଘର ଭିତରେ ରହି ପରିବାର ଜଞ୍ଜାଳ ମଧ୍ୟରେ ଦିନ କାଟୁଥିବା ମହିଳାମାନେ କିପରି ଘରୁ ବାହାରକୁ ଆସିବା ସହିତ ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଏବଂ କିଛି ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ନିଜକୁ ସୁସ୍ଥ ରଖିବା କୋଷ୍ଟାଲ କମ୍ୟୁନିଟି ଫେଷ୍ଟିଭାଲର ମୂଳ ଉଦ୍ଦେଶ୍ୟ ରହିଥିବା ବେଳେ ଜଟାଧାର ସାମୁଦ୍ରିକ ଥାନା ଅଧିକାରିଣୀଙ୍କ ଏହି କାର୍ଯ୍ୟକୁ ଷଣ୍ଢକୁଦ ବସ୍ତିବାସିନ୍ଦା ଓ ସମସ୍ତ ପାରିଷଦମାନେ ସ୍ୱାଗତ କରିବା ସହିତ ସମସ୍ତେ ମିଳିମିଶି ଅପରାଧକୁ ରୋକିବା ଏବଂ ପୋଲିସର ବିଭିନ୍ନ କାର୍ଯ୍ୟରେ ସହଯୋଗର ହାତ ବଢାଇବା ସହିତ ଥାନାର ସମସ୍ତ ପୋଲିସ କର୍ମଚାରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ତେବେ ବସ୍ତି ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପକୁ କିପରି ରୋକା ଯାଇପାରିବ ସେନେଇ ଥାନା ଅଧିକାରିଣୀ ସମସ୍ତଙ୍କୁ ସଚେତନ କରିଥିଲେ ଏବଂ ଏହି ମହତ ଉଦ୍ଦେଶ୍ୟକୁ ସବୁ ମହଲରୁ ସ୍ୱାଗତ କରାଯାଇଛି।

## ରାଶିଫଳ

**ମଙ୍ଗଳବାର, ୧୧ ମାର୍ଚ୍ଚ ୨୦୨୫**



**ମେଷ:** ଚାକିରିରେ ପରିବର୍ତ୍ତନ ଆଶା କରିପାରିବ ଏବଂ ବିଦେଶ ଯାତ୍ରା ମଧ୍ୟ କରିପାରିବ। ବିଦେଶ ଯାତ୍ରା କରିବା ସମୟରେ ଆପଣ ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି, ତେଣୁ ଆପଣଙ୍କର ଭ୍ରମଣ ପୂର୍ବରୁ ଦୁଇଥର ଯାଞ୍ଚ କରନ୍ତୁ। ଯଦି ଆପଣ ପରିବାର ଏବଂ ସାଙ୍ଗମାନଙ୍କ ସହିତ ସନ୍ତୁଳିତ ଆଚରଣ କରନ୍ତି ତେବେ ଏହା ଉପଯୁକ୍ତ ହେବ।



**ବୃଷ:** ଆଜି ଦେଇଥିବା ରାଶି ଫେରସ୍ତେ ପାଇପାରିବେ। ବିଭିନ୍ନ ମାମଲାଗୁଡ଼ିକରେ ଆପୋଷ ବୁଝାମଣା କରିବା ଭଲ ହେବ। କୋର୍ଟରେ ମକଦ୍ଦମା ଦାୟର ହେବ। ଚାକିରୀ କର୍ମକ୍ଷେତ୍ରରେ ସଫଳତା। ଜଣେ ବୃଦ୍ଧ ମହିଳାଙ୍କ ସହ ଝଗଡା ହୋଇପାରେ।



**ମିଥୁନ:** ଚାକିରୀ ପାଇଁ ଏହା ଏକ ଅନୁକୂଳ ସମୟ ନୁହେଁ। ଆଜି ଯଦି ଆପଣ ନିଜକୁ ବିଶ୍ରାମ ଦେବା ପାଇଁ କିଛି ସମୟ ନିଅନ୍ତି ତେବେ ଭଲ ହେବ। ଛୁଟିଦିନରେ ଆପଣଙ୍କ ପରିବାରକୁ ନେବାକୁ କିଛି ସମୟ ନିଅନ୍ତୁ। ଆପଣ ଆଜି ଖୁସି ହେବେ।



**କର୍କଟ:** ଆଜି ଯଦି ଆପଣ ସକରାତ୍ମକ ଚିନ୍ତାଧାରା ସହିତ ଆଚରଣ କରନ୍ତି, ତେବେ ଏହା ଉପଯୁକ୍ତ ହେବ, କାରଣ ଆଜି ଅଂଶୀଦାରମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅର୍ଥନୈତିକ ଦିଗ ଅସ୍ଥିର ହୋଇପାରେ। ଆପଣଙ୍କର ସମାଲୋଚକ ଏବଂ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିପାରନ୍ତି, ଯାହା ବିଷୟରେ ଆପଣ ଯତ୍ନବାନ ହେବା ଉଚିତ।



**ସିଂହ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହୋଇପାରେ। ସବୁ କ୍ଷେତ୍ରରୁ ସଫଳତା ପାଇବାର ସମ୍ଭାବନା ଅଛି। ପିତୃପୁରୁଷ ମାମଲାରେ କିଛି ବିବାଦ ହୋଇପାରେ, ତେଣୁ ଯଦି ଆପଣ ଭାଷଣ ଉପରେ ପ୍ରତିବନ୍ଧକ ରଖନ୍ତି ତେବେ ଏହା ଭଲ ହେବ।



**କନ୍ୟା:** ଆପଣଙ୍କର ନିକଟତମ ଏବଂ ପ୍ରିୟ ଲୋକଙ୍କ ସହିତ ମାନସିକତା ବାଣ୍ଟିବାକୁ ସମୟ ରହିବ। ଧାର୍ମିକ ସ୍ଥାନ ପରିଦର୍ଶନ କରିପାରନ୍ତି। ପରିବାର ସହିତ ଭଲ ସମ୍ପର୍କ ରହିବ। ଆର୍ଥିକ ଦୃଷ୍ଟିରୁ, ଆଜି ଭଲ ଦିନ ନୁହେଁ।



**ତୁଳା:** ମନରେ ଖୁସିର ଅନୁଭବ ହେବ। କାର୍ଯ୍ୟ କ୍ଷେତ୍ରରେ ଅଧିକ ପରିଶ୍ରମ ହେବ। ଆଜି ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ପୂର୍ବ ଯୋଜନା ଫଳପ୍ରଦ ହେବ। ଅର୍ଥନୈତିକ ଦିଗ ଅସ୍ଥିର ହୋଇପାରେ। ଆପଣଙ୍କର ସମାଲୋଚକ ଏବଂ ଶତ୍ରୁମାନେ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି।



**ବିଛା:** ଆଜି ଆପଣ କାର୍ଯ୍ୟକ୍ଷେତ୍ରରେ ଆସୁଥିବା ଚ୍ୟାଲେଞ୍ଜଗୁଡ଼ିକରୁ କିଛି ମାତ୍ରାରେ ଆରାମ ପାଇପାରିବେ। ସହକର୍ମୀମାନେ ଆପଣଙ୍କର କାର୍ଯ୍ୟ ଶୈଳୀରେ ଉନ୍ନତି ଆଣିବାରେ ସାହାଯ୍ୟ କରିପାରିବେ। ଆପଣଙ୍କର ଦକ୍ଷତା ପ୍ରଦର୍ଶନ କରିବାକୁ ଯଥେଷ୍ଟ ସୁଯୋଗ ପାଇବେ। ପାରିବାରିକ ଦୃଷ୍ଟିକୋଣରୁ, ଆଜି ଏକ ଭଲ ଦିନ ହୋଇପାରେ। ଆଜି ବାର୍ତ୍ତାଳାପ କରିବା ଭଲ ହେବ।



**ଧନୁ:** ନୂତନ ଯୋଗାଯୋଗ କରିବା ଆପଣଙ୍କ ପାଇଁ ଏହା ଏକ ଅନୁକୂଳ ସମୟ। ଦୀର୍ଘଦିନର ପ୍ରେମ ସମ୍ପର୍କ ଅଧିକ ପରିପକ୍ୱ ହୋଇପାରେ। ପ୍ରେମ କିଛି ବ୍ୟକ୍ତିଙ୍କ ଜୀବନରେ ଆସିପାରେ। ପାରିବାରିକ ସମ୍ପର୍କରେ ବିରକ୍ତ ହୋଇପାରନ୍ତି। ଯଦି ଆପଣଙ୍କର ଧର୍ମ ପ୍ରତି ସମ୍ମାନ ଅଛି, ତେବେ ଆଜି ଶୁଭ ଦିନ ହେବ। ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।



**ମକର:** ଆଜି ଆପଣଙ୍କ ପାଇଁ ଏକ କଷ୍ଟକର ସମୟ ହେବ। କାର୍ଯ୍ୟ କ୍ଷେତ୍ରରେ ବାରମ୍ବାର ପରିବର୍ତ୍ତନ ଆପଣଙ୍କୁ ଦ୍ୱନ୍ଦ୍ୱରେ ପକାଇପାରେ। ପ୍ରତିବଦ୍ଧତା ହ୍ରାସ ଅର୍ଥନୈତିକ ଦିଗରେ ନକାରାତ୍ମକ ପରିବର୍ତ୍ତନ ହୋଇପାରେ। ପିଲାମାନେ ଆପଣଙ୍କୁ ସୁସ୍ଥ ଏବଂ ଖୁସି ରଖିବେ। ଯଦି ଆପଣ ଚାକିରି ପରିବର୍ତ୍ତନ ଖୋଜୁଛନ୍ତି ତେବେ ଆପଣ ବିଭିନ୍ନ ସୁଯୋଗ ପାଇପାରିବେ।



**କୁମ୍ଭ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଆପଣ ଆଜି ଖୁସି ଅନୁଭବ କରିବ। ଯଦିଓ ସବୁକିଛି ଠିକ ଅଛି, ହେଲେ ଆପଣ କଥାବାର୍ତ୍ତାକୁ ନିୟନ୍ତ୍ରଣ କରନ୍ତି ତେବେ ଏହା ଆପଣଙ୍କ ପାଇଁ ଭଲ ହେବ। ପରୀକ୍ଷା ଦୃଷ୍ଟିକୋଣରୁ ବାଧା ଆସିପାରେ। ଆପଣଙ୍କ ମନ ଅସ୍ଥିର ରହିବ। ଛାତ୍ରଛାତ୍ରୀମାନେ ଆଜି ପଢିବାରେ ଧ୍ୟାନ ଦିଅନ୍ତୁ।



**ମୀନ:** ଆର୍ଥିକ ଦୃଷ୍ଟିରୁ, ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବାକୁ ଯାଉଛି। ଆପଣଙ୍କ ଅସମାପ୍ତ କାର୍ଯ୍ୟ ସମାପ୍ତ ହେବ, କିନ୍ତୁ କିଛି ବିଳମ୍ବ ହୋଇପାରେ। ଆପଣ ଆଜି ପରିବାର ବିଷୟରେ ଖୁସି ହୋଇପାରିବେ। ନୂତନ ଚାକିରି ଖୋଜୁଥିବା ବ୍ୟକ୍ତିମାନେ ଭଲ ପଦବୀ ପାଇବାକୁ ସକ୍ଷମ ହେବେ। ପଦୋନ୍ନତି ପାଇଁ ଯୋଗ ସୃଷ୍ଟି ରହିଛି।



ପ୍ରସ୍ତୁତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର





କୋରୁକୋଣ୍ଡା ,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ମାରିୱାଡା ଗ୍ରାମ ପଞ୍ଚାୟତ ଏମଭି-୨୬ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଟୁଟୁ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆମ ସଂସ୍କୃତି ଆମ ଖେଳନାର ବାର୍ଷିକ ଉତ୍ସବ ୨୦୨୫ ପାଳନ ହୋଇଯାଇଛି। ଉକ୍ତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗ୍ରାମ ପଞ୍ଚାୟତ ନାୟବ ସରପଞ୍ଚ ଶଙ୍କାରୀ ମଣ୍ଡଳ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ମହାନନ୍ଦ ବୈରାଗି, ସମ୍ମାନିତ ଅତିଥି ଭାବେ ସିଆରସିସି ଉତ୍ତମ ସମ୍ପଦାର, ବାସନ୍ତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଜଳ ବିଶ୍ୱାସ,ବିଦ୍ୟାଳୟ ଏସଏମସି ଉପାଧକ୍ଷା ସରସ୍ୱତୀ ମଣ୍ଡଳ,ୱାର୍ଡ ମେମ୍ବର ରୁନୁ ଚୌକିଦାର ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରଧାନଶିକ୍ଷକ ଟୁଟୁ ଚୌଧୁରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ରାଜେଶ ପଟ୍ଟନାୟକ ବାର୍ଷିକ ଉତ୍ସବ ଜ୍ଞାପନ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥିମାନେ କନିଷ୍ଠ ଓ ବରିଷ୍ଠ ବିଭାଗରେ କୃତିତ୍ୱ ହାସଲ କରିଥିବା ୯୪ଜଣ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ସହିତ ପ୍ରମାଣ ପତ୍ର ପ୍ରଦାନ କରିବା ସହିତ ୧୦ଜଣ ପୁରାତନ ଛାତ୍ରମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ବୋଧିତ କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ ବାର୍ଷିକ ବିବରଣୀ ରଶ୍ମିରଂଜନ ସାହୁ ପାଠ କରିଥିବା ବେଳେ, ଶିକ୍ଷକ କିରଣ କାନ୍ତ ସାହୁଙ୍କ ଦ୍ୱାରା ଶିଖାଯାଇଥିବା ନୃତ୍ୟ, ଗୀତ ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ ରାଜେଶ ପଟ୍ଟନାୟ ସଭା ସମାପ୍ତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ପେଣ୍ଡ୍ରାଣୀ ମହାବିଦ୍ୟାଳୟକୁ ୪ କୋଟି ଅନୁଦାନ ପ୍ରଦାନ




ଉମରକୋଟ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନବରଙ୍ଗପୁର ଜିଲ୍ଲାର ଅଗ୍ରଣୀ ମହାବିଦ୍ୟାଳୟ ଉମରକୋଟ ପେଣ୍ଡ୍ରାଣୀ ଡିଗ୍ରୀ ମହାବିଦ୍ୟାଳୟକୁ ୪ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଯୋଗୁ ଏହି ଅନୁଦାନ ମିଳିଛି। ଗଣଶିକ୍ଷା ମନ୍ତ୍ରୀ ନିତ୍ୟା ନନ୍ଦ ଗଣ୍ଡ ୧୫ ଦିନ ତଳେ ଉଚ୍ଚ ଶିକ୍ଷା ବିଭାଗକୁ ଉମରକୋଟ ପେଣ୍ଡ୍ରାଣୀ ଡ଼ିଗ୍ରୀ ମହାବିଦ୍ୟାଳୟକୁ ୫ କୋଟି ଟଙ୍କା ଅର୍ଥ ମଞ୍ଜୁର ପାଇଁ ପତ୍ର ଲେଖିଥିଲେ। ଗଣଶିକ୍ଷା ମନ୍ତ୍ରୀଙ୍କ ଅନୁରୋଧ ପତ୍ର ପାଇବା ପରେ ଉଚ୍ଚ ଶିକ୍ଷା ବିଭାଗ ଏହି ଅର୍ଥ ମଞ୍ଜୁର କରିଛନ୍ତି। ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶାର ମୋଟ ୪୬ ଟି ଡିଗ୍ରୀ କଲେଜକୁ ମୋଟ ୧୪୬ କୋଟି ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି। ଆଉ ସବୁ କଲେଜ ଠାରୁ ପେଣ୍ଡ୍ରାଣୀ ମହାବିଦଳୟ କୁ ହିଁ ଅଧିକ ଅର୍ଥ ଅନୁଦାନ ମିଳିଛି। ଏହି ୪ କୋଟି ଟଙ୍କାରେ ଅତିରିକ୍ତ ଶ୍ରେଣୀ ଗୃହ, ପୁଅ ଓ ଝିଅଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ, ପାନୀୟ ଜଳ ଓ ଟଏଲେଟ୍ ସୁବିଧା ଥାଇ ବାଳକ ଓ ବାଳିକାଙ୍କ ପାଇ କମନ ରୁମ, ବିଜ୍ଞାନ ଲାବ୍ରୋଟରି, ଆଧୁନିକ ଲାଇବ୍ରେରୀ, ହଷ୍ଟେଲ ବିଲ୍ଡିଂ ଓ ବାଉଣ୍ଡରୀ ୱାଲ ନିର୍ମାଣ ପାଇଁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ପ୍ରଦାନ କରିଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ଡକ୍ଟର ଅନିଲ କୁମାର ମିଶ୍ର ଓ ଅର୍ଥନୀତି ବିଭାଗ ର ମୁଖ୍ୟ ପ୍ରାଧ୍ୟାପକ ଡକ୍ଟର ରବୀନ୍ଦ୍ର କୁମାର ମିଶ୍ର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ୍‌ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏତେ ଟଙ୍କା ଅନୁଦାନ ଆସିବା ଶୁଣି ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି।

### ପମ୍ପ୍ ହାଉସ୍‌ରେ ରହୁଥିବା କର୍ମଚାରୀଙ୍କ ମନମାନୀ

## କ୍ୱିଣ୍ଟାଲ କ୍ୱିଣ୍ଟାଲ ପଣସ ବିକ୍ରି କରୁଥିବା ଅଭିଯୋଗ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସରକାରୀ ପମ୍ପ ହାଉସ ପରିସର ମଧ୍ୟରୁ ପଣସ ବିକ୍ରି କରିବା ନେଇ ଅଭିଯୋଗ ଆସିଛି ପମ୍ପ ହାଉସରେ କାର୍ଯ୍ୟରତ କର୍ମଚାରୀଙ୍କ ବିରୋଧରେ । ସୂଚନା ମୁତାବକ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ମାଟିବନ୍ଧ ଯୋଜନା ଅଫିସର ପମ୍ପ ହାଉସ ତଦାରଖ କରିବା ନେଇ ନିୟୋଜିତ ହୋଇଛନ୍ତି କର୍ମଚାରୀ । ଗତକାଲି ପମ୍ପ ହାଉସ ପରିସର ମଧ୍ୟରେ ଏକ ଅଜଣା ଗାଡି (ନଂ ଓଡି-୨୪ - ବି-୩୧୫୩) ରେ ପଣସ ଲଦା ଯାଉଥିବା ବେଳେ କିଛି ବ୍ୟକ୍ତି ଦେଖି ଅଭିଯୋଗ ଆଣିଛନ୍ତି । ଏହା ବାବଦରେ ପଚରାଉଚରା କରିବାରୁ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ବିନା ଅନୁମତିରେ ସେଠାରେ କାର୍ଯ୍ୟରତ ରତ ଥିବା ଦୁଇ କର୍ମଚାରୀଙ୍କୁ କହିବାରୁ ଭିତରେ ଗାଡ଼ି ପ୍ରବେଶ କରିଥିବା ଓ ପଣସ ନେବା ପାଇଁ ଆସିଥିବା କହିଥିଲେ । ପ୍ରତି ପଣସ ପିଛା ୫୦ରୁ ୬୦ ଟଙ୍କା ଦେବା ପାଇଁ କହିଥିଲେ। ସେହି ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟରତ ଥିବା କର୍ମଚାରୀ ସେଠାରେ ଉପସ୍ଥିତ ନ ଥିବା ବେଳେ ଅନ୍ୟତ୍ର କାର୍ଯ୍ୟରତ ସେଠାରେ ଉପସ୍ଥିତ ଥିଲେ ଓ ସେ ଗାଡ଼ିଟିକୁ ଭିତରେ ନେଇ ପଣସ ଲଦିବା ପାଇଁ କହିଥିଲେ । ସରକାରୀ ପମ୍ପ ହାଉସ ପରିସର ମଧ୍ୟରେ କିଭଳି ବିନା ଅନୁମତିରେ ଏକ ପିକଅପ ଗାଡ଼ି ପ୍ରବେଶ କରାଯାଉଛି ଏବଂ ସେଠାରେ କାର୍ଯ୍ୟରତ କର୍ମଚାରୀ ମନମୁଖୀ ଭାବେ ଦିନ ଦ୍ୱିପ୍ରହରରେ ପଣସ ବିକ୍ରି କରୁଛନ୍ତି ତାହା କିଭଳି ଉପରିସ୍ଥ ଅଧିକାରୀ ଜାଣିପାରୁ ନାହାନ୍ତି ତାହା ସାଧାରଣରେ ଚକିତ କରୁଛି । ଇତିମଧ୍ୟରେ ଉକ୍ତ ପମ୍ପ ହାଉସଟି କେତେ ସୁରକ୍ଷିତ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପଣସ ବିକ୍ରି କରିବା ପାଇଁ ଗାଡ଼ି ବିନାନୁମତିରେ ପ୍ରବେଶ କରାଯାଇପାରୁଛି ତ ଆଗାମୀ ଦିନରେ ପମ୍ପ ହାଉସରେ ବ୍ୟବହୃତ ହେଉଥିବା ମୂଲ୍ୟବାନ ଜିନିଷ ବା ପମ୍ପ ବିକ୍ରି କରି ନ ଦେବେ ସେ କଥାକୁ ଟାଳି ହବନାହିଁ । ପୂର୍ବରୁ କର୍ମଚାରୀଙ୍କ ବିରୋଧରେ ସଠିକ ରୂପେ ଡ୍ୟୁଟି କରିବା ନେଇ ଅଭିଯୋଗ ଥିବା ବେଳେ ଉପରିସ୍ଥ ଅଧିକାରୀଙ୍କ ଢିଲା ପଣ ପାଇଁ ବୋଧେ ଏହି କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକଳାପ ଚାଲିଥିବା ନେଇ ସନ୍ଦେହ କରାଯାଉଛି। ଅଧିକାରୀମାନଙ୍କ ତରଫରୁ ଆଶା ଜନକ ପ୍ରତିକ୍ରିୟା ମିଳିନଥିବାବେଳେ ଆଗାମୀ ଦିନରେ ଏହା ବାବଦରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଦେଖିବା ବାକି ରହିଲା ।

## ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



ନୂଆପଡ଼ା, (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ସଦର ମହକୁମା ଠାରେ ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆଠ ମାସରେ ୫୪ ଗୋଟି ନାରୀ ନିର୍ଯାତନା ମାମଲା ବିରୁଦ୍ଧରେ ଜିଲ୍ଲାପାଳ କାର୍ଯ୍ୟଳୟ ଘେରାଉ କରିଛନ୍ତି। ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଯାଇଥିବା ବେଳେ ସରକାର ନାଗରିକଙ୍କୁ ସୁରକ୍ଷା ଦେବା ରେ ବିଫଳ ହୋଇଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ରା ନୂଆପଡ଼ା ନଗର ପରିକ୍ରମା କରିଥିବା ବେଳେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁରେଶ ଆଜାଦ, ଘାସିରାମ ମାଝୀ, କମଲ ଚରଣ ତାଣ୍ଡି, ଫକୀର ମୋହନ ଜଗତ, ଭୀଷ୍ମ ସୁନାନୀ, ଶାହରୁଖ୍ ଖାନ, ପ୍ରବୀଣ ପଟ୍ଟନାୟକ, ପାସା ମହାନ୍ଦନ ଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ବରଗଡ଼ର ଦୁଇ ଦିବ୍ୟାଙ୍ଗ ସୁଇମରଙ୍କୁ ସ୍ୱର୍ଣ୍ଣ ପଦକ



ବରଗଡ଼, (ଭାସ୍କର ନ୍ୟୁଜ୍): ରାଉରକେଲା ବୀର୍ଷା ମୁଣ୍ଡା ଷ୍ଟାଡ଼ିୟମ ସନ୍ତରଣ ଗାର ଠାରେ ସପ୍ତମ ଜାତୀୟ ମାଷ୍ଟର ସନ୍ତରଣ ପ୍ରତିଯୋଗିତା ଗତ ୮ ମାର୍ଚ୍ଚରେ ଅନୁଷ୍ଠିତ ହୋଇଥିଲା। ସେଥିରେ ବରଗଡ଼ ସହରାପାଲି ଗ୍ରାମ, ଆମ୍ବେଦକର ନଗର ପଡା ଅଡ଼ଗାଁ ଗ୍ରାମପଞ୍ଚାୟତ ର ଦିବ୍ୟାଙ୍ଗ ଯୁବ ପ୍ରତିଭା ତରଣୀ ସୁନା ଓ ବରଗଡ଼ ବାନ୍ଧୁଟିକ୍ରାର ଦିବ୍ୟାଙ୍ଗ ଯୁବ ସୁଇମର ସୁମନ୍ତ ପଧାନ ଅଂଶ ଗ୍ରହଣ କରି ଉଭୟେ ସ୍ୱର୍ଣ୍ଣ ପଦକ ଲାଭ କରି ଆମ ରାଜ୍ୟ ତଥା ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି। ଦେଶର ବିଭିନ୍ନ ରାଜ୍ୟର ସାଧାରଣ ବର୍ଗର ପ୍ରତିଯୋଗୀମାନଙ୍କ ସହ ଅଂଶଗ୍ରହଣ କରି ତରଣୀ ସୁନା ୧୦୦ ମିଟର ବ୍ୟାକ ଷ୍ଟ୍ରୋକରେ ସ୍ୱର୍ଣ୍ଣ, ୫୦ ମିଟର ବ୍ୟାକ ଷ୍ଟ୍ରୋକରେ ସ୍ୱର୍ଣ୍ଣ ଓ ଫ୍ରିଷ୍ଟାଇଲ ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରି ଗୌରବ ଆଣିଛନ୍ତି। ପ୍ରକାଶ ଥାଉକି ତରଣୀ ସୁନା ଓଡିଶା ହୁଇଲଚେୟାର କ୍ରିକେଟ ଦଳର ଜଣେ ପ୍ରତିଭା ସମ୍ପର୍ଣ୍ଣ ଖେଳାଳୀ ଅଟନ୍ତି। ଆମ ଜିଲ୍ଲାର ଦିବ୍ୟାଙ୍ଗ ଭାଇମାନେ ହୁଇଲଚେୟାର କ୍ରିକେଟରେ ଭାଗ ନେବା ପୂର୍ବକ ଆମ ଜିଲ୍ଲାର ଗୌରବ ବୃଦ୍ଧି କରିବା ସକାଶେ ଆହ୍ୱାନ ଜଣାଇ ଥିଲେ। ଅନ୍ୟ ତମ ଦିବ୍ୟାଙ୍ଗ ସୁଇମର ସୁମନ୍ତ ପଧାନ ୫୦ ମିଟର ବ୍ୟାକଷ୍ଟ୍ରୋକ ରେ ସ୍ୱର୍ଣ୍ଣ ପଦକ ଓ ଫ୍ରିଷ୍ଟାଇଲ ପ୍ରତିଯୋଗିତାରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରି ଏକ ରେକର୍ଡ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାଇଛନ୍ତି। ଏହି ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଦେଶର ବହୁରାଜ୍ୟ ରୁ ବହୁସଂଖ୍ୟ ରେ ସୁଇମର ମାନେ ଅଂଶଗ୍ରହନା କରିଥିଲେ। ସେହିପରି ଆଉ ଜଣେ ଦିବ୍ୟାଙ୍ଗ ଯୁବ କ୍ରୀଡ଼ାବିତ ସାନ ମେହେର ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲ ଗ୍ରାଉଣ୍ଡ ରେ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତାରେ ମଧ ଅଂଶ ଗ୍ରହଣ କରି ଆମ ପାଇଁ ଗୌରବ ଆଣିଛନ୍ତି। ଭାରତ ସରକାର ଓ ଆମ ରାଜ୍ୟ ସରକାର ଉଭୟ କ୍ରୀଡ଼ାବିତଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କଲେ ଆଗାମୀ ଦିନରେ ଦେଶ ତଥା ରାଜ୍ୟ ପାଇଁ ଆହୁରି ଉତ୍ସାହିତ ହୋଇ ଖେଳିବେ ବୋଲି ଆଶାପୋଷଣ କରିଥିଲେ। ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟ ଠାରେ ବରଗଡ଼ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ଓ ଏଟିଭର୍ସ ହେଲପିଙ୍ଗ ଫାଉଣ୍ଡେସନର ସଭାପତି ଯୁବ ସମାଜସେବୀ ଦିବାକର ମାଝୀ ,ବରଗଡ଼ ତଳିପଡ଼ା ର କନକ ପ୍ରଧକ୍ଷନ ଙ୍କ ସମେତ ବିଦ୍ୟାଳୟ ର କର୍ମଚାରୀ କାମଦେବ ବେହେରା, ବିକାଶ ଷଡ଼ଙ୍ଗୀ , ବିଜୟା ପଧାନ ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ଓ ଫାଉଣ୍ଡେସନ ପକ୍ଷରୁ ତିନି ପ୍ରତିଭା ଙ୍କୁ ଫୁଲଚନ୍ଦନ, ପୁଷ୍ପଗୁଚ୍ଛ ସହ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ୨ ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ




### ୨ ଜଣଙ୍କ ନାମରେ ଥିଲା ୩ ଲକ୍ଷ ଇନାମୀ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡାରେ ପୁଲିସ ନିକଟରେ ୩ ଲକ୍ଷ ଇନାମୀ ଦୁଇ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ଦୁଇ ମହିଳା ମାଓବାଦୀଙ୍କ ମଧ୍ୟରୁ ଜଣେ ଓଡ଼ିଶା ମାଲକାନଗିରି ଜିଲ୍ଲାର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ମାଲାଙ୍ଗିର ମାଓ ଏରିଆ କମିଟିରେ ସକ୍ରିୟ ଥିବା ଦୁଇ ମହିଳା ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ଓ ସେମାନେ ହେଲେ ପ୍ଲାଟୁନ ନମ୍ବର ୨୦ର ସଦସ୍ୟା ତଥା ୨ ଲକ୍ଷ ଇନାମୀ କୁମାରୀ ଭୀମେ ବେଟ୍ଟି ଓ ଏଲଓଏସ୍ ସଦସ୍ୟା ୧ ଲକ୍ଷ ଇନାମୀ କୁମାରୀ ଯୋଗୀ କୁଞ୍ଜମ ତେବେ ଭୀମେ ଓଡ଼ିଶାର ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଗୁଗାପଦର ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ଦାନ୍ତେୱାଡା ପୁଲିସ ଉପ ନିରୀକ୍ଷକ କମଳ ଲୋଚନ କାଶ୍ୟପ, ପୁଲିସ ଅଧୀକ୍ଷକ ଦାନ୍ତେୱାଡା ଗୌରବ ରାୟ ଅତିରିକ୍ତ ପୁଲିସ ଅଧୀକ୍ଷକ ସ୍ମୃତିକ ରାଜନାଲା, ଅତିରିକ୍ତ ପୁଲିସ ଅଧୀକ୍ଷକ ପୂଜା କୁମାର ଏବଂ ଦାନ୍ତେୱାଡାର ଅତିରିକ୍ତ ପୁଲିସ ଅଧୀକ୍ଷକ ରାମକୁମାର ବର୍ମନଙ୍କ ସମ୍ମୁଖରେ ଏହି ଦୁଇଜଣ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ନୀତି ଅନୁଯାୟୀ ସେମାନଙ୍କୁ ଥଇଥାନ କରାଯିବ।

## ରାଷ୍ଟ୍ରୀୟ ଲୋକଅଦାଲତ, ୨,୩୪୮ ଟି ମାମଲା ଫଇସଲା



ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ସିଭିଲକୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ ରାୟଗଡା ଜିଲ୍ଲା ଅଦାଲତ ସମେତ ଗୁଣୁପୁର, ବିଷମକଟକ, କାଶିପୁର, ପଦ୍ମପୁର ଓ ମୁନିଗୁଡା ଅଦାଲତରେ ଦୀର୍ଘ ଦିନ ଧରି ପଡିରହିଥିବା ୧୮୭ ଟି ମାମଲାର ଫଇସଲା ହୋଇ, ସମୁଦାୟ ଟ. ୫୧,୧୯,୪୭୪/-(ଏକାବନ ଲକ୍ଷ ଉଣେଇଶ ହଜାର ଚାରି ଶହ ଚଉସ୍ତରୀ) ଟଙ୍କା ର ସେଟେଲମେଣ୍ଟ କରାଯାଇଅଛି। ସେହିପରି ରାଜସ୍ୱ ସମ୍ବନ୍ଧିତ ୨୧୩୫ ଟି ମାମଲା ଫଇସଲା ହୋଇଅଛି । ପ୍ରିଲିଟିଗେସନ ସମ୍ବନ୍ଧିତ ୨୬ ଟି ମାମଲାର ଫଇସଲା ହୋଇ ସମୁଦାୟ ଟ.୭,୯୧,୬୦୦ (ସାତ ଲକ୍ଷ ଏକାନବେ ହଜାର ଛଅସହ) ଟଙ୍କା ର ସେଟେଲମେଣ୍ଟ କରାଯାଇଅଛି । ଏହି ଲୋକ ଅଦାଲତ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ । ଏଥିରେ ସ୍ଥାୟୀ ଲୋକଅଦାଲତର ଅଧକ୍ଷ 1 ଏସ.ଏ.କେ ଜାହିରା ଅହମଦ, ପରିବାର ଅଦାଲତର ବିଚାରପତି ସଞ୍ଜିତ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଅଞ୍ଜନା ସ୍ୱାଇଁ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅପର୍ନା ମହାପାତ୍ର, ମହିଳା କୋର୍ଟର ବିଚାରପତି ଶ୍ରୀମତି ସସ୍ମିତା ମିଶ୍ର, ବରିଷ୍ଟ ଦେୱାନି ବିଚାରପତି ଆଶିସ ପଟ୍ଟନାଏକ, ରେଜିଷ୍ଟ୍ରାର ରାଣା ଘୋସ୍, ଉପଖଣ୍ଡୀୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ବର୍ଷା ଦାସ, ଗ୍ରାମ ନ୍ୟାୟଧିକାରୀ, କୋଲନରା ଜ୍ୟୋତିରମୟୀ ଷଡଙ୍ଗୀ, ଜେ.ଏମ୍.ଏଫ୍.ସି ରିଚିମିଲନ ପାତ୍ର, ରାୟଗଡା ବାର ଆସୋସିଏସନର ସଭାପତି ପଦ୍ମନାଭ ଦାସ ସହିତ ଅନ୍ୟ ଆଇନଜୀବି ପ୍ରମୁଖ ଯୋଗଦେଇଥିଲେ । ଏହି ଲୋକ ଅଦାଲତ ଟିକୁ ସଫଳ କରିଥିବାରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟ ଜିଲ୍ଲାର ଜନସାଧାରଣ ତଥା ଆଇନଜୀବି ଓ ସରକାରୀ ଅଧିକାରୀ, ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

### ଏମ୍‌ଭି ୧୧୮ ଗ୍ରାମରେ ଜଳ ପାଲଟିଛି ଜହର

## ୫ ବର୍ଷରେ କିଡ୍‌ନୀ ରୋଗରେ ପାଞ୍ଚ ଜଣ ମଲେଣି



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ଚିତ୍ରାଙ୍ଗପାଲୀ ପଞ୍ଚାୟତ ଅନ୍ତର୍ଗତ ଏମଭି-୧୧୮ ଗ୍ରାମରେ କିଡନୀ ରୋଗ ବ୍ୟାପିବାରେ ଲାଗିଛି। ଏହି ଗ୍ରାମରେ ଗତ ୫ ବର୍ଷ ଭିତରେ ୫ ଜଣ କିଡନୀ ଜନିତ ରୋଗରେ ଶିକାର ହୋଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏବେ ବି ୩ ଜଣ କିଡନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁସହ ସଂଘର୍ଷ କରୁଛନ୍ତି। ଏହି ଗ୍ରାମର ସୁଶିଳା ମିସ୍ତ୍ରୀ ଓ ମଞ୍ଜୁ ବର୍ମନ ସହ ୫ଜଣ ରୋଗୀ ମୃତ୍ୟୁବରଣ କରିସାରିଥିବା ବେଳେ ବର୍ତ୍ତମାନ ଉଷା ବର୍ମନ, ମନୀନ୍ଦ୍ର ମଣ୍ଡଳ, ରଂଜନ ମଣ୍ଡଳ ଓ କିରଣ ବର୍ମନ ପରି ଅନେକ ଲୋକ କିଡନି ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ତେବେ ଗ୍ରାମର ପାଣି ଯୋଗୁଁ ଗ୍ରାମବାସୀ କିଡନି ରୋଗରେ ଆକ୍ରାନ୍ତ ହେଉଥିବା କୁହାଯାଇଛି। ଏମଭି-୧୧୮ ଗ୍ରାମରେ ୭୦ ପରିବାରରେ ୪ ଶହରୁ ଉର୍ଦ୍ଧ୍ୱ ଲୋକ ବସ କରନ୍ତି। ତେବେ ଗ୍ରାମରେ ରହିଛି ମାତ୍ର ୩ ଟି ନଳକୂପ, ଏହିସବୁ ନଳକୂଅରୁ ଗୋଳିଆ, ଲୌହମିଶା ପାଣି ବାହାରୁଥିବାରୁ ଏହି ପାଣି ପିଇ ଗ୍ରାମବାସୀ କିଡନି ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ଆଶାଦିଦି ବିଶାଖା ମଣ୍ଡଳ ସମେତ ପ୍ରିୟଙ୍କା ଜୋଦାର, ସୁଚିତ୍ରା ମଣ୍ଡଳ, ମନୀନ୍ଦ୍ର ମଣ୍ଡଳ ଓ ଦିନବନ୍ଧୁ ମଣ୍ଡଳ । ଏତେ ବଡ଼ ଗ୍ରାମରେ ମାତ୍ର ୩ଟି ନଳକୂଅ ରହିଥିବା ବେଳେ ଏହାର ପାଣି ପିଇବା ଉପଯୋଗୀ ହେଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ବର୍ତ୍ତମାନ ବିଶୁଦ୍ଧ ପାଣି ଟୋପାଏ ପାଇବା ପାଇଁ ଗ୍ରାମବାସୀମାନଙ୍କୁ ଅନେକ ସଂଘର୍ଷ କରିବାକୁ ପଡୁଛି । ନଳକୂଅ ଚାରିପାଖରେରେ ମହିଳାମାନଙ୍କ ଭିଡ଼ ଦେଖିବାକୁ ମିଳୁଛି । ସରକାର ପ୍ରତ୍ୟେକ ଗ୍ରାମରେ ବସୁଧା ଯୋଜନାରେ ଗ୍ରାମବାସୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ଡିଣ୍ଡିମ ପିଟୁଥିବା ବେଳେ ଏହି ଗ୍ରାମରେ ସାତସପନ ପାଲଟିଛି। ବସୁଧା ଯୋଜନାରୁ ଯାହାଫଳରେ ଏମଭି-୧୧୮ ଗ୍ରାମବାସୀ ବଞ୍ଚିତ ରହିଛନ୍ତି । ଏସଂପର୍କରେ ଗ୍ରାମବାସୀମାନେ ଚିତ୍ରାଙ୍ଗପାଲୀ ପଞ୍ଚାୟ ପଞ୍ଚାୟତ ଓ ବିଡିଓଙ୍କୁ ଜଣାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବସୁଧା ସୁଧା ଯୋଜନାରେ ଏହି ଗ୍ରାମକୁ ସାମିଲ କରାଯାଇପାରିନାହିଁ। ଯାହାଫଳରେ ଦୂଷିତ ପାଣି ପିଇ ଗ୍ରାମବାସୀମାନେ କିଡନୀ ଜନିତ ରୋଗ ସହ ଅନ୍ୟାନ୍ୟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗ୍ରାମ ମୁଣ୍ଡରେ ଥିବା ପୋଖରୀ ଶୁଖିବାକୁ ବସିଥିବାବେଳେ ପାଣି ଟୋପାଏ ପାଇବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଏକ କର୍ମଶାଳା ଓ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଉକ୍ତ କର୍ମଶାଳାରେ ଜିଲ୍ଲା ସୂଚନା ଓ ପ୍ରଯୁକ୍ତି ଅଧିକାରୀ ଗୁଣ ଶେଖର, ଓରମାସର ଡେପୁଟି ସି ଇ ଓ ମନୋଜ ପାତ୍ର, ରାୟଗଡ଼ ସ୍ୱୟଂ ଶାଶିତ ମହାବିଦ୍ୟାଳୟର ଅଧକ୍ଷା ବବିଲତା ସରାଫ, ଜିଲ୍ଲା ଦକ୍ଷତା ଅଧିକାରୀ ସ୍ୱର୍ଣ୍ଣଲତା ରାଉତ, ପ୍ରମୁଖ ଯୋଗ ଦେଇ ମହିଳା ମାନଙ୍କ ଆର୍ଥିକ ଉନ୍ନତି, ବୈଷୟିକ ଶିକ୍ଷା ଓ ମହିଳା ସଶକ୍ତିକରଣ, ଗ୍ରାମ୍ୟ ନିଯୁକ୍ତି ଓ ବଜାର ସହିତ ଯୋଗାଯୋଗରେ ମହିଳା ମାନଙ୍କ ଅବଦାନ ଭଳି ବିଷୟ ଗୁଡିକ ଉପରେ ଆଲୋଚନା କରିଥିଲେ । ଏହା ପରେ ଜିଲ୍ଲାସ୍ତରୀୟ ପାଳନ ଉତ୍ସବ ରେ ଯୋଗଦେଇ ଭାରପ୍ରାପ୍ତ ଜିଲ୍ଲାପାଳ ନିହାର ରଞ୍ଜନ ମହିଳା ଦିବସ, ମିଳିତ ଜାତି ସଂଘର ଘୋଷଣାନାମା, ଶିଶୁ ସୁରକ୍ଷା, ମହିଳା ସୁରକ୍ଷା, ମହିଳା ସଶକ୍ତିକରଣ ପାଇଁ ହୋଇଥିବା ଚୁକ୍ତିନାମା ବିଷୟରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ମଧୁସ୍ମିତା ବେହେରା, ସହକାରୀ ଜିଲ୍ଲାପାଳ ବିଚିତ୍ରା ସେଠି ପ୍ରମୁଖ ମହିଳା ମାନଙ୍କର ସମାଜ ପାଇଁ ଅବଦାନ ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ ସ୍ୱାଗତ ଭାଷଣ ପ୍ରସଙ୍ଗରେ ମହିଳା ମାନେ କିପରି ଧୀରେ ଧୀରେ ସ୍ୱାବଲମ୍ବୀ ହେଲେଣି ସେହି ବିଷୟରେ ଆଲୋକପାତ କରିଥିଲେ । ରାମନାଗୁଡ଼ା ବ୍ଲକର ଲିଲି କଣ୍ଡାଗରି ନିଜର ବାଲ୍ୟ ବିବାହ ରୋକିବା ସହିତ ନିଜ ଗାଁ ରେ ଅନ୍ୟମାନଙ୍କୁ ବୁଝାଇ ୭ ଟି ବାଲ୍ୟ ବିବାହ ରୋକିଥିବା ଯୋଗୁଁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ପୋଷଣ ଅଭିଯାନ ମାଧ୍ୟମରେ ନିଜ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକୁ ସୁଚାରୁରୂପେ ତୁଲାଇଥିବା ଯୋଗୁଁ ଗୁଡାରି ବ୍ଲକର ସିଡ଼ିପିଓଙ୍କୁ ଜିଲ୍ଲାରେ ଉତ୍ତମ ସିଡ଼ିପିଓ ଭାବେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଆହ୍ୱନଏଡ଼ର ଜିଲ୍ଲା ସଂଯୋଜକ ରତ୍ନେଶ୍ୱର ସାହୁ, ବରିଷ୍ଠ ରାଜସ୍ୱ ସହାୟକ ସୂର୍ଯ୍ୟ ନାରାୟଣ ନାୟକ, ସୁନିତା ମାଝୀ, ଶାନ୍ତନୁ ଚୌଧୁରୀ, ପୋଷଣ ଜିଲ୍ଲା ସଂଯୋଜିକା ମଧୁଲତା ଦଣ୍ଡସେନା, ଜିଲ୍ଲା ଜେଣ୍ଡର ସଂଯୋଜିକା ବାସନ୍ତୀ ଖୁଣ୍ଟିଆ, ବୈକୁଣ୍ଠ ପୀଡ଼ିକା ପ୍ରମୁଖ ପରିଚାଳନା କରିଥିଲା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଅନିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ କଦମଗୁଡା ଗ୍ରାମ ପାଞ୍ଚୟତ ଏବଂ ସିୱାଇଏସ୍‌ଡି ସାମାଜିକ ଅନୁଷ୍ଠାନର ମିଳିତ ଉଦ୍ୟମରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟ କ୍ରମରେ ସ୍ୱୟଂସହାୟିକା ଗୋଷ୍ଠୀର ୬୦ଜଣ ମହିଳା, ଅଙ୍ଗନୱାଡ଼ି ଏବଂ ଆଶାକର୍ମୀ, ଜୀବିକା ମିଶନ କର୍ମୀ ଏବଂ ସାମାଜିକ ଅନୁଷ୍ଠାନର କର୍ମୀମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କଦମଗୁଡା ଗ୍ରାମ ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟ ନାରାୟଣ ଝିଗିଡି ଏବଂ ସିୱାଇଏସ୍‌ଡି ସାମାଜିକ ଅନୁଷ୍ଠାନର କର୍ମୀ ଦେବଜିତ୍ ବେଉରା ପରିଚାଳନା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଖଇରପୁଟ ବ୍ଲକ ଉପାଧକ୍ଷା ସାବିତ୍ରୀ ମୁଦୁଲି ଏବଂ ଓଡ଼ିଶା ଜୀବିକା ମିଶନ ସଂଯୋଜକ ଚିନ୍ମୟ କୁମାର ସିଂ ଯୋଗ ଦେଇ କହିଥିଲେ ଯେ ନାରୀ ବଢିଲେ ଦେଶ ବଢିବ ଏବଂ ମହିଳା ମାନେ ଆଗାମୀ ଦିନରେ ସେମାନଙ୍କ ଭାଗିଦାରୀତା ସାମାଜିକ, ଆର୍ଥିକ ଏବଂ ରାଜନୈତିକ କ୍ଷେତ୍ରରେ ବଢାଇବା ଦରକାର। ଏହି କାର୍ଯ୍ୟ କ୍ରମରେ ସଫଳ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅର୍ଜୁନ ଗଉଡ଼, ସଦାଶିବ ହନ୍ତାଳ ଏବଂ ଗୁପ୍ତେଶ୍ୱର ଚାଲାଣ ସହଯୋଗ କରିଥିଲେ।






ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ଜିଲ୍ଲା ମହିଳା ମୋର୍ଚ୍ଚା ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଉମରକୋଟ ବିଜେପି କାର୍ଯ୍ୟାଳୟ ଠାରେ ମହିଳା ମାନେ ଓ ଭାଜପାର ବରିଷ୍ଠ ନେତୃବୃନ୍ଦ ମହିଳାଙ୍କ ଅଧିକାର, ନାରୀ ସମ୍ମାନ, ନାରୀ ଶକ୍ତି ର ଦକ୍ଷତା, ସ୍ୱାବଲମ୍ବି ଏବଂ ନାରୀ ଙ୍କ ବିନା ସମାଜର କଳ୍ପନା ଅସମ୍ଭବ ଏସବୁ ବିଷୟ ବସ୍ତୁ ଉପରେ ସମସ୍ତେ ନିଜ ନିଜ ର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏହି ମହିଳା ଦିବସ ମହିଳାଙ୍କ ଆତ୍ମଶକ୍ତି ବଢିବା ପାଇଁ ପ୍ରତିବର୍ଷ ପାଳନ କରାଯାଉଅଛି । କାର୍ଯ୍ୟକ୍ରମ ସମାପନ ପରେ କିଛି ସମାଜସେବୀ, ସ୍ୱାବଲମ୍ବି ମହିଳାଙ୍କୁ ଉପଢ଼ୌକନ ପ୍ରାଦାନ କରି ସମ୍ବର୍ଦ୍ଧନା ଦେବା ସହ ଉପହାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ସ୍କୁଲ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ଶ୍ରେଣୀ ବିଭାଗ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଭାଜପା ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ମହିଳା ସଭାନେତ୍ରୀ ସର୍ମିଷ୍ଠା ଦେଓ, ଜିଲ୍ଲା ସଭାପତି କୁଞ୍ଜବିହାରୀ ଦାସ, ମମତା ମହାରଣା, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ କୁମାର ପାଢୀ, ଜିଲ୍ଲା ସାଧାରଣ ସମ୍ପାଦିକା ମନ୍ଦିରା ନାୟକ ମଞ୍ଚ ପରିଚାଳନା କରିଥିଲେ ।



ନୂଆଦିଲ୍ଲୀ: ଉତ୍ତର ମହାସାଗରରେ ସୋମବାର ଏକ ମାଲବାହୀ ଜାହାଜ ଓ ତେଲ ଟ୍ୟାଙ୍କର ମଧ୍ୟରେ ଧକ୍କା ହେବା ଫଳରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ମାଲବାହୀ ଜାହାଜରୁ ୩୨ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଟ୍ୟାଙ୍କରରେ ଥିବା ୨୦ରୁ ଅଧିକ କର୍ମଚାରୀ ସୁରକ୍ଷିତ ଥିବା ସମ୍ପୃକ୍ତ ସିପିଂ କମ୍ପାନି କହିଛି। ତେବେ ଅନ୍ୟ କେତେଜଣଙ୍କୁ କୂଳକୁ ଅଣାଯାଇଛି ଓ ସେମାନଙ୍କ ଅବସ୍ଥା କିଭଳି ଅଛି ସେ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ସମ୍ବାଦ ସରବରାହ ସଂସ୍ଥା ବିବିସି ଦ୍ୱାରା ଜାରି ଏକ ଭିଡିଓରେ ଟ୍ୟାଙ୍କରରୁ ଘନ ଧୂଆଁ ବାହାରୁଥିବା ବେଳେ ଭୟଙ୍କର ଅଗ୍ନିକାଣ୍ଡର ଘଟିଥିବା ଜଣାପଡିଛି। ଟ୍ରାକିଂ ତଥ୍ୟ ଅନୁଯାୟୀ, ପର୍ତ୍ତୁଗିଜ ପତାକା ଥିବା କଣ୍ଟେନର ସୋଲୋଙ୍ଗର ଛିଡା ହୋଇଥିବା ବେଳେ ଆମେରିକା ପତାକାଧାରୀ ଷ୍ଟେନା ଇମେକ୍ୟୁଲେଟ୍ ଧକ୍କା ଦେଇଥିଲା।

## ମରିସସ୍ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବିବୃତ୍ତି



ନୂଆଦିଲ୍ଲୀ : ମରିସସ୍ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିବୃତ୍ତି ରଖିଛନ୍ତି, ସେ କହିଛନ୍ତି, ମୋର ବନ୍ଧୁ, ପ୍ରଧାନମନ୍ତ୍ରୀ ଡକ୍ଟର ନବୀନଚନ୍ଦ୍ର ରାମଗୁଲାମଙ୍କ ନିମନ୍ତ୍ରଣ କ୍ରମେ, ମୁଁ ମରିସସର ୫୭ତମ ଜାତୀୟ ଦିବସ ସମାରୋହରେ ଭାଗ ନେବା ପାଇଁ ମରିସସକୁ ଦୁଇ ଦିନିଆ ସରକାରୀ ଗସ୍ତରେ ବାହାରିଛି। ମରିସସ୍ ହେଉଛି ଏକ ଘନିଷ୍ଠ ସାମୁଦ୍ରିକ ପଡ଼ୋଶୀ, ଭାରତ ମହାସାଗରରେ ଏକ ପ୍ରମୁଖ ସହଯୋଗୀ ଏବଂ ଆଫ୍ରିକା ମହାଦେଶର ଏକ ପ୍ରବେଶ ଦ୍ୱାର । ଆମେ ଇତିହାସ, ଭୂଗୋଳ ଏବଂ ସଂସ୍କୃତି ଦ୍ୱାରା ଯୋଡ଼ି ହୋଇ ରହିଛୁ। ଗଭୀର ପାରସ୍ପରିକ ବିଶ୍ୱାସ, ଗଣତନ୍ତ୍ରର ମୂଲ୍ୟବୋଧ ଉପରେ ବିଶ୍ୱାସ ଏବଂ ବିବିଧତା ହେଉଛି ଆମର ଶକ୍ତି। ଲୋକମାନଙ୍କ ମଧ୍ୟରେ ଘନିଷ୍ଠ ଏବଂ ଐତିହାସିକ ସମ୍ପର୍କ ହେଉଛି ଆମ ସହଭାଗୀ ସମ୍ପର୍କର ଉତ୍ସ। ଗତ ଦଶ ବର୍ଷ ମଧ୍ୟରେ ଆମେ ଜନକୈନ୍ଦ୍ରିକ ପଦକ୍ଷେପ ସହିତ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛୁ। ମୁଁ ମରିସସ୍ ନେତୃତ୍ୱ ସହିତ ଏହାର ସମସ୍ତ କ୍ଷେତ୍ରରେ ଆମର ଭାଗିଦାରୀକୁ ଉନ୍ନତ କରିବା ଏବଂ ଆମ ଲୋକଙ୍କ ପ୍ରଗତି ଓ ସମୃଦ୍ଧି ତଥା ଭାରତ ମହାସାଗର ଅଞ୍ଚଳରେ ସୁରକ୍ଷା ଏବଂ ବିକାଶ ପାଇଁ ଆମର ସ୍ଥାୟୀ ବନ୍ଧୁତ୍ୱକୁ ମଜବୁତ କରିବା ପାଇଁ ଆମର ଭିଜନ୍ ସାଗରର ଅଂଶ ଭାବରେ କାର୍ଯ୍ୟ କରିବାର ସୁଯୋଗକୁ ଅପେକ୍ଷା କରିଛି। ମୋର ବିଶ୍ୱାସ ଯେ ଏହି ଗସ୍ତ ଅତୀତର ମୂଳଦୁଆକୁ ସୁଦୃଢ଼ କରିବ ଏବଂ ଭାରତ ଓ ମରିସସ୍ ସମ୍ପର୍କରେ ଏକ ନୂତନ ଓ ଉଜ୍ଜ୍ୱଳ ଅଧ୍ୟାୟ ସୃଷ୍ଟି କରିବ।

### ପ୍ରମୁଖ ଫସଲ ଉତ୍ପାଦନର ଦ୍ୱିତୀୟ ଆଗୁଆ ଆକଳନ ଜାରି କଲା କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ

## ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସରକାର କୃଷି କ୍ଷେତ୍ରର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି: ମନ୍ତ୍ରୀ



ନୂଆଦିଲ୍ଲୀ : କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ୨୦୨୪-୨୫ ବର୍ଷ ପାଇଁ ପ୍ରମୁଖ ଫସଲ (ଖରିଫ ଓ ରବି) ଉତ୍ପାଦନର ଦ୍ୱିତୀୟ ଆଗୁଆ ଆକଳନ ଜାରି କରିଛି। କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ ପ୍ରମୁଖ କୃଷି ଫସଲର ତଥ୍ୟକୁ ଅନୁମୋଦନ ଏବଂ ଉନ୍ମୋଚନ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର କୃଷି କ୍ଷେତ୍ରର ବିକାଶ ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି । କୃଷି ମନ୍ତ୍ରଣାଳୟ ବିଭିନ୍ନ ଯୋଜନା ମାଧ୍ୟମରେ କୃଷକମାନଙ୍କୁ ସହାୟତା ଏବଂ ପ୍ରୋତ୍ସାହନ ପ୍ରଦାନ କରୁଛି, ଯାହା ଫଳରେ ଫସଲ ଉତ୍ପାଦନରେ ରେକର୍ଡ ବୃଦ୍ଧି ଘଟିଛି। ରିମୋଟ୍ ସେନ୍ସିଂ, ପାଣିପାଗ ପର୍ଯ୍ୟବେକ୍ଷକ ଗୋଷ୍ଠୀ ଏବଂ ଅନ୍ୟାନ୍ୟ ଏଜେନ୍ସିମାନଙ୍କ ଠାରୁ ପ୍ରାପ୍ତ ସୂଚନା ସହିତ ରାଜ୍ୟଗୁଡିକରୁ ପ୍ରାପ୍ତ ଫସଲ କ୍ଷେତ୍ରକୁ ବୈଧ କରାଯାଇଛି। ଏହାବ୍ୟତୀତ କୃଷି ଓ କୃଷକ କଲ୍ୟାଣ ବିଭାଗ (ଡିଏଆଣ୍ଡଏଫଡବ୍ଲ୍ୟୁ) ଖରିଫ ଓ ରବି ଋତୁ ପାଇଁ ସେମାନଙ୍କ ମତାମତ ଗ୍ରହଣ କରିବା ପାଇଁ ଶିଳ୍ପ ଏବଂ ଅନ୍ୟାନ୍ୟ ସରକାରୀ ବିଭାଗର ପ୍ରତିନିଧିମାନଙ୍କ ସହ ଅଂଶୀଦାରଙ୍କ ପରାମର୍ଶ ପାଇଁ ପଦକ୍ଷେପ ନେଇଛି। ଆକଳନ ଚୂଡ଼ାନ୍ତ କରିବା ସମୟରେ ଏହାକୁ ମଧ୍ୟ ବିଚାରକୁ ନିଆଯାଇଛି। ଖରିଫ ଧାନ ଉତ୍ପାଦନ ୨୦୨୩-୨୪ ରେ ୧୧୩୨.୫୯ ଏଲଏମଟି ତୁଳନାରେ ୧୨୦୬.୭୯ ଏଲଏମଟି ଆକଳନ କରାଯାଇଛି, ଯାହା କି ୭୪.୨୦ ଏଲଏମଟି ବୃଦ୍ଧି ଦର୍ଶାଉଛି । ରବି ଚାଉଳ ଉତ୍ପାଦନ ୧୫୭.୫୮ ଲକ୍ଷ ମେଟ୍ରିକ୍ ଟନ୍ ହେବ ବୋଲି ଆକଳନ କରାଯାଇଛି। ଗହମ ଉତ୍ପାଦନ ୧୧୫୪.୩୦ ଏଲଏମଟି ବୋଲି ଆକଳନ କରାଯାଇଛି, ଯାହା ପୂର୍ବ ବର୍ଷ ୧୧୩୨.୯୨ ଏଲଏମଟି ଉତ୍ପାଦନ ତୁଳନାରେ ୨୧.୩୮ ଏଲଏମଟି ଅଧିକ ଅଟେ। ଶ୍ରୀ ଅନ୍ନ (ଖରିଫ) ଉତ୍ପାଦନ ୧୩୭.୫୨ ଏଲଏମଟି ଏବଂ ଶ୍ରୀ ଅନ୍ନ (ରବି) ର ଉତ୍ପାଦନ ୩୦.୮୧ ଏଲଏମଟି ହେବ ବୋଲି ଆକଳନ କରାଯାଇଛି। ଏହାବ୍ୟତୀତ ନ୍ୟୁଟ୍ରି/ମୋଟା ଶସ୍ୟ (ଖରିଫ) ଉତ୍ପାଦନ ୩୮୫.୬୩ ଏଲଏମଟି ଏବଂ ନ୍ୟୁଟ୍ରି/ମୋଟା ଶସ୍ୟ (ରବି) ଉତ୍ପାଦନ ୧୭୪.୬୫ ଏଲଏମଟି ହେବ ବୋଲି ଆକଳନ କରାଯାଇଛି। ହରଡ଼ ଏବଂ ଚଣାର ଉତ୍ପାଦନ ଯଥାକ୍ରମେ ୩୫.୧୧ ଏଲଏମଟି ଏବଂ ୧୧୫.୩୫ ଏଲଏମଟି ଏବଂ ମସୁର ଉତ୍ପାଦନ ୧୮.୧୭ ଏଲଏମଟି ଆକଳନ କରାଯାଇଛି। ଖରିଫ ଓ ରବି ଚିନାବାଦାମ ଉତ୍ପାଦନ ଯଥାକ୍ରମେ ୧୦୪.୨୬ ଏଲଏମଟି ଓ ୮.୮୭ ଏଲଏମଟି ହେବ ବୋଲି ଆକଳନ କରାଯାଇଛି । ଗତ ବର୍ଷ ଖରିଫ ଚିନାବାଦାମ ଉତ୍ପାଦନ ୮୬.୬୦ ଲକ୍ଷ ମେଟ୍ରିକ୍ ଟନ୍ ତୁଳନାରେ ଖରିଫ ଚିନାବାଦାମ ଉତ୍ପାଦନ ୧୭.୬୬ ଲକ୍ଷ ମେଟ୍ରିକ୍ ଟନ୍ ଅଧିକ ରହିଛି। ସୋୟାବିନ୍ ଉତ୍ପାଦନ ୧୫୧.୩୨ ଏଲଏମଟି ବୋଲି ଆକଳନ କରାଯାଇଛି ଯାହା ପୂର୍ବ ବର୍ଷର ୧୩୦.୬୨ ଏଲଏମଟି ଉତ୍ପାଦନ ତୁଳନାରେ ୨୦.୭୦ ଏଲଏମଟି ଅଧିକ ଏବଂ ରେପସିଡ ଏବଂ ସୋରିଷ ଉତ୍ପାଦନ ୧୨୮.୭୩ ଏଲଏମଟି ଆକଳନ କରାଯାଇଛି । କପା ଉତ୍ପାଦନ ୨୯୪.୨୫ ଲକ୍ଷ ବସ୍ତା (୧୭୦ କିଲୋଗ୍ରାମ ଲେଖାଏଁ) ଏବଂ ଆଖୁ ଉତ୍ପାଦନ ୪୩୫୦.୭୯ ଲକ୍ଷ ଏଲଏମଟି ହେବ ବୋଲି ଆକଳନ କରାଯାଇଛି ।ଏହି ଆକଳନ ମୁଖ୍ୟତଃ ରାଜ୍ୟଗୁଡିକରୁ ପ୍ରାପ୍ତ ସୂଚନା ଆଧାରରେ ପ୍ରସ୍ତୁତ କରାଯାଇଛି । ଦ୍ୱିତୀୟ ଅଗ୍ରୀମ ଆକଳନରେ ଖରିଫ ଓ ରବି ଋତୁ କୁ ଅନ୍ତର୍ଭୁକ୍ତ କରାଯାଇଛି, ଗ୍ରୀଷ୍ମ ଋତୁକୁ ତୃତୀୟ ଅଗ୍ରୀମ ଆକଳନରେ ଅନ୍ତର୍ଭୁକ୍ତ କରାଯିବ ।

## ଇଡି ଅଧିକାରୀଙ୍କ ଗାଡ଼ିକୁ ପଥର ମାଡ

ନୂଆଦିଲ୍ଲୀ: ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ଘରେ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚଢଉ କରିଥିଲା । ମଦ ଦୁର୍ନୀତି ମାମଲାରେ ଭିଲାଇ ସ୍ଥିତି ପୂର୍ବତନ ସିଏମଙ୍କ ଘରେ ଏହି ଚଢଉ ହୋଇଥିଲା । ତେବେ ଚଢଉ ଶେଷ କରି ଫେରିବା ବେଳେ ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ ହୋଇଥିବା ଜଣାପଡିଛି। ଏକ ଭିଡିଓ ସାମନାକୁ ଆସିଛି ଯେଉଁଥିରେ ଏକ କାର ଉପରକୁ ପଥର ଫିଙ୍ଗା ଯାଉଥିବା ଦେଖିବାକୁ ମିଳୁଛି । କାର ଭିତରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ଥିବା କୁହାଯାଉଛି । ତେବେ ଏହି ଭିଡିଓର ସତ୍ୟାସତ ସ୍ପଷ୍ଟ ହୋଇ ନାହିଁ । ଇଣ୍ଡିଆ ଟୁଡେ ରିପୋର୍ଟ ଅନୁସାରେ ଏହି ଘଟଣାରେ ପ୍ରବର୍ତ୍ତନ ଅଧିକାରୀ ଏଫଆଇଆର ଦାଖଲ କରିପାରେ। ଆଜି ସକାଳେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଛତିଶଗଡ଼ର ଦୁର୍ଗ ଜିଲ୍ଲାର ୧୪ଟି ସ୍ଥାନରେ ଚଢଉ କରିଥିଲା । ଏକ କଥିତ ମଦ ଦୁର୍ନୀତି ମାମଲାରେ ହୋଇଥିବା ଏହି ଚଢଉରେ ଭୂପେଶ ବାଘେଲ ଏବଂ ତାଙ୍କ ପୁଅ ଚୈତନ୍ୟଙ୍କ ବାସଭବନ ମଧ୍ୟ ସାମିଲ ଥିଲା। ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଏହା ଉପରେ କହିଥିଲେ ଯେ ଆଜି ସକାଳେ ତାଙ୍କ ବାସଭବନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ଉ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦ୍ୱାରା ବିରୋଧୀଙ୍କୁ 'ହଇରାଣ' କରିବା ପାଇଁ ଏକ 'ରାଜନୈତିକ ପ୍ରତିଶୋଧ' ଥିଲା । ବାଘେଲ ଦାବି କରିଛନ୍ତି ଯେ ସକାଳ ୭ଟା ୩୦ରେ ସେ ଚା' ପିଉଥିବା ସମୟରେ ଇଡି ଅଧିକାରୀମାନେ ତାଙ୍କ ଦୁର୍ଗ ବାସଭବନରେ ପହଞ୍ଚିଥିଲେ । ସେ ଆହୁରି ଅଭିଯୋଗ କରିଛନ୍ତି ଯେ ଯେତେବେଳେ ସେ ଇସିଆଇଆର୍ ନମ୍ବର ମାଗିଥିଲେ, ସେତେବେଳେ ତାଙ୍କୁ ତାହା ଦିଆଯାଇ ନଥିଲା, ଯାହା ଏକ ଏଫ୍ଆଇଆର୍ ସହିତ ସମାନ । ସେ ଆହୁରି ଅଭିଯୋଗ କରିଛନ୍ତି ଯେ ତାଙ୍କୁ ଛତିଶଗଡ଼ ବିଧାନସଭାରେ ଯୋଗ ଦେବାକୁ କିମ୍ବା ତାଙ୍କ ଫୋନ୍ ବ୍ୟବହାର କରିବାକୁ ଅନୁମତି ଦିଆଗଲା ନାହିଁ ।

## ଉପ-ନିରୀକ୍ଷକ ପଦବୀ ପାଇଁ ନିଯୁକ୍ତିପତ୍ର ବାଣ୍ଟିଲେ ବିଷ୍ଣୁଦେବ



ରାୟପୁର: ପୋଲିସ କେବଳ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ନାହିଁ। ପରନ୍ତୁ ଲୋକଙ୍କ ବିଶ୍ୱାସ ଏବଂ ସୁରକ୍ଷାର ପ୍ରତୀକ ହେବା ଜରୁରୀ ବୋଲି କହିଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ। ସୋମବାର ପୋଲିସ ବିଭାଗର ମୋନନୀତ ହୋଇଥିବା ୮୪୦ ଉପନିରୀକ୍ଷକଙ୍କୁ ନିଯୁକ୍ତିପତ୍ର ବଣ୍ଟନ ଅବସରରେ ଏହି ମନ୍ତବ୍ୟ ରଖିଛନ୍ତି ଶ୍ରୀ ସାଏ। ଏହି ଅବସରରେ ସେ ୪ଟି ନୂଆ ମହିଳା ଥାନାର ଉଦ୍‌ଘାଟନ କରି କହିଥିଲେ ଯେ, ଏହା ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ସହାୟକ ହୋଇପାରିବ। ସେ ଆହୁରି କହିଥିଲେ ପୋଲିସ କାର୍ଯ୍ୟ କେବଳ ଅପରାଧୀଙ୍କୁ ଧରିବା ପାଇଁ ନୁହେଁ। ସାଧାରଣ ଲୋକ ଯେପରି ନିର୍ବିଘ୍ନରେ ତଥା ସୁରକ୍ଷିତଭାବେ ଚଳପ୍ରଚଳ କରିପାରିବେ ତାହା ସୁନିଶ୍ଚିତ କରିବା ପୋଲିସର ଦାୟିତ୍ୱ। ପୋଲିସ ତାର କାର୍ଯ୍ୟଦକ୍ଷତା ବଳରେ ସମାଜରେ ଶାନ୍ତି, ବିଶ୍ୱାସ ଏବଂ ସହଭାଗିତାର ସଂପର୍କ ଯୋଡି ପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଶ୍ରୀ ସାଏ କହିଥିଲେ ରାଜ୍ୟ ସରକାର ସାଇବର ସୁରକ୍ଷା, ମହିଳା ସୁରକ୍ଷା ଏବଂ ନକ୍ସଲ ପ୍ରଭାବିତ ଅଞ୍ଚଳରେ ପୋଲିସ ବିଭାଗର କାର୍ଯ୍ୟକୁ ଅଧିକ ପ୍ରଭାବଶାଳି କରିବା ପାଇଁ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି। ନୂଆ ବୈଷୟିକ ସଂଶାଧନକୁ ବିନିଯୋଗ କରି ପୋଲିସ ଅଧିକ ଦକ୍ଷ ଓ ପ୍ରଭାବି ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରୀ ସାଏ ଯଶପୁର, ରାୟଗଡ, ଜଗଦଲପୁର ଏବଂ ଦାନ୍ତେୱାଡାରେ ୪ଟି ନୂଆ ମହିଳା ଥାନାର ଶୁଭାରମ୍ଭ କରିଥିଲେ। ସେ କହିଥିଲେ ଏହି ଥାନାଗୁଡିକ ମାଧ୍ୟମରେ ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯାଇପାରିବ। ରାଜ୍ୟର ପୋଲିସକୁ ଅଧିକ ସଶକ୍ତ କରିବା ପାଇଁ ନୂଆ ଯୋଜନାମାନ ପ୍ରଣୟନ କରାଯାଉଛି। ଏହି ଅବସରରେ ପୋଲିସ ମହାନିର୍ଦ୍ଦେଶକ ଅରୁଣଦେବ ଗୌତମ, ନବନିଯୁକ୍ତ ଅଧିକାରୀମାନଙ୍କୁ ସମ୍ବୋଧନ କରି କହିଥିଲେ, ଆଜିର ଦିନ ଆପଣମାନଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଦିବସ। ଆପଣ ପୋଲିସ ଚାକିରିରୁ ନିଜର ଚାକିରି ଜୀବନ ଆରମ୍ଭ କରୁଛନ୍ତି। ଜଣେ ସଶକ୍ତ ପୋଲିସ ଅଧିକାରୀଭାବେ ଆପଣ ଯେପରି ନିଜର ଦକ୍ଷତାକୁ ବଜାୟ ରଖିପାରିବେ ସେ ନେଇ କାର୍ଯ୍ୟ କରିବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ଆରଙ୍ଗ ବିଧାୟକ ଗୁରୁ ଖୁସ୍ୱନ୍ତ ସାହେବ, ଉପ ମୁଖ୍ୟସଚିବ ଗୃହ ବିଭାଗ ମନୋଜ ପିଙ୍ଗୁଆଙ୍କ ସହିତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମରିସସ୍ ପରେଡରେ ଅଂଶଗ୍ରହଣ କରିବ 'ଇମ୍ଫାଲ'



ନୂଆଦିଲ୍ଲୀ: ଭାରତୀୟ ନୌସେନା ଯୁଦ୍ଧ ଜାହାଜ 'ଇମ୍ଫାଲ' ସୋମବାର ମରିସସ ରାଜଧାନୀ ପୋର୍ଟ ଲୁଇସ୍ ବନ୍ଦରରେ ପହଞ୍ଚିଛି। ଏହି ଜାହାଜ ୧୨ ମାର୍ଚ୍ଚ ମରିସସ ଜାତୀୟ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବ। ଭାରତୀୟ ଯୁଦ୍ଧ ଜାହାଜର ଏହି ଯାତ୍ରା ମରିସସ ଜାତୀୟ ଦିବସ ଉତ୍ସବରେ ଭାଗ ନେଉଥିବା ଭାରତୀୟ ଯୁଦ୍ଧପୋତ ଓ ବିମାନଙ୍କ ପରମ୍ପରାକୁ ଧ୍ୟାନରେ ରଖି ନିର୍ଦ୍ଧାରିତ କରାଯାଇଛି। ଏହି ଜାହାଜରୁ ପରେଡରେ ଫ୍ଲାଇପାଷ୍ଟ ନିମନ୍ତେ ଏକ ମାର୍ଚ୍ଚିଂ ପ୍ଲାଟୁନ ସହିତ ନୌସେନା ବ୍ୟାଣ୍ଡ ଓ ହେଲିକପ୍ଟର ଅବତରଣ କରାଯିବ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଉତ୍ସବରେ ମୁଖ୍ୟ ଅତିଥି ହେବେ। ନୌସେନା ଅନୁସାରେ ମାର୍ଚ୍ଚ ୧୪ ତାରିଖ ପର୍ଯ୍ୟନ୍ତ ପୋର୍ଟ ଲୁଇସ୍ ରେ ଅବସ୍ଥାନ କାଳରେ ଭାରତୀୟ ଜାହାଜ କେତେକ ପ୍ରଶିକ୍ଷଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବ। ଏହା ଛଡା ମରିସସ ଜାହାଜଙ୍କ ସହିତ ଏକ ମିଳିତ ଇଇଜେଡ ନିରୀକ୍ଷଣ ଓ ଅଭ୍ୟାସ ଯୋଜନା ମଧ୍ୟ କରାଯାଇଛି। ଏହି ଅବସରରେ ହେବାକୁ ଥିବା ଆଲୋଚନାରେ ଭାରତର 'ନେବର ଫାଷ୍ଟ' ନୀତି ଓ କ୍ଷେତ୍ରରେ ସମସ୍ତଙ୍କ ଲାଗି ସୁରକ୍ଷା ଏବଂ ବିକାଶ ଦୃଷ୍ଟିକୋଣ ସଂଯୁକ୍ତ ରହିଛି। ଡିସେମ୍ବର ୨୦୨୩ରେ କମିଶନ କରାଯାଇଥିବା ଇମ୍ଫାଲ ୪ ପ୍ରୋଜେକ୍ଟ ୧୫ବି (ବିଶାଖାପାଟଣା ଶ୍ରେଣୀ)ର ସ୍ୱଦେଶୀ ଡିଷ୍ଟ୍ରୟର। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ସେନସର ଓ ମେସିନାରୀରେ ସମୃଦ୍ଧ ଏହା ବିଶ୍ୱର ସବୁଠୁ ବଡ଼ ଓ ବୈଷୟିକ ରୂପେ ସବୁଠୁ ଉନ୍ନତ ଯୁଦ୍ଧପୋତ ମଧ୍ୟରୁ ଅନ୍ୟତମ।

# ବାଣିଜ୍ୟ



ନୂଆଦିଲ୍ଲୀ: ମୋଦି କେୟାରର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ସମୀରମୋଦୀ ମୋଦୀ କେୟାରର ନୂଆ ଅଭିଯାନ 'ମୋଦୀୱେ-ଦି ନ୍ୟୁୱେ'ର ଶୁଭାରମ୍ଭ କରିଛନ୍ତି। ପ୍ରତ୍ୟକ୍ଷ ବିକ୍ରି ଦୃଶ୍ୟପଟ୍ଟରେ ରୂପାନ୍ତରଣ ଆଣି ମୋଦି କେୟାର ପକ୍ଷରୁ ବିଶ୍ୱସ୍ତରୀୟ, ବିଜ୍ଞାନ ସମର୍ଥିତ ସମାଧାନକୁ ଅସୀମ ଉଦ୍ୟମିତା ସୁଯୋଗ ସହିତ ସମନ୍ୱିତ କରିଛି। ଏହାହେଉଛି ଆର୍ଥିକ ସ୍ୱାଧୀନତା, ସାମଗ୍ରିକ କଲ୍ୟାଣ ଓ ବ୍ୟକ୍ତିଗତ ପରିପୂର୍ଣ୍ଣତାର ପ୍ରବେଶ ପଥ। ୧୯୯୬ରେ ମୋଦି କେୟାରର ପ୍ରତିଷ୍ଠାଠାରୁ ସମୀର କେ ମୋଦୀ ଭାରତର ପ୍ରତ୍ୟକ୍ଷ ବିକ୍ରି କ୍ଷେତ୍ରରେ ବିପ୍ଳବ ଆଣିଥିଲେ। ଏବେ 'ଦି ନ୍ୟୁୱେ' ଜରିଆରେସେ ପୁଣି ଥରେଏହି ଶିଳ୍ପରେ ରୂପାନ୍ତରଣ ଆଣିବାକୁ ଯାଉଛନ୍ତି। ମୋଦୀ କେୟାରର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସମୀର କେ ମୋଦୀ କହିଛନ୍ତି ଯେ, 'ମୋଦୀୱେ-ଦି ନ୍ୟୁୱେ, ଭବିଷ୍ୟତ ପାଇଁମୋର ଦୃଷ୍ଟିକୋଣ ଯାହ ।ଉଦ୍ଦେଶ୍ୟ, ପରିବର୍ତ୍ତନ ଏବଂ ସ୍ଥାୟୀ ପ୍ରଭାବରେ ଗଭୀର ଭାବରେ ଜଡ଼ିତ ହୋଇ ରହିଛି। ଏହି ପଦକ୍ଷେପ ଏକ ଆନ୍ଦୋଳନର ଶୁଭାରମ୍ଭ କରୁଛି ଯାହା ଫିଟନେସ୍ ଏବଂ କଲ୍ୟାଣକୁ ପ୍ରାଥମିକତା ଦେବା ସହିତ ଲୋକମାନଙ୍କ ପାଇଁ ସେମାନଙ୍କ ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବା ପାଇଁ ଅର୍ଥପୂର୍ଣ୍ଣ ସୁଯୋଗ ସୃଷ୍ଟିକରୁଛି। ଭାରତର ଉଦ୍ୟୋଗୀ ଭାବନା ଏବଂ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଉପରେ ବଢୁଥିବା ଧ୍ୟାନ ସହିତ ଆମେ ଏକ ଦେଶବ୍ୟାପୀ ପରିବର୍ତ୍ତନ ଆଣିବାକୁ ପ୍ରସ୍ତୁତ ଅଛୁ।

## ଟିପିଏସ୍ଓଡିଏଲ୍ ପକ୍ଷରୁ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ ପାଇଁ ବ୍ୟାପକ ପଦକ୍ଷେପ



ବ୍ରହ୍ମପୁର (ଭାସ୍କର ନ୍ୟୁଜ୍): ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ତଥା ଗୁଣାତ୍ମକ ବିଜୁଳି ସେବା ଯୋଗାଇବାରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ - ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପ୍ରତିବଦ୍ଧ ରହିଛି। କୃଷି ପାଇଁ ଆବଶ୍ୟକୀୟ ବିଦ୍ୟୁତ ସମେତ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦାକୁ ପୂରଣ କରିବା ପାଇଁ କମ୍ପାନୀ ପକ୍ଷରୁ ନବରଙ୍ଗପୁର ଜିଲ୍ଲାର ରାଇଘର, ଉମରକୋଟ ଓ ଏହାର ଆଖପାଖ ଅଞ୍ଚଳରେ ଏକ ବ୍ୟାପକ ଭିତ୍ତିଭୂମି ଉନ୍ନତିକରଣ ପଦକ୍ଷେପ ନିଆଯାଉଛି। ତିନୋଟି ପାୱାର ଟ୍ରାନ୍ସଫର୍ମର (ପିଟିଆର)କୁ ୫ ଏମଭିଏ ଏବଂ ଗୋଟିଏ ଟ୍ରାନ୍ସଫର୍ମରକୁ ୭.୫ ଏମଭିଏକୁ ଉନ୍ନତ ହେବା ଦ୍ୱାରା ସବଷ୍ଟେସନର କ୍ଷମତା ବୃଦ୍ଧି ପାଇଛି। ଯାହା ଫଳରେ ବଢୁଥିବା ବିଜୁଳି ଚାହିଦାକୁ ଏହା ପୂରଣ କରିପାରିବ। ବିଦ୍ୟୁତ ନେଟୱାର୍କକୁ ସୁଦୃଢ଼ କରିବା ସକାଶେ ଏକ ଦୀର୍ଘକାଳୀନ ସମାଧାନ ଭାବରେ ଓପିଟିସିଏଲର ତତ୍ତ୍ୱାବଧାନରେ ରାଇଘରରେ ଏକ ଗ୍ରୀଡ ସବଷ୍ଟେସନ (ଜିଏସ୍ଏସ୍) ନିର୍ମାଣ ଚାଲିଛି। ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏହି ଉନ୍ନତ ଭିତ୍ତିଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭିତ୍ତିଭୂମି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା (ଏମ୍ଏମ୍ଏସବିଜେ) ଅଧୀନରେ ଟିପିଏସ୍ଓଡିଏଲ୍ ପ୍ରାଇମେରୀ ସବଷ୍ଟେସନ ନିର୍ମାଣ କରୁଅଛି। ଏହିସବୁ ଭିତ୍ତିଭୂମି ବିକାଶ ପଦକ୍ଷେପ ସମେତ ସଞ୍ଚାରଣ ସାମର୍ଥ୍ୟ ଉନ୍ନତ କରିବା ପାଇଁ ଟିପିଏସ୍ଓଡିଏଲ୍ ୩୩ କେଭି ଏବଂ ୧୧ କେଭି ଲାଇନର ଉନ୍ନତିକରଣ ଦିଗରେ କାମ କରୁଅଛି। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଟିପିଏସ୍ଓଡିଏଲରେ ଆମେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ କରି ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ପ୍ରତିବଦ୍ଧ ଅଛୁ। ରାଇଘର, ଉମରକୋଟ ଏବଂ ଏହାର ଆଖପାଖ ଅଞ୍ଚଳରେ ଚାଲିଥିବା ନେଟୱାର୍କ ଉନ୍ନତିକରଣ ପଦକ୍ଷେପ ଦ୍ୱାରା ଭୋଲଟେଜ ସ୍ଥିରତା ବଜାୟ ରହିବ, ଏବଂ ସ୍ଥାନୀୟ ଅଞ୍ଚଳରେ ସାମାଜିକ-ଅର୍ଥନୈତିକ ବିକାଶରେ ଏହା ସହାୟକ ହେବ। ଭବିଷ୍ୟତ ପାଇଁ ଏକ ସୁଦୃଢ଼ ଏବଂ ସ୍ଥାୟୀ ବିଦ୍ୟୁତ ବିତରଣ ବ୍ୟବସ୍ଥା ଗଠନ କରିବାରେ ଅଭିନବତା ଓ ଦକ୍ଷତା ଉପରେ ଆମେ ଗୁରୁତ୍ୱ ଦେଉଅଛୁ।

## ଷ୍ଟେଟ୍ ବ୍ୟାଙ୍କର ସିଏସ୍‌ପିକୁ ଲୋକାର୍ପିତ କଲେ ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ : ଦେଶର ସର୍ବବୃହତ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏହାର ପ୍ରତିଷ୍ଠାର ୭୦ ବର୍ଷ ପୂର୍ତ୍ତି ଅବସରରେ ୧୯୫୫ ମସିହା ଜୁଲାଇ ପହିଲାରେ ଏହାର ପ୍ଲାଟିନମ୍ ଜୁବିଲି ଉତ୍ସବ ଆରମ୍ଭ କରିଥିଲା। ଏହି ଉତ୍ସବର ଏକ ଅଂଶ ଭାବରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୭୦ଟି ଶାଖା ଏବଂ ୫୦୧ଟି ମହିଳା ଗ୍ରାହକ ସେବା ପଏଂଟ (ସିଏସପି)କୁ ଉଦଘାଟନ କରିଥିଲେ। ଆର୍ଥିକ ସେବା ବିଭାଗ ସଚିବ ଏମ୍ ନାଗାରାଜୁ ଏବଂ ଏସବିଆଇର ଅଧକ୍ଷ ସିଏସ୍ ସେଟ୍ଟିଙ୍କ ଉପସ୍ଥିତିରେ ଏହି ଉଦ୍‌ଘାଟନ ହୋଇଥିଲା। ଏହି ଗସ୍ତ ସମୟରେ ଅର୍ଥମନ୍ତ୍ରୀ ବ୍ୟାଙ୍କର ଏକ ସ୍ୱତନ୍ତ୍ର ବୋର୍ଡ ବୈଠକରେ ଉଦ୍‌ବୋଧନ ଦେଇଥିଲେ। ଗ୍ରାହକମାନଙ୍କ ପାଇଁ ସେବା ଉପଲବ୍ଧତା ବଢ଼ାଇବା ଏବଂ ସମଗ୍ର ଦେଶରେ ବ୍ୟାଙ୍କ୍ ନଥିବା ଲୋକଙ୍କ ପାଖରେ ପହଂଚିବା ପାଇଁ ଏସବିଆଇ ଏହାର ଶାଖା ନେଟୱାର୍କକୁ ବିସ୍ତାର କରୁଛି। ନାଗାଲାଣ୍ଡର ପୁଘୋପୋଟୋ, ଓଡ଼ିଶାର ଇଟାମାଟି, କେରଳର ଚୁଲିମାନୁର, ଆନ୍ଧ୍ର ପ୍ରଦେଶର ପଳାସମୁଦ୍ରମ୍ ଏବଂ ତେଲେଙ୍ଗାନାର ଚିନ୍ନାମ୍ବାଭି ଭଳି ଗ୍ରାମରେ ଶାଖା ଉଦ୍‌ଘାଟନ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପ୍ରତି ବ୍ୟାଙ୍କର ଅତୁଟ ପ୍ରତିବଦ୍ଧତାର ପ୍ରମାଣ। ବ୍ୟାଙ୍କ ଏହାର ୧୭ଟି ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟରେ ୧୭ଟି ସିଏସଆର କାର୍ଯ୍ୟକ୍ରମ ପାଇଁ ୨୬ କୋଟି ଟଙ୍କା ଆବଂଟନ କରି ସାମାଜିକ ପ୍ରଭାବ ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି, ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ ସେବା ଏବଂ ପରିମଳ, ଜୀବିକା ବିକାଶ ଏବଂ ପରିବେଶ ନିରନ୍ତରତା କ୍ଷେତ୍ରରେ ପ୍ରକଳ୍ପଗୁଡ଼ିକୁ ସମର୍ଥନ କରୁଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ, 'ଏସବିଆଇ ୫୧ କୋଟିରୁ ଅଧିକ ଗ୍ରାହକଙ୍କ ବିଶ୍ୱସ୍ତ ଅଂଶୀଦାର ହୋଇ ରହିଛି ଯାହା ଅନେକ ଦେଶର ଜନସଂଖ୍ୟାଠାରୁ ଅଧିକ ଯାହା ସମସ୍ତ ଆୟ ବର୍ଗରେ ଅର୍ଥନୈତିକ ପ୍ରଗତି ପାଇଁ ଏହାର ଗଭୀର ପ୍ରତିବଦ୍ଧତାକୁ ଦର୍ଶାଉଛି।

## ପଙ୍କଜ ସତିଜାଙ୍କୁ ଗ୍ଲୋବାଲ ସଷ୍ଟେନେବଲ ମାଇନିଂ ଆୱାର୍ଡ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ଆୟୋଜିତ ତୃତୀୟ ଓଡ଼ିଶା ମାଇନିଂ ଏବଂ ଇନଫ୍ରାଷ୍ଟ୍ରକ୍‌ଚର କନକ୍ଲେଭ୍‌ରେ ଟାଟା ଷ୍ଟିଲ୍ ଫେରୋ ଆଲୟଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ୍ (ଏଫ୍ଏମ୍‌ଡି)ର ଏକଜିକ୍ୟୁଟିଭ୍-ଇନ୍-ଚାର୍ଜ୍ ପଙ୍କଜ ସତିଜାଙ୍କୁ ଗ୍ଲୋବାଲ ସଷ୍ଟେନେବଲ୍ ମାଇନିଂ ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତି ସତିଜାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶିଳ୍ପ କ୍ଷେତ୍ରରେ ନବସୃଜନ, ଦାୟିତ୍ୱବୋଧ ଏବଂ ପ୍ରଗତି ପାଇଁ ଶ୍ରୀ ସତିଜାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ପୁରସ୍କାର ଗ୍ରହଣ କରିବା ଅବସରରେ ଶ୍ରୀ ସତିଜା କହିଛନ୍ତି, ଏହି ସମ୍ମାନଜନକ ପୁରସ୍କାର ପାଇଁ ମୁଁ ମୋର କୃତଜ୍ଞତା ଜ୍ଞାପନ କରୁଛି । ଖଣିଜ ସଂରକ୍ଷଣ, ପରିବେଶ ସୁରକ୍ଷା ଏବଂ ସମାଜର ବିକାଶ ଦିଗରେ ଆମେ ନିରନ୍ତର ଭାବରେ ନବସୃଜନ ଆଣିବା ସହ ଦାୟିତ୍ୱବାନ ଖଣି ଅଭ୍ୟାସ ଆପଣାଇଥାଉ। ଉଲ୍ଲେଖନୀୟ ଯେ, ଶ୍ରୀ ସତିଜାଙ୍କ ନେତୃତ୍ୱରେ ଏଫ୍ଏମ୍‌ଡି ଦୀର୍ଘସ୍ଥାୟୀ ଖଣି ଖନନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏଥିରେ ଉନ୍ନତ ପ୍ରଯୁକ୍ତିବିଦ୍ୟା, ଜୈବ ବିବିଧତା ସଂରକ୍ଷଣ ପ୍ରୟାସ ଏବଂ ସମାଜ କଲ୍ୟାଣ ଉପକ୍ରମ ଆଦି ଅଭିହିତ କରାଯାଇଛି। ଟାଟା ଷ୍ଟିଲ୍‌ର ଇଏସ୍‌ଜି (ପରିବେଶ, ସାମାଜିକ ଏବଂ ପ୍ରଶାସନିକ) ସିଦ୍ଧାନ୍ତ ପ୍ରତି ପ୍ରତିବଦ୍ଧତା ହିଁ ଖଣି ଶିଳ୍ପରେ ମାନଦଣ୍ଡ ସ୍ଥାପନ କରିଛି। ପ୍ରକାଶ ଥାଉକି, ଓଡ଼ିଶା ମାଇନିଂ ଏବଂ ଇନଫ୍ରାଷ୍ଟ୍ରକଚର କନକ୍ଲେଭ ଏକ ବିଶ୍ୱସ୍ତରୀୟ ମଂଚ। ଏହା ଖଣି ଏବଂ ଭିତ୍ତିଭୂମି କ୍ଷେତ୍ରରେ ସ୍ଥାୟିତ୍ୱ, ନବସୃଜନ ଏବଂ ଅଭିବୃଦ୍ଧି ସହ ସମ୍ପୃକ୍ତ ସଂଗଠନ ବା ବ୍ୟକ୍ତିବିଶେଷଙ୍କୁ ଗୋଟିଏ ମଞ୍ଚରେ ଏକଜୁଟ କରିଥାଏ।

## ବିର୍ଲା ଟାୟାରରେ କାର୍ଯ୍ୟ ଆରମ୍ଭ କରିବ ହିମାଦ୍ରି

କଟକ (ଭାସ୍କର ନ୍ୟୁଜ୍) : ସ୍ପେଶାଲିଟି କେମିକାଲ କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ହିମାଦ୍ରି ସ୍ପେଶାଲିଟି କେମିକାଲ ଲିମିଟେଡ (ଏଚଏସସିଏଲ) ଓଡ଼ିଶାକୁ ତା'ର ମହତ୍ୱାକାଂକ୍ଷୀ ଅଭିବୃଦ୍ଧି ରଣନୀତିର କେନ୍ଦ୍ରବିନ୍ଦୁରେ ରଖିଛି। ଡାଲମିଆ ଭାରତ ରିଫ୍ରାକ୍ଟୋରିଜ୍ ଲିମିଟେଡ୍ (ଡିବିଆରଏଲ) ସହଯୋଗରେ ହିମାଦ୍ରି ବାଲେଶ୍ୱରସ୍ଥିତ ବିର୍ଲା ଟାୟାର କାରଖାନାରେ କାର୍ଯ୍ୟ ଆରମ୍ଭ କରିବା ସହିତ ଆଧୁନିକୀକରଣ ଦିଗରେ କାର୍ଯ୍ୟ ଆରମ୍ଭ କରିଛି। ବିର୍ଲା ଟାୟାରକୁ ପୂର୍ବ ଗୌରବକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ହିମାଦ୍ରି ଓଡ଼ିଶାର ବାଲେଶ୍ୱରରେ ଉତ୍ପାଦନ କାରଖାନାର ଆଧୁନିକୀକରଣ କରିବା, ଏହାର ଉତ୍ପାଦ ଉତ୍ପାଦନ ବୃଦ୍ଧି କରିବ, ଯାହା କି ଆଜିର ବଜାର ଚାହିଦା ଏବଂ ଭବିଷ୍ୟତର ବଜାର ଚାହିଦାକୁ ପୂରଣ କରିପାରିବ। ଏହା ୩୦ ଟିପିଡି କ୍ଷମତା ସହିତ କାର୍ଯ୍ୟ ଆରମ୍ଭ କରିବ ଏବଂ ଆଗାମୀ ୨୪ ରୁ ୩୬ ମାସ ମଧ୍ୟରେ ଉନ୍ନତ ଜ୍ଞାନକୌଶଳ ଏବଂ ଅଭିନବ ପ୍ରକ୍ରିୟା ବ୍ୟବହାର କରି ଉତ୍ପାଦନ କ୍ଷମତାକୁ ୩୦ ଟିପିଡିରୁ ୪୦୦ ଟିପିଡିକୁ ବୃଦ୍ଧି କରିବାକୁ କମ୍ପାନୀ ଯୋଜନା କରିଛି। ବାଲେଶ୍ୱରସ୍ଥିତ ବିର୍ଲା ଟାୟାର କାରଖାନା ଗତ ମାର୍ଚ୍ଚ ୨୧ ତାରିଖରୁ ଅଚଳ ହୋଇପଡ଼ିଛି। ବର୍ଦ୍ଧିତ ସଟଡାଉନ୍ ପରେ ଏବେ ଏହି ଅଞ୍ଚଳକୁ ଏକ ନୂତନ ଅର୍ଥନୈତିକ ଲାଇଫ୍ ଲାଇନ୍ ପ୍ରଦାନ କରି ପୁଣି ଥରେ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଉତ୍ପାଦନ ଓ ପ୍ରତିରକ୍ଷା ଶିଳ୍ପ ପାଇଁ ଜଣାଶୁଣା ଓଡ଼ିଶାର ପ୍ରମୁଖ ଶିଳ୍ପ କେନ୍ଦ୍ର ବାଲେଶ୍ୱରରେ ଏହି ଟାୟାର କାରଖାନା ଖୋଲିବା ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ରାଜ୍ୟର ଅର୍ଥନୀତିରେ ଯଥେଷ୍ଟ ଯୋଗଦାନ ମିଳିବ ବୋଲି ଆଶା କରାଯାଉଛି। ଉତ୍ପାଦନ କ୍ଷମତା ସମ୍ପ୍ରସାରଣରେ ଓଡ଼ିଶାର ବାଲେଶ୍ୱର ଉତ୍ପାଦନ ୟୁନିଟରେ କର୍ମଚାରୀ ବିକାଶ ପାଇଁ ଏକ ଗଠନମୂଳକ ଯୋଜନା ଅନ୍ତର୍ଭୁକ୍ତ, ଯେଉଁଥିରେ ପାଖାପାଖି ୬୦୦ କର୍ମଚାରୀଙ୍କ ଅନବୋର୍ଡିଂ ସହିତ ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବ।

## ବିମାନ ଫାଇନାନ୍ସ କ୍ଷେତ୍ରରେ ଆକ୍ସିସ୍ ବ୍ୟାଙ୍କର ସଫଳତା

ନୂଆଦିଲ୍ଲୀ: ଭାରତର ଅନ୍ୟତମ ଅଗ୍ରଣୀ ସର୍ବବୃହତ୍ ଘରୋଇ ବ୍ୟାଙ୍କ ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଗିଫ୍ଟ ସିଟି ଆଇଏଫ୍ଏସ୍‌ସିରେ ଥିବା ଅ'ର୍ଜାତୀୟ ବ୍ୟାଙ୍କିଙ୍ଗ ୟୁନିଟ୍ ଜରିଆରେ ଭାରତର ପ୍ରଥମ ବ୍ୟାଙ୍କ ଭାବେ ବିମାନ ଫାଇନାନ୍ସିଂ କାରବାର ସମ୍ପାଦନ କରାଯାଇଛି। ଟାଟା ଗ୍ରୁପର କମ୍ପାନି ଏୟାର ଇଣ୍ଡିଆର ପୂର୍ଣ୍ଣ ମାଲିକାନା ସହାୟକ କମ୍ପାନି ତଥା ଲିଜିଂ ଶାଖା ଏଆଇ ଫ୍ଲିଟ୍ ସର୍ଭିସେସ୍ ଲିମିଟେଡ୍ (ଏଆଇଏଫ୍ଏସ୍) ପାଇଁ ଏହି ଐତିହାସିକ ଚୁକ୍ତି ହୋଇଛି। ଭାରତର ବିମାନ ଫାଇନାନ୍ସ କ୍ଷେତ୍ରରେ ଏହା ହେଉଛି ଏକ ପ୍ରମୁଖ ସଫଳତା ଯାହା ପାରମ୍ପରିକ ଭାବେ ଅନ୍ତର୍ଜାତୀୟ ବ୍ୟାଙ୍କଗୁଡ଼ିକ ପାଖରେ ରହିଥିଲା। ଏହି ଚୁକ୍ତିରେ ୩୪ଟି ପ୍ରଶିକ୍ଷଣ ବିମାନ କିଣିବା ଲାଗି ଦୀର୍ଘକାଳୀନ ଡଲାର ଋଣ ପ୍ରଦାନ କରାଯାଇଛି ଯାହା ଏୟାର ଇଣ୍ଡିଆର ମହାରାଷ୍ଟ୍ରର ଅମରାବତୀରେ ସ୍ଥାପନ କରାଯାଉଥିବା ପାଇଲଟ୍ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବ୍ୟବହାର କରାଯିବ। ତାହା ଭାରତର ସର୍ବବୃହତ୍ ପାଇଲଟ୍ ତାଲିମ ହବ୍‌ରେ ପରିଣତ ହେବ ଯାହା ଦେଶର ବିମାନ ଚଳାଚଳ ଭିତିଭୂମି ସମ୍ପ୍ରସାରଣ ପ୍ରତି ଯୋଗଦାନ ପ୍ରଦାନ କରିବ ।ଭାରତର ବ୍ୟାଙ୍କିଙ୍ଗ ଇତିହାସରେ ପ୍ରଥମ ଥର ପାଇଁ କାରବାରର ସମସ୍ତ ପ୍ରମୁଖ ଅଂଶୀଦାର ଯଥା ଋଣଦାତା, ଋଣଦାତା, ଆଇନ ଫାର୍ମ, ଫାସିଲିଟି ଏଜେଂଟ୍ ଏବଂ ସୁରକ୍ଷା ଏଜେଂଟ୍ ଗିଫ୍ଟ ସିଟିରେ ରହିଛନ୍ତି। ଭାରତ ସରକାର ବିଶ୍ୱ ବିମାନ ଚଳାଚଳ ଫାଇନାନ୍ସ କେନ୍ଦ୍ରର ବିକଳ୍ପ ଭାବରେ ଗିଫ୍ଟ ସିଟିକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ଏହି କ୍ଷେତ୍ରରେ ଆକ୍ସିସ ବ୍ୟାଙ୍କର ନେତୃତ୍ୱ ସେହି ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆକ୍ସିସ୍ ବ୍ୟାଙ୍କର ଉପପରିଚାଳନା ନିର୍ଦ୍ଦେଶକ ରାଜୀବ ଆନନ୍ଦ କହିଛନ୍ତି ଯେ, 'ଆକ୍ସିସ୍ ବ୍ୟାଙ୍କରେ ଆମେ ଭାରତର ଦୀର୍ଘମିଆଦୀ ଅର୍ଥନୈତିକ ଅଭିବୃଦ୍ଧିକୁ ସଶକ୍ତ କରିବା ପାଇଁ ଆର୍ଥିକ ଉଦ୍ଭାବନର ସୀମାକୁ ଆଗକୁ ବଢ଼ାଇବାରେ ବିଶ୍ୱାସ କରୁଛୁ। ଆମର ଗିଫ୍ଟ ସିଟି ଆଇବିୟୁ ଟିମ୍ ଦ୍ୱାରା ସ୍ଥାପିତ ଏହି ଅଗ୍ରଣୀ ବିମାନ ଆର୍ଥିକ ଚୁକ୍ତି ଭାରତ ମଧ୍ୟରେ ଏକ ସୁଦୃଢ଼ ବିମାନ ଫାଇନାନ୍ସ ବ୍ୟବସ୍ଥା ସୃଷ୍ଟି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏୟାର ଇଣ୍ଡିଆର ମୁଖ୍ୟ ଆର୍ଥିକ ଅଧିକାରୀ ସଞ୍ଜୟ ଶର୍ମା କହିଛନ୍ତି ଯେ, 'ଏୟାର ଇଣ୍ଡିଆ ଭିହାନ୍ ଏଆଇ ପାଂଚ ବର୍ଷର ପରିବର୍ତ୍ତନ ଯାତ୍ରା ଆରମ୍ଭ କରିଛି। ୫୭୦ଟି ବିମାନ ପାଇଁ ବରାଦ ଦେଇଛି ଏବଂ ଏହି ବିମାନଗୁଡ଼ିକର ଆର୍ଥିକ ସହାୟତା ପାଇଁ ଗିଫ୍ଟ ସିଟି ଗୁରୁତ୍ୱପୂର୍ଣ୍ଣ ହେବ।

## ଜିଲ୍ଲାସ୍ତରୀୟ ଭିଟାମିନ-ଏ ସିରୋପ ବିତରଣ କାର୍ଯ୍ୟକ୍ରମ

ମାଲକାନଗିରି ଜିଲ୍ଲାରେ ଶିଶୁମାନଙ୍କର ବାଲ୍ୟବସ୍ଥାରେ ଦୃଷ୍ଟିଶକ୍ତି ଅଭାବ ବା ଅନ୍ଧାରକଣା ରୋଗ ରକ୍ଷା ନିମନ୍ତେ ଭିଟାମିନ-ଏ ସିରୋପ ବଣ୍ଟନ କାର୍ଯ୍ୟକ୍ରମ ତା ୦୫.୦୨.୨୦୨୫ ରିଖ ଠାରୁ ଆରମ୍ଭ ହେଇଛି। ଏହି କାର୍ଯ୍ୟକ୍ରମ ଅନୁସାରେ ଶିଶୁର ବୟସ ୯ ମାସ ଠାରୁ ଆରମ୍ଭ ହୋଇ ଏହା ଶିଶୁକୁ ୫୯ ମାସ ପର୍ଯ୍ୟନ୍ତ ସିରୋପ ଆକାରରେ ଦିଅଯାଏ। ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ଏ.ଏନ.ଏମ ଦିଦିମାନେ ସପ୍ତାହରେ ପ୍ରତ୍ୟେକ ବୁଧବାର ଟିକାକରଣ ଦିନ ଏହି ଭିଟାମିନ-ଏ ସିରପ ପିଆଇଥାନ୍ତି। ଶିଶୁର ବୟସ ୯ ମାସରୁ ୧୨ ମାସ ପର୍ଯ୍ୟନ୍ତ ୧ ମିଲିଗ୍ରାମ ଅର୍ଥାତ ଅଧା ଚାମଚ ଏବଂ ୧୨ ମାସରୁ ୫୯ ମାସ ପର୍ଯ୍ୟନ୍ତ ୨ ମିଲିଗ୍ରାମ ଅର୍ଥାତ ୧ ଚାମଚ ସିରୋପ ଦିଆଯାଇଥାଏ। ପ୍ରତ୍ୟେକ ଶିଶୁ ୫ ବର୍ଷ ମଧ୍ୟରେ ୯ ଥର ପ୍ରତ୍ୟେକ ୬ ମାସକୁ ଥରେ ଦିଆଯାଇଥାଏ ଏବଂ ଏହା ଫେବୃୟାରୀ ମାସ ଏବଂ ଅଗଷ୍ଟ ମାସର ଟିକାକରଣ ଦିବସରେ ଦିଆଯାଇଥାଏ। ଏହା ଶିଶୁର ମାନସିକ ବିକାଶ ନିମନ୍ତେ ମଧ୍ୟ ସାହାଯ୍ୟ କରିଥାଏ। ମିଳିମିଳା ରୋଗ ହେଲେ ଭିଟାମିନ-ଏ ସିରୋପ ପରିପୂରକ ଖାଦ୍ୟ ରୂପେ ମଧ୍ୟ କାମକରିଥାଏ। ଜିଲ୍ଲାରେ ସର୍ବମୋଟ ୬୨୦୦୦ ଜଣ ଶିଶୁଙ୍କୁ ଏହି ଭିଟାମିନ-ଏ ସିରୋପ ଖୁଆଇବାର ବ୍ୟବସ୍ଥା କରାଯାଇଛି। ଏଣୁ ଆପଣ ସମସ୍ତଙ୍କୁ ଅନୁରୋଧ ଆପଣଙ୍କ ୯ ମାସରୁ ୫ ବର୍ଷ ଶିଶୁଙ୍କୁ ଭିଟାମିନ-ଏ ର ୯ ଟି ମାତ୍ରା ଖୁଆଇ ଶିଶୁଙ୍କୁ ଦୃଷ୍ଟିଶକ୍ତି ଅଭାବ ବା ଅନ୍ଧାରକଣା ରୋଗରୁ ମୁକ୍ତ ରଖନ୍ତୁ।

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ମାଲକାନଗିରି

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ଦୁବାଇ: ଆଇସିସି ଚାମ୍ପିଅନ୍ସ ଟ୍ରଫି ମୁକୁଟ ପିନ୍ଧିଛି ଟିମ୍ ଇଣ୍ଡିଆ । ପ୍ରଥମ ଦେଶ ଭାବେ ତୃତୀୟ ଥର ଟାଇଟଲ ହାତେଇଛି ଭାରତ । ରୋହିତ ଶର୍ମାଙ୍କ ନେତୃତ୍ୱରେ ବିରାଟ ବିଗ୍ରେଡ୍ ଏହି କାରମାନ କରି ଦେଖାଇଛି । ଫାଇନାଲ୍ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪ ୱିକେଟ୍ ମାତ୍ ଦେଇ ଚାମ୍ପିଆନ୍ ହୋଇଛି । ଫାଇନାଲ୍ ଜିତିବା ପରେ ଦୁବାଇରୁ ଦିଲ୍ଲୀ ସବୁଠି ସେଲିବ୍ରେସନ । ହୋଲି ପୂର୍ବରୁ ଦେଶରେ ଦୀପାବଳିର ମାହୋଲ । କ୍ରିକେଟ୍ ଫ୍ୟାନ୍ସଙ୍କ ନାଚ ଗୀତରେ ଝୁମୁଛି ଦେଶ । ତେଣୁ ଏଥିରୁ ବାଦ୍ ପଡ଼ିନାହାନ୍ତି ପୂର୍ବତନ ଭାରତୀୟ କ୍ରିକେଟର ସୁନିଲ୍ ଗାଭାସ୍କର । ଟିମ୍ ଇଣ୍ଡିଆ ଟ୍ରଫି ଉଠାଇବା ପରେ ଗାଭାସ୍କରଙ୍କ ଜବରଦସ୍ତ ସେଲିବ୍ରେସନ ଦେଖିବାକୁ ମିଳିଛି । ଦୁବାଇ ଇଷ୍ଟନ ନ୍ୟାଶନାଲ୍ ଗ୍ରାଉଣ୍ଡରେ ଛୋଟ ପିଲାଙ୍କ ଭଳି ନାଚିବାକୁ ଲାଗିଥିଲେ । ଏହା ପୂର୍ବ ଭାରତ-ପାକିସ୍ତାନର ଏକ ମ୍ୟାଚ୍ ମଧ୍ୟ ନାଚିଥିଲେ ସୁନିଲ ଗାଭାସ୍କର । ସୂଚନା ଅନୁଯାୟୀ, ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ପୂର୍ବତନ କ୍ରିକେଟର ସୁନିଲ୍ ଗାଭାସ୍କର ଷ୍ଟାର ସ୍ପୋର୍ଟସ ପକ୍ଷରୁ ଭାଷ୍ୟକାର ଭାବେ ସାମିଲ୍ ହୋଇଥିଲେ । ମ୍ୟାଚ୍ ସରିବା ପରେ ଗ୍ରାଉଣ୍ଡରେ ଲାଇଭ୍ ଦେଉଥିଲେ । କିଛି ସମୟ ଲାଇଭ୍ ଦେବା ପରେ, ଯେତେବେଳେ ଟିମ୍ ଇଣ୍ଡିଆ ଟ୍ରଫି ଧରି ସେଲିବ୍ରେସନ ଆରମ୍ଭ କରିଥିଲା, ଏହି ସମୟ ନିଜକୁ ସମ୍ଭାଳି ପାରିନଥିଲେ ଏଗି ଦିଗଜ କ୍ରିକେଟର । ସେ ଦୁବାଇ ଇଷ୍ଟର ନ୍ୟାଶନାଲ ଷ୍ଟାଡିୟମରେ ଏକ ଛୋଟ ପିଲା ପରି ନାଚିବାକୁ ଲାଗିଥିଲେ । ସହଯୋଗୀ ଭାଷ୍ୟକାର ମୟନ୍ତି ଲାଙ୍ଗର ଏବଂ ରବିନ୍ ଉଥାପା ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।

### ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶ

## ଆଇପିଏଲ୍‌ରେ ପ୍ରସାରଣ ହେବନି ତମାଖୁ, ମଦ୍ୟପାନ ବିଜ୍ଞାପନ




ନୂଆଦିଲ୍ଲୀ: ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସଂସ୍କରଣ ମାର୍ଚ୍ଚ ୨୨ରୁ ଆରମ୍ଭ ହେବ । ଏବେ ଠାରୁ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି । ଯାହା ପାଇଁ ସମସ୍ତ ଦଳ ନିଜ ନିଜ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି । ୧୩ଟି ସ୍ଥାନରେ ଖେଳାଯିବ ମୋଟ ୭୪ଟି ମ୍ୟାଚ୍ । କିନ୍ତୁ ଏହା ପୂର୍ବରୁ ଆଇପିଏଲ ଅଧ୍ୟକ୍ଷଙ୍କୁ ଏକ ଚିଠି ଲେଖିଛି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ । ଏହି ସମୟରେ, ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ ଆଇପିଏଲ ସମୟରେ ତମାଖୁ ଏବଂ ମଦ ବିଜ୍ଞାପନ ଉପରେ ନିଷେଧ ସମ୍ପର୍କରେ ଆଇପିଏଲ ଅଧ୍ୟକ୍ଷଙ୍କୁ ଏକ ଚିଠି ଲେଖିଛନ୍ତି । ଚିଠିରେ ଲେଖାଯାଇଛି ଯେ ବର୍ତ୍ତମାନ ଭାରତରେ ମଧୁମେହ, ଫୁସଫୁସ ରୋଗ, କର୍କଟ ଭଳି ଗମ୍ଭୀର ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହି ରୋଗଗୁଡ଼ିକର ବୃଦ୍ଧିର ମୁଖ୍ୟ କାରଣ ହେଉଛି ତମାଖୁ ଏବଂ ମଦ୍ୟପାନ । ତମାଖୁ ଯୋଗୁ ସର୍ବାଧିକ ମୃତ୍ୟୁ ସଂଖ୍ୟା ଦୃଷ୍ଟିରୁ ଭାରତ ଦ୍ୱିତୀୟ ସ୍ଥାନରେ ଅଛି । ପ୍ରତିବର୍ଷ ଭାରତରେ ୧୪ ଲକ୍ଷ ଲୋକ ମଦ୍ୟପାନ ଯୋଗୁ ମୃତ୍ୟୁବରଣ କରୁଛନ୍ତି । ପୂର୍ବରୁ, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ୍ୟ କ୍ରୀଡା ଟୁର୍ନାମେଣ୍ଟ ସମୟରେ ମଦ୍ୟପାନ ଏବଂ ତମାଖୁର ପ୍ରଚାର ଉପରେ ନିଷେଧ କରିବାକୁ ସୁପାରିଶ କରିଥିଲା । ଚିଠିରେ ଲେଖାଯାଇଛି, ଆଇପିଏଲ୍ ମ୍ୟାଚ ସମୟରେ ଷ୍ଟାଡିୟମ ଭିତରେ ଏବଂ ବାହାରେ ପ୍ରସାରଣ ପ୍ଲାଟଫର୍ମରେ ସମସ୍ତ ପ୍ରକାରର ତମାଖୁ ଏବଂ ମଦ୍ୟପାନ ବିଜ୍ଞାପନକୁ ନିଷିଦ୍ଧ କରନ୍ତୁ । ଯୁବପିଢ଼ିଙ୍କ ପାଇଁ ଆଦର୍ଶ ହୋଇ, କ୍ରୀଡ଼ା ଜଗତ ସହିତ ଜଡିତ ଲୋକମାନେ କୌଣସି ପ୍ରକାରେ ମଦ ଏବଂ ତମାଖୁ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହିତ କରିବା ଉଚିତ୍ ନୁହେଁ । ଚଳିତ ବର୍ଷ ଆଇପିଏଲ୍ ୨୨ ମାର୍ଚ୍ଚରୁ ଆରମ୍ଭ ହେଉଛି । ଏହା ଦେଶର ସବୁଠାରୁ ବଡ଼ କ୍ରୀଡା ଇଭେଣ୍ଟ । ଆଇପିଏଲ୍ ୨୦୨୫ ସିଜିନ୍ ୨୨ ମାର୍ଚ୍ଚରେ ଆରମ୍ଭ ହେବ । ଅର୍ଥାତ୍ ଏହି ଦିନ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍ ଖେଳାଯିବ । ୨୫ ମଇରେ ଅନୁଷ୍ଠିତ ହେବ ଫାଇନାଲ ମ୍ୟାଚ୍ । ସେହିଭଳି ଏଥର ଟୁର୍ଣ୍ଣାମେଣ୍ଟର ପ୍ଲେ ଅଫ୍ ମ୍ୟାଚ୍ ହାଇଦ୍ରାବାଦ ଏବଂ କୋଲକାତାରେ ଅନୁଷ୍ଠିତ ହେବ । ଏହି ଗ୍ରାଉଣ୍ଡରେ କ୍ୱାଲିଫାୟର-୨ ଏବଂ ଫାଇନାଲ ମ୍ୟାଚ୍ ମଧ୍ୟ ଖେଳାଯିବ । କ୍ୱାଲିଫାୟର-୧ ଏବଂ ଏଲିମିନେଟର ମ୍ୟାଚ୍ ହାଇଦ୍ରାବାଦରେ ଅନୁଷ୍ଠିତ ହେବ ।

## ଚାମ୍ପିୟନ ହେବା ପରେ ଧଳା କୋଟ୍ ପିନ୍ଧିବାର ରହସ୍ୟ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଇତିହାସରେ ୯ ମାର୍ଚ୍ଚ ୨୦୨୫ ଦିନଟି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଗଲା । ଏହି ଦିନ ଟିମ ଇଣ୍ଡିଆ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ତୃତୀୟ ଥର ପାଇଁ ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଛି । ଭାରତକୁ ବିଜୟ ଦେଇଥିବା ରବିନ୍ଦ୍ର ଜାଡେଜାଙ୍କ ଚାରିଟି ଇନିଂସ ସୋସିଆଲ ମିଡିଆରେ ବହୁଳ ଭାବରେ ଶେୟାର ହୋଇଛି । କିନ୍ତୁ ଏହି ସମୟରେ, ସବୁଠାରୁ ଚର୍ଚ୍ଚିତ କଥା ହେଉଛି ଭାରତୀୟ ଦଳକୁ ଦିଆଯାଇଥିବା ଧଳା କୋଟ୍ (ଧଳା ବ୍ଲେଜର) । ଚାମ୍ପିୟନ୍ସ ଟ୍ରଫି ଟୁର୍ନାମେଣ୍ଟ ୧୯୯୮ରେ ଆରମ୍ଭ ହୋଇଥିଲା, ବିଜେତା ଦଳକୁ ଧଳା ବ୍ଲେଜର ଦେବାର ପରମ୍ପରା ୨୦୦୯ରେ ଆରମ୍ଭ ହୋଇଥିଲା । ଆଇସିସିର ଅଫିସିଆଲ ୱେବସାଇଟରେ ଧଳା କୋଟ୍ ପଛରେ ଲୁଚି ରହିଥିବା ରହସ୍ୟ ପ୍ରକାଶ ପାଇଛି । ଆଇସିସି ଅନୁଯାୟୀ, ଧଳା କୋଟ୍ 'ସମ୍ମାନର ବ୍ୟାଜ' ଭାବରେ ଦିଆଯାଏ । ସରଳ ଭାଷାରେ କହିବାକୁ ଗଲେ, ଧଳା କୋଟ୍ ହେଉଛି ବିଜୟୀ ଦଳ ପ୍ରତି ସମ୍ମାନ, ଦୃଢ଼ ନିଷ୍ଠା ଏବଂ ମହାନତା ପ୍ରଦର୍ଶନ କରିବା । ଏହା ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବାର ଏକ ପ୍ରତୀକ ମଧ୍ୟ । ଧଳା ବ୍ଲେଜର ପାଇବା ବିଜେତା ଦଳ ଟ୍ରଫି ଜିତିବା ପାଇଁ ଯେଉଁ ଉତ୍ସାହ ଦେଖାଇଥିଲା ତାହା ମଧ୍ୟ ପ୍ରତିଫଳିତ କରେ । ଚାମ୍ପିୟନ୍ସ ଟ୍ରଫି ବିଜେତାଙ୍କୁ ଧଳା ବ୍ଲେଜର ପିନ୍ଧାଇବାର ପରମ୍ପରା ୨୦୦୯ରେ ଆରମ୍ଭ ହୋଇଥିଲା । ଏହି ୨୦୦୯ ଟୁର୍ନାମେଣ୍ଟ ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିଲା, ସେହିସମୟରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ଫାଇନାଲରେ ପହଞ୍ଚିଥିଲେ । ଫାଇନାଲରେ, ରିକି ପଣ୍ଟିଂଙ୍କ ଅଧିନାୟକତ୍ୱରେ ଅଷ୍ଟ୍ରେଲିଆ ଦଳ ନ୍ୟୁଜିଲାଣ୍ଡକୁ ୬ ଉଇକେଟ୍‌ରେ ପରାସ୍ତ କରି ଚାମ୍ପିୟନ୍ସ ଟ୍ରଫି ଟାଇଟଲ ଜିତିଥିଲା । ଅଷ୍ଟ୍ରେଲିଆ ପ୍ରଥମ ଦଳ ଥିଲା ଯାହାକୁ ସମ୍ମାନ ସ୍ୱରୂପ ଧଳା କୋଟ୍ ଦିଆଯାଇଥିଲା । ଏହି ଚିହ୍ନ ବିଜେତାମାନଙ୍କୁ ଅନ୍ୟ ଦଳଗୁଡ଼ିକଠାରୁ ଭିନ୍ନ କରେ ଏବଂ ଏହି ଟୁର୍ଣ୍ଣାମେଣ୍ଟକୁ ସ୍ୱତନ୍ତ୍ର କରିଥାଏ । ଏଥିସହିତ ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଦଳର କପ୍ ବୋର୍ଡ କାର୍ଯ୍ୟାଳୟରେ ରଖାଯାଏ, କିନ୍ତୁ ଧଳା କୋଟ୍ ବିଜୟୀ ଦଳର ପ୍ରତ୍ୟେକ ଖେଳାଳିଙ୍କ ପାଖରେ ରହିଥାଏ । ଯାହା ତାଙ୍କ ବିଜୟର ଏକ ସ୍ମୃତି ହୋଇ ତାଙ୍କ ପାଖରେ ରହେ । ପୂର୍ବରୁ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ନେତୃତ୍ୱରେ ଭାରତୀୟ ଦଳ ୨୦୧୩ରେ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା । ଏହା ପରେ, ସମଗ୍ର ଟିମ୍ ଧଳା ଜ୍ୟାକେଟ୍ ପିନ୍ଧି ଟ୍ରଫି ସହିତ ଫଟୋ ଉଠାଇଥିଲେ । ଯାହା ଏବେବି ଭାରତୀୟ ପ୍ରଶଂସକଙ୍କ ହୃଦୟରେ ଜୀବିତ ରହିଛି । ଆଉ ଆଜି ୧୨ ବର୍ଷ ପରେ ପୁଣି ଥରେ ଧଳା କୋର୍ଟ ପିନ୍ଧି ସାରା ଭାରତକୁ ଗୌରାବାନ୍ୱିତ କରିଛି ରୋହିତ ବାହିନୀ

## ଅବସରକୁ ନେଇ ମୁହଁ ଖୋଲିଲେ ଜାଡେଜା

ନୂଆଦିଲ୍ଲୀ : ଚାମ୍ପିୟନ୍ସ ଟ୍ରଫି ୨୦୨୫ ଟୁର୍ଣ୍ଣମେଣ୍ଟ ଆରମ୍ଭ ହେବା ପୂର୍ବରୁ ବିରାଟ କୋହଲି, ରୋହିତ ଶର୍ମା ଏବଂ ରବିନ୍ଦ୍ର ଜାଡେଜାଙ୍କ ଦିନିକିଆ ଫର୍ମାଟରୁ ଅବସର ନେବାର ଗୁଜବ ଶୀର୍ଷରେ ଥିଲା । ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ନିଜର ସ୍ପେଲ ସମାପ୍ତ କରିବା ପରେ ରବିନ୍ଦ୍ର ଜାଡେଜା ଯେତେବେଳେ ବିରାଟ କୋହଲିଙ୍କୁ ଆଲିଙ୍ଗନ କରିଥିଲେ, ଜାଡେଜାଙ୍କ ଅବସର ନେଇ ଗୁଜବ ପୁଣି ଥରେ ଜୋର ଧରିଥିଲା । ଏବେ ଜାଡେଜା ନିଜେ ତାଙ୍କ ଅବସର ଉପରେ ମୁହଁ ଖୋଲିଛନ୍ତି । ଜାଡ଼େଜା କହିଛନ୍ତି, ତାଙ୍କର ବର୍ତ୍ତମାନ ସନ୍ନ୍ୟାସ ନେବାର କୌଣସି ଉଦ୍ଦେଶ୍ୟ ନାହିଁ । ସେ ସୋମବାର ଇନଷ୍ଟା ଷ୍ଟୋରୀ ସେୟାର କରି ଲୋକଙ୍କୁ ଗୁଜବ ଉପରେ ଧ୍ୟାନ ନ ଦେବାକୁ ଅପିଲ୍ କରିଛନ୍ତି । ଜାଡ଼େଜା ଲେଖିଛନ୍ତି, କୌଣସି ବି ଅନାବଶ୍ୟକ ଗୁଜବ ପ୍ରଚାର କରନ୍ତୁ ନାହିଁ । ଉଲ୍ଲେଖନୀୟ ଜାଡ଼େଜା ଭାରତ ପାଇଁ ଏ ପର୍ଯ୍ୟନ୍ତ ୮୦ ଟେଷ୍ଟ, ୨୦୪ ଦିନିକିଆ ଓ ୭୪ ଟି-୨୦ ଅନ୍ତର୍ଜାତୀୟ ଖେଳି ସାରିଛନ୍ତି ।

### ସର୍ବ ଭାରତୀୟ ରେଳବାଇ ଟି -୨୦ କ୍ରିକେଟ୍ ଉଦ୍‌ଯାପିତ

## ମେଟ୍ରୋ ରେଲ୍‌ୱେ, ଦକ୍ଷିଣ ପୂର୍ବ ମଧ୍ୟ ରେଲ୍‌ୱେ ଓ ପୂର୍ବ ରେଲ୍‌ୱେ ନକ୍ ଆଉଟ୍‌କୁ ଉତ୍ତୀର୍ଣ୍ଣ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ଼ ଦ୍ୱାରା ଆୟୋଜିତ ୬୮ ତମ ଅଲ ଇଣ୍ଡିଆ ରେଲୱେ ଟି -୨୦ ପୁରୁଷ କ୍ରିକେଟ୍ ଚାମ୍ପିୟନଶିପ (ଏଲିଟ୍ ପୁଲ୍-ଏ) ୨୦୨୪-୨୫ ଉଦ୍‌ଯାପିତ ହୋଇଯାଇଛି । ମେଟ୍ରୋ ରେଲୱେ, ଦକ୍ଷିଣ ପୂର୍ବ ମଧ୍ୟ ରେଳ ଏବଂ ପୂର୍ବ ରେଳ, ନକ୍‌ଆଉଟ୍ ଫେଜ୍ ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟ ଗତ ୪ତାରିଖରୁ ଆରମ୍ଭ ହୋଇଛି । ଶେଷ ଦିନର ପ୍ରଥମ ମ୍ୟାଚ୍, ପୂର୍ବ ରେଲୱେ ଏବଂ ପଶ୍ଚିମ ମଧ୍ୟ ରେଲୱେ ମଧରେ ଅନୁଷ୍ଠିତ ହୋଇଥିଲା । ପୂର୍ବ ରେଲୱେ, ଏହି ମ୍ୟାଚକୁ ୬ ୱିକେଟରେ ଜିତିନେଇଥିଲା । ପୂର୍ବ ରେଲୱେର ଦୀପଞ୍ଜନ ମୁଖାର୍ଜୀ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ଦ୍ୱିତୀୟ ମ୍ୟାଚ୍, ମେଟ୍ରୋ ରେଲୱେ ଏବଂ ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ମଧରେ ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ ଏହି ମ୍ୟାଚକୁ ୭୬ ରନରେ ଜିତିଥିଲା । ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇର ଅଟଳ ଶର୍ମା, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ଶୁଭ୍ର ଜ୍ୟୋତି ମଣ୍ଡଳ, ଅତିରିକ୍ତ ଡିଭିଜନାଲ ରେଲୱେ ମ୍ୟାନେଜର (ଇନଫ୍ରା) ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ । ହିମାଦ୍ରି ଭୂଷଣ ବିଶ୍ୱାଳ, କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ସମସ୍ତ ଉତ୍ତୀର୍ଣ୍ଣ ଦଳକୁ ଅଭିନନ୍ଦନ ଜଣାଇବା ସହ ନକ୍‌ଆଉଟ୍ ଫେଜ୍ ପାଇଁ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି । ଏଲିଟ୍ ପୁଲ୍-ଏ ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍, କ୍ରୀଡା ସଚିବ ଏମ୍ ଜାକିରୁଦ୍ଦିନ ଏବଂ ଜ୍ୟୋତି ଶଙ୍କର ପାତ୍ର, ସହକାରୀ କ୍ରୀଡା ସଚିବ ତଥା ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନର ସଦସ୍ୟ ମାନଙ୍କ ଦ୍ୱାରା ଅନୁଷ୍ଠିତ ହେଉଛି ।

## ବିଶ୍ୱ ଚାମ୍ପିଅନ୍ସସିପ୍ : ଭାରତୀୟ ଦଳକୁ ଟଙ୍କା ବର୍ଷା



ନୂଆଦିଲ୍ଲୀ : ଭାରତ ନ୍ୟୁଜିଲାଣ୍ଡକୁ ଚାରି ୱିକେଟରେ ପରାସ୍ତ କରି ହାତେଇଛି ଚାମ୍ପିଅନ୍ସ ଟ୍ରଫି ୨୦୨୫ । ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ ଭାରତୀୟ ଦଳ ଉପରେ ଟଙ୍କାର ବର୍ଷା ହୋଇଛି । ରନର୍ସଅପ୍ ନ୍ୟୁଜିଲାଣ୍ଡ ଦଳକୁ ମଧ୍ୟ କୋଟି କୋଟି ଟଙ୍କା ମିଳିଛି । ଭାରତୀୟ ଦଳ ଓଉଉ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲରେ ନ୍ୟୁଜିଲାଣ୍ଡକୁ ଚାରି ୱିକେଟରେ ପରାସ୍ତ କରିଥିଲା । ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଦଳକୁ ଜିତିବା ପାଇଁ ୨୫୨ ରନ୍‌ର ଟାର୍ଗେଟ ଦିଆଯାଇଥିଲା । ଯାହାକୁ ସେମାନେ ଗୋଟିଏ ଓଭର ବାକି ଥାଇ ହାସଲ କରି ନେଇଥିଲେ । ଭାରତୀୟ ଦଳ ତୃତୀୟ ଥର ପାଇଁ ଚାମ୍ପିଅନ୍ସ ଟ୍ରଫି ଜିତିଛି । ଭାରତୀୟ ଦଳ ପ୍ରଥମ ଥର ପାଇଁ ୨୦୦୨ ସିଜିନରେ ଚାମ୍ପିଅନ ହୋଇଥିଲା । ତା'ପରେ ଏହା ଶ୍ରୀଲଙ୍କା ସହିତ ମିଳିତ ଭାବରେ ଟାଇଟଲ ବାଣ୍ଟି ନେଇଥିଲା । ତା'ପରେ ଏମ୍ ଏସ୍ ଧୋନିଙ୍କ ନେତୃତ୍ୱରେ ଭାରତୀୟ ଦଳ ୨୦୧୩ରେ ଚାମ୍ପିଅନ୍ ହୋଇଥିଲା । ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତିବା ପରେ, ଭାରତୀୟ ଦଳ ଉପରେ ଟଙ୍କାର ବର୍ଷା ହୋଇଛି । ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଭାରତୀୟ ଦଳ ପ୍ରାୟ ୧୯.୪୮ କୋଟି ଟଙ୍କା (୨.୨୪ ନିୟୁତ ଡଲାର) ପାଇଛି । ଫାଇନାଲରେ ହାରିଥିବା ଦଳ, ଅର୍ଥାତ୍ ନ୍ୟୁଜିଲ୍ୟାଣ୍ଡ, ପ୍ରାୟ ୯.୭୪ କୋଟି ଟଙ୍କା (୧.୧୨ ନିୟୁତ ଡଲାର) ପାଇଥିଲା । ଓଉଉ ପୂର୍ବରୁ ପୁରସ୍କାର ରାଶି ଘୋଷଣା କରିଥିଲା । କିନ୍ତୁ, ସେମିଫାଇନାଲରେ ହାରିଥିବା ଦଳଗୁଡ଼ିକୁ ମଧ୍ୟ ସମାନ ପରିମାଣର ଅର୍ଥ ଦିଆଯାଇଥିଲା, ଅର୍ଥାତ୍ ପ୍ରାୟ ୪.୮୭ କୋଟି ଟଙ୍କା (୫,୬୦,୦୦୦ ଆମେରିକୀୟ ଡଲାର) । ଏହାର ଅର୍ଥ ହେଉଛି ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକାର ଦଳଗୁଡ଼ିକ ମଧ୍ୟ ଧନୀ ହୋଇଗଲେ । ଗ୍ରୁପ୍ ପର୍ଯ୍ୟାୟରୁ ବାଦ ପଡ଼ିଥିବା ଦଳଗୁଡ଼ିକୁ ମଧ୍ୟ ପୁରସ୍କାର ରାଶି ମିଳିଛି । ପଞ୍ଚମ ଏବଂ ଷଷ୍ଠ ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକ (ଆଫଗାନିସ୍ତାନ ଏବଂ ବାଂଲାଦେଶ) ସମାନ ପରିମାଣର ୩,୫୦,୦୦୦ (ପ୍ରାୟ ୩.୦୪ କୋଟି ଟଙ୍କା) ପାଇଛନ୍ତି । ଯେତେବେଳେ ସପ୍ତମ ଏବଂ ଅଷ୍ଟମ ସ୍ଥାନ ଅଧିକାର କରିଥିବା ଦଳଗୁଡ଼ିକ (ପାକିସ୍ତାନ ଏବଂ ଇଂଲଣ୍ଡ) ସମାନ ପରିମାଣର ୧,୪୦,୦୦୦ ଡଲାର (ପ୍ରାୟ ୧.୨୨ କୋଟି ଟଙ୍କା) ପାଇଛନ୍ତି । ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ପ୍ରତ୍ୟେକ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଗ୍ରୁପ୍ ପର୍ଯ୍ୟାୟରେ ମ୍ୟାଚ୍ ଜିତିବା ପାଇଁ ଦଳକୁ ୩୪୦୦୦ ଡଲାର (ପ୍ରାୟ ୨୯.୬୧ ଲକ୍ଷ ଟଙ୍କା) ମିଳିଥିଲା । ଏହା ବ୍ୟତୀତ, ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଆଠଟି ଦଳକୁ ୧,୨୫,୦୦୦ ଡଲାର (ପ୍ରାୟ ୧.୦୮ କୋଟି ଟଙ୍କା) ଗ୍ୟାରେଣ୍ଟି ଟଙ୍କା ଦିଆଯାଇଛି । ଏହି ଚାମ୍ପିଅନ୍ସ ଟ୍ରଫିରେ ଓଉଉ ମୋଟ ୬,୯ ଡଲାର ନିୟୁତ (ପ୍ରାୟ ୬୦ କୋଟି ଟଙ୍କା) ପୁରସ୍କାର ରାଶି ବଣ୍ଟନ କରିଛି । ଏହା ୨୦୧୭ ତୁଳନାରେ ୫୩ ପ୍ରତିଶତ ଅଧିକ ।


झारखण्ड सरकार
कार्यपालक अभियंता का कार्यालय
ग्रामीण विकास विशेष प्रमण्डल, हजारीबाग

ई– अति अल्पकालीन निविदा आमंत्रण सूचना

ई–निविदा सं0 :– RDSPL/SD/HZB/43/2024-25

1. कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या/ पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/43/ 01/2024-25 | ईचाक | मध्य विद्यालय, डाडीघाघर का चाहरदिवारी एवं अन्य विविध निर्माण कार्य। | 11403600.00 | 228100.00 | 10000.00 | 9 माह |
| 2. | RDSPL/SD/HZB/43/ 02/2024-25 | बरही | उत्क्रमित मध्य विद्यालय, बुढ़ीडीह में चाहरदिवारी, शौचालय एवं अन्य विविध निर्माण कार्य। | 14065100.00 | 281400.00 | 10000.00 | 9 माह |
| 3. | RDSPL/SD/HZB/43/ 03/2024-25 | दारु | उत्क्रमित मध्य विद्यालय, जमुआ का उन्नयन हेतु विविध निर्माण कार्य। | 15631800.00 | 312700.00 | 10000.00 | 9 माह |
| 4. | RDSPL/SD/HZB/43/ 04/2024-25 | चुरचू | ग्राम जरबा से काजरबागी होते हुए मुकरु जाने वाले मार्ग बुढ़ी नदी में पुल निर्माण। | 12151493.00 | 243100.00 | 10000.00 | 9 माह |

2. वेबसाइट में निविदा प्रकाशन की तिथि – 20.03.2025
3. ई–निविदा प्राप्ति की तिथि एवं समय – दिनांक 20.03.2025 से दिनांक 29.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –03.04.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, हजारीबाग

PR.NO.348231 Rural Development(24-25):D



झारखण्ड सरकार
कार्यपालक अभियंता का कार्यालय
ग्रामीण विकास विशेष प्रमण्डल, हजारीबाग

ई– अति अल्पकालीन निविदा आमंत्रण सूचना

ई–निविदा सं0 :– RDSPL/SD/HZB/44/2024-25

1. कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या/ पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RDSPL/SD/HZB/ 44/01/2024-25 | ईचाक | प्रा0वि0, जलौंध में चाहरदिवारी, चापानल एवं अन्य निर्माण कार्य। | 9536200.00 | 190800.00 | 10000.00 | 6 माह |
| 2. | RDSPL/SD/HZB/ 44/02/2024-25 | ईचाक | रा0प्रा0वि0, लोहड़ी का उन्नयन हेतु विविध निर्माण कार्य। | 5548200.00 | 111000.00 | 10000.00 | 6 माह |
| 3. | RDSPL/SD/HZB/ 44/03/2024-25 | ईचाक | प्राथमिक विद्यालय, कुटुमसुकरी में चाहरदिवारी एवं अन्य विविध निर्माण कार्य। | 8390100.00 | 167900.00 | 10000.00 | 6 माह |
| 4. | RDSPL/SD/HZB/ 44/04/2024-25 | ईचाक | उ0उच्च विद्यालय, फुफुंदी में कमरों की मरम्मति एवं चाहरदिवारी का निर्माण कार्य। | 8094500.00 | 161900.00 | 10000.00 | 6 माह |
| 5. | RDSPL/SD/HZB/ 44/05/2024-25 | बरही | उत्क्रमित मध्य विद्यालय, दुलमहा का उन्नयन हेतु विविध निर्माण कार्य। | 7404100.00 | 148100.00 | 10000.00 | 6 माह |
| 6. | RDSPL/SD/HZB/ 44/06/2024-25 | बरही | उत्क्रमित प्राथमिक विद्यालय, लखना का उन्नयन हेतु विविध निर्माण कार्य। | 6807300.00 | 136200.00 | 10000.00 | 6 माह |
| 7. | RDSPL/SD/HZB/ 44/07/2024-25 | विष्णुगढ़ | उत्क्रमित प्राथमिक विद्यालय, बाडीसीमर का उन्नयन हेतु विविध निर्माण कार्य। | 6000600.00 | 120100.00 | 10000.00 | 6 माह |

2. वेबसाइट में निविदा प्रकाशन की तिथि – 22.03.2025
3. ई–निविदा प्राप्ति की तिथि एवं समय – दिनांक 22.03.2025 से दिनांक 03.04.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –04.04.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,हजारीबाग

PR 348234 Rural Development(24-25).D



ASIRVAD MICRO FINANCE LTD

CIN U65923TN2007PLC064550
9th and 10th Floor, No 9, Club House Road, Anna Salai,
Chennai 600 002. Tamil Nadu.
Tel:044-42124493

ସୁନା ନିଲାମ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 25.03.2025 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ଗଚ୍ଛିତର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜିକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ

ବନ୍ଧକ ସୂଚୀ :

ଓଡ଼ିଶା ଅନୁଗୁଳ ବୋଇଣ୍ଡା – ଜିଏଲ୍ 329050700001835, 1841, 1843, 1846, 1874, 1903, 1907, ଛେଣ୍ଡିପଦା – ଜିଏଲ୍ 325270700002709, 2732, 2741, 2743, 2748, 325270730036551, 7074, କୋସଳା – ଜିଏଲ୍ 325600700003123, 3135, 3154, 3171, 3179, 3181, 3191, 3198, 325600730030028, 0511, ସୋନପୁର ଡୁଙ୍ଗୁରିପାଲି – ଜିଏଲ୍ 325580700004656, 4664, 4683, 4694, 4695, 4700, 4707, 4710, 4726, 4727, 4741, 4752, 4765, 4766, 4772, 4773, 4774, 4797, 325580730023836, 3837, ବାଲେଶ୍ୱର ବସ୍ତା – ଜିଏଲ୍ 325380700004423, 4437, 4449, 4465, 4476, 4482, 4488, 4507, 4513, 4515, 4518, 4533, 325380730037686, 7797, 7800, 7850, 7905, 7906, 7914, 8002, 8024, 8251, 8268, 8282, 8284, ଗୋପାଳପୁର – ଜିଏଲ୍ 329040700002587, 2588, 2605, 2632, 2650, 2663, 2678, 2679, 2695, 2712, 329040730011364, 1495, ମାର୍କୋଣା – ଜିଏଲ୍ 325620700002186, ଥାନାଛକ – ଜିଏଲ୍ 328280700002370, 2371, 2396, 2435, 328280730030576, 0661, 0777, 0786, 0852, ବାଲେଶ୍ୱର ବାଲିଆପାଳ – ଜିଏଲ୍ 325210700003645, 3658, 3674, 3684, 3690, 3692, 3695, 3697, 3700, 3710, 3720, 3738, 3746, 3750, 325210730020464, 0511, 0600, ବରଗଡ଼ ସୋହେଲା – ଜିଏଲ୍ 328960700002637, 2659, 2685, 2686, 2724, 328960730010899, ଭଦ୍ରକ 42 ମଉଜା – ଜିଏଲ୍ 325550700003105, 325550730007488, 7942, ତିହିଡ଼ା – ଜିଏଲ୍ 325010700006263, 6267, 6285, କଟକ ଚାନ୍ଦୋଳ – ଜିଏଲ୍ 325800700003451, 3470, 3477, 325800730030759, 0973, 1393, ନରସିଂହପୁର – ଜିଏଲ୍ 328970700002048, 2063, 2082, 2103, 2106, 2110, 2122, 2125, 328970730017106, 7359, ଦେବଗଡ଼ ଦେବଗଡ଼ – ଜିଏଲ୍ 325990700003323, 3520, 3523, 3524, 3530, 3535, 3541, 3546, 3547, 3548, 3549, 3553, 3557, 3561, 3567, 3571, 3572, 3573, 3574, 3582, 3584, 3591, 3597, 3600, 3605, 3609, 3610, 3621, ଢେଙ୍କାନାଳ ରସୋଲ – ଜିଏଲ୍ 325930700002208, 2218, 2239, 2248, 2260, 325930730009133, 9148, ଗଞ୍ଜାମ ବେଗୁନିଆପଡ଼ା – ଜିଏଲ୍ 328290700001682, 1926, 1927, 1956, ଚିକିଟି – ଜିଏଲ୍ 329570700001315, ଦିଗପହଣ୍ଡି – ଜିଏଲ୍ 327560700003026, 3031, 3034, 3075, 3114, 3153, 327560730013800, 4117, 4592, 327560750000004, ହିଞ୍ଜିଳିକାଟୁ – ଜିଏଲ୍ 327720730001442, ହୁମା – ଜିଏଲ୍ 325980700003367, 3385, 3388, 3402, 3405, 3406, 3410, 3427, 3431, 3434, 3441, ପୋଲସରା – ଜିଏଲ୍ 329220700001873, 1883, 1923, ରମ୍ଭା – ଜିଏଲ୍ 326580700002923, 3249, 3308, 3323, 3336, 3341, 3348, 3355, 3356, 3397, 3400, 3401, 3411, 326580730010031, 326580750000001, ଯାଜପୁର ଜାରକା – ଜିଏଲ୍ 325370700002882, ମଙ୍ଗଳପୁର – ଜିଏଲ୍ 325000700006681, 6686, 6703, 6711, 6736, 6749, 6752, 6753, 6754, 6761, 6782, 6796, ଯାଜପୁର ସିଂହପୁର – ଜିଏଲ୍ 327730700005191, 5205, 5210, 5236, 5239, 5255, 5268, 5295, 5300, 5302, 5316, 5327, 5335, 327730730027850, 7896, 7898, କେନ୍ଦ୍ରାପଡ଼ା ଆଳି – ଜିଏଲ୍ 325300700003247, 3251, 3263, 3269, 3274, 3278, 3279, 3280, 3311, 3322, 3327, 3368, 325300730038033, 8034, 8384, ରାଜନଗର – ଜିଏଲ୍ 325140700007662, 7663, 7669, 7676, 7697, 7704, 7720, 7721, 7733, 7755, 7763, 7765, 7783, 325140730064686, କେନ୍ଦୁଝର ଚମ୍ପୁଆ – ଜିଏଲ୍ 326000700002867, 2868, 2883, 2884, 2887, 2902, 2907, 2919, 2940, 326000730013753, 4458, ଢେଙ୍କାନାଳ – ଜିଏଲ୍ 327830700002955, 2974, 2977, 2995, 2997, 3003, 3005, 3006, 3012, 3017, 3022, 3038, 3040, ଝୁମ୍ପୁରା – ଜିଏଲ୍ 341800700001015, 1064, କେନ୍ଦୁଝର ଛେନାପଦି – ଜିଏଲ୍ 325490700004718, 4724, 4731, 4802, 4830, 4855, 4860, 325490730055974, 5986, 7398, ଖୋର୍ଦ୍ଧା ନିରାକାରପୁର – ଜିଏଲ୍ 325680700005810, 5812, 5813, 5822, 5824, 5827, 5864, 5918, 5921, 5973, 325680730079605, 9680, ମୟୁରଭଞ୍ଜ ବେଟନୋଟି – ଜିଏଲ୍ 328020700002918, 2933, 2935, 2949, 2953, 2958, 2964, 2967, 2971, 2985, 3010, 328020730021949, 2205, 2273, ଖୁଣ୍ଟା – ଜିଏଲ୍ 325390700002504, 2509, 2532, 2535, ବାଲେଶ୍ୱର ଖଇରା – ଜିଏଲ୍ 325220700002727, 2729, 2733, ପୁରୀ ଅସ୍ତରଙ୍ଗ – ଜିଏଲ୍ 325090700003118, 3125, 325090730066023, 6098, 6146, ଗୋପ – ଜିଏଲ୍ 325030700007342, 7355, 7387, 7388, 7417, 7426, 7430, 7449, 7453, 7456, 7480, 7481, 7486, 7506, 7510, 325030730064824, 5010, କାକଟପୁର – ଜିଏଲ୍ 325180700005426, 5519, 5559, 5574, 5593, 5629, ମାଲୁଦ – ଜିଏଲ୍ 328270700003965, 3982, 328270730071256, 1793, 1971, 2729, ପୁରୀ ବିନିକା ଜିଏଲ୍ 342670700000438, 0439, 0444, ଚନ୍ଦନପୁର – ଜିଏଲ୍ 325920700003665, 3686, 3689, 325920730043292, ସୋନପୁର – ଜିଏଲ୍ 325240700003522, 3525, 3532, 3544, 3548, 3559, 3582,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :– ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/– ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 9542500664 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ଆଶିରୱାଡ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍ ।



ଯଦି ଆପଣ ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ଦୃଷ୍ଟିଶକ୍ତି ଅସ୍ପଷ୍ଟ ହେବାରେ ଲାଗିଛି, ତେବେ ଏଠାରେ କିଛି ଖାଦ୍ୟ ଅଛି, ଯାହାକୁ ସେବନ କରିବା ଦ୍ୱାରା ଆଖି ସୁସ୍ଥ ରହିବା ସହ ଦୃଷ୍ଟିଶକ୍ତିରେ ଉନ୍ନତି ଆସିପାରିବ। କଣ ସେହି ସବୁ ଖାଦ୍ୟ, ଜାଣନ୍ତୁ...। ଆଖି ପାଇଁ ଗାଜର ସବୁଠାରୁ ଉପକାରୀ ଖାଦ୍ୟ ମଧ୍ୟରେ ଅନ୍ୟତମ। ଗାଜରରେ ବିଟା କାରୋଟିନ୍ ନାମକ ଏକ ଆଣ୍ଟି-ଅକ୍ସିଡାଣ୍ଟ ଥାଏ, ଯାହା ଆଖିର ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ ଏବଂ ଶରୀର ଏହାକୁ ଭିଟାମିନ୍-ଏ ତିଆରି କରିବାରେ ବ୍ୟବହାର କରିଥାଏ। ଦୃଷ୍ଟି ଶକ୍ତିରେ ଉନ୍ନତି ଆଣିବା ପାଇଁ ସାଲେମନ ଖାଇପାରିବେ। ସାଲେମନ ମାଛରେ ଓମେଗା-୩ ଫ୍ୟାଟି ଏସିଡ୍ ଭରପୂର ଥାଏ। ଏହାକୁ ଖାଇବା ଦ୍ୱାରା ଆଖି ଡ୍ରାଏ ହେବାର ସମ୍ଭାବନା ନଥାଏ ଏବଂ ସମ୍ପୂର୍ଣ୍ଣ ସୁସ୍ଥ ରହିଥାଏ। ବ୍ରୋକଲିରେ ଲ୍ୟୁଟିନ୍ ଏବଂ ଜିଆକ୍ସାଣ୍ଟିନ୍ ଭଳି ଉପାଦାନ ମଧ୍ୟ ରହିଥାଏ, ଯାହା ଆଖିକୁ ରକ୍ଷା କରିଥାଏ। ଆଖିକୁ ସୁସ୍ଥ ରଖିବା ପାଇଁ ଖାଦ୍ୟରେ ପାଳଙ୍ଗ ଅନ୍ତର୍ଭୁକ୍ତ କରନ୍ତୁ। ପାଳଙ୍ଗ କେବଳ ଆଖିକୁ ସୁସ୍ଥ ରଖେ ନାହିଁ, ଏହା ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏକ ଉତ୍ତମ ପରିବା। ଅଣ୍ଡାକୁ ସୁପରଫୁଡର ଆଖ୍ୟା ଦିଆଯାଇଛି। ଅଣ୍ଡା କେବଳ ପ୍ରୋଟିନର ଏକ ଉତ୍ତମ ଉତ୍ସ ନୁହେଁ, ଏଥିରେ ଜିଙ୍କ ଏବଂ ଭିଟାମିନ୍-ଏ ମଧ୍ୟ ରହିଥାଏ, ଯାହା ଆଖି ପାଇଁ ଜରୁରୀ। ଅଣ୍ଡା ଖାଇବା ଦ୍ୱାରା ଅନେକ ଆଖି ସମସ୍ୟା ଦୂର ହୋଇଯାଏ। ଭିଟାମିନ୍ ଏ ଏବଂ ଜିଙ୍କ ଥିବା ଦହି ଆଖି ପାଇଁ ଲାଭଦାୟକ।



# ଖରାଦିନେ ପଡୁଥିବା ସନ୍‌ଟ୍ୟାନ୍‌ରୁ କେମିତି ପାଇବେ ମୁକ୍ତି ?

*ଏବେ ଗ୍ରୀଷ୍ମ ଋତୁ ଆସୁଛି । ଖରାର ପ୍ରକୋପ ଧିରେ ଧିରେ ବଢ଼ିବାରେ ଲାଗିଲାଣି। ସମସ୍ତଙ୍କୁ ଜଣାଥିବ କି ସୂର୍ଯ୍ୟଙ୍କ ଅଧିକ ଉତ୍ତାପ ଯୋଗୁ ଆମର ଅନେକ ଶାରୀରିକ ସମସ୍ୟା ଦେଖା ଦେଇଥାଏ । ଖରାଦିନେ ସନବର୍ଣ୍ଣ, ସନଟ୍ୟାନ୍ ଭଳି ମୁହଁରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଉଥିବାରୁ ଅଧିକ ଯତ୍ନ ନେବା ଆବଶ୍ୟକ ହୋଇଥାଏ। ହେଲେ ସାମାନ୍ୟ ଧ୍ୟାନ ଦେଲେ ଆପଣଙ୍କ ତ୍ୱଚା ଖରାଦିନେ ବି ଫ୍ରେସ୍ ରହିବ।*

■ ଯେଉଁମାନଙ୍କର ତେଲିଆ ତ୍ୱଚା ସେମାନଙ୍କର ଖରାଦିନରେ ମୁହଁରୁ ପ୍ରବଳ ତେଲ ବାହାରିଥାଏ। ଏପରି ସ୍ଥଳେ ପାଖରେ ସବୁବେଳେ ଏକ ରୁମାଲ ରଖନ୍ତୁ। ତ୍ୱଚା ତେଲିଆ ଲାଗିଲେ ପୋଛି ଦିଅନ୍ତୁ। ଖରାଦିନେ ତ୍ୱଚାକୁ ବାରମ୍ୱାର ଧୋଇଲେ ବି ସୁଫଳ ମିଳିଥାଏ।

■ ଅତ୍ୟଧିକ ତେଲ ମସଲାଯୁକ୍ତ ଖାଆନ୍ତୁ ନାହିଁ। ଏହାଦ୍ୱାରା ତ୍ୱଚାରେ ବ୍ରଣ ପରି ସମସ୍ୟା ସୃଷ୍ଟି ହୋଇଥାଏ।

■ ଖରାକୁ ବାହାରିବା ପୂର୍ବରୁ ମୁହଁରେ ସନସ୍କ୍ରିନ ଲୋସନ୍ ନିଶ୍ଚିତ ଭାବେ ଲଗାନ୍ତୁ। ବାହାରୁ ଆସିବା ପରେ ସାଙ୍ଗେ ସାଙ୍ଗେ ମୁହଁକୁ ଥଣ୍ଡାପାଣିରେ ଧୁଅନ୍ତୁ। ସମ୍ଭବ ହେଲେ ଗୋଲାପ ଜଳରେ ପୋଛି ଟୋନର୍ ଲଗାଇ ନିଅନ୍ତୁ। ତ୍ୱଚା ଉପଯୁକ୍ତ ପୋଷଣ ପାଇବ।

■ ସପ୍ତାହରେ ଥରେ ନିଶ୍ଚିତ ଭାବେ ତ୍ୱଚାରେ କାକୁଡ଼ି ଓ ଟମାଟୋକୁ ଗୋଲ ଗୋଲ୍ କରି କାଟି ରଖନ୍ତୁ। ଏହାଦ୍ୱାରା କଳାଦାଗ ଭଳି ସମସ୍ୟା ଦୂର ହୋଇପାରିବ।

■ ପଇଡ଼ ପାଣି ତ୍ୱଚା ପାଇଁ ଖୁବ୍ ଉପକାରୀ। ତେବେ ଖରାଦିନେ ଏହାକୁ ଲଗାଇଲେ ବିଶେଷ ସୁଫଳ ମିଳେ। ସନବର୍ଣ୍ଣ, ସନଟ୍ୟାନ୍ ଭଳି ସମସ୍ୟାରୁ ମୁକ୍ତି ମିଳେ। ଏହାକୁ ଆପଣ ଫ୍ରିଜ୍‌ରେ ବି ରଖି ବ୍ୟବହାର କରିପାରିବେ।



■ ରାତିରେ ତ୍ୱଚାରେ ହଳଦୀ, ଚନ୍ଦନ ଲଗାଇ ଶୁଅନ୍ତୁ। ତ୍ୱଚା ପରିଷ୍କାର ରହିବା ସହ ସୁସ୍ଥ ରହିବ।

■ ସପ୍ତାହରେ ଥରେ ପାଚିଲା କଦଳୀ ସାହାଯ୍ୟରେ ଫେସିଆଲ୍ କରନ୍ତୁ। ପାଚିଲା କଦଳୀ ତ୍ୱଚାରୁ ମୃତକୋଷ ବାହାର କରିବା ସହ ତ୍ୱଚାକୁ ଥଣ୍ଡା ରଖିବ।

■ ଖରାରୁ ଆସିବା ପରେ ବେସନ ଏବଂ ଦହିର ପ୍ୟାକ୍ ମୁହଁରେ ଲଗାନ୍ତୁ। ତ୍ୱଚାର ସନ୍ତୁଳନ ବଜାୟ ରହିବ।



# ଡେବ୍ୟୁ କରିବେ ଅନୀଲ କପୁରଙ୍କ ଝିଆରୀ

ବଲିଉଡ୍‌ରେ ଖୁବ୍‌ଶୀଘ୍ର ଆଉ ଜଣେ ଷ୍ଟାର୍‌କିଡ୍ ଡେବ୍ୟୁ କରିବାକୁ ଯାଉଛନ୍ତି। ସେ ହେଉଛନ୍ତି ଅଭିନେତା ସଞ୍ଜୟ କପୁରଙ୍କ ଝିଅ ଶନାୟା କପୁର। ଶନାୟା ତାଙ୍କର ଡେବ୍ୟୁ ଫିଲ୍ମ 'ଆଖେଁ ଗୁଆଁ ଗୁସ୍ତାଖିଆଁ 'ର ସୁଟିଂ ଆରମ୍ଭ କରିଛନ୍ତି। ଏନେଇ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମ ସୁଟିଂ ସେଟ୍‌ର ଏକ ଫଟୋ ସେୟାର କରି ସୂଚନା ଦେଇଛନ୍ତି। ଏହି ଚଳଚ୍ଚିତ୍ରରେ ଶନାୟାଙ୍କ ବିପକ୍ଷରେ ଅଭିନେତା ବିକ୍ରାନ୍ତ ମେସି ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ସନ୍ତୋଷ ସିଂଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା 'ଆଖେଁ ଗୁଆଁ ଗୁସ୍ତାଖିଆଁ ' ଫିଲ୍ମର କାହାଣୀ ଲେଖିଛନ୍ତି ମାନ୍‌ସୀ ବାଗଲା ଏବଂ ନିରଞ୍ଜନ ଆୟର। ତେବେ ଏହି ଫିଲ୍ମର କାହାଣୀ ସମ୍ପର୍କରେ ସବିଶେଷ ତଥ୍ୟ ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ହୋଇନାହିଁ। ସେହିପରି 'ଆଖେଁ ଗୁଆଁ ଗୁସ୍ତାଖିଆଁ'ର ନିର୍ମାତାଙ୍କ ପକ୍ଷରୁ ଏବେ ସୁଦ୍ଧା ଫିଲ୍ମର ରିଲିଜ୍ ତାରିଖ ପ୍ରକାଶ କରାଯାଇନାହିଁ। ଶନାୟା ବଲିଉଡ୍ ଇଣ୍ଡଷ୍ଟ୍ରିର ଏକ ଖ୍ୟାତନାମା ପରିବାରରୁ ଆସନ୍ତି। ତାଙ୍କ ବାପା ସଞ୍ଜୟ କପୁର ବଲିଉଡ୍‌ରେ ଅଭିନେତା ଭାବେ ଅନେକ ଚଳଚ୍ଚିତ୍ରରେ କାମ କରିଥିଲେ ମଧ୍ୟ ବିଶେଷ ସଫଳତା ମିଳି ନ ଥିଲା। ଶନାୟାଙ୍କ ବଡ଼ବାପା ବୋନି କପୁର ବଲିଉଡ୍‌ର ଜଣେ ଖ୍ୟାତନାମା ଫିଲ୍ମ ନିର୍ମାତା ହୋଇଥିବାବେଳେ ତାଙ୍କର ଆଉଜଣେ ବଡ଼ବାପା ଅନିଲ କପୁର ଅଭିନେତା ଭାବେ ଇଣ୍ଡଷ୍ଟ୍ରିକୁ ଅନେକ ସଫଳ ଫିଲ୍ମ ଦେଇଛନ୍ତି। ଶନାୟାଙ୍କ ସମ୍ପର୍କୀୟ ଭଉଣୀ ସୋନମ କପୁର ମଧ୍ୟ ଅନେକ ବଲିଉଡ୍ ଫିଲ୍ମରେ ପ୍ରମୁଖ ଅଭିନେତ୍ରୀ ଭାବେ କାର୍ଯ୍ୟ କରିଛନ୍ତି।





# 'ଆଇଫା' ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପାଇଲେ 'ଲାପତା ଲେଡିଜ' ନାୟିକା

୨୦୨୫ ମସିହାର ଆଇଫା ପୁରସ୍କାରରେ ଶ୍ରେଷ୍ଠ ଅଭିନେତ୍ରୀ (ମହିଳା) ଘୋଷଣା ସମୟରେ ସମସ୍ତେ ସ୍ତବ୍ଧ ହୋଇଯାଇଥିଲେ। ବର୍ତ୍ତମାନ ପିଢ଼ିର ତିନି ଜଣ ସବୁଠାରୁ ଲୋକପ୍ରିୟ ମହିଳା ତାରକା ଥିଲେ, ତାଙ୍କ ସହିତ ସମୀକ୍ଷକମାନଙ୍କ ଦ୍ୱାରା ପ୍ରଶଂସିତ ପ୍ରଦର୍ଶନ ପାଇଁ ଜଣାଶୁଣା ଜଣେ ଶକ୍ତିଶାଳୀ କଳାକାର ମଧ୍ୟ ଥିଲେ। ତଥାପି, ସମସ୍ତଙ୍କୁ ୧୭ ବର୍ଷୀୟା ନବାଗତ ପରାସ୍ତ କରିଦେଇଥିଲେ। ପ୍ରତିଷ୍ଠିତ ଆଇଫା ପୁରସ୍କାର ୨୦୨୫ରେ, ଅଭିନେତା ନିତାଂଶୀ ଗୋଏଲଙ୍କ ଡେବ୍ୟୁଟାଣ୍ଟରୁ 'ଶ୍ରେଷ୍ଠ ଅଭିନେତ୍ରୀ' ପର୍ଯ୍ୟନ୍ତ ଯାତ୍ରା କିଛି ଅସାଧାରଣ ନଥିଲା। କିରଣ ରାଓଙ୍କ ପ୍ରଶଂସିତ ଚଳଚ୍ଚିତ୍ର ଲାପତା ଲେଡିଜ୍ ରେ ଡେବ୍ୟୁ କରିଥିବା ଏହି ଅଭିନେତ୍ରୀ ଫିଲ୍ମରେ ଫୁଲ କୁମାରୀ ଭୂମିକାରେ ଅଭିନୟ ପାଇଁ ପୁରସ୍କାର ଗ୍ରହଣ କରିବା ସମୟରେ ଭାବପ୍ରବଣ ହୋଇଯାଇଥିଲେ। ବରିଷ୍ଠ ଅଭିନେତା ବୋମାନ ଇରାନୀ ଏବଂ ବବି ଦେଓଲ ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ, ଏବଂ ନିତାଂଶୀ ଏକ ମନୋରମ ରୁବି-ଲାଲ ଗାଉନରେ ଉପସ୍ଥିତ ଲୋକଙ୍କୁ ଚକିତ କରିଦେଇଥିଲେ। ତଥାପି, ତାଙ୍କର ହୃଦୟସ୍ପର୍ଶୀ ଗ୍ରହଣୀୟ କଥା ହିଁ ଦର୍ଶକଙ୍କୁ ପ୍ରକୃତରେ ପ୍ରଭାବିତ କରିଥିଲା।

ଭାବପ୍ରବଣ ହୋଇ, ନୀତିଂଶୀ ପ୍ରାୟ ତାଙ୍କର ଲୁହକୁ ଚାପି ପକାଇଥିଲେ, ଏବଂ ଫିଲ୍ମର ଟିମ୍ ଏବଂ ତାଙ୍କ ପରିବାରକୁ ଧନ୍ୟବାଦ ଜଣାଇଥିଲେ। ନୀତିଂଶୀ ଆଲିଆ ଭଟ୍ଟ (ଜିଗ୍ରା), କ୍ୟାଟ୍ରିନା କୈଫ୍ (ମେରି ଖ୍ରୀଷ୍ଟମାସ), ୟାମି ଗୌତମ (ଆର୍ଟିକିଲ୍ ୩୭୦) ଏବଂ ଶ୍ରଦ୍ଧା କପୁର (ସ୍ତ୍ରୀ ୨)ଙ୍କୁ ପଛରେ ପକାଇ ତାଙ୍କର ପ୍ରଥମ ପ୍ରମୁଖ ଅଭିନୟ ପୁରସ୍କାର ପାଇଥିଲେ। ବିଜୟ ବିଷୟରେ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ, ସେ କହିଥିଲେ, "ମୁଁ ଏହା ଆଶା କରି ନଥିଲି," ସେ ଆହୁରି ମଧ୍ୟ କହିଥିଲେ, "ମୁଁ ଆଶା କରୁଥିଲି ଯେ ଲାପତା ଲେଡିଜ୍ ବଡ଼ ପୁରସ୍କାର ପାଇବେ, କିନ୍ତୁ ମୁଁ ନିଜେ ଜିତିବି ବୋଲି ଭାବି ନଥିଲି। ଅନ୍ୟ ମନୋନୀତମାନେ ଅବିଶ୍ୱସନୀୟ ଥିଲେ, ଏବଂ ମୁଁ ସେମାନଙ୍କ ସମସ୍ତଙ୍କର ଏକ ବଡ଼ ପ୍ରଶଂସକ। ମୁଁ ପାଇଥିବା ପ୍ରେମରେ ମୁଁ ପ୍ରକୃତରେ ଅଭିଭୂତ।"ସମ୍ମାନ ପାଇବା ପରେ, ନିତାଂଶୀ ସେହି ମୁହୂର୍ତ୍ତର ଅତ୍ୟଧିକ ସ୍ୱଭାବ ବିଷୟରେ କହିଥିଲେ। "ମୁଁ ପ୍ରଥମେ କାନ୍ଦିଥିଲି ଏବଂ ଏକ ଭାଷଣ ପ୍ରସ୍ତୁତ କରିବାକୁ ଚେଷ୍ଟା କରିଥିଲି କାରଣ ମୁଁ ବିଶ୍ୱାସ କରିପାରୁ ନଥିଲି ଯେ ଏହା ଘଟୁଛି। ତା'ପରେ ମୁଁ ମୋ ମାଆଙ୍କୁ ଏକ ବଡ଼ ଆଲିଙ୍ଗନ ଦେଇଥିଲି, ଏବଂ କିରଣ ମ୍ୟାଡମଙ୍କୁ ଏକ ବଡ଼ ଆଲିଙ୍ଗନ ଦେଇଥିଲି। ଏହା ସବୁ କେବଳ ଖୁସିର ଲୁହ ଥିଲା," ସେ କହିଥିଲେ। ଭବିଷ୍ୟତକୁ ଚାହିଁ, ନିତାଂଶୀ ଅଧିକ ତାରକାଙ୍କ ସହିତ କାମ କରିବା ବିଷୟରେ ଉତ୍ସାହ ପ୍ରକାଶ କରିଥିଲେ।

# ୫୦୦ କୋଟି କ୍ଲବରେ ସାମିଲ ହେଲା 'ଛାବା'

ଭିକି କୌଶଲ ଓ ରଶ୍ମିକା ମନ୍ଦାନାଙ୍କ ଅଭିନୀତ ଫିଲ୍ମ 'ଛାବା' ଆୟ ମାମଲାରେ ବଡ଼ ରେକର୍ଡ କରିଛି । ଭାରତୀୟ ବକ୍ସ ଅଫିସ୍‌ରେ ଅଦ୍ୟାବଧି ଏହା ୫୦୦ କୋଟି ପରିସଂଖ୍ୟାନ ଟପି ସାରିଛି । ଚଳିତବର୍ଷର ପ୍ରଥମ ଫିଲ୍ମ ଭାବେ ଏହି ଉପଲବ୍ଧି ହାସଲ କରିଛି 'ଛାବା' । ସାରା ବିଶ୍ୱର କଥା କହିବାକୁ ଗଲେ ଏହା ମୋଟ ୬୯୧ କୋଟି ଆୟ କରିଛି । ରିପୋର୍ଟ ଅନୁସାରେ, 'ଛାବା'ର ହିନ୍ଦୀ ସଂସ୍କରଣ ୫୦୩.୩ କୋଟି ରୋଜଗାର କରିଛି । ତେଲଗୁ ଡବ୍ ଭର୍ସନ୍‌କୁ ୫.୫ କୋଟି ମିଳିଛି। ଅର୍ଥାତ୍ ମୋଟ ଉପରେ ଭାରତୀୟ ବକ୍ସ ଅଫିସ୍‌ରେ ଫିଲ୍ମଟି ୫୦୮.୦୮ କୋଟି ଟଙ୍କାର ବ୍ୟବସାୟ କରିଛି । ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଜୀବନୀ ଉପରେ ପର୍ଯ୍ୟବସିତ ଏହି ଫିଲ୍ମକୁ ଲକ୍ଷ୍ମଣ ଉତେକର ନିର୍ଦ୍ଦେଶନା ଦେଇଛନ୍ତି । ଫେବ୍ରୁଆରୀ ୧୪ରେ ଏହା ରିଲିଜ୍ ହୋଇଥିଲା । ପ୍ରଥମ ସପ୍ତାହରେ ଫିଲ୍ମଟି ୨୧୯.୨୫ କୋଟି, ଦ୍ୱିତୀୟ ସପ୍ତାହରେ ୧୮୦.୨୫ କୋଟି ଓ ତୃତୀୟ ସପ୍ତାହରେ ୮୪.୦୫ କୋଟି ରୋଜଗାର କରିଥିଲା । ସପ୍ତାହନ୍ତରେ ଏହାର ରୋଜଗାର ବଢ଼ିବା ପରେ ଫିଲ୍ମଟି ୫୦୦ କୋଟି କ୍ଲବ୍‌ରେ ସାମିଲ ହୋଇଛି । 'ଛାବା' ପୂର୍ବରୁ 'ପୁଷ୍ପା-୨'(ହିନ୍ଦୀ ଭର୍ସନ୍), 'ଯୱାନ', 'ସ୍ତ୍ରୀ-୨', 'ଗଦର-୨', 'ପଠାନ୍', 'ବାହୁବଳୀ-୨'(ହିନ୍ଦୀ ଭର୍ସନ) ଓ 'ଆନିମଲ୍ ?' ଭଳି ଫିଲ୍ମ ୫୦୦ କୋଟି ରୋଜଗାର କରିଥିଲା ।



# ଅଫରକୁ ମନା କରିବାର କାରଣ କହିଲେ ପ୍ରୀତି

ପ୍ରୀତି ଜିଣ୍ଟା ଅବଶ୍ୟ ବେଶ୍ କିଛି ବର୍ଷ ହେଲାଣି ଅଭିନୟରୁ ପ୍ରାୟ ସନ୍ନ୍ୟାସ ନେଇସାରିଲେଣି। ହେଲେ ତାଙ୍କ ଅଭିନୟ ଜୀବନରେ ଅନେକ କିଛି ଘଟଣା ଘଟିଛି। ୧୯୯୮ରେ ସେ ମଣି ରତ୍ନମଙ୍କ ନିର୍ଦ୍ଦେଶତ 'ଦିଲ୍ ସେ'ରେ ସପୋର୍ଟିଂ ରୋଲ୍‌ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ତା'ପରେ ସେ ବେଶ୍ କେତୋଟି ହିଟ୍ ସିନେମାରେ ମଧ୍ୟ ଅଭିନୟ କରିସାରିଛନ୍ତି। ଏପରି କି ପ୍ରଥମ ସିନେମା ପାଇଁ ଶ୍ରେଷ୍ଠ ନବାଗତା ଭାବରେ ଫିଲ୍ମ ଫେୟାର ପୁରସ୍କାର ପାଇଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ଠିକ୍ ତାହାର ପରବର୍ଷ ଏହି ଫିଲ୍ମଟିକୁ ତେଲୁଗୁ ଭାଷାରେ ଡବିଂ କରାଯାଇଥିଲା ଯାହାର ଟାଇଟଲ ଥିଲା 'ରାଜା କୁମାରୁଡୁ'। ଏହାପରେ ତାଙ୍କୁ କେତୋଟି ତେଲୁଗୁ ଏପରି କି ତାମିଲ ଫିଲ୍ମରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ସେ ନମ୍ରତାର ସହ ମନା କରିଦେଇଥିଲେ। ଏଭଳି ସୁଯୋଗକୁ ହାତଛଡା କରିବା ପଛରେ କି କାରଣ ଥିଲା ସେ ନେଇ ପ୍ରୀତି କହନ୍ତି,"ଯେଉଁ ଭାଷା ଉପରେ ମୋର ଦକ୍ଷତା ଅଛି ସେହି ଫିଲ୍ମରେ ମୁଁ ଅଭିନୟ କରିବି ବୋଲି ସ୍ଥିର କରିଥିଲି। ତେଣୁ ସେହି ସମୟରେ ମୋତେ ଅନେକ ପ୍ରାନ୍ତୀୟ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ମିଳିଥିଲେ ବି ସେଗୁଡ଼ିକୁ ମୁଁ ଗ୍ରହଣ କରି ନ ଥିଲି।" ପ୍ରୀତି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମା ମଧ୍ୟରେ ରହିଛି- 'ସୋଲଜର', 'ସଂଘର୍ଷ', 'କ୍ୟା କହନା', 'ମିଶନ କାଶ୍ମୀର', 'ଦିଲ୍ ଚାହତା ହେ', 'କୋଇ ମିଲ ଗୟା', 'କଲ୍ ହୋ ନା ହୋ', 'ବୀର ଜରା', 'କ୍ରିସ' ଆଦି।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

**ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଅଧିନସ୍ତ ପୁରୁଣା ଚିତାପାରି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ପାଢ଼ୀଙ୍କ ଅଧକ୍ଷତାରେ ଆଜି ବିଦ୍ୟାଳୟର ୬୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଟ୍ରେଲ ପଞ୍ଚାୟତର ସରପଞ୍ଚ ଦୈମତି ପଡ଼ିଆମି,ମୁଖ୍ୟ ବକ୍ତା ରାମଚନ୍ଦ୍ର ଖେମୁଣ୍ଡୁ,ସମ୍ମାନିତ ଅତିଥି ଭାବେ ସୁକୁ ମାଝୀ, ଚୈତନ୍ୟ ପୂଜାରୀ,ପଦଲାମ ଖିଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଆଜି ବିଦ୍ୟାଳୟ ପରିସରରେ ମାତୃ ପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସେମାଙ୍କର ବାପା ଓ ମାଆଙ୍କୁ ପୂଜା କରିବା ସହ ସେମାନଙ୍କର ପାଦ ଛୁଇଁ ଆଶୀର୍ବାଦ ଗ୍ରହଣ କରିଥିଲେ । ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରାଯାଇଥିଲା । ସମସ୍ତଙ୍କ ମନୋରଞ୍ଜନ ପାଇଁ ବିଦ୍ୟାଳୟର ଛାତ୍ରୀ ଛାତ୍ରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯାଇଥିଲା । ବାର୍ଷିକ ଉତ୍ସବ ଉପଲକ୍ଷେ ପୂର୍ବରୁ ପିଲାମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ କ୍ରୀଡ଼ା, ଶିକ୍ଷା ଏବଂ ନୃତ୍ୟରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଛାତ୍ର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟତ୍ରୀ ସସ୍ମିତା ମଲିକ,ସୁନିତା ପ୍ରିୟ ଦର୍ଶନୀ ବେହେରା,ଦେବକୀ ଗୋଲରୀ,ଶିକ୍ଷକ ଅଶ୍ୱିନୀ ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସୂଚାରୁ ରୂପେ ପରିଚାଳନା କରିଥିଲେ ।

# ନବୀନ ଜିନ୍ଦଲଙ୍କ ଜନ୍ମଦିବସରେ ଜିନ୍ଦଲ ଷ୍ଟିଲ୍ ପକ୍ଷରୁ 'ଫିଟନେସ ଡେ' ପାଳିତ




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ପକ୍ଷରୁ ଜେଏସପିର ଅଧ୍ୟକ୍ଷ ତଥା ମାନ୍ୟବର କୁରୁକ୍ଷେତ୍ର ସାଂସଦ ନବୀନ ଜିନ୍ଦଲଙ୍କ ଜନ୍ମ ଦିବସକୁ ଏହାର ସମସ୍ତ କାର୍ଯ୍ୟସ୍ଥଳରେ ଫିଟନେସ ଡେ ଭାବେ ପାଳନ କରାଯାଇଛି । ଏହି ଅବସରରେ କ୍ରୀଡ଼ା ଓ ଉତ୍ତମ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏକାଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜେଏସପିର ବଡ଼ବିଲ ପେଲେଟ ପ୍ଲାଣ୍ଟ ଏବଂ କାଶିଆ ଓ ଟେନ୍ସା ଖଣି ଅଞ୍ଚଳରେ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ଫିଟନେସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବଡ଼ବିଲ ପେଲେଟ ପ୍ଲାଣ୍ଟ ପରିସରରେ ମିନି ମାରାଥନ 'ଫିଟାଥନ' ଆୟୋଜିତ ହୋଇଥିଲା । ଏଥିରେ ୫୦୦ରୁ ଅଧିକ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ । ମହିଳା କ୍ଲବ ପକ୍ଷରୁ ଜିନ୍ଦଲନଗରରେ ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ମହିଳା ଓ ଶିଶୁମାନେ ଅଂଶଗ୍ରହଣ କରିଥିଲେ । କାଶିଆ ଖଣି ଅଞ୍ଚଳରେ ୱାକାଥନ ଅନୁଷ୍ଠିତ ହୋଇଥିଲା । ଏଥିରେ ୨୦୦ କର୍ମଚାରୀ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମର ଜନସାଧାରଣ ସାମିଲ ହୋଇଥିଲେ । ଜିନ୍ଦଲଙ୍କ ମଙ୍ଗଳ ଓ ସଫଳତା କାମନା କରି କଲୋନି ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା । ସେହିପରି ଟେନ୍ସା ମାଇନ୍ସରେ ସକାଳୁ ଯୋଗ ଅଧିବେଶନ ସହ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା । ଏଥିରେ କର୍ମଚାରୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଯୋଗ ଦେଇଥିଲେ । ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମଧ୍ୟ ଜିନ୍ଦଲଙ୍କ ଜନ୍ମଦିନ ଓ ଫିଟନେସ ଡେ ବଡ଼ ଉତ୍ସାହର ସହ ପାଳିତ ହୋଇଛି । ବଡବିଲ ୟୁନିଟ ପକ୍ଷରୁ ସ୍ପୋର୍ଟସ ହଷ୍ଟେଲର ଅନ୍ତେବାସୀ ଓ ସ୍ଥାନୀୟ ଗ୍ରାମର ଶିଶୁମାନଙ୍କ ଗହଣରେ ଜନ୍ମଦିନ ପାଳନ କରାଯାଇଛି । କାଶିଆ ୟୁନିଟ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଓ ଫୁଟବଲ ମ୍ୟାଚ ଆୟୋଜିତ ହୋଇଥିଲା । ଟେନ୍ସା ଖଣି ପାରିପାର୍ଶ୍ୱିକ ଅଞ୍ଚଳର ହକି ଟିମଙ୍କୁ ନେଇ ଏକ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ନବୀନ ଜିନ୍ଦଲଙ୍କ ମାଆ, ପୂର୍ବତନ ମନ୍ତ୍ରୀ, ତଥା ବର୍ତ୍ତମାନର ହିସାର ବିଧାୟିକା ସାବିତ୍ରୀ ଜିନ୍ଦଲଙ୍କ ସମେତ ବିଶ୍ୱର କୋଣଅନୁକୋଣରୁ ବହୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି । ଜନ୍ମଦିନର ଅସୀମିତ ଶୁଭେଚ୍ଛା ପାଇଁ ଜିନ୍ଦଲ ସୋସିଆଲ ମିଡିଆରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି, "ଆଶୀର୍ବାଦ ଜୀବନର ସବୁଠାରୁ ବଡ଼ ସମ୍ପତ୍ତି ଏବଂ ଆଜି ମୁଁ ପ୍ରକୃତରେ ନିଜକୁ ବହୁତ ସମ୍ପତ୍ତିଶାଳୀ ବୋଲି ଅନୁଭବ କରୁଛି । ଆପଣମାନେ ସମୟ ବାହାର କରି ମୋତେ ଜନ୍ମଦିନରେ ଶୁଭେଚ୍ଛା ଜଣାଇଥିବାରୁ ମୁଁ ହୃଦୟରୁ କୃତଜ୍ଞତା ଜଣାଉଛି । ଆପଣମାନଙ୍କ ଭଲ ପାଇବା ଓ କରୁଣା ମୋ ପାଇଁ ବିଶ୍ୱର ସବୁଠାରୁ ମୂଲ୍ୟବାନ" । ଜେଏସପିର ସମସ୍ତ ୟୁନିଟରେ ଜନ୍ମଦିନ ପାଳନ ଜିନ୍ଦଲଙ୍କୁ ସମ୍ମାନ ଜଣାଇବା ସହ ତାଙ୍କର ଜୀବନ ଲକ୍ଷ୍ୟ 'ସୁସ୍ଥତା ହିଁ ଗୁରୁତ୍ୱପୂର୍ଣ୍ଣ'କୁ ଅନୁସରଣ କରିବାର ପ୍ରତିବଦ୍ଧତାକୁ କର୍ମଚାରୀ ଓ ପାରିପାର୍ଶ୍ୱିକ ସମୁଦାୟ ମଧ୍ୟରେ ଆହୁରି ମଜବୁତ୍ କରିଛି । ଲୋକସଭାକୁ ତୃତୀୟ ଥର ପାଇଁ ନିର୍ବାଚିତ ସାଂସଦ ନବୀନ ଜିନ୍ଦଲ ଓପି ଜିନ୍ଦଲ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିପତି । ଭାରତର ଏକ ନମ୍ବର ଘରୋଇ ବିଶ୍ୱବିଦ୍ୟାଳୟ ଭାବେ ଏହା କ୍ୟୁଏସ ତାଲିକାରେ ସ୍ଥାନ ପାଇଛି । ସେ ଭାରତୀୟ ଇସ୍ପାତ ସଂଘର ସଭାପତି ଭାବେ ଇସ୍ପାତ ଶିଳ୍ପର ନେତୃତ୍ୱ ମଧ୍ୟ ନେଉଛନ୍ତି । ଜିନ୍ଦଲ ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆର ପ୍ରତିଷ୍ଠାତା ସଭାପତି । ସେ ସର୍ବସାଧାରଣଙ୍କୁ ସଗୌରବେ ଜାତୀୟ ପତାକା ଉଡ଼ାଇବାର ଅଧିକାର ଦେବା ପାଇଁ ଦଶନ୍ଧି ଦୀର୍ଘ ନ୍ୟାୟିକ ଲଢ଼େଇ ଲଢ଼ିଥିଲେ ।

# ପ୍ରଶାସନ ଓ ୨୪ ମୌଜା ପଞ୍ଚୁଦଳ ପରିଚାଳନା କମିଟି ମିଳିତ



କୃଷ୍ଣପ୍ରଶାଦ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକର ସର୍ବପୁରାତନ କୃଷ୍ଣପ୍ରଶାଦ ଗଡ଼ ଦୋଳ ମହୋତ୍ସବ ଓ ମାଲୁଦ ୨୪ମୌଜା ପଞ୍ଚୁଦଳ ଯାତ୍ରାକୁ ଶୃଙ୍ଖଳିତ ସୁପରିଚାଳନା ଓ ନିଶାନିବାରଣ ସହ ଆତାସବାଜିକୁ ନିଷେଧ କରିବା ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ କୃଷ୍ଣପ୍ରଶାଦ ତହସିଲଦାର ସୁନେଲି କୁମାର ପ୍ରଧାନ, କୃଷ୍ଣପ୍ରଶାଦ ଭାରପ୍ରାପ୍ତ ଅଧିକାରୀ ଭାବଗ୍ରାହୀ ରାଉତ, ମାଲୁଦ ଫାଣ୍ଡି ଅଧିକାରୀ ସାଇରାମ ଲେଙ୍କାଙ୍କ ସମେତ ମାଲୁଦ ୨୪ମୌଜା ପଞ୍ଚୁଦଳ ପରିଚାଳନା କମିଟ ସଭାପତି ରାମଚନ୍ଦ୍ର ବୈରୀଗଞ୍ଜନ, ସମ୍ପାଦକ ଶରତ ମହାପାତ୍ର, ବରିଷ୍ଠ ସଭ୍ୟ ବ୍ରଜ କିଶୋର ଗୌଡ଼, ନିର୍ମଳ ରଣସିଂହ, ସୁକାନ୍ତ ଚରଣ ଜେନା, ପ୍ରଭାକର ବିଶ୍ୱାଳ ଉପସ୍ଥିତ ଥିଲେ । ସେହିପରି ମାଲୁଦ ଗ୍ରାମ୍ୟ ସଭାପତି ସଦାନନ୍ଦ ପ୍ରଧାନ, ଯୁବ ସଂଗଠନ ସଭାପତି ଅଜୟ କୁମାର ବିଶ୍ୱାଳଙ୍କ ସମେତ କୃଷ୍ଣପ୍ରଶାଦ ୫ମୌଜା ପରିଚାଳନା କମିଟ ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ କିଶୋର ଚନ୍ଦ୍ର ପଲେଇ, ସଭ୍ୟ କୁମାର ସିଂହଙ୍କ ସମେତ ଶତାଧିକ ସଭ୍ୟ ଯୋଗଦେଇ ପ୍ରଶାସନର କଟକଣାକୁ ସ୍ୱାଗତ କରି ଯାତ୍ରା ଶାନ୍ତିଶୃଙ୍ଖଳା ସହ ପରିଚାଳନା କରିବାକୁ ସମ୍ମତି ପ୍ରକାଶ କରିଥିଲେ ।

# ବୋଲଗଡ଼ ଗାଁ'ମୁରବୀଙ୍କ ଦେହାନ୍ତ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ତଥା ଏହାର ଆଖପାଖ ଅଂଚଳ ମୁରବୀଙ୍କର ରବିବାର ସକାଳୁ ଦେହାନ୍ତ ହୋଇଅଛି । ସୂଚନାକ୍ରମେ ବୋଲଗଡ଼ ସଦର ସ୍ଥିତ ଗଡ଼ ଭିତର ସାହିର ପ୍ରମୁଖ ବ୍ୟକ୍ତି ତଥା ବିଶିଷ୍ଟ ନ୍ୟାୟବିତ କୃଷ୍ଣ ମୋହନ ପାଲଟାସିଂହ (୯୨)ଙ୍କର ରବିବାର ସକାଳ ୬ଟା ସମୟରେ ପରଲୋକ ହୋଇଛି । ସେ ଭାଗଚାଷୀ ଆନ୍ଦୋଳନରେ ମୁଖ୍ୟ ନାୟକ ସାଜି ବହୁ ଚାଷହୀନ ଚାଷୀଙ୍କୁ ଚାଷ ଜମି ଯୋଗାଇ ଦେଇଥିଲେ । ପରେ ପ୍ରତ୍ୟକ୍ଷ ରାଜନୈତିକ ଦୃଶ୍ୟପଟର ମଞ୍ଚକୁ ଓହ୍ଲାଇ ବୋଲଗଡ଼ ପଂଚାୟତର ନାଏବ ସରପଞ୍ଚ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ପରେ ପର୍ଯ୍ୟାୟକ୍ରମେ ୨ଥର ସରପଞ୍ଚ ହୋଇ ସବୁରି ପ୍ରିୟପାତ୍ର ହୋଇ ପାରିଥିଲେ । ସର୍ବୋପରି ସେ ଜଣେ ଉଚ୍ଚ କୋଟିର ମଞ୍ଚ କଳାକାର ଥିଲେ । ପରବର୍ତ୍ତୀ ସମୟରେ ସେ ଅଂଚଳ ପାଇଁ କଳାକାର ନଥିଲେ ବରଂ କଳାର ଏକ ଅନୁଷ୍ଠାନ ହୋଇଯାଇଥିଲେ । ପରିଣତ ସମୟରେ ସେ ବୋଲଗଡ଼ ମହୋତ୍ସବର କାର୍ଯ୍ୟକାରୀ ସଭାପତି ଭାବେ ସୂଚାରୁରୂପେ କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ । ସ୍ୱର୍ଗତ ପାଲଟାସିଂହଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ଅବସରପ୍ରାପ୍ତ ଅଧ୍ୟାପକ ବ୍ରଜେନ୍ଦ୍ର, କନିଷ୍ଠ ପୁତ୍ର ଆଇନଜୀବି ରାଜେନ୍ଦ୍ର, ଜାମାତା ଅବସରପ୍ରାପ୍ତ ବ୍ୟାଙ୍କ ବି.ଏମ ନରସିଂହ, ପୁତ୍ରବଧୁ, କନ୍ୟା, ନାତି, ନାତୁଣୀ ଓ ଆତ୍ମୀୟସ୍ୱଜନ ପ୍ରମୁଖ ଉପସ୍ଥିତ ଥିଲେ । ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, କଂଗ୍ରେସ ଯୁବ ନେତା ସଦାଶିବ ମହାପାତ୍ର, ତାରା ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ମାନେ ତାଙ୍କ ବାସ ଭବନକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ । ପରେ ଏକ ବିରାଟ ଶବଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରାଯାଇ ନିଜ ପରିବାରର ପାରମ୍ପରିକ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ବ୍ରଜେନ୍ଦ୍ର ମୁଖାଗ୍ନି ଦେଇଥିଲେ ।

# ଟ୍ରାକ୍ଟର ଦୁର୍ଘଟଣାରେ ମହିଳା ଶ୍ରମିକଙ୍କ ମୃତ୍ୟୁ

ଝରିଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଗମିଆଡା ଗ୍ରାମ ଠାରୁ କିଛି ଦୂରରେ ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ସବୁଦିନ ଭଳି ଆଜି ସକାଳୁ ଝରିଗାଁ ବ୍ଲକ ବାଣୁଆଗୁଡା ପଞ୍ଚାୟତ ଅନ୍ତର୍ଗତ ଗମିଆଡା ଗ୍ରାମର ୧୨ଜଣ ମହିଳା ଶ୍ରମିକ ଘମା ଗୌଡ଼ (୪୫) ସହ ସୁଲଚନା ଠାକୁର, ରାଧିକା ଠାକୁର, ନୀଳାଦ୍ରି ଠାକୁର, ଜୟମନି ନାୟକ, ଅଞ୍ଜନା ନାୟକ, ପଦନା ନାୟକ, ଡମନି ମାଳି, ଚଞ୍ଚଳା ମାଝୀ, ଅମାଦେଇ ମାଝୀ, ନବୀନା ମାଝୀ ଟ୍ରାକ୍ଟର ଡାଲାରେ ବସି ରାସ୍ତା କାମରେ ଝାଡୁ ଲଗାଇବା ପାଇଁ ଯାଉଥିଲେ । ଦିନ ସାଢ଼େ ୯ ଘଣ୍ଟା ସମୟରେ ଗମିଆଡା ଗ୍ରାମ ଠାରୁ କିଛି ଦୂର ଆସିବା ପରେ ହଠାତ ଟ୍ରାକ୍ଟରର ହାଇଡ୍ରୋଲିକ ଡାଲା ଉପରକୁ ଉଠି ଯାଇଥିଲା । ଫଳରେ ଟ୍ରାକ୍ଟରରେ ବସିଥିବା ୧୨ ଜଣ ମହିଳା ରାସ୍ତା ଉପରେ କଚାଡି ହୋଇ ପଡ଼ିଥିଲେ । ଟ୍ରାକ୍ଟର ଡାଳାର ମଝିରେ ବସିଥିବା ଘମା ଗୌଡ଼ (୪୫)ଙ୍କ ମୁଣ୍ଡର ପଛ ଭାଗରେ ପ୍ରବଳ ଆଘାତ ହୋଇଥିଲା । ଫଳରେ ଘଟଣା ସ୍ଥଳରେ ମୃତ୍ୟୁ ହୋଇ ଯାଇଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଆମ୍ବୁଲାନ୍ସ ଯୋଗେ ଘମାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ । ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ଖବର ପାଇ ଝରିଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା । ତେବେ ଗ୍ରାମବାସୀ କ୍ଷତିପୂରଣ ଦାବି କରି କିଛି ସମୟ ପାଇଁ ଝରିଗାଁ-ଡାବୁଗାଁ ରାସ୍ତା ଅବରୋଧ କରିଥିଲେ । ପୋଲିସ ବୁଝାସୁଝା କରିବା ପରେ ଗ୍ରାମବାସୀ ରାସ୍ତାରୁ ହଟିଥିଲେ ।

# ବଦଳି ସତ୍ତ୍ୱେ ସହକାରୀ ପରିଚାଳକ ଚୌକି ଛାଡିବାକୁ ନାରାଜ

କୋଣାର୍କ, (ଭାସ୍କର ନ୍ୟୁଜ୍): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ୱାଟକୋ ସେକ୍ସନରେ ଦୀର୍ଘ ୯ବର୍ଷ ଧରି କାର୍ଯ୍ୟରତ ସହକାରୀ ପରିଚାଳକ ଦିପ୍ତୀ ରଞ୍ଜନ ପାତ୍ର ସରକାରୀ ନିୟମ ଅନୁଯାୟୀ ଅନ୍ୟତ୍ର ବଦଳି ହୋଇଥିଲା ବେଳେ ସରକାରୀ ବାସଭବନ ଓ ନୂତନ ସହକାରୀ ପରିଚାଳକଙ୍କୁ ଦାୟିତ୍ୱ ହସ୍ତାନ୍ତର ନ କରିବା ଘଟଣା ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି । ଖବରରୁ ପ୍ରକାଶ ଯେ କୋଣାର୍କ ୱାଟକୋ ସେକ୍ସନରେ ଦୀର୍ଘ ୯ ବର୍ଷ ଧରି କାର୍ଯ୍ୟ କରି ବିଭିନ୍ନ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଘଟଣାରେ ସମ୍ପୃକ୍ତ ଥିବା ସହକାରୀ ପରିଚାଳକ ଦିପ୍ତୀ ରଞ୍ଜନ ପାତ୍ରଙ୍କ ବିରୋଧରେ ବିଭିନ୍ନ ସମୟରେ ଅଭିଯୋଗ ମାନ ହୋଇ ଆସୁଥିଲା । ସଂପୃକ୍ତ ଅଧିକାରୀଙ୍କ ସରକାରୀ ନିୟମ ଅନୁଯାୟୀ ବଦଳି କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଅଭିଯୋଗ ପୋର୍ଟାଲ ମାଧ୍ୟମରେ ଅଭିଯୋଗ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଅଭିଯୋଗ ପୋର୍ଟାଲର ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୱାଟକୋ ପରିଚାଳନା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠିନଂ - ୧୪୫୧, ତା ୨୫-୦୨-୨୫ ଅନୁଯାୟୀ ୱାଟକୋ ଇଲେକ୍ଟ୍ରିକାଲ ସେକ୍ସନକୁ କୋଣାର୍କ ୱାଟକୋ ସେକ୍ସନର ସହକାରୀ ପରିଚାଳକ ଦିପ୍ତୀ ରଞ୍ଜନ ପାତ୍ରକୁ ବଦଳି କରାଯାଇଛି । ଏହି ସରକାରୀ ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବା ସହିତ ପୁରୀ ମଙ୍ଗଳା ଘାଟ ୱାଟକୋ ସେକ୍ସନର ସହକାରୀ ପରିଚାଳକ ଶିବ ଦର୍ଶୀ ଦାସଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ବଦଳି ଆଦେଶ ପାଇଥିବା ସହକାରୀ ପରିଚାଳକ ଦିପ୍ତୀ ରଞ୍ଜନ ପାତ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇ ଥିଲା । ମାତ୍ର ଏହି ନିର୍ଦ୍ଦେଶକୁ ଅବମାନନା କରି ବଦଳି ୱାଟକୋ ସହକାରୀ ପରିଚାଳକ ଦିପ୍ତୀ ରଞ୍ଜନ ପାତ୍ର ନିଜ ସ୍ଥାନରେ ଯୋଗଦାନ କରୁ ନଥିବା ବେଳେ ନୂତନ ସହକାରୀ ପରିଚାଳକଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁ ନାହାଁନ୍ତି । ଏହି ସରକାରୀ ନିୟମ ଅନୁଯାୟୀ ତୁରନ୍ତ ନୂତନ ସହକାରୀ ପରିଚାଳକ ଶିବ ଦର୍ଶୀ ଦାସଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ୱାଟ୍କୋ ପରିଚାଳନା ନିର୍ଦ୍ଦେଶକ ଓ ପୁରୀ ଜିଲ୍ଲାପାଳଙ୍କୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି ।

# ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଜିପୁରର ବାର୍ଷିକ ଉତ୍ସବ

ବୋଲଗଡ଼, (ଭାସ୍କର ନ୍ୟୁଜ): ସରକାରୀ ପ୍ରାଥମିକ ବିଦ୍ୟାଳୟ ବିଜିପୁରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅଧିକାର କଲେଜ ଗଣିଆ ପ୍ରିନସିପାଲ ଶିକ୍ଷାବିତ ଇଂ.କର୍ପୁର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠିତ ସଭା କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ଶରଣକୁଳ(ଜହ୍ନିପଦା) ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରତିନିଧି ଅରୁଣ କୁମାର ରାଉତରାୟ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ ଯେ, ବୌଦ୍ଧିକ ବିକାଶ ଓ ଚରିତ୍ର ଗଠନ ଦ୍ୱାରା ଛାତ୍ରଛାତ୍ରୀ ମାନେ ସୁନାଗରିକ ହୋଇପାରିବେ । ମୁଖ୍ୟବକ୍ତା ରୂପେ ବିରୁଡ଼ା ଆଞ୍ଚଳିକ କ୍ଲଷ୍ଟର ସଂଯୋଜକ ପ୍ରଫୁଲ୍ଲ କୁମାର ନାୟକ ଅଭିଭାଷଣ ରେ କହିଥିଲେ ଶିକ୍ଷା ହିଁ ସମାଜ ବିକାଶର ମୂଳମନ୍ତ୍ର । ସମ୍ମାନିତ ଅତିଥିଭାବେ ଶରଣକୁଳ (ଜହ୍ନିପଦା ) ସମିତିସଭ୍ୟ ସୁରଥ କୁମାର ସ୍ୱାଇଁ, ଅଭିଭାଷଣରେ କହିଥିଲେ ଗୁରୁ ହିଁ ସମାଜର ମାର୍ଗଦର୍ଶକ । ବିଜିପୁର ସ୍କୁଲ ପରିଚାଳନା କମିଟି ସଭାପତି ସୁଦର୍ଶନ ସ୍ୱାଇଁ, ମୋ ସ୍କୁଲ ସଭାପତି ବୁଲୁ ପ୍ରଧାନ, ୱାର୍ଡ ସଭ୍ୟ ଯଦୁମଣି ପ୍ରଧାନ ଯୋଗଦେଇ ନିଜନିଜର ଓଜସ୍ୱିନୀ ଅଭିଭାଷଣ ରଖିଥିଲେ । ବରେଣ୍ୟ ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ଚରିତ୍ର ଗଠନ ଦ୍ୱାରା ଭଲ ଛାତ୍ର ଛାତ୍ରୀ ତିଆରି ହୋଇପାରିବେ । ବିଜିପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସାହୁ ଅଭିଭାଷଣରେ ଶୃଙ୍ଖଳିତ ଛାତ୍ର ଜୀବନ ହିଁ ସମାଜ ବିକାଶର ମାନଦଣ୍ଡ ବୋଲି କହିଥିଲେ । ପାଟଚଣ୍ଡୀ ପ୍ରସାଦ ସହକାରୀ ଛାତ୍ର ବତ୍ସଳ ଶିକ୍ଷକ କୁବେର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲିଲିଆ ସାହୁ, ସୁରେଶ ପଲେଇ, ଉର୍ମିଳା ସ୍ୱାଇଁ, ସବିତା ନାୟକ ପ୍ରମୁଖ ସହଯୋଗ କରିଥିଲେ । ନୃତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଶତାଧିକ ଗ୍ରାମବାସୀ ଉପଭୋଗ କରିଥିଲେ । ମଞ୍ଚାସିନ ଅତିଥିମାନେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

# ମାର୍ଚ୍ଚ ୧୪ରେ ଐତିହାସିକ କାଳିମେଘା ମେଳନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅଧୀନ ଐତିହାସିକ କାଳିମେଘା ମେଳନ ଆସନ୍ତା ୧୪ ତାରିଖ ଦୋଳପୂର୍ଣ୍ଣମୀ ରାତିରୁ ଆରମ୍ଭ ହୋଇ ପରଦିନ ସନ୍ଧ୍ୟାରେ ଶେଷ ହେବ । ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ । ଏହି ମେଳନ ୩୦୦ ବର୍ଷରୁ ଅଧିକ ଦିନ ହେବ ଏକ ନିଆରା ପରମ୍ପରା ଅନୁସାରେ ପାଳିତ ହୋଇ ଆସୁଛି । ଏହି ମେଳନର ବିଶେଷତ୍ୱ ହେଉଛି ଅବିର ଖେଳରୁ ମେଳନ ଆରମ୍ଭ ହୋଇ କାଦୁଅ ଖେଳରେ ଶେଷ ହୋଇଥାଏ । ଯାହା ଅନ୍ୟ କେଉଁ ମେଳନ ମାନଙ୍କରେ ଦେଖିବାକୁ ମିଳେନାହିଁ । ପୂର୍ଣ୍ଣମୀ ଦିନ ରାତିରେ ତାଳପଦା ଗ୍ରାମର ସାମନ୍ତରାୟ ଜମିଦାରଙ୍କର ଶ୍ରୀ ଶ୍ରୀ ଗୋପିନାଥ ଜୀଉ ବିମାନ ସ୍ଥାନୀୟ ମୁକୁନ୍ଦପୁର 'ବତୀମରା' ପଦାରେ ପ୍ରବେଶ କରି ଥାନପତି ଆସନରେ ବସିଥାନ୍ତି । ଇତି ପୂର୍ବରୁ ଗୁଡୁପାଳ ଗ୍ରାମର ରାଧାବଲ୍ଲଭ ଜୀଉ ପଦାକୁ ପ୍ରବେଶ କରୁଥିଲେ ବୋଲି କୁହାଯାଏ । ଏହି ଥାନପତିଙ୍କ ପ୍ରବେଶ ପରେ ଅନ୍ୟ ୫ଗୋଟି ବିମାନ 'ବତୀମରା' ପଦାକୁ ପ୍ରବେଶ କରନ୍ତି । ସେମାନଙ୍କୁ ଛଅଟି ତୋପ ସଲାମି ଦିଆଯାଇ ସମ୍ମାନ ଜଣାଯାଇଥାଏ । ପରେ ବତିମରା ପଦାରୁ ବିମାନ ଗୁଡ଼ିକ ନମ୍ବର ଅନୁସାରେ ଶେଭାଯାତ୍ରାରେ ବାହାରି ମେଳନ ପଡ଼ିଆକୁ ପ୍ରବେଶ କରି ନିଜ ନିଜ ସ୍ଥାନରେ ବସିଥାନ୍ତି । ଦୋଳ ପୂର୍ଣ୍ଣମୀର ପରଦିନ ଅପରାହ୍ନରେ ଶ୍ରୀ ଦଧିବାମନ ଜୀଉ ମେଳନ ପଡ଼ିଆକୁ ଶୋଭା ଯାତ୍ରାରେ ଆସୁଥିବା ବେଳେ ଭକ୍ତମାନେ ପରସ୍ପର ମଧ୍ୟରେ କୁଦୁଅ ଖେଳି ହୋଲି ଖେଳିଥାନ୍ତି । ଏହି ଦୃଶ୍ୟ ସମସ୍ତଙ୍କ ମନରେ ଭିନ୍ନ ଏକ ଅଧ୍ୟାତ୍ମିକ ଭାବଧାରା ସୃଷ୍ଟିକରିବା ସହ ସ୍ଥାନୀୟ ଅଧିବାସୀ ଓ ଶ୍ରଦ୍ଧାଳୁମାନେ ନିଜକୁ ବିଭୂପ୍ରେମରେ ହଜାଇ ଦେଇଥାନ୍ତି । ଯାହାକି ଏକ ନିଆରା ପରମ୍ପରା ଭାବେ ପରିଗଣିତ ହୋଇଛି । ମେଳନ କମିଟି ଓ ତିହିଡ଼ି ପୁଲିସ ପକ୍ଷରୁ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥାଏ ।

# ରମେଶ ରାଉତଙ୍କ ବିୟୋଗରେ ଶୋକ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମର ଉଦୀୟ ମାନ ଯୁବକ ରମେଶ ଚନ୍ଦ୍ର ରାଉତ (୫୩)ଙ୍କର ଅସୁସ୍ଥ କାରଣରୁ ଗତକାଲି ବିଳମ୍ବିତ ରାତି ବିୟୋଗ ଘଟିଛି । କିଛି ଦିନ ତଳେ ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ । ଚିକିତ୍ସା ଧୀନ ଆବସ୍ଥାରେ ତାଙ୍କର ବିୟୋଗ ଘଟିଛି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଦୁଃଖର ଛାୟା ଖେଳି ଯାଇଥିଲା । ରମେଶ ଜଣେ ଶାନ୍ତ, ସରଳ ମିଷ୍ଟ ଭାଷୀ, ପରୋପକାରୀ ଯୁବକ ଥିଲେ । ଦୀର୍ଘ, ୩୦ବର୍ଷ ଧରି ଚଣ୍ଡିଖୋଲ ଛକରେ ବସ ଚଳାଚଳ କାର୍ଯ୍ୟ କରିବା ସହିତ ଗ୍ରାମର ସମସ୍ତ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ରେ ସକ୍ରିୟ ଭାଗ ନେଉଥିଲେ । ତାଙ୍କ ମର ଶରୀର ଗ୍ରାମରେ ପହଞ୍ଚିଲା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହିତ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ସତ୍କାର କରଯାଇଥିଲା । ତାଙ୍କ ବିୟୋଗରେ ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ ସଭାପତି ଅମରେନ୍ଦ୍ର ନାୟକ, ସମ୍ପାଦକ ଦିଲ୍ଲିପ କୁମାର ଚୌଧୁରୀ, ଆଇନ୍ ଜୀବି ଉଦୟନାଥ ସାହୁ, ପଲ୍ଲୀ ମଙ୍ଗଳ ସେବା ସମବାୟ ସମିତି ସଭାପତି ସଂଜୟ କୁମାର ସ୍ୱାଇଁ, ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ, ସତ୍ୟବାଦି ସ୍ୱାଇଁ , ପ୍ରକାଶ ରାଉତ, ବୈକୁଣ୍ଠ ସାହୁ, ଅରୁଣ ନାୟକ, ବସନ୍ତ ବାରିକ, ପ୍ରଫୁଲ୍ଲ ସ୍ୱାଇଁ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକଟ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଶାନ୍ତ୍ୱନା ଦେଇଛନ୍ତି ।

# ମିଳିତ ଅଭିଯୋଗ ଶୁଣାଣି ଶିବିର

ଆଳି, (ଭାସ୍କର ନ୍ୟୁଜ୍): ଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଜକନିକା ବ୍ଲକ ଅନ୍ତର୍ଗତ ବଳରାମପୁର ଗ୍ରାମ ପଞ୍ଚାୟତ ଠାରେ ଆଜି ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୦:୩୦ ଘଟିକା ଠାରୁ ଅପରାହ୍ନ ଘ ୧.୦୦ ମିନିଟ୍ ପର୍ଯ୍ୟନ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କେନ୍ଦ୍ରାପଡା ଅଜାମ୍ବର ମହାନ୍ତି ଅଧକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, ରାଜକନିକା ବିଡିଓ, ରାଜକନିକା ତହସିଲଦାର, ଡେପୁଟି କଲେକ୍ଟର ଏବଂ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ୍ ୮୬ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୮ ଗୋଟି ସାମୁହିକ ଏବଂ ୬୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୬୦୦୦ ଟଙ୍କା ୨ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରାଯାଇଛି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାସନ୍ କାର୍ଡ଼ ପ୍ରଦାନ, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଜମି ସମସ୍ୟା, ମତ୍ସ୍ୟ ଚାଷ ପାଇଁ ଋଣ, ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ପାଇଁ ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୂହିକ ଅଭିଯୋଗ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି, ବିଦ୍ୟାଳୟ ଓ ଅଙ୍ଗନବାଡିକୁ ବିଦ୍ୟୁତ ସଂଯୋଗୀକରଣ, ପାନୀୟ ଜଳ ସମସ୍ୟା, ପ୍ୟାକ୍ସରେ ଟୋକନ ସଂଖ୍ୟା ବୃଦ୍ଧି, ନୂତନ ଟ୍ରାନ୍ସଫରମର ସ୍ଥାପନ, ରାସ୍ତା ଜବରଦଖଲ ଉଚ୍ଛେଦ, ରାସ୍ତା ମରାମତି ତଥା ନୂତନ ରାସ୍ତା ନିର୍ମାଣ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଦୋଳଗୋବିନ୍ଦ ଖାଇଲେ ଭୋଗ

ନିଆଳି, (ଭାସ୍କର ନ୍ୟୁଜ୍): ରବିବାର ଦୋଳଗୋବିନ୍ଦଙ୍କ ଭିତରୀ ଭୋଗ ହୋଇଥିବା ବେଳେ ସୋମବାର ଏକାଦଶୀରେ ଦୋପଟି ମେଳଣରେ ଥାନପତି ତଥା କାଶର୍ଦାର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀ ନାରାୟଣ ଆଜି ସକାଳୁ ବିଜେ ସ୍ଥଳରୁ ବାହାରି କାଶର୍ଦା ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟ, କସର୍ଦା ହାଟ, ରାଧାକୃଷ୍ଣ ମନ୍ଦିର ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବଡ଼ିଆ ସାହିରେ ଭୋଗ ଖାଇ ଗାଁ ପରିକ୍ରମା କରିଛନ୍ତି । ଏହି ସମୟରେ କାଶର୍ଦା ଓଡିଶୀ ସଂକୀର୍ତନ ମଣ୍ଡଳୀର ସଂକୀର୍ତ୍ତନ ପରିବେଷଣ ଓ ବେହେରା ଭାଇ ମାନଙ୍କ କୁହାଟ ଡାକ ବସନ୍ତର ଦୋଳପର୍ବର ସ୍ମୃତିକୁ ଉଦଯାପିତ କରୁଛି । ଅଧିକାରୀ ଶିବ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ ।

# ନାରୀ ନିର୍ଯାତନାକୁ ନେଇ ଜବାବ ମାଗିଲା କଂଗ୍ରେସ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲାର ସ୍କୁଲ ଛାତ୍ରୀ ଓ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଘେରାଉ କରିଛି ଜିଲ୍ଲା କଂଗ୍ରେସ । ସମଗ୍ର ଓଡିଶାରେ ମହିଳା ହିଂସା ସୀମା ଟପିଛି । ମହିଳାମାନଙ୍କ ସୁରକ୍ଷା ବିପଦଜନକ ସ୍ଥିତିରେ ରହିଛି । ସ୍ୱଚ୍ଛ ଓ ସୁଶାସନର ନାରା ଦେଇ ଡବଲ ଇଞ୍ଜିନ ଲୋଭ ଦେଖାଇ ବିଜେପି ଶାସନ କ୍ଷମତାକୁ ଆସିଥିଲା । ୩ ଶହଦିନ ନ ପୁରୁଣୁ ଓଡିଶାର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ଏହିପରି ନାରା ଦେଇ ଭାରତୀୟ ଜାତୀୟ କଂଗ୍ରେସ ଦଳର ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସର ହଜାର ହଜାର କଂଗ୍ରେସ କର୍ମୀ, ମହିଳା, ଛାତ୍ର ଓ ଯୁବ ନେତୃତ୍ୱମାନେ କଜଳାସ୍ଥିତ କଂଗ୍ରେସ ଭବନରୁ ମହାତ୍ମା ଗାନ୍ଧୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଧୁଧୁ ଖରାରେ ସୋମବାର ପୂର୍ବାହ୍ନ ୧୧ଟାରେ କଜଳାରୁ ଚାଲି ଚାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି କାର୍ଯ୍ୟାଳୟକୁ ଘେରାଉ କରି ରଖିଥିଲେ । ବେଟି ପଢାଓ, ବେଟି ବଚାଓ ସ୍ଲୋଗାନ ଦେଉଥିବା ଡବଲ ଇଞ୍ଜିନ ସରକାର ଆଠମାସ ଭିତରେ ସର୍ବାଧିକ ୧୪ଟି ଗଣବଳାତ୍କାର ଘଟଣା ପଞ୍ଜିକୃତ ହୋଇଥିଲା ବେଳେ ପଞ୍ଜିକୃତ ନ ହୋଇଥିବା ମାମଲା ଶହେ ଟପିଯିବା ସମ୍ଭାବନା ରହିଛି । ଗଣବଳାତ୍କାରର ଶିକାର ହୋଇଥିବା ପରିବାର ଏବେ ତଦନ୍ତକାରୀ ଅଧିକାରୀଙ୍କୁ ବୟାନ ଦେଉନାହାଁନ୍ତି ଓ ତଦନ୍ତକୁ ଯାଉଥିବା ସାମାଜିକ ସଂଗଠକଙ୍କୁ ମୁହଁ ଦେଖାଉ ନାହାଁନ୍ତି । ଏହା ଆଇନ ଶୃଙ୍ଖଳାର ଅନ୍ୟ ଏକ ନମୁନା ବୋଲି କଂଗ୍ରେସ ନେତୃତ୍ୱମାନେ ବିଷଦଗାର କରିଛନ୍ତି । ଏହି ସରକାର ସମୟରେ ସ୍କୁଲର ନାବାଳିକା ଗର୍ଭବତୀ ହେବା, ସନ୍ତାନ ପ୍ରସବ କରିବା, ତିନିମୁହାଣୀରେ ରାସ୍ତା ଉପରେ ମହିଳାଙ୍କ ମୁଣ୍ଡ ଉପରେ ହାଇୱା ଚଢିଯିବା ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତର ଏକ ଲକ୍ଷଣ ବୋଲି ନେତୃତ୍ୱମାନେ ଉଦ୍‌ବୋଧନ ଦେଇଥିଲେ । ମହିଳା ଓ ଶିଶୁମାନଙ୍କ ପ୍ରତି ଘଟୁଥିବା ଏପରି ଘଟଣା ପାଇଁ ଗୃହ ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି ଅଧିକାଂଶ ନେତା ମତ ରଖିଥିଲେ । ଦୀର୍ଘ ୨୪ବର୍ଷର କୁଶାସନ ଯାଇଥିବା ବେଳେ ଏବେ ଦୁଃଶାସନ ଶାସନ କରୁଛି ବୋଲି ମଧ୍ୟ ନେତାମାନେ ମତ ଦେଇଥିଲେ । କଂଗ୍ରେସର ବରିଷ୍ଠ ନେତା ପ୍ରଫୁଲ୍ଲ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଆଳି ନିର୍ବାଚନ ମଣ୍ଡଳୀର ଡ. ଦେବସ୍ମିତା ଶର୍ମା ଅଭିଭାଷଣ ଦେଇଥିବା ବେଳେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଅସୁସ୍ଥ ଓ ଶଯ୍ୟାଶାୟୀ ଥିଲାବେଳେ ନିଜ କାର୍‌ରେ ବସି ହଜାର ହଜାର କଂଗ୍ରେସ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ,ଏ.ଆଇ.ସି.ସି. ସଭ୍ୟ ହଳଧର ସେଠୀ, ଅଶୋକ କୁମାର ପଢିହାରୀ, ମହମ୍ମଦ ଆକବର ଅଲ୍ଲୀ, ପ୍ରଦୀପ କୁମାର ମହାନ୍ତି, ଭାଗିରଥୀ ଜେନା, ବିଧୁଭୂଷଣ ମହାପାତ୍ର, ଫକୀର ଚରଣ ଖଟୁଆ, ସୟଦ ଅବଦୁଲ୍ ସଞ୍ଚାର, ସଞ୍ଜୟ ରାଉତ, ପୂର୍ବତନ ମହିଳା ସଭାପତି ସସ୍ମିତା ପଣ୍ଡା, ରଶ୍ମିରଞ୍ଜନ ଚୌଧୁରୀ, ବିଶ୍ୱଭୂଷଣ ମହାପାତ୍ର, ସତ୍ୟ ନାରାୟଣ ସାମଲ, ସମ୍ରାଟ କୁମାର ଜେନା, ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ହଜାର ହଜାର ସଂଖ୍ୟାରେ ଆସିଥିବା କଂଗ୍ରେସ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

# ପୋଖରୀରେ ପଡ଼ି ଶିଶୁ ମୃତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ବୋଡ଼କ ପଞ୍ଚାୟତ ଅଧୀନ ଅଣ୍ଡରାଇ ଗ୍ରାମର ଏକ ପୋଖରୀରେ ପଡ଼ି କାଁପଡ଼ା ପଞ୍ଚାୟତ ଦପା ଗ୍ରାମର ନାରାୟଣ ଦାସଙ୍କ ଶିଶୁପୁତ୍ର ସ୍ୱାରାଜ ଦାସ (୪) ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ପ୍ରକାଶ ଯେ ଗତ କିଛିଦିନ ତଳେ ମା'ଙ୍କ ସହିତ ସ୍ୱରାଜ ମାମୁଘର ଅଣ୍ଡରାଇକୁ ଯାଇଥିଲା । ରବିବାର ଅପରାହ୍ନ ୨ଟା ସମୟରେ ଖେଳୁଥିବା ବେଳେ ମାମୁଘର ନିକଟରେ ଥିବା ଏକ ପୋଖରୀରେ ପଡ଼ି ଯାଇଥିଲା । ବହୁ ଖୋଜାଖୋଜି କରିବା ପରେ ଶିଶୁପୁତ୍ରର ସନ୍ଧାନ ନମିଳିବାରୁ ତିହିଡ଼ି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଅଗ୍ନିଶମ ବିଭାଗର ଆଗ୍ନିକ ଅନନ୍ତ ପ୍ରସାଦ ବେହେରାଙ୍କ ନେତୃତ୍ୱରେ କର୍ମଚାରୀମାନେ ପୋଖରୀରେ ଖୋଜାଖୋଜି କରିବା ପରେ ରାତି ୭ଟା ସମୟରେ ପୋଖରୀରୁ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ । ପରେ ଶିଶୁକୁ ଚିକିତ୍ସା ନିମନ୍ତେ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି ।

# କାର୍ ସହ ୫୫ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ଏକ ହୁଣ୍ଡା ସିଟି କାର୍‌ରେ ଗଞ୍ଜେଇ ବସ୍ତା ରଖି ଏହାକୁ ଭୁବନେଶ୍ୱରକୁ ଚୋରା ଚାଲାଣ କରାଯାଉଥିବା ବେଳେ ଅବକାରୀ ପୁଲିସ ସୋରାଦେବୀ ମନ୍ଦିର ନିକଟରେ ଉକ୍ତ କାର କୁ କାବୁ କରି ୫୫ କେଜି ଗଞ୍ଜେଇ ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅବକାରୀ ଅଧିକାରୀ ଉମ୍ଵୁରୁଧର ହରିଜନଙ୍କ ନିର୍ଦ୍ଦେଶ ଅବକାରୀ ଏସ୍ ଆଇ ଅଲିଭା ମାଝିଙ୍କ ନେତୃତ୍ୱରେ ସୋମବାର ଅପରାହ୍ନ ସାଢେ ୫ ଟା ବେଳେ ଭଞ୍ଜନଗର ସହର ଉପକଣ୍ଠରେ ଥିବା ମାଆ ସୋରାଦେବୀ ମନ୍ଦିର ନିକଟରେ ଧରପଗଡ କରୁଥିବା ବେଳେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳରୁ ଗଞ୍ଜେଇ ଧରି ଭୁବନେଶ୍ୱର ଅଭିମୁଖେ ଯାଉଥିବା ଉକ୍ତ କାରକୁ ଧରି ନେଇଥିଲେ । ଆଉ ତଦନ୍ତ ପରେ ଏଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ପରେ ଅତିରିକ୍ତ ତହସିଲଦାର ଅବିନାଶ ମାହରଙ୍କ ଉପସ୍ଥିତିରେ ଉକ୍ତ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା । ଆଉ ୫୫କେଜି ଗଞ୍ଜେଇକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା । ପରେ ଏ ସମ୍ପର୍କରେ ଭଞ୍ଜନଗର ଅବକାରୀ ଥାନା କେଶ ନମ୍ବର ୧୫୦/୨୫ ପ୍ରକାରେ ଏକ ମାମଲା ରୁଜୁ କରାଯାଇ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳର ୨ଅଭିଯୁକ୍ତ ଅବକ୍ଷିତ ଦିଗାଲ ଓ ପପୁନ୍ ଦିଗାଲକୁ ଗିରଫ କରାଯାଉ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଅଲିଭା ମାଝୀ ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ପୁଲିସ ଏଏସଆଇ ବହୁମୂଲ୍ୟ ପରିଜାଙ୍କ ସମେତ କନେଷ୍ଟବଳ ସନାତନ ନାହକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ଷ୍ଟାଫ୍ ସାମିଲ ହୋଇଥିଲେ ।



# ଆମ କଳାହାଣ୍ଡି





## ନିଆଁ କବଳରେ ସାହାଜଖୋଲ ଜଙ୍ଗଲ



ଶୋଇଛି ବନ ବିଭାଗ

କୋକସରା, (ଭାସ୍କର ନ୍ୟୁଜ୍ ) : ବାନାଗ୍ନି ରୋକିବା ପାଇଁ ଯୋଜନା ଉପରେ ଯୋଜନା କରାଯାଉଛି । ଏଥି ସହିତ ତୃଣମୂଳ ସ୍ତରରୁ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି । ଏହା ସତ୍ତ୍ୱେ ପ୍ରତିବର୍ଷ ଜଙ୍ଗଲରେ ନିଆଁ ଲାଗିବା ଥମିବା ପରିବର୍ତ୍ତେ ସ୍ଥିତି ଅସମ୍ଭାଳ ଆଡ଼କୁ ଗତି କରୁଛି । ପ୍ରତିଦିନ ଜଙ୍ଗଲରେ ନିଆଁ ଲାଗିଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଧର୍ମଗଡ଼ ଦକ୍ଷିଣ ବନାଞ୍ଚଳ ଅଧିନ ଆମପାଣି ଓ ବେହେରା ଫରେଷ୍ଟ ସେକ୍ସନ ଅଧିନରେ ଥିବା ସାହାଜଖୋଲ ସଂରକ୍ଷିତ ଜଙ୍ଗଲର ହେକ୍ଟର ହେକ୍ଟର ସ୍ଥାନରେ ନିଆଁ ଲାଗି ସ୍ଥିତି ଅଣାୟତ୍ତ ହେଲାଣି । ପ୍ରତିଦିନ ସନ୍ଧ୍ୟା ହେଲେ କୌଣସି ଏକ ଉତ୍ସବରେ ଲିଚୁ ଲାଇଟ୍ ଲାଗିଥିବା ଦୃଶ୍ୟ ଭଳି ଜଙ୍ଗଲରେ ଲାଗିଥିବା ଏହି ନିଆଁର ଦୃଶ୍ୟ ଗାଁଠାରୁ ଦେଖିବାକୁ ମିଳୁଛି । ଏହା ସତ୍ତ୍ୱେ ବନ ବିଭାଗର ନିଦ ଭାଙ୍ଗୁନାହିଁ । ଏଣେ ହେକ୍ଟର ହେକ୍ଟର ଜଙ୍ଗଲରେ ନିଆଁ ବ୍ୟାପି ଚାଲିଛି । ପୂର୍ବରୁ ଏହି ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ପୋଡୁ ଚାଷ କରିବା ପାଇଁ ଖରା ଦିନ ଆରମ୍ଭ ହେଲେ ବନବାସୀମାନେ ନିଆଁ ଲଗାଇ ଦେଉଥିଲେ । ଏବେ କିନ୍ତୁ ଆଦିବାସୀ ମାନେ ନୁହେଁ ଅଣଆଦିବାସୀ ମାନେ ମଧ୍ୟ ଏହି ଚାଷ କରିବା ପାଇଁ ଜଙ୍ଗଲରେ ନିଆଁ ଲଗାଉ ଥିବାରୁ ସ୍ଥିତି ଅସମ୍ଭାଳ ଆଡ଼କୁ ଗତି କରୁଛି । ଏମିତି କି କିଛି ବର୍ଷ ହେଲା ଅଣଓଡ଼ିଆ ବିହାରୀ, ବଙ୍ଗାଳୀ ଲୋକଙ୍କ ସମେତ ପଡୋଶୀ ନବରଙ୍ଗପୁର ଓ ରାୟଗଡ଼ା ଅଞ୍ଚଳର ମାଫିଆମାନେ ମଧ୍ୟ ସାହାଜଖୋଲ ଜଙ୍ଗଲ ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି । ଏବଂ ବହୁମୂଲ୍ୟ ଗଛ କାଟି ଚାଲାଣ କରୁଥିବାବେଳେ ଖରା ଦିନ ଆରମ୍ଭରୁ ସ୍ଥାନୀୟ କିଛି ଆଦିବାସୀ ପରିବାରଙ୍କୁ ଡାଲ କରି ଜଙ୍ଗଲରେ ନିଆଁ ଲଗାଉଛନ୍ତି । ଏହି ଜଙ୍ଗଲରୁ ସମସ୍ତ ପ୍ରକାର ବ୍ୟବହାର୍ଯ୍ୟ ଜିନିଷ ସଂଗ୍ରହ କରି ଜୀବନଜୀବିକା କରୁଥିବା ଆଦିବାସୀ ମାନଙ୍କ ସ୍ୱର୍ଗ ସାହାଜଖୋଲ ଜଙ୍ଗଲ ଏବେ ଧିରେଧିରେ ଲଣ୍ଡା ପାହାଡ଼ରେ ପରିଣତ ହେବାକୁ ବସିଲାଣି । ଯାହା ଫଳରେ ଆଜି ପ୍ରକୃତିର ରକ୍ଷକ ଅସହାୟ । ଅନ୍ୟପଟେ ବନ ବିଭାଗ ପକ୍ଷରୁ ବାନାଗ୍ନି ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା କଥା । ହେଲେ ନିଆଁ ରୋକିବା ପାଇଁ ଫାୟାର ଲାଇନ୍ ଟିଏ ମଧ୍ୟ କରୁ ନଥିବାରୁ ନିମିଷେ ମାତ୍ରକେ ନିଆଁ ଲାଗିଲେ ବ୍ୟାପି ଯାଉଛିଥିବା ଅଭିଯୋଗ ହେଉଛି । ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ବନିକରଣ କରାଯାଉଛି । ହେଲେ ଜଙ୍ଗଲ ବଢିବା ପରିବର୍ତ୍ତେ ଟାଙ୍ଗରା ଭୂମୀରେ ପରିଣତ ହେବାରେ ଲାଗିଛି । ଅନ୍ୟପଟେ ବିଗତ ଦିନରେ ଚାରା ଲଗାଯାଇ ଥିବା ସ୍ଥାନରେ ବିଶେଷ ଭାବେ ନିଆଁ ଅଧିକ ଲାଗୁଥିବାରୁ ବନ ବିଭାଗର ଅଧିକାରୀ ଓ କର୍ମୀମାନଙ୍କ ପ୍ରତି ସନ୍ଦେହ ସୃଷ୍ଟି ହେଉଛି । କାରଣ ଏହି ସ୍ଥାନରେ ନିଆଁ ଲାଗିଲେ ବିଭାଗକୁ ବନୀକରଣ ଘୋଟାଲା ଧରାପଡ଼ିବା ଭୟ ଆଦୌ ନଥିବା ଜନ ସାଧାରଣରେ ଆଲୋଚନା ହେଉଛି । ଆଗକୁ ସାହାଜଖୋଲ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ ନ କଲେ ବହୁ ମୂଲ୍ୟବାନ ଗଛ ଗୁଡିକ ନଷ୍ଟ ହେବା ସହ ଅନେକ ବନ୍ୟପ୍ରାଣୀଙ୍କ ଜୀବନ ଅକାଳରେ ଚାଲିଯିବାର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ । ଅନ୍ୟପଟେ ଜଙ୍ଗଲ ସୁରକ୍ଷା ଦିଗରେ ପଦକ୍ଷେପ ନିଆନଗଲେ ଏହା ଉପରେ ନିର୍ଭର ଲୋକଙ୍କ ଜୀବନ ଜୀବିକା ମଧ୍ୟ ବାଧାପ୍ରାପ୍ତ ହେବ ।

## ଜାତୀୟ ମାଷ୍ଟର ଗେମ୍ସ କଳାହାଣ୍ଡି ଜିଲ୍ଲାକୁ ୬ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ମାଷ୍ଟର ଗେମ୍ସ ଫେଡେରେସନ୍ ଇଣ୍ଡିଆ ପକ୍ଷରୁ ରାଉରକେଲା ସ୍ଥିତ ବିର୍ସା ମୁଣ୍ଡା ଷ୍ଟାଡିୟମ୍ ଠାରେ ମାର୍ଚ୍ଚ ୬ ରୁ ୯ ତାରିଖ ଯାଏଁ ୭ମ ଜାତୀୟ ମାଷ୍ଟର ଗେମ୍ସ ୨୦୨୪-୨୫ ଅନୁଷ୍ଠିତ ହୋଇଥିଲା । ଏଥିରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ତିନିଜଣ ବରିଷ୍ଠ ଖେଳାଳି ଅଂଶ ଗ୍ରହଣ କରି ୬ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ବିଜେତା ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ବରିଷ୍ଠ ଖେଳାଳି ଦୁର୍ଗା ଚରଣ ମିଶ୍ର ସଟପୁଟ୍, ଡିସକସ୍ ଥ୍ରୋ ଓ ହେମର ଥ୍ରୋରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିବା ବେଳେ ଟି ରାମକୃଷ୍ଣ ୫ କିମି ୱାକ୍, ୮୦୦ ମିଟର ଦୌଡ ଓ ୪୦୦ ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି । ସେହିପରି ସହରର ବରିଷ୍ଠ ଖେଳାଳି ଭବାନୀ ଶଙ୍କର ପଣ୍ଡା ୫ କିମି ୱାକ୍, ଲମ୍ଫ ଡିଆଁ ଓ ଉଚ୍ଚ ଡିଆଁରେ ରୌପ୍ୟ ପଦକ ବିଜେତା ହୋଇଛନ୍ତି । ଜାତୀୟ ମାଷ୍ଟର ଗେମ୍ସରେ ପଦକ ବିଜେତା କଳାହାଣ୍ଡିର ଏହି ତିନି ଜଣ ମାଷ୍ଟର ଖେଳାଳିଙ୍କୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଖେଳପ୍ରେମୀମାନେ ଶୁଭେଚ୍ଛା ଜଣାଇଛନ୍ତି । ଏହା ବ୍ୟତୀତ ଓଡ଼ିଶା ଆଥେଲେଟିକ ଏସୋସିଏସନ୍ ସଭାପତି ତଥା କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, କଳାହାଣ୍ଡି ଲୋକସଭା ସାଂସଦ, ରାଜ୍ୟସଭା ସାଂସଦ, ଜୁନାଗଡ଼ ଓ ଧର୍ମଗଡ ବିଧାୟକ ଦ୍ୱୟ ନାଗରିକ ସଂଘ କଳାହାଣ୍ଡିର ସଭାପତି ଓ କାର୍ଯ୍ୟକାରୀ ସଭାପତି, କଳାହାଣ୍ଡି ବ୍ରାହ୍ମଣ ସମାଜ କଳାହାଣ୍ଡିର ସଭାପତି ଓ ସାଧାରଣ ସମ୍ପାଦକ, ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ଓ ସମ୍ପାଦକଙ୍କ ସମେତ ବହୁ କ୍ରୀଡ଼ା ପ୍ରେମୀ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି ।

## ବରିଷ୍ଠ ନାଗରିକ ସଂଘ ତଥା ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ମହିଳା ସଶକ୍ତିକରଣ ତଥା ନାରୀ ସୁରକ୍ଷାକୁ ଆଖି ଆଗରେ ରହି ଆନ୍ତର୍ଜାତିକ ସ୍ତରରେ ମହିଳା ଦିବସ ପାଳନ କରା ଯାଉଥିବା ବେଳେ ଭବାନୀପାଟଣାର ବିଭିନ୍ନ ସ୍ଥାନରେ ଏହି ଆନ୍ତର୍ଜାତିକ ମହିଳା ଦିବସ - ୨୦୨୫ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ଏହି କ୍ରମରେ କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଅମଲା ଭବନ ସଭାଗୃହ ଠାରେ ସଂଘର ମହିଳା ଶାଖା ମୁଖ୍ୟ ସବିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଭବାନୀପାଟଣାର ତହସିଲଦାର ଶୁଭସ୍ମିତା ମିଶ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସୁନନ୍ଦା ପଣ୍ଡା, ସମ୍ମାନିତ ଅତିଥି ଡାକ୍ତର ହେମାଙ୍ଗିନୀ ମେହେର, ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ଚେୟାରପର୍ସନ ନମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସବିତା ପଟ୍ଟନାୟକଙ୍କୁ ବିଶିଷ୍ଟ ଶିକ୍ଷାବିତ୍ ସମ୍ମାନ, ଚାରୁଶୀଳା ବାବୁଙ୍କୁ ବିଶିଷ୍ଟ କବୟିତ୍ରୀ ସମ୍ମାନ, ସଂଯୁକ୍ତା ନାଗଙ୍କୁ ମଦ ବିରୋଧି ଆନ୍ଦୋଳନ ନେତ୍ରୀ ସମ୍ମାନ, ଚମ୍ପା ବାଗ ଓ ଉଷା ସୁନାନୀଙ୍କୁ ଶ୍ରେଷ୍ଠ ସଫେଇ କର୍ମଚାରୀ ସମ୍ମାନ ପ୍ରଦାନ କରାଯାଇଥିଲା । ପରେ ପରେ ବରିଷ୍ଠ କବୟିତ୍ରୀ ସଂଘମିତ୍ରା କାନୁନଗୋଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା ଓ ଏଥିରେ କେବଳ ନାରୀ କବିମାନେ କବିତା ପାଠ କରିଥିଲେ । ଅନୁରୂପ ଭାବେ ସ୍ଥାନୀୟ ତାରିଣୀ ମନ୍ଦିର ରୋଡସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲରେ ମଧ୍ୟ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ପାଳନ କରାଯାଇଥିଲା । ସ୍କୁଲର ଅଧକ୍ଷ ଡ. ଶିବରାମ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଜିର ସମାଜରେ ମହିଳା ମାନେ କିଭଳି ନିଜର ଇଚ୍ଛାଶକ୍ତି ବଳରେ ଉଚ୍ଚସ୍ଥାନରେ ରହି କାମ କରିଆସୁଛନ୍ତି ତାହାର ଉଦାହରଣ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ନିମନ୍ତ୍ରିତ ଅତିଥି ଶିକ୍ଷୟିତ୍ରୀ କଲ୍ୟାଣୀ ବାଗ, ଚନ୍ଦ୍ର ପ୍ରଭା ମିଶ୍ର, ବୃଷଭ ଦାସ, ସାଧନା ପ୍ରଧାନ, ସୁଶ୍ରୀ ସାହୁ, ସରିତା ବାଗଲେ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ସମ୍ପଦ ମୁଣ୍ଡ ପରିଚାଳନା କରିଥିଲେ ।

## ଠିକାସଂସ୍ଥାର ମନମାନୀ: ପାଇପ୍ ବିଛା ଆଳରେ ଚାଲିଛି ରାସ୍ତା ଖୋଳା



କୋକସରା, (ଭାସ୍କର ନ୍ୟୁଜ୍ ) : କୋକସରା ବ୍ଲକର ୨୨ ଗୋଟି ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ମୋଟେର ପଞ୍ଚାୟତର ଖୁଟୁଲୁଗୁଡା ନିକଟରେ ବହୁମୁଖୀ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ଏଥିପାଇଁ ଠିକା ସଂସ୍ଥା ପକ୍ଷରୁ ପ୍ରତି ଗାଁରେ ପାଇପ୍ ବିଛା କାର୍ଯ୍ୟ ଜାରି ରହିଛି । ଜାତୀୟ ରାଜପଥଠାରୁ ଆରମ୍ଭ କରି ଗାଁର ଗଳି କନ୍ଦି ସବୁ ରାସ୍ତାରେ ପାଇପ୍ ବିଛା ଯାଉଛି । ହେଲେ ଠିକା ସଂସ୍ଥା ପକ୍ଷରୁ ଜେସିବି ମଧ୍ୟରେ ରାସ୍ତା ଗୁଡ଼ିକକୁ ନିଜ ମନ୍ ମର୍ଜିରେ ଖୋଳି ପାଇପ୍ ବିଛାଉ ଥିବାବେଳେ ପରବର୍ତ୍ତୀ ସମୟରେ ରାସ୍ତା ଅବସ୍ଥା ବେହାଲ କରି ଛାଡ଼ି ଦେଉଛନ୍ତି । ରାସ୍ତା ଖୋଳିବା ପରେ ସମ୍ପୃକ୍ତ ଠିକା ସଂସ୍ଥା କଚା ରାସ୍ତା ହେଉ ଅବା ପକ୍କା ରାସ୍ତା ସବୁଠାରେ ମାଟି ପକାଇ ଛାଡି ଦେଉଥିବା ଦେଖିବାକୁ ମିଳୁଛି । ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କଲେ ପରବର୍ତ୍ତୀ ସମୟରେ କଂକ୍ରିଟ କିମ୍ବା ରାସ୍ତା ଅନୁପାତରେ କାର୍ଯ୍ୟ କରି ଦିଆଯିବ ବୋଲି ସଫେଇ ଦେଉଛନ୍ତି । ଏବଂ ମାସ ମାସ ପରେ ମଧ ଉକ୍ତ ରାସ୍ତା ଗୁଡିକକୁ ମରାମତି କରି ଦେଉ ନାହାଁନ୍ତି । ଯାହା ଫଳରେ ଦିର୍ଘ ବର୍ଷ ପରେ ଗାଁ ଗୁଡ଼ିକରେ ହୋଇଥିବା ପକ୍କା ରାସ୍ତା ଅଳ୍ପ ଦିନ ମଧ୍ୟରେ ବରବାଦ ହୋଇଯାଉଛି । ଅନ୍ୟପଟେ ରାସ୍ତାରୁ ମାଟି ଖୋଳିବା ପରେ ଠିକ୍ ଭାବରେ ସମତୁଲ ମଧ କରୁ ନଥିବାରୁ ଲୋକେ ଗାତରେ ପଡ଼ି ଅବା ଝୁଣ୍ଟି ପଡି ଖଣ୍ଡିଆ ଖାବରା ହେଉଛନ୍ତି । ଏମିତିକି ଦିନରେ ଚାଲି ଯାଉଥିବାବେଳେ ରାତିରେ ଦୁର୍ଦ୍ଦଶା ଭୋଗୁଛନ୍ତି । ରାସ୍ତା ଖୋଳିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତବିଭାଗ ଭଳି ବିଭିନ୍ନ ବିଭାଗଠାରୁ ସମ୍ପୃକ୍ତ ଠିକାସଂସ୍ଥା କୌଣସି ଅନୁମତି ମଧ ନେଇ ନଥିବା ଜଣାପଡ଼ିଛି । ରାସ୍ତା ଖୋଳାକୁ ସମ୍ପୃକ୍ତ ବିଭାଗର ଅଧିକାରୀ ମାନେ ବାରମ୍ବାର ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାରି ଠିକା ସଂସ୍ଥାକୁ ତାଗିଦ୍ କରିଥିଲେ ମଧ ଉକ୍ତ ସଂସ୍ଥା ନିଜର ମନମାନି ଚଲାଇ ଆସିଛି । ସମ୍ପୃକ୍ତ ଠିକା ଉପରେ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନ ସାଧାରଣରେ ଦାବି ହୋଇଛି । ଏ ବିଷୟରେ ନିର୍ମାଣକାରି ଠିକା ସଂସ୍ଥାକୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇନାହିଁ ।

## ଆକାଶବାଣୀ ଓ ଦୂରଦର୍ଶନ କଳାକାର ସଂଘ ପକ୍ଷରୁ ବୈଠକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସହରର ବାଲାଜୀ ବିହାର ଶିଶୁ ବିଦ୍ୟାମନ୍ଦିର ପରିସରରେ ଭବାନୀପାଟଣା ଆକାଶବାଣୀ ଓ ଦୂରଦର୍ଶନ କଳାକାର ସଙ୍ଘ ପକ୍ଷରୁ ସଙ୍ଘ ସଭାପତି ଶାନ୍ତନୁ କୁମାର ମୁଣ୍ଡଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ବିଭିନ୍ନ କ୍ଷେତ୍ରର ବହୁ କଳାକାରମାନଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ସୁଗମ ସଂଗୀତ, ଲୋକ ସଂଗୀତ, ବାଦ୍ୟ ଯନ୍ତ୍ର, ସଂକୀର୍ତ୍ତନ, ଖଞ୍ଜଣୀ କଳାକାର ଯୋଗ ଦେଇଥିଲେ । ଆକାଶବାଣୀ ଭବାନୀପାଟଣା କେନ୍ଦ୍ରରେ କଳାକାର ମାନଙ୍କ ଅଡିସନ୍ ସରି ବର୍ଷେ ବିତିଯାଇଥିଲେ ହେଁ କୌଣସି କଳାକାରଙ୍କୁ ଗୋଟିଏ ମଧ କାର୍ଯ୍ୟକ୍ରମ ଦିଆଯାଇନାହିଁ । ଯେଉଁ କଳାକାରମାନେ ଜୟପୁର ଆକାଶବାଣୀ କେନ୍ଦ୍ରରେ କ୍ରମାଗତ କାର୍ଯ୍ୟକ୍ରମ କରି ଆସୁଥିଲେ ଭବାନୀପାଟଣା ଆକାଶବାଣୀ କେନ୍ଦ୍ର ହେବା ପରେ ସେହି କଳାକାର ମାନଙ୍କୁ ଭବାନୀପାଟଣା ଆକାଶବାଣୀ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଦିଆଗଲା । କିନ୍ତୁ ଭବାନୀପାଟଣା କେନ୍ଦ୍ରରେ କୌଣସି କାର୍ଯ୍ୟକ୍ରମ ହେଉ ନଥିବାରୁ କଳାକାର ମାନେ କ୍ଷୋଭପ୍ରକାଶ କରିଥିଲେ । ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ବହୁ କାର୍ଯ୍ୟକ୍ରମ ନିଷ୍ପାଦକ ପଦବୀ ଖାଲି ପଡିଥିବାରୁ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ର ସତେ ଯେମିତି ପଙ୍ଗୁ ପାଲଟି ଯାଇଥିଲା ଭଳି ଜଣା ପଡୁଛି । ଯଦି କାର୍ଯ୍ୟକ୍ରମ କରାଯାଉନାହିଁ ତାହା ହେଲେ ଅଡିସନ୍ କରାଗଲା କାହିଁକି ବୋଲି କଳାକାର ମାନେ ନିଜ ନିଜ ମତ ରଖିଥିଲେ । ଏଣୁ କଳାକାରମାନେ ଦାବି ଉପସ୍ଥାପନା କରିବାକୁ ଆଗେଇ ଆସିବାକୁ ଏହି ବୈଠକରେ ଆହ୍ୱାନ ଦିଆଯାଇଥିଲା । ବୈଠକରେ ବରିଷ୍ଠ କଣ୍ଠଶିଳ୍ପୀ ଶଶାଙ୍କ ଶେଖର ମହାପାତ୍ର, ସଂଗଠକ ତଥା କଳାକାର ହରେକୃଷ୍ଣ ଭୋଇ, ବରିଷ୍ଠ କଳାକାର ପ୍ରଭାସ ଚନ୍ଦ୍ରଶେଖର ମିଶ୍ର, ଗୁରୁ ଭୀମସେନ ସାହୁ, ସଙ୍ଘ ସମ୍ପାଦକ ହୃଷିକେଶ ସାହୁ, ଓ ବହୁ କଳାକାର ଉପସ୍ଥିତ ଥିଲେ ।

## ଅସୁରଗଡ ସାଗରର ପୁନରୁଦ୍ଧାର ଦାବି



ନର୍ଲା (ଭାସ୍କର ନ୍ୟୁଜ) କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ମାଣ୍ଡେଲ୍ ପଞ୍ଚାୟତରେ ଅଛି ଐତିହାସିକ ଅସୁରଗଡ ଦୁର୍ଗ । ଲୋକ କିମ୍ବଦନ୍ତୀ ଅନୁସାରେ ଏହି ଦୁର୍ଗକୁ ଗୋସିଂହ ଦୈତ୍ୟଙ୍କ ରାଜୁତି କାଳରେ ନିର୍ମାଣ କରାଯାଇ ଥିଲା । ଦୁର୍ଗ ସମ୍ମୁଖରେ ୨୫୦ ଏକର୍ ପରିମିତ ଜମିରେ ଅସୁରଗଡ ସାଗର ନାମରେ ଏକ ବିରାଟକାୟ ପୋଖରୀ ଅବସ୍ଥିତ । ଉକ୍ତ ପୋଖରୀ ଉପରେ ମାଣ୍ଡେଲ୍ ପଞ୍ଚାୟତର ଚାରିଖଣ୍ଡ ଗାଁର ଲୋକେ ନିର୍ଭର କରନ୍ତି । ପୂର୍ବରୁ ଏହି ପୋଖରୀ କୂଳରେ ଜିଲ୍ଲାର ମତ୍ସ୍ୟ ବିଭାଗ ତରଫରୁ ମାଛ ଜାଆଁଳା ପ୍ରସ୍ତୁତ କରି ସ୍ଥାନୀୟ ମାଛ ଚାଷୀ ମାନଙ୍କୁ ଯୋଗାଇ ଦିଆ ଯାଉଥିଲା । କିନ୍ତୁ ଦୁଇ ବର୍ଷ ହେଲା ଏହି ପୋଖରୀ ପାଣି ଉପରେ ପ୍ରାୟ ଏକ ଫୁଟର ଦଳ ଜମି ଯିବାରୁ ଖେଳ ପଡିଆର ଭ୍ରମ ସୃଷ୍ଟି ହେଉଛି । ସେଥିପାଇଁ ସାଧାରଣ ଲୋକ ଗାଧୋଇବା ସହିତ ଗାଈ ଗୋରୁ ମଧ୍ୟ ପାଣି ପିଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ପୋଖରୀ ପାଣି ଉପରେ ଥିବା ଦଳକୁ ସଫା କରି ବାଲଟି ସାହାଯ୍ୟରେ ଲୋକେ ଗାଧୋଉ ଥିବା ଦେଖିବାକୁ ମିଳିଛି । ସରକାର୍ ଏଥି ପ୍ରତି ଦୃଷ୍ଟି ଦେଇ ଉକ୍ତ ପୋଖରୀ ପାଣି ଉପରେ ଥିବା ଦଳକୁ ସଫା କରିବାକୁ ସାଧାରଣରେ ଦାବି ହେଉଛି ।

## ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ

ଜୁନାଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଜୁନାଗଡ ସହର ସ୍ଥିତ ଶିବ ସାଗର ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି । ମୃତ ଯୁବକ ଜଣକ ସ୍ଥାନୀୟ ଗନ୍ତାୟତ ପଡାର ଶିବ ନନ୍ଦ ପାଢି (୩୫) ବୋଲି ଜଣାପଡ଼ିଛି । ସେ ପୋଖରିକୁ ଗାଧୋଇ ବାକୁ ଯାଇ ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଜୁନାଗଡ ପୋଲିସକୁ ଖବର ଦେବା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ସ୍ଥାନୀୟ ଅଗ୍ନିସମ ବିଭାଗକୁ ଖବର ଦେବା ପରେ ଅଗ୍ନିସମ ବିଭାଗ ଉପସ୍ଥିତ ହୋଇ ଶବକୁ ଉଦ୍ଧାର କରିଥିଲେ । ଏ ସଂକ୍ରାନ୍ତରେ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ଜୁନାଗଡ଼ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାଯାଇଛି ।

## ଅଚଳ ଅମୃତ ଧାରା: ପଥିକ ନିରାଶ !




ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସାଧାରଣ ଭାବେ ମାର୍ଚ୍ଚ ମାସରୁ ଖରାର ପ୍ରଭାବ ବଢେ । ଚଳିତବର୍ଷ ସ୍ୱାଭାବିକ ଠାରୁ ମାର୍ଚ୍ଚରେ ପ୍ରଚଣ୍ଡ ଖରା ତାତି ବୃଦ୍ଧି ପାଉଛି । ଗ୍ରୀଷ୍ମପ୍ରବାହ ଏବେଠୁ ଲୋକଙ୍କୁ ଅସ୍ତବ୍ୟସ୍ତ କରିବା ଆରମ୍ଭ କଲାଣି । ବାଟୋଇ, ପଥିକଙ୍କ ଚଳାଚଳ ରାସ୍ତାରେ ପାଣିର ସୁବିଧା ନପାଇ ସେମାନେ ରାସ୍ତା କଡ଼ର ହୋଟେଲ ଦୋକାନ ମାନଙ୍କୁ ଯାଇ ଶୋଷ ମେଣ୍ଟାଉ ଥିବା ଦେଖିବାକୁ ମିଳିଛି । ହେଲେ ସରକାରୀ ସ୍ତରରେ ଲୋକଙ୍କ ପାଇଁ ଜଳ ଛତ୍ର ବ୍ୟବସ୍ଥା ଆଜିଯାଏ ଖୋଲା ଯାଇ ନାହିଁ । ଯାହାକୁ ନେଇ ସାଧାରଣ ଭାବେ ଆଲୋଚନା ହେଉଛି । ଅନ୍ୟପଟେ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ଅମୃତ ଧାରା ଅନେକ ସ୍ଥାନରେ ଅଚଳ ଅବସ୍ଥାରେ ପଡି ରହିଛି । ତାର ରକ୍ଷଣାବେକ୍ଷଣ ଅଭାବ ଓ ପଞ୍ଚାୟତର ଅବହେଳା ଯୋଗୁଁ ଅମୃତ ଧାରା କାମକୁ ଆସୁନଥିବା ସମାଲୋଚନା ହେଉଛି । ଧର୍ମଗଡ଼ ବ୍ଲକର ଅନେକ ପଞ୍ଚାୟତ ମାନଙ୍କରେ ଅମୃତ ଧାରା ବ୍ୟବସ୍ଥା ରହିଥିବା ବେଳେ କାଭା କେତେକ ସ୍ଥାନର ଚାଲୁ ରହିଥିବା ଦେଖାଯାଏ । ଲୋକଙ୍କୁ ଥଣ୍ଡା ପାନୀୟ ବିଶୁଦ୍ଧ ଜଳ ଯୋଗାଇବା ମୂଳ ଉଦେଶ୍ୟ ରହିଥିଲେ ହିଁ ପଞ୍ଚାୟତ ନିର୍ବାଚନ ପ୍ରତିନିଧି ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅବହେଳା ଯୋଗୁଁ ସାଧାରଣଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହୁଏ । ତୁରନ୍ତ ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୁଏ ।

## ଧର୍ମଗଡ ଥାନାରେ ନୂତନ ଥାନା ଅଧିକାରିଣୀଙ୍କ ଯୋଗଦାନ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନାରେ ନୂତନ ଥାନା ଅଧିକାରିଣୀ ଭାବରେ ଶ୍ୱେତାପଦ୍ମା ସେଠ ଯୋଗଦାନ କରିଛନ୍ତି । ଧର୍ମଗଡ ଥାନା ଅଧିକାରୀ ଦାମୋଦର ବିହାରୀଙ୍କୁ ଗଞ୍ଜାମ ଜିଲ୍ଲାକୁ ବଦଳି ପରେ ଏହି ପଦବୀ ଖାଲି ପଡିଥିବା ବେଳେ ରବିବାର ଶ୍ରୀମତୀ ସେଠ ନୂତନ ଥାନା ଅଧିକାରିଣୀ ଭାବରେ ଯୋଗଦାନ କରିଛନ୍ତି । ଶ୍ରୀମତୀ ସେଠ ଥାନାରେ ଯୋଗ ଦେଇଥିବା ବେଳେ ବିଭିନ୍ନ ସଂଗଠନ ଓ ସେଡୁଲ କାଷ୍ଟ ଫେଡରେସନ ସଦସ୍ୟ ଢଗ ନାଏକ ପୁଷ୍ପଗୁଚ୍ଛ ସେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଧର୍ମଗଡରେ ଟ୍ରାଫିକ ନିୟମ ସମେତ ରାତ୍ରିକାଳୀନ ପେଟ୍ରୋଲିଂ କଡାକଡ଼ୀ କରାଯିବା ଓ ଆଇନ ଶୃଙ୍ଖଳା ପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତ । ପୂର୍ବରୁ ସେ ଗୋଲାମୁଣ୍ଡା ଥାନାରେ ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବରେ କାର୍ଯ୍ୟ ତୁଲାଇ ବେଶ ପ୍ରଶଂସନୀୟ ହୋଇପାରିଛନ୍ତି ।

## ରାଶିଫଳ

ମଙ୍ଗଳବାର, ୧୧ ମାର୍ଚ୍ଚ ୨୦୨୫



**ମେଷ:** ଚାକିରିରେ ପରିବର୍ତ୍ତନ ଆଶା କରିପାରିବ ଏବଂ ବିଦେଶ ଯାତ୍ରା ମଧ୍ୟ କରିପାରିବ । ବିଦେଶ ଯାତ୍ରା କରିବା ସମୟରେ ଆପଣ ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି, ତେଣୁ ଆପଣଙ୍କର ଭ୍ରମଣ ପୂର୍ବରୁ ଦୁଇଥର ଯାଞ୍ଚ କରନ୍ତୁ । ଯଦି ଆପଣ ପରିବାର ଏବଂ ସାଙ୍ଗମାନଙ୍କ ସହିତ ସନ୍ତୁଳିତ ଆଚରଣ କରନ୍ତି ତେବେ ଏହା ଉପଯୁକ୍ତ ହେବ ।



**ବୃଷ:** ଆଜି ଦେଇଥିବା ରାଶି ଫେରସ୍ତେ ପାଇପାରିବେ । ବିଭିନ୍ନ ମାମଲାଗୁଡ଼ିକରେ ଆପୋଷ ବୁଝାମଣା କରିବା ଭଲ ହେବ । କୋର୍ଟରେ ମକଦ୍ଦମା ଦାୟର ହେବ । ଚାକିରୀ କର୍ମକ୍ଷେତ୍ରରେ ସଫଳତା । ଜଣେ ବୃଦ୍ଧ ମହିଳାଙ୍କ ସହ ଝଗଡା ହୋଇପାରେ ।



**ମିଥୁନ:** ଚାକିରୀ ପାଇଁ ଏହା ଏକ ଅନୁକୂଳ ସମୟ ନୁହେଁ । ଆଜି ଯଦି ଆପଣ ନିଜକୁ ବିଶ୍ରାମ ଦେବା ପାଇଁ କିଛି ସମୟ ନିଅନ୍ତି ତେବେ ଭଲ ହେବ । ଛୁଟିଦିନରେ ଆପଣଙ୍କ ପରିବାରକୁ ନେବାକୁ କିଛି ସମୟ ନିଅନ୍ତୁ । ଆପଣ ଆଜି ଖୁସି ହେବେ ।



**କର୍କଟ:** ଆଜି ଯଦି ଆପଣ ସକରାତ୍ମକ ଚିନ୍ତାଧାରା ସହିତ ଆଚରଣ କରନ୍ତି, ତେବେ ଏହା ଉପଯୁକ୍ତ ହେବ, କାରଣ ଆଜି ଅଂଶୀଦାରମାନେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ଅର୍ଥନୈତିକ ଦିଗ ଅସ୍ଥିର ହୋଇପାରେ । ଆପଣଙ୍କର ସମାଲୋଚକ ଏବଂ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିପାରନ୍ତି, ଯାହା ବିଷୟରେ ଆପଣ ଯତ୍ନବାନ ହେବା ଉଚିତ ।



**ସିଂହ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହୋଇପାରେ । ସବୁ କ୍ଷେତ୍ରରୁ ସଫଳତା ପାଇବାର ସମ୍ଭାବନା ଅଛି । ପିତୃପୁରୁଷ ମାମଲାରେ କିଛି ବିବାଦ ହୋଇପାରେ, ତେଣୁ ଯଦି ଆପଣ ଭାଷଣ ଉପରେ ପ୍ରତିବନ୍ଧକ ରଖନ୍ତି ତେବେ ଏହା ଭଲ ହେବ ।



**କନ୍ୟା:** ଆପଣଙ୍କର ନିକଟତମ ଏବଂ ପ୍ରିୟ ଲୋକଙ୍କ ସହିତ ମାନସିକତା ବାଣ୍ଟିବାକୁ ସମୟ ରହିବ । ଏକ ଧାର୍ମିକ ସ୍ଥାନକୁ ପରିଦର୍ଶନ କରିପାରନ୍ତି । ପରିବାର ସହିତ ଭଲ ସମ୍ପର୍କ ରଖିବାର ସମ୍ଭାବନା ଅଛି । ଆର୍ଥିକ ଦୃଷ୍ଟିରୁ, ଆଜି ଭଲ ଦିନ ନୁହେଁ ।



**ତୁଳା:** ମନରେ ଖୁସିର ଅନୁଭବ ହେବ । କାର୍ଯ୍ୟ କ୍ଷେତ୍ରରେ ଅଧିକ ପରିଶ୍ରମ ହେବ । ଆଜି ଆପଣଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ । କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ । ପୂର୍ବ ଯୋଜନା ଫଳପ୍ରଦ ହେବ । ଅର୍ଥନୈତିକ ଦିଗ ଅସ୍ଥିର ହୋଇପାରେ । ଆପଣଙ୍କର ସମାଲୋଚକ ଏବଂ ଶତ୍ରୁମାନେ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି ।



**ବିଛା:** ଆଜି ଆପଣ କାର୍ଯ୍ୟକ୍ଷେତ୍ରରେ ଆସୁଥିବା ଚ୍ୟାଲେଞ୍ଜଗୁଡ଼ିକରୁ କିଛି ମାତ୍ରାରେ ଆରାମ ପାଇପାରିବେ । ସହକର୍ମୀମାନେ ଆପଣଙ୍କର କାର୍ଯ୍ୟ ଶୈଳୀରେ ଉନ୍ନତି ଆଣିବାରେ ସାହାଯ୍ୟ କରିପାରିବେ । ଆପଣଙ୍କର ଦକ୍ଷତା ପ୍ରଦର୍ଶନ କରିବାକୁ ଯଥେଷ୍ଟ ସୁଯୋଗ ପାଇବେ । ପାରିବାରିକ ଦୃଷ୍ଟିକୋଣରୁ, ଆଜି ଏକ ଭଲ ଦିନ ହୋଇପାରେ । ଆଜି ବାର୍ତ୍ତାଳାପ କରିବା ଭଲ ହେବ ।



**ଧନୁ:** ନୂତନ ଯୋଗାଯୋଗ କରିବା ଆପଣଙ୍କ ପାଇଁ ଏହା ଏକ ଅନୁକୂଳ ସମୟ । ଦୀର୍ଘ ଦିନର ପ୍ରେମ ସମ୍ପର୍କ ଅଧିକ ପରିପକ୍ୱ ହୋଇପାରେ । ପ୍ରେମ କିଛି ବ୍ୟକ୍ତିଙ୍କ ଜୀବନରେ ଆସିପାରେ । ପାରିବାରିକ ସମ୍ପର୍କରେ ବିରକ୍ତ ହୋଇପାରନ୍ତି । ଯଦି ଆପଣଙ୍କର ଧର୍ମ ପ୍ରତି ସମ୍ମାନ ଅଛି, ତେବେ ଆଜି ଶୁଭ ଦିନ ହେବ । ଅନାବଶ୍ୟକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ ।



**ମକର:** ଆଜି ଆପଣଙ୍କ ପାଇଁ ଏକ କଷ୍ଟକର ସମୟ ହେବ । କାର୍ଯ୍ୟ କ୍ଷେତ୍ରରେ ବାରମ୍ବାର ପରିବର୍ତ୍ତନ ଆପଣଙ୍କୁ ଦ୍ୱନ୍ଦ୍ୱରେ ପକାଇପାରେ । ପ୍ରତିବଦ୍ଧତା ହ୍ରାସ ଅର୍ଥନୈତିକ ଦିଗରେ ନକାରାତ୍ମକ ପରିବର୍ତ୍ତନ ହୋଇପାରେ । ପିଲାମାନେ ଆପଣଙ୍କୁ ସୁସ୍ଥ ଏବଂ ଖୁସି ରଖିବେ । ଯଦି ଆପଣ ଚାକିରି ପରିବର୍ତ୍ତନ ଖୋଜୁଛନ୍ତି ତେବେ ଆପଣ ବିଭିନ୍ନ ସୁଯୋଗ ପାଇପାରିବେ ।



**କୁମ୍ଭ:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ । ଆପଣ ଆଜି ଖୁସି ଅନୁଭବ କରିବ । ଯଦିଓ ସବୁକିଛି ଠିକ ଅଛି, ହେଲେ ଆପଣ କଥାବାର୍ତ୍ତାକୁ ନିୟନ୍ତ୍ରଣ କରନ୍ତି ତେବେ ଏହା ଆପଣଙ୍କ ପାଇଁ ଭଲ ହେବ । ପରୀକ୍ଷା ଦୃଷ୍ଟିକୋଣରୁ ବାଧା ଆସିପାରେ । ଆପଣଙ୍କ ମନ ଅସ୍ଥିର ରହିବ । ଛାତ୍ରଛାତ୍ରୀମାନେ ଆଜି ପଢିବାରେ ଧ୍ୟାନ ଦିଅନ୍ତୁ ।



**ମୀନ:** ଆର୍ଥିକ ଦୃଷ୍ଟିରୁ, ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବାକୁ ଯାଉଛି । ଆପଣଙ୍କ ଅସମାପ୍ତ କାର୍ଯ୍ୟ ସମାପ୍ତ ହେବ, କିନ୍ତୁ କିଛି ବିଳମ୍ବ ହୋଇପାରେ । ଆପଣ ଆଜି ପରିବାର ବିଷୟରେ ଖୁସି ହୋଇପାରିବେ । ନୂତନ ଚାକିରି ଖୋଜୁଥିବା ବ୍ୟକ୍ତିମାନେ ଭଲ ପଦବୀ ପାଇବାକୁ ସକ୍ଷମ ହେବେ । ପଦୋନ୍ନତି ପାଇଁ ଯୋଗ ସୃଷ୍ଟି ରହିଛି ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯